# ଧରିତ୍ରୀ DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, February 16/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୮୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 84 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ | Bhubaneswar, Friday, February 16/2024 | ପୃଷ୍ଠା-୧




**ବ୍ଲେକ୍ ଗୋଭର୍ସଙ୍କ ଡବଲ ଗୋଲ୍**

ଭାରତ ବିପକ୍ଷ ଏଫ୍ଆଇଏଚ୍ ପ୍ରୋ ହକି ଲିଗ୍ ବିଜୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ବ୍ଲେକ୍ ଗୋଭର୍ସ ଦୁଇଟି ଗୋଲ୍ ସ୍କୋର କରିଛନ୍ତି।

୧୦

୦୫

**ମୋ ଦ୍ୱାରା ରାଜନୀତି ହେବନାହିଁ: ମିମି**

ପଶ୍ଚିମବଙ୍ଗ ଯାଦବପୁର ଏମ୍‌ପି ମିମି ଚକ୍ରବର୍ତ୍ତୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଦ୍ୱାରା ରାଜନୀତି ହେବନାହିଁ ବୋଲି ସେ କହିଛନ୍ତି।



# ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ ହେବ

**ଭୁବନେଶ୍ୱର,୧୫।୨(ଅନିଲ ଦାସ)**

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବ। ଏଥିସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଅଙ୍ଗଦାନ ଏକ ମହତ୍ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ☞ପୃଷ୍ଠା-୭







# ଇଲେକ୍ଟୋରାଲ ବଣ୍ଡ ରଦ୍ଦ

- ବଣ୍ଡ୍‌କୁ ଅସାମ୍ବିଧାନିକ କହିଲେ ସୁପ୍ରିମକୋର୍ଟ
- ଦଳୀୟ ଚାନ୍ଦା ବିବରଣୀ ପ୍ରକାଶ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୫।୨(ପି.ଟି.)**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ସୁପ୍ରିମକୋର୍ଟ ଗୁରୁବାର ରଦ୍ଦ କରିଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟ ସରକାରଙ୍କ ପାଇଁ ବଡ଼ ଝଟକା ହୋଇଛି। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡ୍‌ର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ର ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ରାଜନୈତିକ ଚାନ୍ଦା ସଂଗ୍ରହରେ ସ୍ୱଚ୍ଛତା ଆଣିବା ଏବଂ କଳାଧନ ରୋକିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିବା ସରକାର ଯୁକ୍ତି ଦର୍ଶାଇଥିଲେ ହେଁ, ସାମ୍ବିଧାନିକ ପୀଠ ଏଥିରେ ସହମତ ହୋଇ ନ ଥିଲେ। ବେଞ୍ଚର ଅନ୍ୟ ବିଚାରପତି ହେଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଓଇ, ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରା।

ଉକ୍ତ ଯୋଜନାକୁ ତୁରନ୍ତ ବନ୍ଦ କରିବା ସହ ବଣ୍ଡ୍ ବିକ୍ରି କରୁଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)କୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଏପ୍ରିଲ ୧୨ରୁ ଅଦ୍ୟାବଧି କିଣାଯାଇଥିବା ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ଏସ୍‌ବିଆଇ ନିର୍ବାଚନ କମିଶନଙ୍କୁ ଜଣାଇବେ। ମାର୍ଚ୍ଚ ୧୩ ସୁଦ୍ଧା ଏହାର ସମସ୍ତ ତଥ୍ୟ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ।

ଗୋପନ ବାଲଟ ବ୍ୟବସ୍ଥା ଭଳି ଚାନ୍ଦା ଦେଉଥିବା ବ୍ୟକ୍ତି ଓ ସଂସ୍ଥାଗୁଡ଼ିକର ନାଁ ଗୋପନ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ପ୍ରଚଳନ ହୋଇଥିଲା ବୋଲି କେନ୍ଦ୍ର ସରକାର ଦର୍ଶାଇଥିବା ତ୍ରୁଟିପୂର୍ଣ୍ଣ ଯୁକ୍ତିକୁ ଅଦାଲତ ଖଣ୍ଡନ କରିଦେଇଥିଲେ। ଉକ୍ତ ବଣ୍ଡ୍ ଜରିଆରେ ଶାସକ ଦଳଗୁଡ଼ିକ ଜନସାଧାରଣ ଏବଂ ସଂସ୍ଥା ଚାନ୍ଦା ଦେବା ପାଇଁ ବାଧ୍ୟ କରୁଥାଇପାରନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଓ ଭୋଟରଙ୍କ ତଥ୍ୟ ଜାଣିବା ଅଧିକାରକୁ ଉଲ୍ଲଂଘନ କରିବା ପାଇଁ ସେଥିରେ ରହିଥିବା ବିବାଦୀୟ ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)ରେ ରହିଥିବା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାରର ଉଲ୍ଲଂଘନ କରୁଛି ବୋଲି ସାମ୍ବିଧାନିକ ପୀଠ କହିଥିଲେ। ଏଥିସହିତ ଏସ୍‌ବିଆଇ ଉକ୍ତ ବଣ୍ଡ୍‌ରେ ଚାନ୍ଦା ସଂଗ୍ରହ ସମ୍ପର୍କିତ ସବିଶେଷ ବିବରଣୀ ଦେବାକୁ ଅଦାଲତ ସର୍ବସମ୍ମତିକ୍ରମେ ୨୩୨ ପୃଷ୍ଠାର ରାୟ ଶୁଣାଇଥିଲେ।



ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟକୁ ଶାସକ ଭାଜପା ସମେତ ସବୁ ଦଳ ସ୍ୱାଗତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ। ଏହା ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଆଣିବ ବୋଲି ଭାଜପା ନେତା ତଥା ପୂର୍ବତନ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। କଂଗ୍ରେସ ରାୟକୁ ସ୍ୱାଗତ କରିବା ସହ ଏହା ନୋଟ ଉପରେ ଭୋଟ ଶକ୍ତିକୁ ସୁଦୃଢ଼ କରିବ ବୋଲି କହିଛି। ମୋଦି ସରକାର ଭବିଷ୍ୟତରେ ଏଭଳି ବିଚିତ୍ର ଚିନ୍ତାଧାରାର ସହାୟତା ନେବା ବନ୍ଦ କରି ସୁପ୍ରିମକୋର୍ଟଙ୍କ କଥା ଶୁଣିଲେ ଗଣତନ୍ତ୍ର ଓ ସ୍ୱଚ୍ଛତା ବଜାୟ ରହିପାରିବ ବୋଲି କଂଗ୍ରେସ ଆଶାବ୍ୟକ୍ତ କରିଛି। ଇଲେକ୍ଟୋରାଲ ବଣ୍ଡ୍ କାର୍ଯ୍ୟକାରୀ ହେବା ଦିନରୁ କଂଗ୍ରେସ ଏହାକୁ ଅସ୍ୱଚ୍ଛ ଓ ଅଗଣତାନ୍ତ୍ରିକ କହିବା ସହ ବିରୋଧ କରୁଥିଲା ବୋଲି ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ଯୋଜନା ବନ୍ଦ କରିବା ପାଇଁ ୨୦୧୯ରେ କଂଗ୍ରେସ ଆଣିଥିବା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ସେହିପରି ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ରାୟକୁ ସିପିଆଇ(ଏମ୍) ସ୍ୱାଗତ କରିଛି। ଶାସକ ଦଳକୁ ସହାୟତା କରିବା ଲାଗି ଏଭଳି ଲଜ୍ଜାକର ଯୋଜନା ପ୍ରସ୍ତୁତ ହୋଇଥିଲା। ଏବେ ରାଜନୈତିକ ଓ ନିର୍ବାଚନୀ ଚାନ୍ଦା ସଂଗ୍ରହରେ ସଂସ୍କାର ଅଣାଯିବା ଜରୁରୀ ବୋଲି ଦଳର ପଲିଟ ବ୍ୟୁରୋ ପକ୍ଷରୁ କୁହାଯାଇଛି।

# ଆଜିଠୁ ଯୁକ୍ତ୨ ପରୀକ୍ଷା

## ପ୍ରଶ୍ନ ପତ୍ରରେ ଦାଗ ଲାଗିଲେ ଏମ୍‌ପି

**ଭୁବନେଶ୍ୱର, ୧୫।୨ (ଅସମାପିକା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ପାଇଁ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଛାତ୍ରୀଛାତ୍ର ପରୀକ୍ଷା ଆରମ୍ଭ ହେବାର ଅଧ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ ଓ ୧୫ ମିନିଟ ପୂର୍ବରୁ ହଲ୍ ପ୍ରବେଶ କରିବେ। ୧୦ ମିନିଟ୍ ପୂର୍ବରୁ ଖାତା ଓ ୫ ମିନିଟ ପୂର୍ବରୁ ପ୍ରଶ୍ନପତ୍ର ପାଇବେ। ଉତ୍ତର ଖାତାର ସିରିୟଲ ନମ୍ବର ଏବଂ ପୃଷ୍ଠା ସଂଖ୍ୟା ଭଲଭାବରେ ଦେଖିନେବେ ଏବଂ ତ୍ରୁଟି ଥିଲେ ତୁରନ୍ତ ଜଣାଇବେ। ସେହିପରି ପ୍ରଶ୍ନ ପତ୍ରରେ ମଧ୍ୟ ପୃଷ୍ଠା ସଂଖ୍ୟା କିମ୍ବା ଛପାଜନିତ ତ୍ରୁଟି ଥିଲେ ତୁରନ୍ତ ଜଣାଇବେ। ଆଡିଶନାଲ ଶିଟ୍ ଦିଆଯିବ ନାହିଁ। ପ୍ରଶ୍ନ ପତ୍ରରେ ରୋଲ୍ ନମ୍ବର ଛଡ଼ା କୌଣସି ଦାଗ ଲଗାଇବେ ନାହିଁ। ଅନ୍ୟ କିଛି ଦାଗ ଲଗାଇଲେ ତାହାକୁ ମାଲ୍ ପ୍ରାକ୍ଟିସ୍ (ଏମ୍‌ପି) ବୋଲି ଧରାଯିବ। ଉତ୍ତର ଖାତାରେ ନିଜ ରୋଲ୍ ନମ୍ବର, ରେଜିଷ୍ଟ୍ରେଶନ ନମ୍ବର ଠିକ୍ ଭାବରେ ଠିକ୍ ଜାଗାରେ ଲେଖିବେ। ପ୍ରଶ୍ନପତ୍ରର ସେଟ୍ କୋଡ୍‌କୁ ନିର୍ଭୁଲ ଭାବରେ ଲେଖିବେ। ଉପସ୍ଥାନ ଖାତାରେ ନିଜ ରୋଲ ନମ୍ବର ଦେଖି ଉପସ୍ଥାନ ଦେବେ। ପରୀକ୍ଷା ହଲ୍‌କୁ କଳା ବଲ୍ ପେନ୍ ଏବଂ ଆଡ଼ମିଟ କାର୍ଡ୍ ବ୍ୟତୀତ ଅନ୍ୟ ଜିନିଷ ବର୍ଜନୀୟ ବୋଲି ପରିଷଦ ପକ୍ଷରୁ ସୂଚନା ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ଭୂରାଜନୈତିକ ବିଭାଜନ ଓ ଆର୍ଥିକ ପରିଣାମ**




DSPL-663
#ନୂଆ-ଓ
ଆମ ଓଡ଼ିଶା
ନବୀନ ଓଡ଼ିଶା
ନବୀନ ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି
ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ସ୍ୱପ୍ନ ହେବ ସାକାର
ନୂଆ-ଓ ଛାତ୍ରବୃତ୍ତିର ବୈଶିଷ୍ଟ୍ୟ
₹୧୦,୦୦୦
ପ୍ରତି ଛାତ୍ରୀଙ୍କୁ ପ୍ରତିବର୍ଷ
₹୯,୦୦୦
ପ୍ରତି ଛାତ୍ରଙ୍କୁ ପ୍ରତିବର୍ଷ
• ଆର୍ଥିକ ଅନଗ୍ରସର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ
• ଉଚ୍ଚଶିକ୍ଷାରେ ସମାନତାକୁ ପ୍ରୋତ୍ସାହନ
• ସତ ହୋଇଛି ସୁନେଲି ଭବିଷ୍ୟତର ସ୍ୱପ୍ନ
OIPR - 15001/13/0355/2324
ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

> ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

-ମାଘ ସପ୍ତମୀ, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ, ଭୀଷ୍ମାଷ୍ଟମୀ, ଶ୍ରୀମନ୍ଦିରେ ମହାପୁରୁଷ ବୁଧନାଥ ଦାସଙ୍କ ଜନ୍ମୋତ୍ସବ



# ଭୂରାଜନୈତିକ ବିଭାଜନ ଓ ଆର୍ଥିକ ପରିଣାମ





ଟୋବିୟାସ ବୁନ୍ଦେ
ନିର୍ଦ୍ଦେଶକ(ଗବେଷଣା ଓ ନୀତି), ମ୍ୟୁନିକ ସୁରକ୍ଷା ସମ୍ମିଳନୀ

ସୋଫି ଆଇସେଣ୍ଟ୍ରାଉଟ
ଗବେଷଣା ଓ ପ୍ରକାଶନ ମୁଖ୍ୟ, ମ୍ୟୁନିକ ସୁରକ୍ଷା ସମ୍ମିଳନୀ

ଅନ୍ତର୍ଜାତୀୟ ସମୁଦାୟ ଅଧିକ ଶାନ୍ତିପୂର୍ଣ୍ଣ ଏବଂ ଏକ ବିଶ୍ୱସ୍ତରୀୟ ବ୍ୟବସ୍ଥା ଆଡ଼କୁ ଯଦି କେବେ ଅଗ୍ରସର ହୋଇଥଲା, ତେବେ ତାହା ଶୀତଳ ଯୁଦ୍ଧର ପ୍ରାରମ୍ଭ ସମୟରେ ହିଁ ଘଟିଥିଲା। ସେହି ସମୟରେ ବୈଶ୍ୱିକ ଶାସନରେ ତ୍ରୁଟି ଥିଲେ ବି ଏକ ବୃହତ୍ ଶକ୍ତିର ବିପଦ କମ୍ ହୋଇଥିବା ଦେଖାଯାଉଥିଲା ଏବଂ ଦାରିଦ୍ର୍ୟ ହ୍ରାସ ପାଉଥିଲା। ତେବେ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମ୍ମିଳନୀଗୁଡ଼ିକର ପ୍ରାରମ୍ଭିକ ଫଳାଫଳ ମାନବିକତାର ସବୁଠାରୁ କଠିନ ସମସ୍ୟାଗୁଡ଼ିକ ପାଇଁ ମହତ୍ତ୍ୱପୂର୍ଣ୍ଣ ସମାଧାନର ଆଶା ଉଜ୍ଜୀବିତ କରିଥିଲା। କିନ୍ତୁ ଭୂରାଜନୈତିକ ତିକ୍ତତା ଏବଂ ଅର୍ଥନୈତିକ ଅନିଶ୍ଚିତତା ସେହି ଯୁଗର ଆଶାବାଦ ଏବଂ ଅଭିଳାଷକୁ ବହୁ ପୂର୍ବରୁ ସଫଳ ହେବାକୁ ଦେଇ ନାହିଁ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ କହିଛନ୍ତି ଯେ, ଜରୁରୀ ଆହ୍ୱାନର ମୁକାବିଲା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ପରିବର୍ତ୍ତେ ଅନ୍ତର୍ଜାତୀୟ ସମୁଦାୟ ଏବେ ବୃହତ୍ ବୈଶ୍ୱିକ ଅସହଯୋଗ ବା ନିଷ୍କ୍ରିୟତା ମାନସିକତାରେ ରହିଛି। ସବୁଠାରୁ ଖରାପ ହେଉଛି, ଅନେକ ଦେଶ ଉଦାରବାଦୀ ବିଶ୍ୱ ବ୍ୟବସ୍ଥାର ବ୍ୟାପକ ଲାଭ ବିଷୟରେ ଚିନ୍ତା କରୁନାହାନ୍ତି। ସେମାନେ ନିଜ ଲାଭ କ୍ଷତି ବିଷୟରେ ଅଧିକ ଚିନ୍ତିତ । ଆଣ୍ଟଲାଟିକ ମହାସାଗରର ଉଭୟ ପାର୍ଶ୍ୱରେ ଥିବା ପ୍ରମୁଖ ଅର୍ଥବ୍ୟବସ୍ଥା, କ୍ଷମତାଶାଳୀ ଏକଛତ୍ରବାଦୀ ଦେଶସବୁ ଏବଂ ତଥାକଥିତ ଗ୍ଲୋବାଲ ସାଉଥ (ନିମ୍ନ ଆୟକାରୀ ଓ ନିମ୍ନ ବିକାଶଶୀଳ ଦେଶ) ସମସ୍ତେ ଅସନ୍ତୁଷ୍ଟ ହୋଇଛନ୍ତି। ବୈଶ୍ୱିକ ସହଯୋଗରୁ ପ୍ରାପ୍ତ ଲାଭର ଏକ ଅସମାନ ବଣ୍ଟନ ହେଉଛି ବୋଲି ସେମାନେ ମନେ କରୁଛନ୍ତି।

ଅନେକ ପାଶ୍ଚାତ୍ୟ ଦେଶର ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ, ପାଇବାକୁ ଥିବା ସେମାନଙ୍କ ଲାଭର ଭାଗ କମିଯାଉଛି। ଘରୋଇ ମାନ୍ଦାବସ୍ଥାର ଧାରା ଯୋଗୁ ଏଭଳି ଘଟୁଛି ବୋଲି ସେମାନେ ବିଚାର କରନ୍ତି। ମ୍ୟୁନିକ ସିକ୍ୟୁରିଟି ଇଣ୍ଡେକ୍ସର ନୂତନ ତଥ୍ୟ ଦର୍ଶାଏ ଯେ, ଆଜି ମଧ୍ୟ ଜି୭ରେ ଖୁବ୍ କମ୍ ଲୋକ ବିଶ୍ୱାସ କରନ୍ତି ଯେ ବର୍ତ୍ତମାନଠାରୁ ଏକ ଦଶନ୍ଧି ମଧ୍ୟରେ ସେମାନଙ୍କ ଦେଶ ଅଧିକ ସୁରକ୍ଷିତ ଏବଂ ଧନୀ ପାଲଟିବ। ତେବେ ଅନେକେ ଆଶା କରନ୍ତି ଯେ, ସେହି ସମୟ ମଧ୍ୟରେ ଚାଇନା ସହିତ ବ୍ରାଜିଲ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ଅଧିକ ଶକ୍ତିଶାଳୀ ହେବେ।



ପାଶ୍ଚାତ୍ୟରେ ସାଧାରଣ ଲୋକଙ୍କୁ ନେଇ ଜନପ୍ରିୟତା ହାସଲ କରିବାକୁ ଚାହୁଁଥିବା ରାଜନେତା (ପପୁଲିଷ୍ଟ ଲିଡର)ମାନେ ଆର୍ଥିକ ଲାଭ ହ୍ରାସ ଭୟରୁ ଶୋଷଣ କରିବାରେ ପାରଙ୍ଗମ। ସେମାନେ ପ୍ରସ୍ତାବ ଦେଉଥିବା ଜାତୀୟତାବାଦୀ ନୀତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେ। ଏପରିକି ଆନ୍ତଃନିର୍ଭରଶୀଳତାର ଅବନତି ସ୍ପଷ୍ଟ ହେଉଥିବା କାରଣରୁ ଅଣ-ପପୁଲିଷ୍ଟ ନେତାମାନେ ଜଗତୀକରଣ ପ୍ରତି ସତର୍କତା ଅବଲମ୍ବନ କରୁଛନ୍ତି। ଏହା ସତ ଯେ, ଚାଇନା ଉଦାରବାଦୀ ଅର୍ଥନୈତିକ ବ୍ୟବସ୍ଥାର ପ୍ରମୁଖ ଲାଭକାରୀ ହୋଇପାରିଛି। ବିଶ୍ୱରେ ବ୍ୟବସାୟ କାର୍ଯ୍ୟକଳାପରୁ ଉପଲବ୍ଧ ଲାଭ କିମ୍ବା ମାର୍କେଟ ଶେୟାର ବଢ଼ାଇବାରେ ସାହାଯ୍ୟ କରିଥିବା ଚାଇନା ନେତାମାନେ ବିଶ୍ୱାସ କରୁଛନ୍ତି ଯେ, ସେମାନଙ୍କ ଦେଶ ଏକ ବଡ଼ ଆର୍ଥିକ ଲାଭାଂଶ ପାଇବାକୁ ଯୋଗ୍ୟ । କିନ୍ତୁ ବାସ୍ତବରେ ଆମେରିକାର ଉଗ୍ର ସୁଧାରବାଦୀ କ୍ଷମତା ଚାଇନାର ଉତ୍‌ଥାନକୁ ରୋକିବା ପାଇଁ ଏବଂ ବିଶ୍ୱ ସ୍ତରରେ ଏହାର ଭୂମିକାରେ ବାଧା ସୃଷ୍ଟି କରୁଛି।

ଜନସଂଖ୍ୟା ହ୍ରାସ, ସମ୍ପତ୍ତି ସଙ୍କଟ ଏବଂ ଅତ୍ୟଧିକ ସରକାରୀ ଋଣ ସମେତ ଅନେକ ଘରୋଇ ଆହ୍ୱାନର ସମ୍ମୁଖୀନ ହୋଇ ଚାଇନା ଆଗାମୀ ବର୍ଷରେ ଅପେକ୍ଷାକୃତ ଅଧିକ ଲାଭ ଉପରେ ଧ୍ୟାନ ଦେବାର ସମ୍ଭାବନା ଅଛି। ଏହା ସ୍ପଷ୍ଟ ଯେ, ନିକଟ ଅତୀତରେ ଚାଇନାର ନୀତିଗୁଡ଼ିକ ଓ ତା' ଦୀର୍ଘମିଆଦୀ ଲକ୍ଷ୍ୟ ଉପରେ କେତେକେ ଅଧିକ ସନ୍ଦେହ କରନ୍ତି। ଏପରିକି ଏହିସବୁ ନୀତି କେତେକଙ୍କୁ ଦେଶ ସହ ନିଜ ସମ୍ପର୍କକୁ ବିପଦମୁକ୍ତ କରିବା ପାଇଁ ଉତ୍ସାହିତ କରିଛି। ହେଲେ ଆର୍ଥିକ ବଜାର କିମ୍ବା ଲାଭରେ ଭାଗ କମିବାକୁ ନେଇ ଅନ୍ୟମାନେ ଚିନ୍ତିତ ନୁହନ୍ତି। ଦାରିଦ୍ର୍ୟରେ ଥିବା କିମ୍ବା ଦୀର୍ଘ ଦିନ ଧରି ସଂଘର୍ଷ କରିଆସୁଥିବା ପୀଡ଼ିତଙ୍କ ପାଇ ଏହିସବୁ ନୀତି ସିଦ୍ଧାନ୍ତଗତ ନିୟମ-ଆଧାରିତ ବ୍ୟବସ୍ଥାକୁ ରକ୍ଷା କରିବାକୁ ଆହ୍ୱାନ କରେ ।

ଅନେକ ଗରିବ ଓ ନିମ୍ନ ବିକାଶଶୀଳ ଦେଶ ବିଶ୍ୱାସ କରନ୍ତି ଯେ, ସେମାନେ ବଢୁଥିବା ଭୂରାଜନୈତିକ ବିଭାଜନରୁ ଅଧିକ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ସେମାନେ ପକ୍ଷଭୁକ୍ତ ନ ହେବାକୁ ଚେଷ୍ଟା କରନ୍ତି ଏବଂ ଏହା ବଦଳରେ ବହୁପକ୍ଷୀୟ ବୁଝାମଣା ଦାବି କରନ୍ତି, ଯାହା ସେମାନଙ୍କୁ ସେମାନଙ୍କର ସ୍ୱାର୍ଥ ପାଇଁ ଅନୁମତି ଦେବ। କିନ୍ତୁ ଦ୍ୱିପାକ୍ଷିକ ଚୁକ୍ତି ଏବଂ ସ୍ୱଳ୍ପ ମିଆଦୀ ଲାଭ ଉପରେ ଧ୍ୟାନ ଦେଇ ଏହି ଦେଶଗୁଡ଼ିକ ମଧ୍ୟରୁ କେତେକ କାରବାରିକ କୂଟନୀତିକୁ ସମର୍ଥନ କରନ୍ତି। ଏହା କେବଳ ଏକ ନିୟମ-ଆଧାରିତ ବ୍ୟବସ୍ଥା ପ୍ରଦାନ କରିପାରୁଥିବା ଦୀର୍ଘମିଆଦୀ ଆଶା କ୍ଷୁଣ୍ଣ କରିପାରେ। ଅଧିକ ଦେଶ ଅନ୍ୟମାନଙ୍କ ତୁଳନାରେ ସେମାନଙ୍କର ସଫଳତା ନିର୍ଣ୍ଣୟ କରୁଥିବାରୁ ଜଣକର କ୍ଷତି କରି ଅନ୍ୟ ଜଣେ ଲାଭ କରିବା ଧାରଣାର ଏକ ଭୟଙ୍କର ପ୍ରକ୍ରିୟା ଆରମ୍ଭ ହୋଇପାରେ। ଏହା ଭାଗୀଦାରି ସମୃଦ୍ଧିକୁ କ୍ଷତି କରିପାରେ ଏବଂ ଭୂରାଜନୈତିକ ତିକ୍ତତାକୁ ବଢ଼ାଇପାରେ। ବିକଳ୍ପ ରହିଛି କିନ୍ତୁ ସେଥିରୁ ଲାଭ ମିଳିପାରୁ ନ ଥିବା ପରିସ୍ଥିତି ଅନେକ ନୀତି କ୍ଷେତ୍ରରେ ଆଗରୁ ସାମ୍ନାକୁ ଆସିସାରିଛି ଏବଂ ବିଭିନ୍ନ ଅଞ୍ଚଳକୁ ପ୍ରଭାବିତ ବି କରିଛି। ଏପରିକି ଜଳବାୟୁ ନୀତି, ସମ୍ଭବତଃ ବୈଶ୍ୱିକ ସହଯୋଗ କିପରି ସମସ୍ତଙ୍କୁ ଉପକୃତ କରିପାରିବ, ତାହାର ଏକ ସର୍ବୋତ୍ତମ ଉଦାହରଣ।

ଗ୍ରହଣ କରାଯାଇଥିବା ଏହି ନୀତିଗୁଡ଼ିକ ମଧ୍ୟରୁ କେତୋଟି ପଛରେ ବୈଧ କାରଣ ଅଛି। ବିପଦ କିମ୍ବା କ୍ଷତି କମ୍ କରୁଥିବା ଅର୍ଥନୈତିକ ସମ୍ପର୍କ ଅଧିକ ପ୍ରତିଯୋଗିତାମୂଳକ ପରିବେଶ ପାଇଁ ଏକ ଯୁକ୍ତିଯୁକ୍ତ ପ୍ରତିକାର ଏବଂ ଏହା କ୍ଷତି କମ୍ କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ବିଭାଜନ ବୃଦ୍ଧି ପାଇ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭୂ-ରାଜନୈତିକ ଗୋଷ୍ଠୀ ସୃଷ୍ଟି ହେବା ବିଶେଷକରି ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକରେ ଅଭିବୃଦ୍ଧି ହ୍ରାସ କରିପାରେ। ଅପରପକ୍ଷେ ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ ଯୋଗୁ ଜଣକର କ୍ଷତି କରି ଅନ୍ୟ ଜଣେ ଲାଭ ପାଇବା ମାନସିକତାକୁ ପ୍ରୋତ୍ସାହିତ କରିପାରେ। ଭୂରାଜନୈତିକ ଅନିଶ୍ଚିତତାକୁ ଦେଖିଲେ ଏହା ବୁଝାପଡ଼େ ଯେ,ଏକ ଦେଶ ଆବଣ୍ଟିତ ଅର୍ଥିକ କାରବାରରେ ନିଜକୁ ସୁରକ୍ଷା ଦେବାକୁ ଚାହିଁବ। କିନ୍ତୁ ଅନ୍ତର୍ଜାତୀୟ ସମୁଦାୟ ନୀତିଗତ ବିତର୍କରେ ଅସମାନ ପରିଣାମର ଭୟକୁ ଦୂର କରିବା ଉଚିତ। ସର୍ବୋପରି, ବ୍ୟକ୍ତିଗତ ଅଂଶଗୁଡ଼ିକର ସୁରକ୍ଷା ପାଇଁ ବ୍ୟବସାୟିକ କାର୍ଯ୍ୟକଳାପରେ ଉପଲବ୍ଧ ଲାଭ କିମ୍ବା ମାର୍କେଟ ଶେୟାର ବୃଦ୍ଧି କରାଯିବା ଦରକାର। ଏଥିପାଇଁ ପ୍ରୟାସ ସନ୍ତୁଳିତ ହେବା ଜରୁରୀ। ପାରସ୍ପରିକ ଲାଭଦାୟକ ସଯୋଗ ଉପରେ ଆଧାରିତ ନୂତନ ଭାଗୀଦାରି ଗଠନ କରାଯିବା ଆବଶ୍ୟକ। ଏହାସହ ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାରେ ସଂସ୍କାର ଆଣିବା ଆବଶ୍ୟକ ହେବ, ଯାହା ଲାଭଗୁଡ଼ିକର ସମାଗ୍ରିକ ବଣ୍ଟନକୁ ନିଶ୍ଚିତ କରିବ। ଯଦି ଏହି ପ୍ରୟାସ ବିଫଳ ହୁଏ, ତେବେ ଅତୀତରେ ଯାହା ଘଟିଥିଲା ସେହିଭଳି ଭବିଷ୍ୟତରେ ପ୍ରତ୍ୟେକ ଅର୍ଥ ବ୍ୟବସ୍ଥାରେ ନିଜର ଭାଗ ହ୍ରାସ ହେବ।

## ଏଇ ଭାରତରେ

ଶ୍ରୀଫଳ ନଡ଼ିଆ ସମସ୍ତଙ୍କର ପ୍ରିୟ। ଏହାର କତାରୁ ଦଉଡ଼ାଠାରୁ ଆରମ୍ଭ କରି ପାପୋଛ କିମ୍ବା ଅନ୍ୟ କିଛି ହସ୍ତକଳା ସାମଗ୍ରୀ ତିଆରି କରାଯାଉଥିବା ଆମେ ଦେଖୁଛୁ। କିନ୍ତୁ ଚେନ୍ନାଇର ଅନିସ ଅହମ୍ମଦ ନଡ଼ିଆ କତାରୁ କୁଣ୍ଡ, ଇଟା, ଗ୍ରୋବ୍ୟାଗ୍ ଓ କୋକୋପିଟ୍(ନଡ଼ିଆକତାରୁ ଗଛ ପାଇଁ ସମସ୍ତ ପ୍ରକାର ପୋଷାକ ଥିବା ଏକ ପ୍ରକାର ମାଟି ବା ଖତ) ପ୍ରସ୍ତୁତ କରୁଛନ୍ତି। ଏହାକୁ ସେ ଭାରତରେ ବିକ୍ରି କରିବା ସହ ବିଭିନ୍ନ ଦେଶକୁ ରପ୍ତାନି କରୁଛନ୍ତି ଏବଂ ବର୍ଷକୁ ଏଥିରୁ ୭୦ କୋଟି ଟଙ୍କା ରୋଜଗାର କରୁଛନ୍ତି। ମୁଖ୍ୟତଃ ୟୁରୋପିଆନ ଦେଶଗୁଡ଼ିକୁ ଅଧିକ କୋକୋପିଟ୍ ରପ୍ତାନି କରାଯାଉଛି। 'ଗ୍ଲୋବାଲ ଗ୍ରୀନ୍ କଏର' ଷ୍ଟାର୍ଟଅପ୍ ମାଧ୍ୟରେ ଅନିସ ଏହି କାର୍ଯ୍ୟ କରୁଛନ୍ତି। ଅନିସ ପ୍ରସ୍ତୁତ କରୁଥିବା କୋକୋପିଟ୍‌ରେ ବିନା ପ୍ରାକୃତିକ ମାଟିରେ ବି ଗଛ ଭଲ ଭାବେ ବଢିପାରୁଛି। ନଡ଼ିଆ କତାକୁ ଏଣେତେଣେ ଫିଙ୍ଗିଦେବା ଦ୍ୱାରା ପ୍ରଦୂଷଣ ବୃଦ୍ଧି ହେଉଛି। ଏଣୁ ତାଙ୍କ ଷ୍ଟାର୍ଟଅପ୍ ପ୍ରଦୂଷଣ ହ୍ରାସରେ ସହାୟକ ହୋଇପାରୁଛି ବୋଲି କହନ୍ତି ଅନିସ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୬ ଫେବୃଆରୀ ୧୯୭୫

- ରାଜ୍ୟରୁ ପ୍ରଥମକରି ଆସ୍କା ସମବାୟ ଚିନିକଲରୁ ଉତ୍ପାଦିତ ଚିନି ଇଣ୍ଡୋନେସିଆକୁ ରପ୍ତାନି।
- ଭାରତ ମହାସାଗରସ୍ଥିତ ଡିଏଗୋଗାର୍ସିଆ ଦ୍ୱୀପକୁ ଏକ ଛୋଟ ଇନ୍ଧନ ଗ୍ରହଣ ଘାଟୀରେ ପରିଣତ କରିବା ନେଇ ଯୁକ୍ତରାଷ୍ଟ୍ର ଆମେରିକା ସପ୍ତମ ନୌଖେଳାର କମାଣ୍ଡର ରିଅର ଆଡ୍‌ମିରାଲ ଉଇଲିୟମ ହାରିସ ପ୍ରକାଶ କରିଛନ୍ତି।
- ବାଂଲାଦେଶ ଭାରତକୁ ମାଛ ରପ୍ତାନି କରିବା ନେଇ ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 1 |
| 8 | | 4 | | | | | 3 | |
| | | | 4 | | | 8 | 5 | |
| 5 | | | | | 2 | | 6 | |
| | | 6 | 9 | | | | | |
| | | | | 3 | | | 4 | |
| | | | | | 8 | | | |
| | 7 | | | | 9 | | | 4 |
| | | | | | 5 | 1 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 9 | 8 | 5 | 3 | 4 | 1 |
| 1 | 4 | 8 | 2 | 3 | 6 | 5 | 7 | 9 |
| 9 | 5 | 3 | 7 | 4 | 1 | 2 | 6 | 8 |
| 4 | 3 | 9 | 1 | 2 | 8 | 7 | 5 | 6 |
| 8 | 2 | 1 | 6 | 5 | 7 | 4 | 9 | 3 |
| 7 | 6 | 5 | 4 | 9 | 3 | 1 | 8 | 2 |
| 3 | 9 | 4 | 8 | 7 | 2 | 6 | 1 | 5 |
| 6 | 8 | 2 | 5 | 1 | 4 | 9 | 3 | 7 |
| 5 | 1 | 7 | 3 | 6 | 9 | 8 | 2 | 4 |

ଗତକାଲିର ଉତ୍ତର

# ଶ୍ରୀମନ୍ଦିର ଓ ଶଙ୍କରାଚାର୍ଯ୍ୟ



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ, ମହିମା, ଅଲୌକିକ ଅନୁଭୂତି ନାମରେ ସ୍ୱକଳ୍ପିତ ତଥ୍ୟ ଓ ଗଳ୍ପ ମାଧ୍ୟମରେ ଆତ୍ମପ୍ରଚାର ପାଇଁ କେତେଜଣ ବ୍ୟକ୍ତି ଓ ସଂସ୍ଥା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଶ୍ରୀମନ୍ଦିର ଓ ଶ୍ରୀଜୀଉମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ଏବେ ବି ସର୍ବସମ୍ମତ ହୋଇପାରିନାହିଁ। ସ୍କନ୍ଦ ପୁରାଣରେ ସୂଚିତ ତଥ୍ୟକୁ ଐତିହାସିକମାନେ ଅସ୍ୱୀକାର କରିଛନ୍ତି। ଇତିହାସ ଅନୁଯାୟୀ ଶୋଭନ ଦେବଙ୍କ ଶାସନ କାଳରେ ରକ୍ତବାହୁଙ୍କ ଆକ୍ରମଣ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ଥିବାରୁ ସେବକମାନେ ତତ୍କାଳୀନ ସୋନପୁର ରାଜ୍ୟ ଅନ୍ତର୍ଗତ କୋଟସମଲାଇ ନିକଟରେ ଥିବା ଛେଳିଆ ପାହାଡ଼ରେ ଶ୍ରୀଜୀଉମାନଙ୍କୁ ପାତାଳୀ କରିଥିଲେ। ତାହାର ୧୪୪ବର୍ଷ ପରେ ଶିଷ୍ୟଙ୍କ ଗହଣରେ ଆଦି ଶଙ୍କରାଚାର୍ଯ୍ୟ ସାରା ଭାରତ ଭ୍ରମଣ କରୁଥିବାବେଳେ ୮୧୦ ମସିହାରେ ପୁରୀରେ ପହଞ୍ଚିଥିଲେ। ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ବିଗ୍ରହ ନ ଥିବା ଜାଣି ଧ୍ୟାନ ବଳରେ ଶ୍ରୀଜୀଉମାନଙ୍କ ଉପସ୍ଥିତି ସମ୍ପର୍କରେ ସମ୍ୟକ ସୂଚନା ପାଇ ସେ ସୋନପୁର ଅଭିମୁଖେ ଯାତ୍ରା କରିଥିଲେ। କିନ୍ତୁ ଶ୍ରୀଜୀଉମାନଙ୍କର ଅୟ ସହ ବ୍ରହ୍ମ ମଧ୍ୟ ନଷ୍ଟଭ୍ରଷ୍ଟ ହୋଇଥିବାରୁ ଶଙ୍କରାଚାର୍ଯ୍ୟ ତାଙ୍କ ପ୍ରିୟ ଶିଷ୍ୟ ଭାରତୀ ଆଚାର୍ଯ୍ୟଙ୍କୁ ନେପାଳ ପଠାଇ ଗଣ୍ଡକୀ ନଦୀରୁ ଜୀବନ୍ତ ଶାଳଗ୍ରାମ ଆଣିଥିଲେ। ତାହାକୁ ବ୍ରହ୍ମଭାବେ ସ୍ଥାପନକରି ଶ୍ରୀଜୀଉମାନଙ୍କ ବିଗ୍ରହ ନିର୍ମାଣ ଓ ପ୍ରତିଷ୍ଠା କରିଥିଲେ ଏବଂ ନେପାଳ ନରେଶଙ୍କୁ ପାଟମହାନାୟକ ଭାବେ ସମ୍ମାନିତକରି ଶ୍ରୀଜୀଉମାନଙ୍କ ସେବା ପୂଜାର୍ଚ୍ଚନା ଅଧିକାର ଦେଇଥିଲେ। ପରେ କୋଶଳୀ ଡଙ୍ଗାରେ ଶ୍ରୀଜୀଉମାନଙ୍କୁ ପୁରୀ ଅଣାଯାଇଥିଲା। ମତାନ୍ତରେ ପାତାଳୀ ସମୟରେ ଶ୍ରୀଜୀଉମାନଙ୍କ ଅଙ୍ଗ ନଷ୍ଟ ହୋଇଥିଲେ ବି ବ୍ରହ୍ମ ଅକ୍ଷୁଣ୍ଣ ରହିଥିଲା। ଶ୍ରୀଅଙ୍ଗ ସୁରକ୍ଷା ଓ ଶ୍ରୀମୁଖ ଔଜ୍ଜ୍ୱଲ୍ୟ ପାଇଁ କସ୍ତୁରୀ, ନେପାଳରେ ମିଳୁଥିବାରୁ ନେପାଳ ନରେଶଙ୍କୁ କସ୍ତୁରୀ ଯୋଗାଇବା ପାଇଁ ସେବାପୂଜା ଅଧିକାର ଓ ପଦବୀ, ଉତ୍କଳର କୌଣସି ପରବର୍ତ୍ତୀ ନରେଶ ପ୍ରଦାନ କରିଥିଲେ। ଆଦିଗୁରୁ ପୁରୀରେ ଗୋବର୍ଦ୍ଧନ ପୀଠ ସ୍ଥାପନା କରି ତାଙ୍କର ଉତ୍ତରାଧିକାରୀ ଭାବେ ଅନନ୍ତଶ୍ରୀ ପଦ୍ମପାଦଙ୍କୁ ଦାୟିତ୍ୱ ଦେଇ ଓଡ଼ିଶାରୁ ବିଦାୟ ନେଇଥିଲେ। ୧୪୪ ବର୍ଷ ପରେ ଶ୍ରୀଜୀଉମାନଙ୍କ ସେବାପୂଜା ବନ୍ଦଥିବାରୁ ସେଥିପାଇଁ ସେବକ ନିଯୁକ୍ତି ସହ ପରବର୍ତ୍ତୀ ପରିଚାଳନା ଦାୟିତ୍ୱ ଓଡ଼ିଶାର ନରପତିଙ୍କୁ ଦେଇଥିବା ବିଶ୍ୱସନୀୟ।

ମୋଗଲ ଶାସନ ସମୟରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ଯୋଗୁ ଶ୍ରୀଜୀଉମାନଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାର ଇତିହାସ ରହିଛି। ୧୫୬୮ରେ ଚିଲିକା ମଧ୍ୟରୁ କଳାପାହାଡ଼ ଶ୍ରୀଜୀଉମାନଙ୍କୁ ଚମଡ଼ା ଦଉଡ଼ିରେ ବାନ୍ଧି ହାତୀ ପିଠିରେ ନେବା, ଗଙ୍ଗା ନଦୀକୂଳରେ ଦାହକରିବା ସମୟରେ ବିଶର ମହାନ୍ତି ମୃଦଙ୍ଗ ମଧ୍ୟରେ ବ୍ରହ୍ମକୁ ଆଣିବା ଏବଂ କୁଜଙ୍ଗ ରାଜ ପରିବାର ଦ୍ୱାରା ନବକଳେବର ହୋଇ କିଛି ବର୍ଷ ପରେ ଶ୍ରୀବିଗ୍ରହମାନଙ୍କୁ ପୁରୀ ଆଣିବାର ଇତିହାସ ରହିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ୧୭୩୩ ରେ ତକି ଖାଁ ଦ୍ୱାରା ଶ୍ରୀମନ୍ଦିରକୁ ଶେଷ ଆକ୍ରମଣ ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କର ସ୍ଥାନାନ୍ତର ସମୟରେ ତାଙ୍କ ସହ ସେବାପୂଜା ପାଇଁ ଯାଇଥିବା ସେବକମାନେ କେତେ ଶତପ୍ରତିଶତ ପୁରୀକୁ ଫେରି ନ ଥିଲେ। ଅପରପକ୍ଷରେ ବହୁଚର୍ଚ୍ଚିତ ଛତିଶା ନିଯୋଗ ସମ୍ପର୍କରେ ସ୍ପଷ୍ଟ



ତଥ୍ୟ ନ ଥିବା ବେଳେ ସେବା ସଂଖ୍ୟା ଶତାଧିକ ରହିଥିଲା। ତନ୍ମଧ୍ୟରୁ ଅନେକ ସେବା ଲୋପ ପାଇସାରିଛି। କିନ୍ତୁ ବଂଶାନୁକ୍ରମିକ ସେବା ଯୋଗୁ ସେବକଙ୍କ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଯାଇଛି।

ଦେଶ ସ୍ୱାଧୀନ ହେବା ପରେ ୧୯୫୫ରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା ଭାର ହାତକୁ ନେଲେ। ଗଜପତି ଆଦ୍ୟ ସେବକ ଓ ପରିଚାଳନା କମିଟିର ମୁଖ୍ୟ ମାନ୍ୟତା ପାଇଲେ। ତାଙ୍କ ବଂଶ ପରମ୍ପରା ଅନୁଯାୟୀ ଯେପରି ଜ୍ୟେଷ୍ଠ ପୁଅ ସମସ୍ତ ଅଧିକାର ପାଏ ସେହି ବ୍ୟବସ୍ଥା ଶ୍ରୀମନ୍ଦିର ସେବାପୂଜା ପାଇଁ ପ୍ରଚଳିତ ହୋଇଥିଲେ ଆଜି ସେବକଙ୍କ ସଂଖ୍ୟା ସୀମିତ ରହିଥାନ୍ତା। ଫଳରେ ଶ୍ରୀଜୀଉମାନଙ୍କ ନିତିକ୍ରାନ୍ତି ନିଶ୍ଚିତ ଶୃଙ୍ଖଳିତ ହେଉଥାନ୍ତା। କିନ୍ତୁ ସେବକମାନେ ବଂଶବୃଦ୍ଧି ଯୋଗୁ ନିଜର ସେବାକୁ ପରିବାର ମଧ୍ୟରେ ଆପୋସ ବଣ୍ଟନ କରିଦେଲେ। ଫଳତଃ ଗୋଟିଏ ସେବା ପାଇଁ ଅନେକ ସେବକ ସୃଷ୍ଟି ହେଲେ। ସେବକଙ୍କ ସଂଖ୍ୟା ବୃଦ୍ଧି ସହ ବିଶୃଙ୍ଖଳିତ ଆଚରଣ ଶ୍ରୀମନ୍ଦିର ପରିଚାଳନା ପାଇଁ ବାଧକ ଏବଂ ଅର୍ଥ ପାଇଁ ଭକ୍ତଙ୍କ ଭାବାବେଗ ପ୍ରତି ଦୌରାତ୍ମ୍ୟ ଆଦୌ ଅନୁକୂଳ ନୁହେଁ , ଯାହା କି ପ୍ରତ୍ୟେକ ଦର୍ଶନାର୍ଥୀ ଓ ପ୍ରଶାସନ ବେଶ୍ ଅନୁଭବ କରୁଛନ୍ତି।

ଅପରପକ୍ଷରେ ପୁରୀ ଏକ ଆଧ୍ୟାତ୍ମିକ ସ୍ଥଳୀ ଓ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ। ଏହା ବିଷ୍ଣୁଙ୍କ ଭୋଜନସ୍ଥଳୀ ଭାବେ ବିବେଚିତ ହୁଏ। ଭାରତରେ ଚାରିଧାମ ଓ ପ୍ରତ୍ୟେକ ଧାମରେ ଶଙ୍କରାଚାର୍ଯ୍ୟଙ୍କ ମଠ ରହିଛି। ସେହି ଧାମର ପରିଚାଳନା ଶଙ୍କରାଚାର୍ଯ୍ୟ ମଠାଧୀଶଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି। ଏଥିପାଇଁ ଶ୍ରୀମନ୍ଦିରର ପରିଚାଳନା ମଧ୍ୟ ଆଧ୍ୟାତ୍ମିକ ଭାବନାରେ ହେବା ବିଧେୟ। ଆମ ଧାର୍ମିକ ନିର୍ଣ୍ଣୟର ସର୍ବୋଚ୍ଚ ପରାମର୍ଶଦାତା ହେଉଛନ୍ତି ଶଙ୍କରାଚାର୍ଯ୍ୟ। ବହୁ ଦଶନ୍ଧି ପୂର୍ବରୁ ତତ୍କାଳୀନ ଶଙ୍କରାଚାର୍ଯ୍ୟ ନିୟମିତ ଶ୍ରୀମନ୍ଦିର ଆସୁଥିବାରୁ ଭୋଗମଣ୍ଡପ ନିକଟରେ ତାଙ୍କର ଆସ୍ଥାନ ରହୁଥିବା ଏବଂ ସେ ରାଜଗୁରୁଙ୍କ ମାଧ୍ୟମରେ ସେବକମାନଙ୍କୁ ଆକଟ କରୁଥିବାର ଐତିହାସିକ ତଥ୍ୟ ରହିଛି।

ବର୍ତ୍ତମାନର ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ଦ୍ୱାରା ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ ନିଷେଧ ହୋଇଛି। କିନ୍ତୁ ଶ୍ରୀମନ୍ଦିର ସେବାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଯେ ସର୍ବୋଚ୍ଚ ନ୍ୟାୟାଳୟ ଗୋଟିଏ ଜନସ୍ୱାର୍ଥ ମାମଲା ବିଚାର କରି ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଧାର୍ମିକ ନିଷ୍ପତ୍ତି ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ଚୂଡ଼ାନ୍ତ କରିବାକୁ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଡ଼ାଇ ଚାଲିଛନ୍ତି। ଧାର୍ମିକ ନ୍ୟାୟାଳୟ ମାନ୍ୟତାପ୍ରାପ୍ତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସେ ସ୍ଥାୟୀ ସଭାପତି । କିନ୍ତୁ ମୁକ୍ତିମଣ୍ଡପ ଓ ପରବର୍ତ୍ତୀ ସମୟରେ ଗଠିତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଆଭ୍ୟନ୍ତରୀଣ ବିଶୃଙ୍ଖଳା ସମ୍ପର୍କରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ତାହାକୁ ମଧ୍ୟ ଅଣଦେଖା କରିଚାଲିଛି। ରତ୍ନଭଣ୍ଡାର ବା ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସମ୍ପର୍କରେ କିମ୍ବା ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ପୂର୍ବରୁ ତାଙ୍କ ସହ କୌଣସି ଆଲୋଚନା ହୋଇ ନ ଥିବା ଶଙ୍କରାଚାର୍ଯ୍ୟଙ୍କୁ ନିଶ୍ଚିତ ବ୍ୟଥିତ କରିଛି।

ଶ୍ରୀଜୀଉମାନଙ୍କ ସେବା ଅନନ୍ୟ ହୋଇଥିବାରୁ ଏଥିପାଇଁ ସମର୍ପିତ ଭାବ ଏକାନ୍ତ ଆବଶ୍ୟକ। ଏବେ ଶ୍ରୀମନ୍ଦିରର ବାହ୍ୟ ପରିବେଶର ସୌନ୍ଦର୍ଯ୍ୟକରଣ ଯେତେ ହେଲେ ବି ଆଧ୍ୟାତ୍ମିକ ପରିବେଶ ପାଇଁ ଆଭ୍ୟନ୍ତରୀଣ ସଂସ୍କାର ଜରୁରୀ ମନେହୁଏ। ସରକାର ଶ୍ରୀମନ୍ଦିରର ଆଧ୍ୟାତ୍ମିକ ପରିବେଶର ଉନ୍ନତି ଏବଂ ସେବାପୂଜା ସୁନିୟନ୍ତ୍ରିତ ପାଇଁ ବଦ୍ଧପରିକର ହୋଇ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ଗଠନ କରିବା ଆବଶ୍ୟକ। ଆବଶ୍ୟକ ହେଲେ ଶ୍ରୀମନ୍ଦିର ସମ୍ପର୍କିତ ଆଇନ ପରିବର୍ତ୍ତନ କରାଯିବା ଜରୁରୀ ମନେହୁଏ।

ଗୁଣ୍ଡିଚା ବିହାର, ପୁରୀ
ମୋ:୭୯୭୮୭୮୫୪୭୮

# ଘୋଡ଼ା ବେପାରୀଙ୍କ ହାଟ ସଉଦା



ରବିନାରାୟଣ ସାମଲ

ଯେଉଁମାନଙ୍କ ପ୍ରତି ବିପଦର ଆଶଙ୍କା ଥାଏ ସେମାନେ ହୁଏତ ଆତ୍ମଗୋପନ କରିଥାନ୍ତି କିମ୍ବା ମେଳିବାନ୍ଧି ରହିଥାନ୍ତି। ଅନୁରୂପ ଘଟଣା ଦେଖିବାକୁ ମିଳିଛି ଝାଡ଼ଖଣ୍ଡ ଓ ବିହାରରେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଇସ୍ତଫା ଦେଲାପରେ ଘୋଡ଼ାବେପାରର ଆଶଙ୍କାକରି ଜେଏମ୍ଏମ୍‌ର ବିଧାୟକମାନେ ହାଇଦ୍ରାବାଦରେ ମେଳିବାନ୍ଧି ରହିଲେ। ଆସ୍ଥା ଭୋଟ ଦିନ ସେମାନେ ରାଞ୍ଚି ଫେରିଥିଲେ। ସେହିପରି ନୀତୀଶ୍ କୁମାର ଆସ୍ଥା ଭୋଟର ପ୍ରମାଣ ଦେବା ପୂର୍ବରୁ ଭାଜପା ତା' ବିଧାୟକମାନଙ୍କୁ ବୋଦ୍ଧଗୟାରେ, ଜେଡିୟୁ ତା'ର ବିଧାୟକମାନଙ୍କୁ ପାଟଣାର ଚାଣକ୍ୟ ହୋଟେଲରେ ଏବଂ ଆର୍‌ଜେଡି ତା' ବିଧାୟକମାନଙ୍କୁ ତେଜସ୍ୱୀ ଯାଦବଙ୍କ ଘରେ ରଖିଥିଲା। ସମସ୍ତେ ନଜରବନ୍ଦୀ! ଏଠାରେ ଗୋଟିଏ ପ୍ରଶ୍ନ ମନକୁ ଆସେ ଆମ ବିଧାୟକ-ସାଂସଦମାନେ କ'ଣ ଏତେ ଶସ୍ତା ଯେ ତାଙ୍କୁ କେହି ଜଣେ ବି ସଉଦାପତ୍ର ଭଳି କିଣି ନେଇପାରିବ? କିଣି ନେଇଗଲେ ମଧ୍ୟ। ଆର୍‌ଜେଡିର ୩ ବିଧାୟକ ଆସ୍ଥା ଭୋଟ ବେଳେ ଏନ୍‌ଡିଏ ବେଞ୍ଚରେ ବସିଥିବାର ଦେଖାଯାଇଥିଲା।

୨୦୦୦ ମସିହାଠାରୁ ନୀତୀଶ୍ କୁମାର ଆର୍‌ଜେଡି ଓ ଏନ୍‌ଡିଏ ମଧ୍ୟରେ ୯ଥର ଏପଟ ସେପଟ ହୋଇଛନ୍ତି। ୨୦୧୭ରେ ନୀତୀଶ୍ ମହାଗଠବନ୍ଧନ ପରିତ୍ୟାଗ କରିବାରୁ ଲାଲୁ ପ୍ରସାଦ ତାଙ୍କୁ 'ପଲ୍‌ଟୁ ରାମ' ଉପାଧିଟିଏ ଦେଇଥିଲେ। ପୁନର୍ବାର ୨୦୨୨ରେ ଭାଜପା ସହ ମେଣ୍ଟ ଛାଡ଼ି ଆର୍‌ଜେଡି ସହ ହାତ ମିଳାଇବାରୁ ଅମିତ୍ ଶାହା ସେହି 'ପଲ୍‌ଟୁ ରାମ' ଉପାଧିକୁ ଦୋହରାଇଥିଲେ। ଏବେ ଭାଜପା ପାଇଁ ସେ ଆଉ 'ପଲ୍‌ଟୁ ରାମ' ହୋଇ ରହିନାହାନ୍ତି। କ୍ଷମତାର ମୋହ ନୀତୀଶ୍ କୁମାରଙ୍କୁ ନବମ ଥର ଲାଗି ମୁଖ୍ୟମନ୍ତ୍ରୀ କରାଇପାରିଲା।

ଗତମାସରେ ଅନୁଷ୍ଠିତ ଚଣ୍ଡିଗଡ଼ ମେୟର ନିର୍ବାଚନରେ ରିଟର୍ନିଂ ଅଫିସର ଆଠଖଣ୍ଡ ଭୋଟ ହାତସଫେଇ କରିଦେବାରୁ କଂଗ୍ରେସ-ଆପ୍ ପ୍ରାର୍ଥୀ ପରାସ୍ତ ହେଲେ ଏବଂ ଭାଜପା ପ୍ରାର୍ଥୀ ବିଜୟୀ ହେଲେ। ପ୍ରକାଶଥାଉ କି ସମ୍ପୃକ୍ତ ରିଟର୍ନିଂ ଅଫିସର ପୂର୍ବରୁ ଭାଜପାର ସଂଖ୍ୟାଲଘୁ ସଂଗଠନର ସଭାପତି ଥିଲେ। ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରି 'ଗଣତନ୍ତ୍ରକୁ ହତ୍ୟା କରିବାକୁ ଦିଆଯିବ ନାହିଁ ' ବୋଲି ଟିପ୍ପଣୀ ଦେଇଥିଲେ। ୨୦୨୨ ଜାନୁଆରୀ ୩୦ରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପଛରେ ଉଭୟ ରାଜ୍ୟପାଳ ଓ ବାଚସ୍ପତିଙ୍କ ଅସାଧୁ ଉଦ୍ୟମ କାର୍ଯ୍ୟ କରିଥିଲା। ସୁପ୍ରିମ୍‌କୋର୍ଟ ମଧ୍ୟ ଏହି ନିଷ୍ପତ୍ତିକୁ 'ଅବୈଧ' ବୋଲି ଟିପ୍ପଣୀ ଦେଇଥିଲେ। ୨୦୧୯ରେ କର୍ଣ୍ଣାଟକରେ ଜେଡି(ଏସ୍)ର ଅଯୋଗ୍ୟ ଘୋଷିତ ୧୬ ବିଧାୟକ କଂଗ୍ରେସଠାରୁ ସମର୍ଥନ ପ୍ରତ୍ୟାହାର କରି ଭାଜପାକୁ ସମର୍ଥନ ଦେବାରୁ ସରକାରରେ ପରିବର୍ତ୍ତନ ଘଟିଥିଲା। ଏହି ଘଟଣାଟିରେ ଘୋଡ଼ା ବେପାର ହୋଇଥିବାର ନିଶ୍ଚିତ ହୋଇଥିଲା।

ଷାଠିଏ ଦଶକରୁ ଭାରତୀୟ ରାଜନୀତିରେ ଏପରି ଘୋଡ଼ାବେପାର ଚାଲିଆସିଛି। ୧୯୮୫ରେ ଦଳବଦଳ ନିରୋଧ ଆଇନ ପ୍ରଣୟନ ସତ୍ତ୍ୱେ ଅବସ୍ଥାର ସେମିତି କିଛି ଉଲ୍ଲେଖନୀୟ ଉନ୍ନତି ଘଟିନାହିଁ। ଏହା ପଛରେ ଏକ ମଜାଦାର ଘଟଣା ରହିଛି। ହରିୟାଣାର ହସନ୍‌ପୁର ନିର୍ବାଚନମଣ୍ଡଳୀର ଗୟା ଲାଲ୍ ନାମକ ବିଧାୟକ ସ୍ୱାଧୀନ ଭାବେ ଜିତିଥିଲେ। କିଛିଦିନ ପରେ ସେ କଂଗ୍ରେସ ଦଳରେ ସାମିଲ ହେଲେ। କଂଗ୍ରେସରୁ ଜନତା ପାର୍ଟି, ଜନତା ପାର୍ଟିରୁ କଂଗ୍ରେସ- ଗୟା ଲାଲ୍ ୧୫ ଦିନ ଭିତରେ ୩ ଥର ଦଳ ବଦଳ କଲେ। ପୁଣି ଏକ ଘଟଣା କ୍ରମରେ ସେ ମାତ୍ର ୯ ଘଣ୍ଟା ମଧ୍ୟରେ କଂଗ୍ରେସରୁ ଜନତା ପାର୍ଟିକୁ ଯାଇ ପୁଣି କଂଗ୍ରେସକୁ ଫେରିଆସିଲେ। ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଓ ବୀରେନ୍ଦ୍ର ସିଂ ଗୟା ଲାଲ୍‌ଙ୍କୁ ଉପସ୍ଥିତ କରାଇ କହିଲେ-'ଗୟା ରାମ୍ ଅବ୍ ଆୟା ରାମ୍ ଥେ।' ସେବେଠାରୁ 'ଆୟା ରାମ୍, ଗୟା ରାମ୍' ଉକ୍ତିଟି ପ୍ରବାଦରୂପେ ପ୍ରଚଳିତ ହୋଇଆସିଲା।

୧୯୬୭ରେ ହରିୟାଣାରେ ପ୍ରଥମେ 'ଘୋଡ଼ାବେପାର' ବ୍ୟାପକ ଭାବେ ଆରମ୍ଭ ହୋଇଥିଲା। କିଏ କେତେବେଳେ କେଉଁ ଦଳ ପାଖରେ କୋଟି କୋଟି ଟଙ୍କାରେ ମୁଣ୍ଡ ବିକିଲେ ତାହା ଜଣାପଡ଼ିଲା ନାହିଁ। ଉପର ବର୍ଣ୍ଣିତ ଗୟା ଲାଲ୍ ଘଟଣା ଏକ ଦୃଷ୍ଟାନ୍ତମାତ୍ର। ଫଳତଃ ହରିୟାଣା ବିଧାନସଭା ଭାଙ୍ଗିଯାଇ ପୁନର୍ବାର ୧୯୬୮ରେ ନିର୍ବାଚନ ହୋଇଥିଲା।

ମୋ: ୭୯୭୫୦୪୬୪୮୬

## ପାଠକ ଶ୍ରେଷ୍ଠ ବିଚାରକ

### ବିଲୁପ୍ତ ହୋଇଗଲେକି ଘରଚଟିଆ

ମହାଶୟ,

ବର୍ତ୍ତମାନ ବିଲୁପ୍ତ ଅବସ୍ଥାରେ ଘରଚଟିଆ ବା ବାୟାଚଢ଼େଇ। ପରିବେଶ ପ୍ରଦୂଷଣ ସାଙ୍ଗକୁ ଶବ୍ଦ ପ୍ରଦୂଷଣ ଏମାନଙ୍କ ବଂଶ ନାଶ କରିଦେଲାଣି। ଗଛ ସଂଖ୍ୟା କମିବା ଯୋଗୁ ଏମାନେ ବଂଶ ବିସ୍ତାର କରିପାରୁନାହାନ୍ତି କି ବସା ବାନ୍ଧିବାରେ ସକ୍ଷମ ହୋଇପାରୁନାହାନ୍ତି। କଳକାରଖାନା ଓ ଯାନବାହନର ପରିମାଣ ବୃଦ୍ଧି ବାୟା ବଂଶକୁ ଲୋପ କରିଦେଲାଣି। ପରିବେଶକୁ ସନ୍ତୁଳିତ ରଖିବା ସହିତ ପ୍ରାକୃତିକ ସଂରଚନାକୁ ସୁଶୋଭିତ କରିବା ଦିଗରେ ଘରଚଟିଆଙ୍କ ଅନେକ ଅବଦାନ ରହିଛି। ସରକାର ଏବେ ଏମାନଙ୍କ ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ପର୍ଯ୍ୟାୟକ୍ରମେ ଏମାନଙ୍କ ବଂଶ ସନ୍ତୁଳିତ ସ୍ତରକୁ ଆସିବ, ଏହି ଭରସା ରହିଛି।

-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ଚଇତନ ଡାକିଥିଲା
ଆଜି ତାର ପାଳାପୂଜା
କିଏ ଯିବ ପାଲା ଦେଖି
ଘରେ ନାହିଁ ଚୁଡାଭଜା !
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ସ୍ୱାଧୀନ ପ୍ରାର୍ଥୀ

## ଚମ୍ପୁଆ ବିଧାନସଭା କ୍ଷେତ୍ର

ଯୋଡ଼ା, ୧୫।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା କ୍ଷେତ୍ର ୨୦୦୯ଠାରୁ ଚର୍ଚ୍ଚାରେ ରହିଆସିଛି। ଅତୀତରେ କଂଗ୍ରେସର ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତୁ ପଟ୍ଟନାୟକ ୨୦୦୯ରେ ଜିତିଥିବା ବେଳେ ୨୦୧୪ରେ ସନାତନ ମହାକୁଡ଼ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟଲାଭ କରି ପତିଆରା ଦେଖାଇଥିଲେ। ୨୦୧୯ରେ ବିଜେଡିରୁ ମୀନାକ୍ଷୀ ମହାନ୍ତ ବିଧାୟକ ହୋଇଥିଲେ। ଖଣି ଅଞ୍ଚଳ ହୋଇଥିବାରୁ ଏହାକୁ ରାଜ୍ୟର ଅନ୍ୟତମ ଧନୀ ବିଧାନସଭା କ୍ଷେତ୍ର ଭାବେ ଅଭିହିତ କରାଯାଇଥାଏ। ବର୍ତ୍ତମାନ ଆସନ ବିଜେଡି ହାତରେ ଥିବା ବେଳେ ଆଗାମୀ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଲାଣି। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଏହି ଆଶାୟୀଙ୍କ ମଧ୍ୟରୁ କେତେକେ ଟିକେଟ ନ ପାଇଲେ ହୁଏତ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନକୁ ଆସିପାରନ୍ତି।

ବର୍ତ୍ତମାନର ସ୍ଥିତି ଦେଖିଲେ ଦୁଇ ପ୍ରମୁଖ ଦଳ ବିଜେଡି, ଭାଜପା ରହିଥିବା ବେଳେ ଏଠାରେ କଂଗ୍ରେସର ସେଭଳି ପ୍ରଭାବ ଥିବା ପରିଲକ୍ଷିତ ହେଉନାହିଁ। ପୂର୍ବତନ କଂଗ୍ରେସ ବିଧାୟକ ଧନୁର୍ଜୟ ସିଦ୍ଧୁ କଂଗ୍ରେସ ଛାଡ଼ି ପ୍ରଥମେ ଭାଜପା ଓ ପରେ ବିଜେଡିକୁ ଡିଆଁ ମାରିଥିଲେ। ସେହିପରି ଏବର ବିଜେଡି ଜିଲା ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର କଂଗ୍ରେସରୁ ଆସି ବିଜେଡିରେ ମିଶିଛନ୍ତି। ଅନେକ ଟାଣୁଆ ନେତା ବିଜେଡି ମୁହାଁ ହୋଇଥିବାରୁ ଦଳରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଯଦିଓ ଦଳ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହିଁ, ତେଣୁ ଆଶାୟୀ ଯେଝା ବାଟରେ ଭୁବନେଶ୍ୱର ଯାଇ ଟିକେଟ ଲବି କରୁଥିବା ଶୁଣିବାକୁ ମିଳିଛି। ବିଜେଡି ନେତା କୁଶ ଆପଟ, ବିଧାୟିକା ମୀନାକ୍ଷୀ ମହାନ୍ତ, ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ, ଖଣି ତଥା ଶିଳ୍ପ ମାଲିକ ଶ୍ରୀନିବାସ ସାହୁ, ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ, ରମଣୀ ନାଏକ ଏବଂ ଚମ୍ପୁଆ ଏନ୍ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ପ୍ରମୁଖଙ୍କ ନାମ ଆଶାୟୀ ଭାବେ ରହିଥିବା ଆଲୋଚନା ହେଉଛି। ଏଭଳି ସମୟରେ ଶୁଭଶ୍ରୀ ନାୟକ ନାମ୍ନୀ ଜଣେ ମହିଳା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ପୋଷ୍ଟର ମାରି ଚର୍ଚ୍ଚାକୁ ଆସିଛନ୍ତି। ସେହିପରି ପୂର୍ବତନ ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ ସମ୍ବଲପୁର ଓ କେନ୍ଦୁଝରରେ ହୋଇଥିବା କାର୍ଯ୍ୟକ୍ରମକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ଙ୍କ ନିକଟତର ହେବାକୁ ଚେଷ୍ଟା କରିଛନ୍ତି। ଏହାକୁ ନେଇ ସନାଙ୍କ ସମର୍ଥକଙ୍କ ମଧ୍ୟରେ ତାଙ୍କ ନେତାଙ୍କ ଟିକେଟ ଆଶା ଉଜ୍ଜୀବିତ କରିଛି। ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ତାହା ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।



ଗତ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ କମିଥିଲା। ଆସନ୍ତା ନିର୍ବାଚନରେ ଏହି ଦୁଇ ଦଳ ଭିତରେ ଲଢ଼େଇ ହୋଇପାରେ ବୋଲି କୁହାଯାଉଛି। ବିଜେଡି ଭଳି ଭାଜପାରେ ମଧ୍ୟ ଆଶାୟୀ ସଂଖ୍ୟା ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରେ ମୁରଲୀ ଶର୍ମା, ସୁକେଶି ଓରାମ ଓ ଅଗନୁ ଚରଣ ମହାନ୍ତ ପ୍ରମୁଖ ଅଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ବିପ୍ଳବ ମିଶ୍ର, ଯଦୁମଣି ବାରିକ, ସରୋଜ ଓରାମ, ଗୁରୁ ବକ୍ସସିଂ ଆହଲୁୱାଲିଆ ପ୍ରମୁଖ ଆଶାୟୀ ଅଛନ୍ତି।

ବିଜୁ ଜନତା ଦଳ ସ୍ୱାସ୍ଥ୍ୟ ବୀମା, ୫-ଟି ଜରିଆରେ ହୋଇଥିବା ବିକାଶକୁ ନେଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଥିବା ବେଳେ ଖଣି, ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଯୁବତୀଯୁବକଙ୍କ ବେରୋଜଗାର ସମସ୍ୟା, ଅତୀତରେ ଏଠାରେ ଘୋଷଣା କରାଯାଇଥିବା ନୂଆ ବସ୍ଷ୍ଟାଣ୍ଡ ଓ ହସ୍ପିଟାଲର ଉନ୍ନତୀକରଣ ଉପରେ ଭୋଟର ପ୍ରଶ୍ନ କରୁଛନ୍ତି। ସେହିପରି ଭାଜପା ପକ୍ଷରୁ ରାମ ମନ୍ଦିର, ମୋଦିଙ୍କ ଗ୍ୟାରେଣ୍ଟି ବିଷୟରେ କୁହାଯାଇ ଭୋଟରଙ୍କୁ ବିଶ୍ୱାସକୁ ଆଣିବା ଲାଗି ଚେଷ୍ଟା କରାଯାଉଥିଲେ ମଧ୍ୟ ଲୋକେ ସ୍ଥାନୀୟ ଅଞ୍ଚଳର ସମସ୍ୟାଗୁଡ଼ିକୁ ନେତାମାନଙ୍କୁ ଦର୍ଶାଉଛନ୍ତି। ଏଥିରେ ମୁଖ୍ୟତଃ ଯାତ୍ରୀବାହୀ ରେଳଗାଡ଼ିର ଅଭାବ ଓ ଅଧାପନ୍ତରିଆ ଜାତୀୟ ରାଜପଥ ଆଦି ରହିଛି।

ଚମ୍ପୁଆ ରାଜନୀତିରେ ସବୁବେଳେ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଭତ୍ତା ଦେଇ ଭୋଟରଙ୍କୁ ଆକୃଷ୍ଟ କରିବା ହେଉ ବା ସିନେମା ଜଗତର ନାମୀଦାମୀ କଳାକାରଙ୍କୁ ଆଣି ଏଠାରେ ଭୋଟରଙ୍କୁ ଆକୃଷ୍ଟ କରିବାର ଦୃଶ୍ୟ ଅତୀତରେ ବାରମ୍ବାର ଦେଖିବାକୁ ମିଳିଛି। ଯଦି ୨୦୦୦ ମସିହାରୁ ଦେଖାଯାଏ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଜଣେ ନେତା ଦୁଇ ଥର ଜିତିଥିବାର ନଜିର ନାହିଁ। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ କିଏ କେଉଁ ଦଳରୁ ପ୍ରାର୍ଥୀ ହୋଇ ଜିତାପଟ ମାରୁଛନ୍ତି, ତାହାକୁ ଅପେକ୍ଷା।

# ଲୋକ ସଭାରୁ ଇସ୍ତଫା ଦେଲେ ମିମି ଚକ୍ରବର୍ତ୍ତୀ



ନୂଆଦିଲ୍ଲୀ, ୧୫।୨

ପଶ୍ଚିମବଙ୍ଗରୁ ଲୋକ ସଭା ଏମ୍ପି ଥିବା ମିମି ଚକ୍ରବର୍ତ୍ତୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ପ୍ରୋଟୋକଲ ଅନୁଯାୟୀ ସେ ଇସ୍ତଫା ପତ୍ର ଲୋକ ସଭା ବାଚସ୍ପତିଙ୍କୁ ନ ପଠାଇ ତୃଣମୂଳ କଂଗ୍ରେସ (ଟିଏମ୍ସି) ଅଧ୍ୟକ୍ଷ ମମତା ବାନାର୍ଜିଙ୍କୁ ପଠାଇଛନ୍ତି। ଯାଦବପୁର ଲୋକ ସଭା ଆସନରୁ ଏମ୍ପି ଥିବା ମିମି ନିଜ ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଟିଏସମି ନେତାଙ୍କ ଉପରେ ଅସନ୍ତୁଷ୍ଟ ଥିବା ଏହି ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ମିମିଙ୍କର ଇସ୍ତଫାକୁ ମମତା ବାନାର୍ଜୀ ଗ୍ରହଣ କରିନାହାନ୍ତି। ଦୀର୍ଘ ବର୍ଷ ଧରି ବଙ୍ଗାଳୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜ ଅଭିନୟର ଯାଦୁ ଦେଖାଇ ଆସୁଥିବା ମିମିଙ୍କ ଲୋକପ୍ରିୟତାକୁ ଭିତ୍ତି କରି ୨୦୧୯ ଲୋକ ସଭା ନିର୍ବାଚନରେ ଯାଦବପୁର ଆସନରୁ ତାଙ୍କୁ ଏମ୍ପି ଟିକେଟ ଦେଇଥିଲା ଟିଏମ୍ସି। ସେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅନୁପମ୍ ହାଜରାଙ୍କୁ ୨ ଲକ୍ଷ ୯୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

# ନାମାଙ୍କନ ଦାଖଲକଲେ ଅଶ୍ୱିନୀ



ବିଧାନସଭାରେ ରେଳମନ୍ତ୍ରୀ ତଥା ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ରିଟର୍ନିଂ ଅଫିସରଙ୍କୁ ନାମାଙ୍କନ ପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୫।୨ (ଅନିଲ ଦାସ)

ରେଳମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସଭା ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ଭାଜପା କାର୍ଯ୍ୟାଳୟରୁ ବାହାରି ସିଧା ବିଧାନସଭାରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟାରେ ସେ ରିଟର୍ନିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେ ନିଜର ୨ ସେଟ୍ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ। ତାଙ୍କ ସହ ଭାଜପାର ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟ ସଚେତକ ମୋହନ ମାଝି, ବିଧାୟକ ନାଉରୀ ନାୟକ, ନବ ମାଝି, ବିଧାୟିକା କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ସଭା ପାଇଁ ଖାଲିପଡ଼ିଥିବା ତିନୋଟି ଆସନରୁ ଦୁଇଟି ସିଟ୍ ପାଇଁ ଫେବୃଆରୀ ୧୩ ତାରିଖରେ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ଦଳରୁ ନାମାଙ୍କନପତ୍ର ଦାଖଲ କରାଯାଇ ନ ଥିବାରୁ ଦେବାଶିଷ, ଶୁଭାଶିଷ ଏବଂ ଅଶ୍ୱିନୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

## ୨୦ରେ ଫଳାଫଳ ଘୋଷଣା

ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦ ତାରିଖରେ ଯଦି କେହି ପ୍ରାର୍ଥୀପତ୍ର ପ୍ରତ୍ୟାହାର ନ କରନ୍ତି ତେବେ ସେହିଦିନ ବିଜେତାଙ୍କ ନାମ ଘୋଷଣା କରି ନିର୍ବାଚନ କମିଶନଙ୍କ ନିକଟକୁ ପଠାଯିବ ବୋଲି ରାଜ୍ୟ ସଭା ରିଟର୍ନିଂ ଅଫିସର କହିଛନ୍ତି।

ନାମାଙ୍କନ ପତ୍ର ଦାଖଲ ପରେ ଗଣମାଧ୍ୟମକୁ ଅଶ୍ୱିନୀ କହିଛନ୍ତି, ରାଜ୍ୟ ସଭା ମାଧ୍ୟମରେ ଓଡ଼ିଶାର ସେବା କରିବା ପାଇଁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସୁଯୋଗ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛନ୍ତି। ଓଡ଼ିଶାର ସେବା କରିବା ପାଇଁ ମହାପ୍ରଭୁ ଶକ୍ତି ଦିଅନ୍ତୁ, ସେବା ଭାବନା ଦିଅନ୍ତୁ। ତେବେ ବିଜେଡି ସମର୍ଥନରେ ବିଜୟୀ ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡି ସମ୍ପର୍କରେ ସେ କିଛି କହି ନ ଥିଲେ। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଭାଜପା ପ୍ରାର୍ଥୀ ଅଶ୍ୱିନୀଙ୍କୁ ସମର୍ଥନ ଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ପୂର୍ବରୁ ଘୋଷଣା କରିଛନ୍ତି। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଶ୍ୱିନୀଙ୍କୁ ସମର୍ଥନ କରାଯାଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ଓଡ଼ିଶାର ସ୍ୱାର୍ଥ ସହ କୌଣସି ସାଲିସ କରାଯିବନି। ସଂଘୀୟ ବ୍ୟବସ୍ଥାରେ ବିକାଶ ପ୍ରକ୍ରିୟା ଜାରିରହିବ। ଏହି କାରଣରୁ ଅଶ୍ୱିନୀଙ୍କୁ ସମର୍ଥନ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ରେଳ ଓ ଟେଲିକମ୍ ସେବାର ବୃହତ୍ତର ବିକାଶ ପାଇଁ ଦଳ ସମର୍ଥନ ଦେଇଛି। ଅଶ୍ୱିନୀଙ୍କୁ ଜିତିବାକୁ ହେଲେ ମୋଟ ୩୭ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଭାଜପା ନିକଟରେ ଅବଶ୍ୟ ସଂଖ୍ୟା ନାହିଁ। ଭାଜପାରେ ଏବେ ୨୨ ଜଣ ବିଧାୟକ ଅଛନ୍ତି। ଅବଶିଷ୍ଟ ବିଜେଡି ବିଧାୟକଙ୍କ ଭୋଟରେ ଅଶ୍ୱିନୀ ରାଜ୍ୟ ସଭାକୁ ନିର୍ବାଚିତ ହେବେ।

୨୦୧୯ରେ ବିଜେଡି ସମର୍ଥନରେ ସେ ରାଜ୍ୟ ସଭାକୁ ଯାଇଥିଲେ। ୨୦୨୧ ଜୁଲାଇରେ ମୋଦି ସରକାରଙ୍କ କ୍ୟାବିନେଟ ଅଦଳବଦଳରେ ଅଶ୍ୱିନୀ ବୈଷ୍ଣବଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ଏଥିସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ, ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି।

# ୧୭ରେ ସବୁ ସଦର ମହକୁମାରେ ବିକ୍ଷୋଭ କରିବ କଂଗ୍ରେସ

- **ବିଜେଡି-ଭାଜପା ସମ୍ପର୍କ ନେଇ ଲୋକଙ୍କ ପାଖକୁ ଯିବୁ: ଶରତ**
- **ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ**

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

ଓଡ଼ିଆଙ୍କ ସ୍ୱାର୍ଥ ବର୍ତ୍ତମାନ ଉପେକ୍ଷିତ ହେଉଥିବା ଭଳି ମନେହେଉଛି। ଓଡ଼ିଶା ଜନସାଧାରଣଙ୍କ ଭୋଟ ପାଇ ନିର୍ବାଚିତ ହୋଇଥିବା ବିଜେଡି ଓଡ଼ିଆଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନ କ୍ଷୁଣ୍ଣ କରିଛି। ମୁଖ୍ୟ ବିରୋଧୀ ଦଳ ସହ ହାତ ମିଶାଇ ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ଖୋଲାଖୋଲି ସମର୍ଥନ କରିବା ରାଜ୍ୟରେ ବିଜେଡି ଓ ଭାଜପାର ପାର୍ଟନରଶିପ୍ ସରକାର ଚାଲିଥିବା ପ୍ରମାଣିତ କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟର କୋଣ ଓ ଅନୁକୋଣରେ ପହଞ୍ଚାଇବା ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ଜିଲାରେ ଆସନ୍ତା ୧୭ରେ ଜିଲା ସଦର ମହକୁମାଠାରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶରତ କହିଛନ୍ତି। ଶତାଧିକ ଦଳୀୟ ନେତା ଓ କର୍ମୀ ଏହାକୁ ବିରୋଧକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

ଶରତ କହିଛନ୍ତି, ଯେତେବେଳେ ଶାସକ ଓ ମୁଖ୍ୟ ବିରୋଧୀ ଦଳ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ହୋଇଯାଆନ୍ତି ସେତେବେଳେ ଗଣତନ୍ତ୍ର ବିପଦର ସାମ୍ନାକରେ। ଉଭୟ ବିଜେଡି ଓ ଭାଜପା ରାଜ୍ୟବାସୀଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ଯେଉଁ ମିଛିମିଛିକା ବିରୋଧର ନାଟକ କରୁଥିଲେ ତା'ର ଗୁମର ବର୍ତ୍ତମାନ ପଦାରେ ପଡ଼ିଛି। ଶେଷରେ ଭାଜପାର ରାଜ୍ୟ ସଭା ପ୍ରାର୍ଥୀ ଅଶ୍ୱିନୀଙ୍କୁ ବିନା ସର୍ତ୍ତରେ ବିଜେଡି ସମର୍ଥନ ଦେବା ପ୍ରମାଣିତ କରୁଛି ଉଭୟଙ୍କ ଭିତରେ ଅସାଧୁ ନିବିଡ଼ ସମ୍ପର୍କ ରହିଛି। ସର୍ବୋଚ୍ଚ ନ୍ୟାୟାଳୟ ଇଲେକ୍ଟୋରାଲ ବଣ୍ଡ ଜରିଆରେ ସଂଗୃହୀତ ଅର୍ଥର ସ୍ୱଚ୍ଛତା ଓ ବୈଧତା ନେଇ ପ୍ରଶ୍ନ ଉଠାଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ରାୟକୁ ସ୍ୱାଗତକରି ଶରତ କହିଛନ୍ତି, କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ଯେପରି ଭାବେ ଇଲୋକ୍ଟ୍ରାଲ ବଣ୍ଡ ଜରିଆରେ ଅଧିକ କଳାଟଙ୍କା ସଂଗ୍ରହକରି ନିର୍ବାଚନରେ ତାହାର ଦୁରୁପଯୋଗ କରୁଛନ୍ତି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏହାର ନିବାରଣ ସହ ନିର୍ବାଚନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟ ପରାମର୍ଶ ଦେଇଛନ୍ତି ବୋଲି ଶରତ କହିଛନ୍ତି।

# ବିଜୟ, ଜଗନ୍ନାଥ ଯୁବ ବିଜେଡି ସାଧାରଣ ସମ୍ପାଦକ

ଭୁବନେଶ୍ୱର, ୧୫।୨ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ଏ ନେଇ ବିଜେଡି ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ବିଜୟ କୁମାର ବିଶ୍ୱାଳ ଏବଂ ଜଗନ୍ନାଥ ନାଥଙ୍କୁ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅଜୟ କୁମାରଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ, ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି, ଅନମୋଲ ଦାସଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ବେହେରାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଏବଂ ପ୍ରକାଶ ଚନ୍ଦ୍ର ଦଳାଇଙ୍କୁ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡି-ଭାଜପାର ବୁଝାମଣା ଭିତରେ ଇଡି ଚଢ଼ାଉ କରିଛି: କଂଗ୍ରେସ

## ଯଥା ସମୟରେ ବିଧାୟକଙ୍କ ଘରେ ଚଢ଼ାଉ ହୋଇଛି: ମୋହନ

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଗୁରୁବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଥିବା ଜଣାପଡ଼ିଛି। ଏହି କଥାକୁ କଂଗ୍ରେସ ପାଲଟା ଟାର୍ଗେଟ କରିଛି। ବିଜେଡି-ଭାଜପା ସହଭାଗିତାରେ ଏହି ଚଢ଼ାଉ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଭାଜପା କହିଛି ଦୁର୍ନୀତି ଲାଗି ଏହି ଚଢ଼ାଉ ହୋଇଛି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି ଭିତରେ ବିଦ୍ରୋହ ଆରମ୍ଭ ହୋଇଗଲାଣି। ତେଣୁ ବିଦ୍ରୋହୀଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ବିଜେଡି-ଭାଜପା ବୁଝାମଣା ଭିତରେ ଏହି ଇଡି ଚଢ଼ାଉ କରାଇଛନ୍ତି। ଗତ ଦୁଇଟି ନିର୍ବାଚନରେ ସେମାନଙ୍କ ଦଳର ନେତାମାନେ ବିଦ୍ରୋହ କରି ନ ଥିଲେ। ଏଥର ନେତାମାନେ ବିଦ୍ରୋହ ଆରମ୍ଭ କରିଛନ୍ତି। ଯେଉଁମାନେ ସେମାନଙ୍କ ଦଳରେ ଏବେ ବିଦ୍ରୋହ କରିବେ ବୋଲି ସେମାନେ ଆଶଙ୍କା କରୁଛନ୍ତି ତାଙ୍କ ବିରୋଧରେ ଇଡି, ସିବିଆଇ ଲଗାଇ ଡରେଇବେ। ଜଣେ ନେତାଙ୍କ ଘରେ ଇଡି ପୂରାଇଦେଲେ ଅନ୍ୟମାନେ ଆଉ ଦଳ ଛାଡ଼ି ଯିବେ ନାହିଁ ବୋଲି ଶରତ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଭାଜପା ନେତା ମୋହନ ଚରଣ ମାଝି କହିଛନ୍ତି, ଓଡ଼ିଶାରେ ବ୍ୟାପକ ମାତ୍ରାରେ ଦୁର୍ନୀତି ହେଉଛି। ଇଡି ଯଥା ସମୟରେ ତା'ର କାମ କରିବ ବୋଲି କୁହାଯାଇଥିଲା। ଯେଉଁମାନେ ଦୁର୍ନୀତିଗ୍ରସ୍ତ ନେତା, ମନ୍ତ୍ରୀ, ବିଧାୟକ, ଅଫିସର ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଡି କେତେବେଳେ ପଛାଏ ନାହିଁ ବୋଲି ମୋହନ କହିଛନ୍ତି।

# କୃଷକ ସଙ୍ଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୧୫।୨ (ସୁନିତ୍ ମିଶ୍ର)

ସମଗ୍ର ଦେଶରେ ଚାଷୀଙ୍କ ଦୁଃସ୍ଥିତି ଅତ୍ୟନ୍ତ ସଙ୍ଗିନ। ଏହି ସରକାର କୃଷି ଓ କୃଷକର ବିକାଶ ପାଇଁ ଯେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଏବେ ପ୍ରତାରଣାରେ ପରିଣତ ହୋଇଛି। ସରକାର ଚାଷୀଙ୍କ ସମସ୍ୟା ଦୂରକରିବା ପରିବର୍ତ୍ତେ ସେମାନଙ୍କ ସ୍ୱରକୁ ଚପାଇଦେବାକୁ ବହୁ ମସୁଧାକରି ଚାଲିଛନ୍ତି। ଏମ୍ଏସ୍ପିକୁ ଆଇନ ସମ୍ମତ କରିବା ପାଇଁ ତୁରନ୍ତ କମିଟି ଗଠନ କରାଯିବ ବୋଲି ଚାଷୀଙ୍କୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏମ୍ଏସ୍ପି ବୃଦ୍ଧି ଓ ଏମ୍ଏସ୍ପିକୁ ଆଇନଗତ ମାନ୍ୟତା ମିଳିଲା ନାହିଁ। ଏହି ଦାବି ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦେଇଛି। ଏହାକୁ କଂଗ୍ରେସ ସମର୍ଥନ କରୁଛି ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମିୟ କହିଛନ୍ତି, ଏ ସରକାର ଉପରୁ ଚାଷୀ ସଙ୍ଗଠନଗୁଡ଼ିକ ସମ୍ପୂର୍ଣ୍ଣ ଆସ୍ଥା ହରାଇଲା ପରେ ଗତ ଫେବୃଆରୀ ୧୩ରୁ ଦିଲ୍ଲୀ ଚଲୋ ଡାକରା ଅବ୍ୟାହତ ରଖିଛନ୍ତି। ଗତ ୧୨ ତାରିଖରେ ୨ ଜଣ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଓ ଅର୍ଜୁନ ମୁଣ୍ଡା ଚାଷୀ ସଙ୍ଗଠନଗୁଡ଼ିକ ସହିତ ୬ ଘଣ୍ଟା ଧରି ଆଲୋଚନା କରିବା ପରେ ଏହା ଅସଫଳ ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ନ୍ୟାୟୋଚିତ ଦାବିକୁ ଏଡ଼ାଇଦେବା ପାଇଁ ଧର୍ମକୁ ଆଖିଠାର ସଦୃଶ ସ୍ୱାମୀନାଥନଙ୍କୁ ଭାରତରତ୍ନ ଉପାଧିରେ ସମ୍ମାନିତ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରିଛନ୍ତି ବୋଲି ସେ କହିଛନ୍ତି।

# କଳାହାଣ୍ଡି ଭାଜପା: ବିଧାୟକ ନୁହେଁ, ଏମ୍ପି ହେବାକୁ ମନ

ଭବାନୀପାଟଣା, ୧୫।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ଭାଜପା) ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଲାଣି। ଚା' ଦୋକାନଠୁ ହାଟବଜାର ସବୁଠି ଚର୍ଚ୍ଚା ଏଥର କିଏ ବିଧାନସଭା ଓ ଲୋକ ସଭା ପାଇଁ ଟିକେଟ ପାଉଛନ୍ତି। ତେବେ ଏଇ କିଛି ଦିନ ହେଲା ଜିଲାର ଭାଜପା ନେତାଙ୍କ ପୋଷ୍ଟର, ୱାଲ୍ପେଣ୍ଟିଂ, ବ୍ୟାନରକୁ ଦେଖିଲେ ଭିନ୍ନ ଧରଣର ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ତୃଣମୂଳସ୍ତରରେ ବିଧାୟକ ପ୍ରାର୍ଥୀ ଭାବେ ଆଶାୟୀ ଥିବା ନେତା ଏବେ ଏମ୍ପି ହେବାକୁ ମନ ବଳାଇଲେଣି। ସେଥିପାଇଁ ଭାଜପାରୁ ଏମ୍ପି ପ୍ରାର୍ଥୀ ହେବା ଲାଗି ଆଶାୟୀଙ୍କ ଲମ୍ବା ତାଲିକା ଦେଖିବାକୁ ମିଳିଛି। ଏପରିକି ବର୍ତ୍ତମାନ ଏମ୍ପି ଥିବା ବସନ୍ତ ପଣ୍ଡାଙ୍କ ସହ ଦିନେ ବିଶ୍ୱସ୍ତ ଥିବା ନେତାମାନେ ମଧ୍ୟ ଏମ୍ପି ପ୍ରାର୍ଥୀ ପାଇଁ ଲବି କରୁଥିବା ଶୁଣିବାକୁ ମିଳୁଛି। କାରଣ ବିଧାନସଭା କ୍ଷେତ୍ରରେ ଜିଲାରେ ଶାସକ ବିଜେଡିର ସଙ୍ଗଠନ ମଜଭୁତ ଥିବାବେଳେ ଲୋକ ସଭା ନିର୍ବାଚନମଣ୍ଡଳୀରେ ମୋଦିଙ୍କ ହାୱାରେ ନିର୍ବାଚନ ବୈତରଣୀ ପାର ହୋଇଯିବେ ବୋଲି ଅନେକଙ୍କ ଧାରଣା ଜନ୍ମିଲାଣି। ସେଥିପାଇଁ ବିଧାୟକ ନୁହେଁ, ଏମ୍ପି ହେବା ପାଇଁ ଅନେକ ନେତା ମନ ବଳାଉଥିବା ଜଣାପଡ଼ିଛି।



ଅର୍କକେଶରୀ ଦେଓ



ହିମାଂଶୁ ଶେଖର ମେହେର



ସୁନୀତି ମୁଣ୍ଡ



ଦୀପ୍ଜ୍ୟୋତି ମୁଣ୍ଡ



ଆର୍ତ୍ତତ୍ରାଣ ମହାପାତ୍ର

କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡାଙ୍କୁ ଏଥର ଭାଜପା ଟିକେଟ ନ ଦେଇ ତାଙ୍କ ବଦଳରେ ନୂଆ ନେତାଙ୍କୁ ଛିଡ଼ା କରିପାରେ ବୋଲି ଆଶାୟୀ ପ୍ରାର୍ଥୀମାନେ କହୁଛନ୍ତି। ତେଣୁ ସେମାନେ ଏମ୍ପି ପ୍ରାର୍ଥୀ ହେବା ପାଇଁ ରାଜ୍ୟର ବରିଷ୍ଠ ତଥା ଦିଲ୍ଲୀର ଦଳୀୟ ତୁଙ୍ଗ ନେତାଙ୍କୁ ସାକ୍ଷାତ୍ କରି ଲବି ଆରମ୍ଭ କରିଛନ୍ତି।

ଏମ୍ପି ବସନ୍ତ ପଣ୍ଡାଙ୍କ ସହ ଭବାନୀପାଟଣା ବିଧାୟକ ତଥା ଓଡ଼ିଶା ବିଧାନସଭା ବିରୋଧୀ ଦଳର ପୂର୍ବତନ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମ୍ପି ଅର୍କକେଶରୀ ଦେଓ ଓ ତାଙ୍କ ପତ୍ନୀ ମାଳବିକା ଦେବୀ, ବର୍ତ୍ତମାନର ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଭୁବନେଶ୍ୱର ମେୟର ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସୁନୀତି ମୁଣ୍ଡ, ଯୁବ ମୋର୍ଚ୍ଚାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଜିଲାର ପୂର୍ବତନ ସଭାପତି ଭବେନ୍ଦ୍ର ପଣ୍ଡା, ବିସିସିବିର ପୂର୍ବତନ ସଭାପତି କାଳିପ୍ରସାଦ ରାୟଗୁରୁ, ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ଭାରତ ଭୂଷଣ ଦେଓ ପ୍ରମୁଖ ଦୌଡ଼ରେ ଥିବା ଜଣାପଡ଼ିଛି। ତେବେ ଏମ୍ପି ପଣ୍ଡା ରାଜ୍ୟ ସଙ୍ଗଠନର ନିର୍ବାଚନ କୋର୍ କମିଟିର ସଦସ୍ୟ ଭାବେ ଏବେ ତାଙ୍କ ନାମ ସ୍ଥାନ ପାଇଥିବାରୁ ଦଳ ତାଙ୍କୁ ପୁଣିଥରେ ଲୋକ ସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ସକାଶେ ଟିକେଟ ଦେଇପାରେ ବୋଲି ଶୁଣିବାକୁ ମିଳୁଛି।

# ଏକାଧିକ କ୍ରୀଡ଼ାରେ ନିପୁଣ ଲିପ୍ସା

**କରାଟେ, ବକ୍ସିଂ, କିକ୍ ବକ୍ସିଂ, ଉଷୁ, ପେନ୍‌ଚାକ୍ ସିଲାଟ ଆଦି ଏକାଧିକ କ୍ରୀଡ଼ାରେ ନିପୁଣ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମର ଲିପ୍ସା ଷଡ଼ଙ୍ଗୀ ବ୍ୟକ୍ତିଗତଭାବେ ଖେଳ ଜାରି ରଖିବା ସହ ସେ ଏବେ ପିଲାମାନଙ୍କୁ ତାଲିମ ଦେଉଛନ୍ତି...**






କ୍ରୀଡ଼ା କ୍ଷେତ୍ରରେ ସୁନ୍ଦରଗଡ଼ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ମାଟିକୁ ହକିର ଗଡ଼ ମଧ୍ୟ କୁହାଯାଏ। ହକି ପରେ ଫୁଟବଲ, କବାଡି, ଖୋଖୋ ଆଦି ଖେଳ ସହିତ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଏହି ଜିଲାର କ୍ରୀଡାବିତ୍‌ମାନେ ନିଜର ଦକ୍ଷତା ଓ କଠିନ ଅଭ୍ୟାସ ବଳରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି। ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗୀମାଲ ଗ୍ରାମର ଲିପ୍ସା ଷଡ଼ଙ୍ଗୀ ଏଭଳି ଜଣେ କ୍ରୀଡ଼ା ପ୍ରତିଭା, ଯିଏ ଆତ୍ମବିଶ୍ୱାସ ସହ ସାଧନା ଜାରି ରଖିଛନ୍ତି।

ମା' ପାର୍ବତୀ ଓ ବାପା ସୁଶାନ୍ତ ଷଡ଼ଙ୍ଗୀଙ୍କ ଝିଅ ଲିପ୍ସା। ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ଅର୍ଜୁନ ସଙ୍ଗୀତ ଏକାଡେମୀ ଦର୍ଲିପାଲିରେ ୫ ବର୍ଷ ପର୍ଯ୍ୟନ୍ତ ପେଣ୍ଟିଂ ତାଲିମ ନେଇଥିଲେ। ତା'ସହିତ ଝାରସୁଗୁଡ଼ାର କରାଟେ କୋଚ୍ ଦୀପକ ପଟେଲଙ୍କ ତତ୍ତ୍ୱାବଧାନରେ ବ୍ଲୁ ବେଲ୍‌ଟ ପର୍ଯ୍ୟନ୍ତ କରାଟେ ତାଲିମ ପାଇଥିଲେ। ଯୋଗୀମାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପଢୁଥିବା ସମୟରେ ତାଙ୍କ ବାପାଙ୍କ ସହିତ ପୂର୍ବତନ ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଏବଂ ଯୁବ ବକ୍ସିଂ କୋଚ୍ ରୂପକ କୁମାର ପ୍ରସାଦଙ୍କ ଭେଟ ହେବା ପରେ ସେମାନଙ୍କ କଥାରେ ଅନୁପ୍ରାଣିତ ହୋଇ ବକ୍ସିଂ ଖେଳ ପ୍ରତି ମନ ବଳାଇଥିଲେ। ଠିକ୍ ସେହି ବର୍ଷ ୨୦୧୭ରେ ବିଦ୍ୟାଳୟ ସମୂହ ଜିଲା ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିଲେ। ତା'ପରେ ପ୍ରତ୍ୟେକ ଦିନ ଗାଁରୁ ଯା ଆସ କରି ସୁନ୍ଦରଗଡ଼ରେ ତାଲିମ ନେଲେ। ୨୦୧୮ରେ ଉଷୁ ଖେଳର କୋଚ୍ ରାଉରକେଲାର ଶରତ କୁମାର ଦାଶଙ୍କ ସହିତ ଯୋଗାଯୋଗ କରି ତାଲିମ ନେଇଥିଲେ। ସେହି ବର୍ଷ ରାଉରକେଲାରେ ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ବେଲପାହାଡ଼ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨୦୧୮ ଡିସେମ୍ବର ୧ରୁ ୬ ପର୍ଯ୍ୟନ୍ତ ତାମିଲନାଡୁରେ ଅନୁଷ୍ଠିତ ୧୭ଶ ଜାତୀୟ ଜୁନିୟର ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ୨୦୧୮ରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସୁନ୍ଦରଗଡ଼ ଗୁରୁକୁଳ ଆବାସିକ ସାଇନ୍ସ କଲେଜରେ ପାଠ ପଢ଼ିଲେ। ସେଠାରେ ପଢୁଥିବା ସମୟରେ କାଉନସିଲ ତରଫରୁ ଜାତୀୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା ଛତିଶଗଡ଼ ରାୟପୁରରେ ଖେଳିବାର ସୁଯୋଗ ପାଇଥିଲେ। ୨୦୨୦ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ ଶରଧାପାଲିରେ ନାମ ଲେଖାଇଲେ। କରୋନା ସମୟରେ ବାହାରକୁ ଯାଇ ତାଲିମ ନେବାରେ ଅସୁବିଧା ହେବାରୁ ଘରେ ପ୍ରତ୍ୟେକ ଦିନ ସକାଳେ ଓ ସନ୍ଧ୍ୟାରେ ଦୁଇ ଘଣ୍ଟା ଲେଖାଏ ନିଜେ ଅଭ୍ୟାସ କଲେ। ୨୦୨୧ରେ ଯାଜପୁରରେ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ରେଫରି ସେମିନାରରେ ଅଂଶଗ୍ରହଣ କରି ସଫଳ ହୋଇଥିଲେ। ୨୦୨୨ରେ ତାମିଲନାଡୁରେ ଆୟୋଜିତ ଜାତୀୟସ୍ତରୀୟ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ପେନ୍‌ଚାକ୍ ସିଲାଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବ୍ରୋଞ୍ଜ୍ ପଦକ ପାଇଥିଲେ। ପୁଣି ୨୦୨୨ରେ ଖେଲୋ ଇଣ୍ଡିଆ ଉଷୁ ଲିଗ୍‌ରେ ଭାଗ ନେଇଥିଲେ। ୨୦୨୩ ଜୁନ୍‌ରେ ପୁଣେରେ ଅନୁଷ୍ଠିତ ୩୨ତମ ଜାତୀୟ ସିନିୟର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହି ବର୍ଷ ଜୁନ୍‌ରେ ଯୁକ୍ତ ୩ରେ କେମିଷ୍ଟ୍ରି ଅନର୍ସରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏବେ ସେ ପିଜି କରୁଛନ୍ତି।

ବ୍ୟକ୍ତିଗତଭାବେ ଖେଳିବା ଏବଂ ପଢ଼ା ସହ ୨୦୨୨ରୁ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲରେ ସାଧାରଣ ସମ୍ପାଦକ ପଦରେ ରହି ସଫଳ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ସେଇ ଅନୁଷ୍ଠାନ ତରଫରୁ ବକ୍ସିଂ, ଉଷୁ, ସିପକଟାକ୍ର, ପେନ୍‌ଚାକ୍ ସିଲାଟ୍, କରାଟେ, କିକ୍‌ବକ୍ସିଂ ଆଦି ଖେଳରେ ସୁଦକ୍ଷ କୋଚମାନଙ୍କ ଦ୍ୱାରା ତାଲିମ ଦିଆଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୧୨୦୦ ଖେଳାଳି ଜିଲାସ୍ତରୀୟ, ୩୫୦ ଖେଳାଳି ରାଜ୍ୟସ୍ତରୀୟ, ୧୫୦ରୁ ଅଧିକ ଖେଳାଳି ଜାତୀୟସ୍ତରୀୟ ଓ ୩୦ ଜଣ ଖେଳାଳି ଜାତୀୟସ୍ତରରେ ବିଭିନ୍ନ ପଦକ ହାସଲ କରିଛନ୍ତି। ସେ ନିଜେ ତାଲିମ ନେବା ସହିତ ଖେଳାଳିମାନଙ୍କୁ ତାଲିମ ଦେବା ଜାରି ରଖିଛନ୍ତି । ସରକାରଙ୍କ ତରଫରୁ ଖେଳସାମଗ୍ରୀ ଏବଂ ତାଲିମ ସକାଶେ ବାହାର ରାଜ୍ୟକୁ ଯିବାକୁ ସୁଯୋଗ ମିଳିଲେ ଅନୁଷ୍ଠାନର ଅନେକ ଖେଳାଳି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରି ଜିଲା, ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣି ପାରିବେ ବୋଲି ଲିପ୍ସା କହିଛନ୍ତି।

*–ଜୟ ନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼*

---

# ଚାପରୁ ମୁକୁଳିପାରିଲାନି ଯୁବବାହିନୀ


ନିର୍ମଳ କୁମାର ମିଶ୍ର




**ଆଇସିସି ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ଗ୍ରୁପ୍, ସୁପର ସିକ୍ସ ଏବଂ ସେମିଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ମାତ୍ର ଫାଇନାଲର ଚାପରୁ ମୁକୁଳିପାରିଲାନି। ଫଳ ସ୍ୱରୂପ ଅଷ୍ଟ୍ରେଲିଆ ନିକଟରୁ ହାରି ରନରଅପ୍‌ରେ ସନ୍ତୁଷ୍ଟ ରହିଲା ଯୁବବାହିନୀ...**

ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୫ଶ ସଂସ୍କରଣ ନିକଟରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଯାଇଛି। ୧୬ ଦଳ ୪୧ ମ୍ୟାଚବିଶିଷ୍ଟ ଏହି ପ୍ରତିଯୋଗିତାର ଫାଇନାଲରେ ଗତଥରର ଚାମ୍ପିୟନ ଭାରତକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଏଥରକୁ ମିଶାଇ ଭାରତ ୯ମ ଥର ପାଇଁ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଗ୍ରୁପ୍ ପର୍ଯ୍ୟାୟ, ସୁପର ସିକ୍ସ ଏବଂ ନକ୍‌ଆଉଟରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଥିଲା। ୧୯୮୮ରୁ ଆରମ୍ଭ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ଭାରତ ସର୍ବାଧିକ ୫ ଥର (୨୦୦୦, ୨୦୦୮, ୨୦୧୨, ୨୦୧୮, ୨୦୨୨) ଟ୍ରଫି ଥିବାରୁ ଏଥର ମଧ୍ୟ ଟାଇଟଲ ପାଇଁ ହଟ୍ ଫେଭରାଇଟ ଥିଲା। ମାତ୍ର ଫାଇନାଲ ହର୍ଡଲ୍ସ ଅତିକ୍ରମ କରିବାରେ ବିଫଳ ହୋଇଥିବା ଭାରତୀୟ ଯୁବବାହିନୀ। ଅଷ୍ଟ୍ରେଲିଆ ୭୯ ରନ୍‌ରେ ବିଜୟୀ ହୋଇ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇଥିଲା।

ଯୁବ ଅଧିନାୟକ ଉଦୟ ସହରନଙ୍କ ଟିମ୍ ଗ୍ରୁପ ପର୍ଯ୍ୟାୟରେ ବାଂଲାଦେଶକୁ ୮୪, ଆୟରଲାଣ୍ଡକୁ ୨୦୧ଏବଂ ୟୁଏସ୍‌ଏକୁ ୨୦୧ରନ୍ ଏବଂ ସୁପର ସିକ୍ସରେ ନ୍ୟୁଜିଲାଣ୍ଡକୁ ୨୧୪ ଓ ନେପାଳକୁ ୧୩୨ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ୨ଉଇକେଟରେ ହରାଇ ଅପରାଜେୟ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଶ୍ରୀଲଙ୍କା, ଜିମ୍ବାୱେ, ଓ ନାମିବ୍ୟାକୁ ହରାଇଥିବାବେଳେ ସୁପର ସିକ୍ସରେ ଇଂଲଣ୍ଡକୁ ୧୧୦ରନ୍ ଏବଂ ବର୍ଷା ଯୋଗୁ ବାତିଲ ହୋଇଥିବା ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ସେମିଫାଇନାଲରେ ପହଞ୍ଚିଥିଲା। ସେମିରେ ପାକିସ୍ତାନ ବିପକ୍ଷରେ ୧ ଉଇକେଟରେ ରୋମାଞ୍ଚକ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ଅପେକ୍ଷା ଭାରତୀୟ ଦଳ ଲିଗ୍ ଏବଂ ସୁପର ସିକ୍ସ ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଟାଇଟଲ ଦାବିଦାର ହୋଇ ଯାଇଥିଲା। ମାତ୍ର ଚାପ ସ୍ଥିତିରେ ବିଫଳତା ଯୋଗୁ ଦଳ ପରାଜୟ ସ୍ୱାଦ ଚାଖିଥିଲା। ପୂରା ଟୁର୍ନାମେଣ୍ଟର ପ୍ରଦର୍ଶନ ଦେଖିଲେ ଭାରତୀୟ ବ୍ୟାଟର ଓ ବୋଲରମାନେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ନିର୍ଣ୍ଣାୟକ ମ୍ୟାଚରେ ଅଷ୍ଟ୍ରେଲିଆ ଅପେକ୍ଷାକୃତ ଭଲ ଖେଳି ଚାମ୍ପିୟନ ହୋଇଥିଲା।

କେବଳ ଜୁନିୟର ବିଶ୍ୱକପ ନୁହେଁ ସିନିୟର ସ୍ତରରେ ମଧ୍ୟ ଦେଖିଲେ ଚାପ ସ୍ଥିତିରେ ଭାରତର ପ୍ରଦର୍ଶନ ଆଶାନୁରୂପ ରହୁ ନ ଥିବା ନଜରକୁ ଆସେ। ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଓ ଆଇସିସି ଦିନିକିଆ ବିଶ୍ୱକପରେ ମଧ୍ୟ ପରାଜୟର ସାମନା କରିଥିଲା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ। ଗ୍ରୁପ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଭାରତ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇଥିବା ବେଳେ ଅଷ୍ଟ୍ରେଲିଆ ସିନିୟର ଦଳ ଅତି ସହଜରେ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ଭାରତୀୟ ଦଳ ୨୦୧୩ ପରଠାରୁ ଫାଇନାଲରେ ଖରାପ ପ୍ରଦର୍ଶନ କରିଆସୁଛି। ଏଥର ଭାରତୀୟ ଯୁବଦଳ ମଧ୍ୟ ସମାନ ଫଳ ପାଇଛି।

ଭାରତୀୟ ବ୍ୟାଟର ଉଦୟ ସହରନ, ଅଲରାଉଣ୍ଡର ମୁଶିର ଖାଁ, ସଚିନ ଧସ, ରାଜ ଲିମ୍ବାନୀ ଓ ସୋମି ପାଣ୍ଡେ, ନମନ ତିୱାରୀ ଟୁର୍ନାମେଣ୍ଟରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ବୋଲିଂରେ ସୋମି ପାଣ୍ଡେ ଭାରତ ପକ୍ଷରୁ ୧୮ଟି ଉଇକେଟ ନେଇଥିଲେ, ଯାହାକି ରବି ବିଷ୍ଣୋଇଙ୍କଠାରୁ ଗୋଟିଏ ଅଧିକ। ଷ୍ଟାର ବ୍ୟାଟର ଉଦୟ ସହରନ ଟୁର୍ନାମେଣ୍ଟରେ ସର୍ବାଧିକ ୩୯୭ରନ୍ କରିଥିଲେ। ଯେଉଁଥିରେ ୪ଟି ଅର୍ଦ୍ଧଶତକ ଏବଂ ନେପାଳ ବିପକ୍ଷରେ ଶତକ ରହିଥିଲା। ଅନ୍ୟ ପକ୍ଷରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିବା ସର୍ଫରାଜ ଖାଁଙ୍କ ସାନ ଭାଇ ମୁଶିର ୩୬୦ ରନ ସ୍କୋର କରିଥିଲେ। ଏହା ମଧ୍ୟରେ ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଥିଲା। ବାମହାତୀ ସ୍ପିନର ସୋମି ପାଣ୍ଡେଙ୍କୁ ଭାରତୟ କ୍ରିକେଟ ଦଳର ଭବିଷ୍ୟତଭାବେ ବିବେଚନା କରାଯାଉଛି। ୨୦୦୦ରେ ମହମ୍ମଦ କେଫ୍, ୨୦୦୮ରେ ବିରାଟ କୋହଲି, ୨୦୧୨ରେ ଉନ୍ମୁକ୍ତ ଚାନ୍ଦ, ୨୦୧୮ରେ ପୃଥ୍ୱୀ ଶ' ଏବଂ ୨୦୨୨ରେ ଯଶ ଧୁଲ ଭାରତୀୟ ଦଳକୁ ସଫଳତା ପ୍ରଦାନ କରିଥିଲେ। ଯୁବ ବିଶ୍ୱକପରେ ପ୍ରଭାବୀ ପ୍ରଦର୍ଶନ ପରେ ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା, ଶିଖର ଧାୱନ, ଲୋକେଶ ରାହୁଲ, ରିଷଭ ପନ୍ତ, ଶିବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ଏବଂ ପୂର୍ବତନ ଖେଳାଳି ଯୁବରାଜ ସିଂ, ସୁରେଶ ରାଇନା, ମହମ୍ମଦ କୈଫ ପ୍ରମୁଖ ଭାରତ ଖେଳିବାରେ ସକ୍ଷମ ହୋଇଛନ୍ତି।




୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତ ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିବା ସମସ୍ତ ୬ଟି ମ୍ୟାଚରେ ବିଜୟୀ ଥିଲା। ଏଥରର ପରାଜୟ ପରେ ମାନସ ମନ୍ଥନ ଆରମ୍ଭ ହୋଇଛି। ଫାନାଲରେ ଅଷ୍ଟ୍ରେଲିଆ ଦଳ ୨୫୩ ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ବଲ୍ ବାଉନ୍ସ କରିବା ସହିତ ପିଚ୍ ପେସ୍ ବୋଲରମାନଙ୍କୁ ସୁହାଉଥିଲା। ଏଥିପାଇଁ ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ୪ଜଣ ପେସ୍ ବୋଲର ଚାର୍ଲି ଆଣ୍ଡରସନ, ରାଫ୍ ମାକମିଲନ, ଟମ୍ ଷ୍ଟ୍ରାକର, ଓ କଲୁମ ଭିଡଲରଙ୍କୁ ଖେଳାଇଥିଲା। ଏମାନେ ଚମତ୍କାର ବୋଲିଂ କରିବା ଦ୍ୱାରା ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଚମତ୍କାର ଖେଳିଥିବା ଭାରତୀୟ ବ୍ୟାଟର ଫାଇନାଲରେ ସ୍କୋର ନ କରିବା ପରାଜୟର ଅନ୍ୟତମ କାରଣ ହୋଇଥିଲା। ଭାରତୀୟ ଦଳ ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖରାପ ପ୍ରଦର୍ଶନ କରୁଥିବାରୁ ଭାରତୀୟ କ୍ରିକେଟ ପ୍ରେମୀମାନେ ନିରାଶ ହୋଇଛନ୍ତି। ବିସିସିଆଇ ଏହାର କାରଣ ଖୋଜିବା ସହିତ ଖେଳାଳିଙ୍କ ମନରୁ କିପରି ମାନସିକ ଚାପ ଦୂର କରାଯାଇ ପାରିବ ସେଥିପାଇଁ ସ୍ୱତନ୍ତ୍ର ଗେମ୍‌ପ୍ଲାନ ପ୍ରସ୍ତୁତ କରିବା ଆବଶ୍ୟକ।

---

## କେୟାର ଲେସ୍

ଅଗରତାଳା–ଦିଲ୍ଲୀ
ଇଣ୍ଡିଗୋ ଫ୍ଲାଇଟରେ
ମୟଙ୍କ ଅଗ୍ରୱାଲ
ଜର୍ନି ବେଳେ ସିଟ୍ ଫ୍ରଣ୍ଟ ପାଣି ପିଇ
ପାଟିରେ ଘା' ଫୁଲି ଗାଲ
ହେଲା ବଡ କଲବଲ
କେୟାରଫୁଲ୍ ହେଲେ
ସେଭ୍ ହୁଏ ଲାଇଫ୍
କେୟାର ଲେସ୍ ହେଲେ ମଲ।(୧)
ପ୍ୟାରିସ୍ ଅଲିମ୍ପିକ୍ସ
ସମାରୋହ ପାଇଁ
ଫ୍ୟାନ୍ କମାଇଲା ଫ୍ରାନ୍ସ
ଛଅ ଲକ୍ଷରୁ ହ୍ରାସ କରି ତିନି ଲକ୍ଷ
ହବ ବୋଲି କହେ ଦେଶ।
ସିନ ନଦୀ ଦୁଇ ପାର୍ଶ୍ୱ


ମୟଙ୍କ ଅଗ୍ରୱାଲ

ଭରପୂର ଦର୍ଶକ ଉତ୍ସବ ଦେଖିବେ
ହବ ନୂଆ ଇତିହାସ।(୨)
ଲସ ଏଞ୍ଜେଲସର ସାତ ବରଷର
ଟିକି ଝିଅ କାଇଲି
ଜିମ୍ ଯାଇ ୱେଟ୍ ଟ୍ରେନିଂ କରି ବଡି
ପଥର, ଶରୀର ନାଲି।
କେୟାର ଲେସ୍ ପାଇଁ ମିଳି
କଙ୍କି ବଡି ୟୁଥ୍ ଖାଇ ଫାଷ୍ଟଫୁଡ୍
ପିଇ ହ୍ୱିସ୍କି ରମ୍ ଡେଲୀ।(୩)

*–ସୁବାସ ଚନ୍ଦ୍ର ପ୍ରଧାନ*

# ଚଢ଼ାଉବେଳେ ପୋଲିସକୁ ମାଡ଼

## ଏସ୍‌ଡିପିଓ, ଥାନାଧିକାରୀ ଆହତ: ୪ ଅଟକ

**ନନ୍ଦପୁର,୧୫।୨(ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଟିକରପଡ଼ା ପଞ୍ଚାୟତର ଦେବତାହଞ୍ଜାର ଗ୍ରାମରେ ଜୁଆଖେଳ ଓ ମଦ କାରବାର ଚାଲିଥିବା ସୂଚନା ପାଇ ଚଢ଼ାଉ କରିବାକୁ ଯାଇଥିବା ପୋଲିସ ଟମ୍ ଉପରେ ଆକ୍ରମଣ ହୋଇଛି। ଫଳରେ ଏସ୍‌ଡିପିଓ ସମ୍ବିତ କୁମାର ମାଝି ଓ ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ମାଝି ସୁସ୍ଥ ଥିବା ବେଳେ ଥାନାଧିକାରୀ ଖାଲ୍‌କୋଙ୍କୁ ଅଧିକ ଚିକିତ୍ସା ଲାଗି କୋରାପୁଟ ସ୍ଥାନାନ୍ତର କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ ଘଟଣାର ଯାଞ୍ଚ କରି ନନ୍ଦପୁର ଥାନା ପରିଦର୍ଶନକରି ଫେରିଛନ୍ତି। ଏସ୍‌ଆଇ ଦୀପ୍ତିମୟୀ ଧରୁଆଙ୍କ ଏତଲାକ୍ରମେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏସ୍‌ଆଇ ବେଦବର ସାହୁ ତଦନ୍ତ ଦାୟିତ୍ୱ ଅଛନ୍ତି।

ଖବରରୁ ଜଣାପଡିଛି, ନନ୍ଦପୁର ଥାନା ଅଧୀନ ଟିକରପଡ଼ା ପଞ୍ଚାୟତ ଦେବତାହଞ୍ଜାର ଗ୍ରାମରେ ବୁଧବାର ରାତିରେ ଏକ ବାହାଘର ଭୋଜିର ଆୟୋଜନ ହୋଇଥିଲା। ଗ୍ରାମର ସନୁ ଖିନବୁଡି ବଡପୁଅର ବାହାଘର ଜାକଜମକରେ କରିବାକୁ ଯାଇ ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ରାତିରେ ଆଦିବାସୀ ନାଚର ଆୟୋଜନ କରିଥିଲେ। ନାଚ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ନାଚସ୍ଥଳରେ ଜୁଆ ଓ ଖୁଡୁଖୁଡ଼ି ପାଲି ପକାଇଥିବା ଏବଂ ନିକଟସ୍ଥ ଦୋକାନରେ ଖୋଲାରେ ଦେଶୀ ବିଦେଶୀ ମଦ ବିକ୍ରି ହେଉଥିବା ସୂଚନା ନନ୍ଦପୁର ପୋଲିସକୁ ମିଳିଥିଲା। ଫଳରେ ରାତି ଗୋଟାଏରେ ପୋଲିସ ଟିମ୍ ଗ୍ରାମରେ ଚଢାଉ କରିଥିଲା। ପୋଲିସକୁ ଦେଖି ଲୋକେ ଛତ୍ରଭଙ୍ଗ ଦେଇଥିଲେ। ମାତ୍ର କେତେଜଣ ନିଶାସକ୍ତ ଓ ଜୁଆଡ଼ି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଫଳରେ ଥାନା ଅଧିକାରୀ ଖାଲ୍‌କୋଙ୍କ ମୁହଁ, ଆଖିରେ ଓ ଏସ୍‌ଡିପିଓ ମାଝିଙ୍କ ହାତରେ ମାଡବାଜି ଉଭୟେ ଆହତ ହୋଇଥିଲେ। ଘଟଣାସ୍ଥଳରୁ ପୋଲିସ ଖୁଡୁଖୁଡି ପାଲି ଜବତ କରିଛି। ୪ଜଣ ଯୁବକଙ୍କୁ ଧରି ଆଣି ସେମାନଙ୍କୁ ପଚରାଉଚରା କରୁଛି। ସେମାନେ ହେଲେ ଟିଅଁକଣ୍ଠା ଗ୍ରାମର ଲଛମନ ଖରା, ପଞ୍ଚାଲ ଗ୍ରାମର ନାରାୟଣ ମାଝି, ହାଟଶୁଲ୍କ ଗ୍ରାମର ଚନ୍ଦ୍ର ଖେମୁଣ୍ଡୁ ଓ ଘାସି ଖେମୁଣ୍ଡୁ। ଏନେଇ କେସ୍ ନଂ. ୨୪/୨୫ରେ ମାମଲା ରୁଜୁ ହୋଇଛି।

# ୧୫ ଟେକ୍ନୋଲୋଜି କମ୍ପାନୀ ସହ ଚୁକ୍ତି ଯୁବଶକ୍ତିଙ୍କୁ ଦକ୍ଷ କରିବ: ଧର୍ମେନ୍ଦ୍ର




**ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)**

ଗୁଗ୍‌ଲ, ମାଇକ୍ରୋସଫ୍ଟ ଭଳି ୧୫ଟି ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ, ବୃହତ୍ ଶିଳ୍ପ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ସହ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି)ର ଏମ୍‌ଓୟୁ ଭାରତର ଯୁବଶକ୍ତିଙ୍କୁ ଦକ୍ଷ ଏବଂ ସଶକ୍ତ କରିବ। ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ମନ୍ତ୍ରକୁ ଗ୍ରହଣକରି ଆଗାମୀ ଦିନରେ ଭାରତ ଅନ୍‌ଷ୍ଟପେବୁଲ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀସ୍ଥିତ କୌଶଳ ଭବନରେ ଭାରତର ଯୁବଶକ୍ତିଙ୍କୁ ଦକ୍ଷ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଏବଂ ଶିଳ୍ପ ଓ ଶିକ୍ଷା ଭାଗୀଦାରିତାର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶ ବିଦେଶର ୧୫ଟି ଅଗ୍ରଣୀ ଟେକ୍ନୋଲୋଜି ସଂସ୍ଥା ଯଥା ଗୁଗ୍‌ଲ, ମାଇକ୍ରୋସଫ୍ଟ, ଫ୍ଲିପ୍‌କାର୍ଟ, ଟିମ୍ ଲିଜ୍, ଅପ୍‌ଗ୍ରେଡ୍, ରିଲାଏନ୍ସ ଫାଉଣ୍ଡେଶନ, ହନିୱେଲ, ଇନ୍‌ଫୋସିସ୍ ସହ ଏନ୍‌ଏସ୍‌ଡିସି ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଆଜିର ପଦକ୍ଷେପ ସ୍କିଲ୍ ଇଣ୍ଡିଆ ମିଶନକୁ ଆଗକୁ ନେବ ଏବଂ ଅଧିକ ଦକ୍ଷ ମାନବ ସମ୍ବଳକୁ ନେତୃତ୍ୱ ଦେବାରେ ସହଯୋଗୀ ହେବ। ଏମାନେ ବିଶ୍ୱସ୍ତରୀୟ ସୁଯୋଗ ଗ୍ରହଣ କରିବେ। ଏହି ଅବସରରେ ଦକ୍ଷତା ଇକୋସିଷ୍ଟମରେ ବିଭିନ୍ନ ଡିଜିଟାଲମୂଳକ ପଦକ୍ଷେପ ବିଷୟରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଟେକ୍ନୋଲୋଜି, ସ୍କେଲ୍ ଏବଂ ସଷ୍ଟେନବିଲିଟି ଉପଯୋଗକରି ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଥିବା ବେଳେ ଭାରତୀୟ ଶ୍ରମଶକ୍ତି କେବଳ ଘରୋଇ ଚାହିଦା ନୁହେଁ ବରଂ ବିଶ୍ୱର ଚାହିଦାକୁ ପୂରଣ କରିବେ ଏବଂ ନୂତନ ମାପଦଣ୍ଡ ସ୍ଥାପନା କରିବେ। ଆଜି ଦେଶର ଅର୍ଥନୀତି ମଜଭୁତ ହେଉଛି। ଭାରତ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ବେଳେ ଆଗାମୀ କିଛି ବର୍ଷ ମଧ୍ୟରେ ୩ୟ ସ୍ଥାନରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଆମକୁ ସ୍କିଲିଂ ପରିସଂସ୍ଥାନକୁ ମଜଭୁତ କରିବାକୁ ହେବ। ସାମାଜିକ ସହଭାଗିତାରେ ସମସ୍ତ ଯୁବତୀ, ଯୁବକଙ୍କୁ ଦକ୍ଷକରି ସେମାନଙ୍କୁ ନିଯୁକ୍ତିଦାତା କରିବା ପାଇଁ କରିବାକୁ ହେବ। ଏହା ଆମର ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଓଡ଼ିଶାରେ ପହଞ୍ଚିଲେ ସିଇସି

**ଭୁବନେଶ୍ୱର,୧୫।୨(ସୁନିତ୍ ମିଶ୍ର)**

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ସମୀକ୍ଷା କରିବାକୁ ଗୁରୁବାର ଦେଶର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ୩ ଦିନିଆ ଗସ୍ତରେ ସେ ଆସିଥିବା ବେଳେ ତାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ମଧ୍ୟ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡିଶା ଆସିଥିବା ଜଣାପଡିଛି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ନେଇ ସେ ପ୍ରସ୍ତୁତି ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିବେ। ଶୁକ୍ରବାର ଏହି ଟିମ୍ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ରାଜ୍ୟ ପଦାଧିକାରୀ, ଡିଇଓ, ଏସ୍‌ପି, ସିପି ଏବଂ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହାର ପରଦିନ ଅର୍ଥାତ୍ ୧୭ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଫିସର, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି ଏବଂ ଏନଫୋର୍ସମେଣ୍ଟ ଏଜେନ୍ସି ସହ ନିର୍ବାଚନ ବାବଦରେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଟିମ୍ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।



# ଶିକ୍ଷାବିତ୍ ଅଭୟ ମହାନ୍ତିଙ୍କ ପରଲୋକ



**କଟକ,୧୫।୨(କାର୍ତ୍ତିକ ସାହୁ)**

କେନ୍ଦ୍ରାପଡ଼ା କଲେଜର ଅବସରପ୍ରାପ୍ତ ଅଧ୍ୟାପକ, ଶିକ୍ଷାବିତ୍ ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ବାପା ଅଭୟ ମହାନ୍ତି(୭୪)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ କଟକ ନନ୍ଦିସାହିସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡ଼ପୁଅ ଅନୁପ୍ରାସ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖାନ୍‌ନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ଅନୁଭବ ମୁଖାଗ୍ନି ଦେଇଥିଲେ।


**DISTRICT EDUCATION OFFICE, NABARANGPUR**

No.717/S&ME (MDM)-06/VI/2024 Dated: 15.02.2024

**TENDER CALL NOTICE**

Sealed tenders are invited in the prescribed form from the inteding Firms / Individuals / Company/ Corporations / Agents having Common Carrier Licence for engagement of Transporting Contractor under Mid-Day Meal Programme for transportation of rice from OSCSC Ltd. Godown points to schools / WSHGs/ SHGs point in individual blocks of Nabarangpur district during the financial year 2024-25. The detail of tender paper & terms & conditions of the tender is available in district website: http//www.nabarangpur.nic.in which can be downloaded. The last date of submission of tender is 29.02.2024 by 05.00 P.M. The tender paper complete in all respect along with required documents in sealed cover superscribed as "TENDER FOR APPOINTMENT OF TRANSPORTING AGENT UNDER MDM PROGRAMME FOR 10 BLOCKS" addressed to the District Education Officer, Nabarangpur, P.O./ P.S./ Dist.: Nabarangpur, Pin- 764059 should be sent by **Speed Post / Registered post** only so as to reach on or before 29.02.2024 at 05.00 P.M. The tender paper received beyond the stipulated date and time shall not be taken in to consideration.

The undersigned reserves the right to reject or cancel all the tenders or any part of it without assigning any reasons thereof.

Sd./- Collector & District Magistrate, Nabarangpur



**THE ASKA CO-OPERATIVE SUGAR INDUSTRIES LTD.**

P.O.:Nuagam, (Aska)- 761111, Dist-Ganjam, State-Odisha
Email Id: askasugar@yahoo.co.in, GSTIN: 21AAAAT5989L1ZO
Letter No.1878 to 1882/Dt.15.02.2024

**QUOTATION CALL NOTICE**

The Aska Cooperative Sugar Industries Ltd., at Nuagam, Aska in Ganjam District of Odisha State invites sealed Quotation from Manufacturer having GSTIN for supply of 200 ML empty glass bottles, ROPP Cap, Corrugated Boxes, Label, Tape etc. Parties are requested to give their offer with detail terms & conditions. Please visit our website www.askasugar.com for details of the Quotation Call Notice.

Sd./- Managing Director


# ପୁରୀରୁ ଅଯୋଧ୍ୟା ଚାଲିବ ସ୍ୱତନ୍ତ୍ର ଟ୍ରେନ୍

## ପୁରୀ-କୋଣାର୍କ ରେଳ ଲାଇନ ସଂଯୋଗ ହେବ: ବୈଷ୍ଣବ

**ପୁରୀ,୧୫।୨(ଅଜିତ୍ ମହାନ୍ତି)**

ଶରଧାବାଲିଠାରେ ଗୁରୁବାର ରାଷ୍ଟ୍ରୀୟ ରାଜମାର୍ଗ ପରିଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଲେ ଯେ, ରେଳ ବିକାଶ ପାଇଁ ଯାହା ସବୁ କାର୍ଯ୍ୟ ହେଉଛି ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗ୍ରହ ରହିଛି। ତେଣୁ ଦ୍ରୁତ ଗତିରେ କାର୍ଯ୍ୟ ଜାରି ରହିଛି। ଏହି ଅବସରରେ ସେ ପୁରୀରୁ କୋଣାର୍କକୁ ରେଳ ଲାଇନ ସଂଯୋଗ କରାଯିବ ଏବଂ ପୁରୀ ଜଗନ୍ନାଥ ଧାମରୁ ଅଯୋଧ୍ୟା ଧାମକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ। ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟ ବେଳକୁ ଏହି ଟ୍ରେନ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ପୁରୀ ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ବୈଷ୍ଣବ କହିଥିଲେ। ସେ ଆଇଏଏସ୍ ପାଇ ଚାକିରିରେ ପ୍ରୋବେଶନର ଭାବେ ଯୋଗଦେବା ପରେ ପ୍ରଥମେ ୧୯୯୫ ମସିହା ଜୁଲାଇରେ ଅନୁଷ୍ଠିତ ପୁରୀ ରଥଯାତ୍ରାରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ମହାପ୍ରଭୁଙ୍କ ନିକଟରେ ପ୍ରଥମ ଚାକିରି କରିଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଥିବା ବୈଷ୍ଣବ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିବା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର କହିଥିଲେ ଯେ, ପୁରୀବାସୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ସେଥିପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, ରେଳ ମନ୍ତ୍ରୀ ଏବଂ ଭାଜପା ନେତୃବୃନ୍ଦଙ୍କୁ ଧନ୍ୟବାଦ। ୨୦୧୯ରେ ସେ ନିର୍ବାଚନ ଲଢ଼ିବା ସମୟରେ କୃଷ୍ଣପ୍ରସାଦ ଅଧିବାସୀ ସାତପଡ଼ାରୁ କୃଷ୍ଣପ୍ରସାଦ ମଧ୍ୟରେ ଏକ ବ୍ରିଜ୍ ଏବଂ ପୁରୀବାସୀ ସିଦ୍ଧମହାବୀର ଓଭରବ୍ରିଜ୍ ନିର୍ମାଣ ପାଇଁ ତାଙ୍କୁ କହିଥିଲେ। ଏନେଇ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ସାତପଡ଼ାଠାରୁ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ଫ୍ଲାଏଓଭର ବ୍ରିଜ୍ ଏବଂ ପୁରୀରେ ପୁରୀ-ମାଟିଆପଡ଼ା ସିଦ୍ଧମହାବୀର ଓଭରବ୍ରିଜ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ। ଏଥିପାଇଁ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।


**ADVERTISEMENT**

**UTKAL BALASHRAM**

**UNIT-2, AT/ P.O.- MAJHIGUDA, DIST.- NABARANGPUR**

**(Child Care Institution)**

**CONTRACTUAL APPOINTMENT**

Advertisement No. 20/UB/2024 Date: 15.02.2024

Applications are invited for engagement in vacancy posts of Utkal Balashram, Unit-2, At/P.O.- Majhiguda, Block- Nandahandi, Dist.- Nabarangpur on contractual basis under Mission Vatsalya Scheme. Application must be sent to Utkal Balashram, Unit-2, At/P.O.- Majhiguda, Dist.- Nabarangpur, Pin- 764059 through Registered / Speed Post only on or before 25.02.2024 by 5 P.M. The forms and details of posts and other terms & conditions of employment can be viewed in the district official website www.nabarangpur.nic.in.

Sd./- DSWO-cum-Secretary
Utkal Balashram, Unit-2, Majhiguda, Nabarangpur



**OFFICE OF THE CHIEF ENGINEER & BASIN MANAGER**
**TEL BASIN, BHAWANIPATNA**

DIST- Kalahandi, Odisha, Pin:766001
Email Id:cetelbasinbhp@gmail.com, Tel.No.06670-230209
"e" Procurement Notice No.CE&BM TEL-13/2023-24
Bid Identification No.CETEL-KID-03/2023-24

**Online tenders are invited from Super Class or Equivalent Grade Bidders on EPC Contract**

No.A- **NOTICE INVITING TENDER**

| Name of Work | Class/EMD/Tender Fee/ Period of Completion |
|---|---|
| NAME OF WORK: CONSTRUCTION OF UNDERGROUND PIPE LINE IRRIGATION SYSTEM FOR 5000 HA. OF CCA TO THE COMMAND AREA OF SANDUL BARRAGE PROJECT IN KALAHANDI DISTRICT OF ODISHA ON EPC-TURN KEY BASIS (UGPL) INCLUDING OPERATION AND MAINTENANCE OF COMPLETE COMMISSIONED PROJECT FOR FIVE YEARS. | 1) **Class of Contractor-** Super Class or Equivalent Grade Bidders (2) **EMD:** Online/offline (B.G.) (Rs.1,80,51,736/-) (3) **Tender Fee:** Rs.10,000.00 to be transferred online (non Refundable) (4) **Period of Completion:** 30 Calendar months including rainy seasons. |

A. Period of Availability of Bid document in the Portal : From 19.02.2024, 11.00 AM to 12.03.2024, 5.00 P.M.
B. Date & Time For Pre-Bid Conference : 28.02.2024, 11.00 A.M.
C. Last Date and Time for Receipt of Bid : 12.03.2024, 5.00 P.M.
D. Place of Sale & Receipt of Bid : Online through e-Procurement
E. Time and Date of Opening of Technical Bid : 13.03.2024, 11.00 A.M.
F. Place of Opening of Bid : O/o the CE & BM, Tel Basin, Bhawanipatna
G. Further details can be seen from E-Procurement Portal **"https://www.tendersodisha.gov.in.**

Sd./- Chief Engineer & Basin Manager
Tel Basin, Bhawanipatna
OIPR-32317/11/0015/2324


### ପ୍ରଥମ ପୃଷ୍ଠାରୁ...

## ଅଙ୍ଗଦାନ କରୁଥିବା...

ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଏହି ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ରେ ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁଜ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ଏସ୍‌ଓଟିଟିଓ) ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ 'ସୁରଜ' ପୁରସ୍କାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅଙ୍ଗଗୁଡ଼ିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥିସହିତ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କ ନିକଟତମ ଆତ୍ମୀୟଙ୍କୁ ସମ୍ମାନିତ କରୁଛନ୍ତି।

## ଆଜିଠୁ ଯୁକ୍ତ୨...

ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି, ପ୍ରଥମଦିନ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେବେ। ମୋଟ ୧୯ଟି ସିଟିଂରେ ପରୀକ୍ଷା ହେବ। ପ୍ରତ୍ୟେକ ଦିନ ଗୋଟିଏ ବିଷୟରେ ହିଁ ପରୀକ୍ଷା ହେବ। ଏହା ଭିତରେ ମାଟ୍ରିକ ପରୀକ୍ଷା ମଧ୍ୟ ଚାଲିବ। ତେଣୁ ସୂଚୀକୁ ଦେଖି ମାଟ୍ରିକ ପରୀକ୍ଷା ଯେଉଁଦିନ ରହିଛି ସେଦିନ ଯୁକ୍ତ୨ ପରୀକ୍ଷା ରଖାଯାଇ ନାହିଁ। ଏଥିପାଇଁ ସମସ୍ତ ପ୍ରସ୍ତୁତି ରହିଛି। ପ୍ରଥମ ୧୦ଟି ବିଷୟ ପରୀକ୍ଷାର ପ୍ରଶ୍ନପତ୍ର ପରୀକ୍ଷା ହବ୍‌ରେ ପହଞ୍ଚି ସାରିଥିବାବେଳେ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପ୍ରଶ୍ନପତ୍ର ବିଭ୍ରାଟ ହେବ ନାହିଁ ବୋଲି ସେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ଜଣ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ଜଣ ଏବଂ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ଓ ୧ ଲକ୍ଷ ୮୬ ହଜାର ୮୮୯ଜଣ ଛାତ୍ର ଅଛନ୍ତି। ସେହିଭଳି କଳାରେ ୨ ଲକ୍ଷ ୩୭ ହଜାର ୭୫୦, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ଜଣ ଏବଂ ଧନ୍ଦାମୂଳକରେ ୫ହଜାର ୭୯୧ଜଣ ପରୀକ୍ଷା ଦେବେ।


**ଜିଲ୍ଲା ପରିଷଦ, ନୟାଗଡ଼**

ଜିଲ୍ଲା: ନୟାଗଡ଼, ଦୂରଭାଷ: ୦୬୭୫୩-୨୫୨୦୫୧
E-mail: ori-dnayagarh@nic.in

ପତ୍ର ସଂଖ୍ୟା: ୫୩୪ ତାରିଖ: ୧୩।୦୨।୨୦୨୪

**ବିଜ୍ଞାପନ**

ଏତଦ୍ୱାରା ନୟାଗଡ଼ ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି, ଜବ୍‌କାର୍ଡଧାରୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତାର ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ, ସମନ୍ୱିତ ଶିଶୁ ବିକାଶ ଓ ମମତା ଆନୁକୂଲ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷ (ଦ୍ୱିତୀୟ ଚକ୍ର) ୦୧ ଏପ୍ରିଲ ୨୦୨୩ ମସିହାଠାରୁ ୩୦ ସେପ୍ଟେମ୍ବର ୨୦୨୩ ମସିହା ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ଏବଂ ୦୧ ଏପ୍ରିଲ ୨୦୨୨ ମସିହାଠାରୁ ୩୧ ମାର୍ଚ୍ଚ ୨୦୨୩ ମସିହା ପର୍ଯ୍ୟନ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ହୋଇଥିବା ସମସ୍ତ କାର୍ଯ୍ୟ/ବିତରଣ ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେ ଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସୁଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ।

| ପଞ୍ଚାୟତର ସମିତି ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୦.୦୦ଟିକା | ସ୍ଥାନ | କେଉଁ ପଦାଧିକାରୀ ଅଧ୍ୟକ୍ଷତା କରିବେ |
|---|---|---|---|
| ଭାପୁର | ୨୩।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭାପୁର | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ନୟାଗଡ଼ |
| ଦଶପଲ୍ଲା | ୨୦।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶପଲ୍ଲା | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ନୟାଗଡ଼ |
| ଗଣିଆଁ | ୨୨।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗଣିଆଁ | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନୟାଗଡ଼ |
| ଖଣ୍ଡପଡ଼ା | ୨୨।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା | ଉପ ଜିଲ୍ଲାପାଳ, ନୟାଗଡ଼ |
| ନୟାଗଡ଼ | ୨୧।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼ | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନୟାଗଡ଼ |
| ନୂଆଗାଁ | ୨୧।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୂଆଗାଁ | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ନୟାଗଡ଼ |
| ଓଡ଼ଗାଁ | ୨୭।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ଗାଁ | ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ନୟାଗଡ଼ |
| ରଣପୁର | ୨୩।୦୨।୨୦୨୪ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରଣପୁର | ଉପ ଜିଲ୍ଲାପାଳ, ନୟାଗଡ଼ |

ଦେବଦତ୍ତ ପଣ୍ଡା, ଓ.ପ୍ର.ସେ. (ଏସ୍)
ମୁଖ୍ୟ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନୟାଗଡ଼

ସ୍ୱାଦ୍ଧା ଦେବ ସିଂ
ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ



**ଜିଲ୍ଲା ପରିଷଦ, ସମ୍ବଲପୁର**

ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in

ପତ୍ର ସଂଖ୍ୟା: ୭୫୨/ଜିଲ୍ଲା ପରିଷଦ ତାରିଖ: ୧୩।୦୨।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ, ପିଏମ୍-ପୋଷଣ, ମମତା ଯୋଜନା, ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପିଏମ୍-ପୋଷଣ, ମମତା ଯୋଜନା, ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଆନୁକୂଲ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୬।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଧନକଉଡ଼ା | ତା୧୭।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |
| ଜମନକିରା | ତା୨୦।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଯୋମୁରା | ତା୨୧।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| କୁଚିଣ୍ଡା | ତା୨୨।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ମାନେଶ୍ୱର | ତା୨୩।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| ନାକଟିଦେଉଳ | ତା୨୭।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୨୮।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |
| ରେଙ୍ଗାଲି | ତା୨୯।୦୨।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./- ଜିଲ୍ଲାପାଳ-ତଥା-ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଡୁଡୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଡୁଡୁଲୁର ଜନ୍ମଦିନ ଶୁଭେଚ୍ଛା





**ସାଇଶ୍ରୀ ସାହୁ (ଡୁଡୁଲୁ)**
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ

ତୋର ନବମ ବାର୍ଷିକ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାରାଣୀଙ୍କ ନିକଟରେ ପ୍ରାର୍ଥନା। ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ; ଜେଜେବାପା, ଜେଜେମା, ଗୁଗୁଲୁ, ବୁବୁଲୁ, ଓ ପରିବାରବର୍ଗ ।

ଧ-୬୬୬୭୪

### 26th Marriage Anniversary



**Mrs. Sanjukta Moharana**
**with**
**Mr. Dusmant Kumar Moharana**
Capital Hospital, Bhubaneswar

With best wishes:- Babi, Barsha, Babu, Mama, Bapi, Pupun

ଧ-୨୫୪୩

# କ୍ୟାନ୍ସର ରୋଗୀଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା: ନବୀନ

## ବିଏସ୍ଏସ୍‌ସିସିଆର୍‌ଆଇ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨ (ଅଭୟ ଦାଶ)



ବୈଷୟିକ ଜ୍ଞାନକୌଶଳ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତିରେ ସଜ୍ଜିତ ଭୁବନେଶ୍ୱରର ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ବିଏସ୍ଏସ୍‌ସିସିଆର୍‌ଆଇ) ବିଶ୍ୱସ୍ତରୀୟ ମାନର ଚିକିତ୍ସା ସୁବିଧା କ୍ୟାନ୍‌ସର ରୋଗୀଙ୍କୁ ଯୋଗାଇଦେବ ବୋଲି ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଇନ୍‌ଫୋ ଭ୍ୟାଲି ବଡ ରଘୁନାଥପୁରଠାରେ ବିଏସ୍ଏସ୍‌ସିସିଆର୍‌ଆଇ (ବେଙ୍ଗାଲୁରୁର ଜଣାଶୁଣା ଘରୋଇ ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍‌ସର ଫାଉଣ୍ଡେଶନର ଏକ ୟୁନିଟ୍)ର ୭୫୦ ଶଯ୍ୟା ବିଶିଷ୍ଟ କର୍କଟ ଚିକିତ୍ସାଳୟକୁ ଗୁରୁବାର ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ସହ ଦେଶବାସୀଙ୍କ ସେବାରେ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବ୍ରତୋ ବାଗ୍‌ଚୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଆନ୍ତରିକତା ଯୋଗୁ ଆମେ ଏହି ହସ୍ପିଟାଲ ପ୍ରତିଷ୍ଠା କରିବା ପାଇଁ ସକ୍ଷମ ହୋଇଛୁ। ଆମ ରାଜ୍ୟର କ୍ୟାନ୍‌ସର ରୋଗୀମାନଙ୍କୁ ବିଶ୍ୱମାନର ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାର ୨୨ ଏକର ଜମି ଯୋଗାଇ ଦେଇଛନ୍ତି। ଓଡ଼ିଶାର କ୍ୟାନସର ରୋଗୀ ଆଉ ରାଜ୍ୟ ବାହାରକୁ ଯିବେ ନାହିଁ। ଏଠାରେ ରହି କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ହସ୍ପିଟାଲ ଓଡ଼ିଶା ତଥା ପୂର୍ବ ଭାରତରେ କ୍ୟାନ୍‌ସର ରୋଗୀଙ୍କୁ ଗୁଣାତ୍ମକ ମାନର ଚିକିତ୍ସା ସୁଲଭ ମୂଲ୍ୟରେ ପ୍ରଦାନ କରିବ। ଏପରିକି କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ। ଏହି ହସ୍ପିଟାଲ ମାଧ୍ୟମରେ ରାଜ୍ୟର ଏକ ତୃତୀୟାଂଶ କ୍ୟାନ୍‌ସର ରୋଗୀ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ବିଶେଷକରି ବାଗ୍‌ଚୀ ପରିବାର ଓ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟରର ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ କହିଥିଲେ, ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ମୋ ସରକାର ନିରନ୍ତର ଉଦ୍ୟମ କରିଆସୁଛି। ବିଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା କ୍ଷେତ୍ର ଭାବେ ପରିଗଣିତ ହୋଇଛି।

## CLASSIFIED DISPLAY

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE — GST 5%

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
**ADMISSION OPEN NOW**
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
**8926232634**
**9827166018**

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଷ୍ଟସିଦ୍ଧି ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୧୫।୨

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ବ୍ରାଣ୍ଡର ପ୍ରଥମ ରିଟେଲ ଅଳଙ୍କାର ଶୋ'ରୁମ୍ ଅଷ୍ଟସିଦ୍ଧି ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସାମାଜିକ କର୍ମୀ ପରଭିନ୍ ଖାନ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟସିଦ୍ଧ ଜୁଏଲର୍ସର ନିର୍ଦ୍ଦେଶିକା ସୁମିଷା ମେହରାଙ୍କ ସମେତ ପ୍ରିମଲ ମେହରା, ମନୋରମା ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଅଶୋକ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ରିଟେଲ ଶୋ'ରୁମ୍‌ରେ ସୁନା, ରୁପା ଓ ହୀରା ଅଳଙ୍କାରର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ଏଠାରେ ବିଭିନ୍ନ ପ୍ରକାର ସୁନା ଓ ରୁପାରେ ତିଆରି ଠାକୁର ମୂର୍ତ୍ତି ସହିତ ରତ୍ନ ପଥରରେ ଆକର୍ଷଣୀୟ ଭାବେ ଡିଜାଇନ ହୋଇଥିବା ମୁଦି ସୁଲଭ ମୂଲ୍ୟରେ ମିଳିପାରିବ ବୋଲି ଶୋ'ରୁମ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ନିଜ ପରିବାର ସହିତ ଥରେ ଅଷ୍ଟସିଦ୍ଧି ଜୁଏଲର୍ସର ଶୋ'ରୁମ୍‌କୁ ଆସନ୍ତୁ ଏବଂ ନିଜ ପସନ୍ଦର ଅଳଙ୍କାର ସୁଲଭ ମୂଲ୍ୟରେ କିଣନ୍ତୁ ବୋଲି ଶୋ'ରୁମ୍‌ର ନିର୍ଦ୍ଦେଶିକା ସୁମିଷା ମେହରା ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୨




ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ୪ ଦିନିଆ ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ- ୨୦୨୪ ଗୁରୁବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ, ଏମ୍ଏସ୍ଏମ୍‌ଇର ନିର୍ଦ୍ଦେଶକ ପଙ୍କଜ ଗୁପ୍ତା, ଏଏମ୍ଏନଏସ୍ ଇଣ୍ଡିଆର ହେଡ୍ (ମାଇନିଂ) ଅମିତ ଦୁବେ, ଓସ୍‌ମିର ଅଧ୍ୟକ୍ଷା ସାଲିନ ଅଗ୍ରୱାଲ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ ଓଡ଼ିଶା ଚାପ୍ଟରର ଚେୟାରମ୍ୟାନ୍ ଆର୍କିଟେକ୍ଟ ସ୍ୱପ୍ନାଦତ୍ତ ମହାନ୍ତି, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ରୋଜାଲିନ୍ ପାଟଶାଣୀ ମିଶ୍ର ଏବଂ ରୋଟାରି ଇଣ୍ଟରନ୍ୟାଶନାଲ-୩୨୬୨ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ-୨୦୨୪ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ୪ ଦିବସୀୟ ପ୍ରଦର୍ଶନୀ ୨୦୨୪ ଫେବୃଆରୀ ୧୮ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆଠାରେ ଦୈନିକ ସକାଳ ୧୧ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜ (ଓସ୍‌ମି), ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଅନ୍ୟାନ୍ୟ ବାଣିଜ୍ୟ ସଂସ୍ଥାଗୁଡ଼ିକର ସହଯୋଗରେ ଏହି ପ୍ରଦର୍ଶନୀ ବିଶ୍ୱର ଖଣି ସମ୍ବନ୍ଧୀୟ ଉତ୍ପାଦ, ସେବା ଏବଂ ଯୋଗାଣରେ ଅତ୍ୟାଧୁନିକ ଉନ୍ନତି ସମ୍ବନ୍ଧରେ ଆଲୋକପାତ କରିବ।

ଏ ସମ୍ପର୍କରେ ଫ୍ୟୁଚରେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ୱେଷୀ କହିଛନ୍ତି, ୨ୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀ ଓଡ଼ିଶାର ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ଅପାର ସମ୍ଭାବନାକୁ ଦର୍ଶାଇବା ପାଇଁ ଏକ ସର୍ବବୃହତ୍ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ।

**Classified Everyday**
**0674-2580101, 2549949**

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୫।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୮ (୫୮୭.୫୪) ପଏଣ୍ଟ ବଢ଼ି ୭୨,୦୫୦(୭୨,୦୫୦.୩୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୦(୬୦.୨୫) ପଏଣ୍ଟ ବୃଦ୍ଧି ଘଟି ୨୧,୯୧୧ (୨୧,୯୧୦.୭୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ସିଆର୍‌ଏମ୍ଏଫ୍‌ର ନ୍ୟୁ ଫଣ୍ଡ ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୨

କାନାରା ରୋବେକୋ ମ୍ୟୁଚୁଆଲ୍ ଫଣ୍ଡ (ସିଆର୍‌ଏମ୍ଏଫ୍) ର ନ୍ୟୁ ଫଣ୍ଡ 'କାନାରା ରୋବେକୋ ଉତ୍ପାଦନ ପାଣ୍ଠି'ର ସର୍ବଭାରତୀୟ ଉନ୍ମୋଚନ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ବିଶେଷକରି ଭାରତର ପରବର୍ତ୍ତୀ ଉତ୍ପାଦନ ହବ୍ ହେବାର ସମ୍ଭାବନାକୁ ସାକାର କରିବା ପାଇଁ କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଯୋଗାଣ ଆରମ୍ଭ କରିବାକୁ ଘୋଷଣା କରିଛି। ଏହି ପାଣ୍ଠି ହେଉଛି ଏକ ଖୋଲା ସମାପ୍ତ ଇକ୍ୱିଟି ସ୍କିମ୍, ଯାହା ଭାରତର ଉତ୍ପାଦନ ଥିମକୁ ପ୍ରତିନିଧିତ୍ୱ କରେ ଏବଂ ଏସ୍ଆଣ୍ଡପି ବିଏସ୍‌ଇ ଇଣ୍ଡିଆ ଉତ୍ପାଦନ ଟ୍ରାଇ ପାଇଁ ମାନଦଣ୍ଡ ହେବ। ଏହାର ଏନ୍ଏଫ୍‌ଓ ୨୦୨୪ ଫେବୃଆରୀ ୧୬ରେ ଖୋଲିବାକୁ ଯାଉଥିବାବେଳେ ଉତ୍ପାଦନ କ୍ଷେତ୍ରକୁ ଏହା ଏକ ଉତ୍ସର୍ଗୀକୃତ ଆବଣ୍ଟନ ଯୋଗାଇବା ପାଇଁ ମାଧ୍ୟମ ପ୍ରଦାନ କରିବା ସହିତ ଚଳିତ ବର୍ଷ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଖୋଲା ରହିବ।

ଏ ସମ୍ପର୍କରେ ସିଆର୍‌ଏମ୍ଏଫ୍‌ର ସିଇଓ ରଜନୀଶ ନରୁଲା କହିଛନ୍ତି, କାନାରା ରୋବେକୋ ଉତ୍ପାଦନ ପାଣ୍ଠି ଏକ ପ୍ରମୁଖ ମୁହୂର୍ତ୍ତରେ ବଜାରକୁ ପ୍ରବେଶ କରିଛି, ଯେତେବେଳେ ଭାରତରେ ମଧ୍ୟବିତ୍ତ ବର୍ଗର ବୃଦ୍ଧି ଏବଂ ଶ୍ରମିକଙ୍କ ସଂଖ୍ୟାରେ ଅଭିବୃଦ୍ଧି ଜାରି ରହିଛି। ଏପରିକି ଘରୋଇ ଚାହିଦା, ଅନୁକୂଳ ନୀତିସଂସ୍କାର, ଦୃଢ଼ ତଥା ବିସ୍ତୃତ କର୍ପୋରେଟ୍ ବାଲାନ୍ସ ଶିଟ୍ ଏବଂ ଏକ ସ୍ଥିର ରାଜନୈତିକ ପରିବେଶ ହେତୁ ଏହି ପାଣ୍ଠି ପ୍ରତିଷ୍ଠିତ ନିବେଶକମାନଙ୍କ ପାଇଁ ଉପଯୁକ୍ତ ହେବ।



**REAL ESTATE**

**SALE**

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। **(Bank Loan available) Excuse broker. 9437765989.** D-75902

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

**Ready to possess 2/3 BHK flats near Badagada Canal Road Mouza:- Meherpalli for sale. Bank finance available. Contact No.- 9861467987 & 9861336178.** D-2487

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CONSTRUCTION**

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**ACCOMMODATION**

Required commercial space/showroom 10'x10' at Ashok Nagar, Kharvelnagar, Sahid Nagar, Cuttack road. 9861033004. D-74717




Herbal full body massage by smart/expert therapist. Contact- 9124139069. D-75706

Full body massage in homely atmosphere in all therapy. Mob: 8114881641. D-73449

Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

"Only Ayurvedic body massage & Steam-Bath. 9861550765". D-2495

**LOST**

I Preeti Behera, D/o- Padmalochan Behera, R/o./Vill/P.O.- Tarkera, P.S.- Rajgangpur, Dist.- Sundargarh have passed the UG Degree Examination-2020 from Municipal Degree College, Uditnagar, Dist.- Sundargarh, that my Original CLC and Migration Certificate has been lost from Kutra Weekly Market on dt. 03.01. 2024 and after a long effort, It could not be traced out. D-2538

I, Sazid Khan, S/o- Sabir Khan of Village- Muslim Basti, Athmallik NAC, Angul declare that on dt. 06.02.2024 while I was on the way to my home from Madhapur by Motorcycle the Original Mutation (Patta) No.- 403/429, Mouza Kaintragarh, Tahasil/ SRO- Athmallik, Dist.- Angul has been lost somewhere. I could not find the said Mutation (Patta) after a thorough search. D-2540

**AFFIDAVIT**

I, Prasanta Kumar, Son of Keshab Chandra Sahu, resident of Ward No.-32, Professarapada, P.O.- College Square, P.S.- Mangalabag, Dist.- Cuttack-753003, Odisha declare by this affidavit No.-116 dtd.15.02.2024 that now onwards I shall be known as **PRASANT KUMAR** for all future purposes. D-2536

By virtue of an affidavit Sworn in the Court of Executive Magistrate, Bhadrak. Affidavit No. 2310, dated 13.02.2024. I have an LIC Policy bearing No- 584917058. I the deponent further declare that Ritarani Behera and Chandrabati Behera, W/o- Suresh Chandra Behera, Suresh Kumar Behera, Suresh Behera is same and one person. D-2539

By an affidavit before the Notary Public, Kendrapara I Swornarekha Swain, W/o- Prasan Kumar Mohanty, At/P.O.- Talasanga, Marshaghai, Kendrapara as Aadhaa xxxxxxx4272, but in Postal A/c No.- 3344890511 wrongly mentioned Swornarekha Mohanty. Therefore I shall be known as Swornarekha Swain for all purposes. D-2519

Sworn before P.K.Nayak, Notary Public, Kantabanji on 13.2.2024 bearing V.R.No. 368,Vol.I, I declare that in my Aadhaar Card my name spells as Pradeep Sahoo which is correct but in Bank of Baroda, Kantabanji S.B. Account my name spells as Pradip Sahu. Pradeep Sahoo and Pradip Sahu is one and same and I signed as Pradeep Sahoo in all purposes. D-2542

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପ୍ରସନ୍ନା ଧଳ**
ସ୍ୱାମୀ: ସଂଗ୍ରାମ କେଶରୀ ଧଳ
ପ୍ଲଟ ନଂ-୨୦୮୮, ଚିନ୍ତାମଣିଶ୍ୱର ଲେନ୍-୧, ଭୁବନେଶ୍ୱର

| ଆବିର୍ଭାବ: | ତିରୋଧାନ: |
|---|---|
| ୧୫/୦୩/୧୯୫୫ | ୧୧/୦୨/୨୦୨୪ |

ଆପଣ ଆମକୁ ଛାଡ଼ି ଚାଲି ଯାଇଛନ୍ତି ସତ, କିନ୍ତୁ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ପାଥେୟ ହେଉ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ : ପରିବାରବର୍ଗ

ଧ-୭୫୩୧୪







# ଖୋର୍ଦ୍ଧାରେ ଫୁଡ୍‌ପାର୍କ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

■ କାଳିବେଟି ଶିଳ୍ପ ପାର୍କ ଶିଳାନ୍ୟାସ କଲେ
■ ନୂଆ ଶିଳ୍ପାଞ୍ଚଳ ଯୁବଗୋଷ୍ଠୀ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ: ନବୀନ
■ ଡେରାସ, କାଳିବେଟି, ଭୁଇନପୁରଠାରେ ହେବ ବୃହତ୍ କର୍ମଜୀବୀ ମହିଳା ହଷ୍ଟେଲ




ଭୁବନେଶ୍ୱର,୧୫।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋର୍ଦ୍ଧାଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଖୋର୍ଦ୍ଧାଠାରେ ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଇଥିବା ନୂତନ ଫୁଡ୍‌ପାର୍କକୁ ମୁଖ୍ୟମନ୍ତ୍ରୀ ଗୁରୁବାର ଉଦ୍‌ଘାଟନ କରିଥିବା ବେଳେ କାଳିବେଟି ନିକଟରେ ନୂତନ ଶିଳ୍ପ ପାର୍କର ଶିଳାନ୍ୟାସ କରିଛନ୍ତି। ଫୁଡ୍‌ପାର୍କରେ ପେପ୍‌ସି, ନେସ୍‌ଲେ, ଇଣ୍ଡୋ ନିସିନ ଶିଳ୍ପ ସହ ସେମାନଙ୍କ ଅନ୍ୟାନ୍ୟ ଆନୁଷଙ୍ଗିକ ଫୁଡ୍ ୟୁନିଟ୍ ନିର୍ମାଣ କରିବେ। କାଳିବେଟିଠାରେ ପୋଷାକ ପ୍ରସ୍ତୁତକାରୀ କମ୍ପାନୀ, ଇପିକ, ମାସ୍ ହୋଲ୍ଡିଂସ, ଇଣ୍ଡିଆନ ଷ୍ଟିଚେସ୍ ଏବଂ ଅନ୍ୟାନ୍ୟ ବଡ଼ ବଡ଼ କମ୍ପାନୀ ସେମାନଙ୍କ ଶିଳ୍ପ ୟୁନିଟ୍ ସ୍ଥାପନ କରିବେ। ଏବେ ସୁଦ୍ଧା ୧୦ଟି ଶିଳ୍ପ ସଂସ୍ଥା ନିଜ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା କଠିନ ପରିଶ୍ରମର ଫଳସ୍ୱରୂପ ଉକ୍ତ ଶିଳ୍ପ ସଂସ୍ଥା ନିଜର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଉକ୍ତ କମ୍ପାନୀଗୁଡ଼ିକ ରାଜ୍ୟରେ ହଜାର ହଜାର ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଏଥିସହିତ ଶିଳ୍ପ ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧାବାସୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ଏହି ଶିଳ୍ପାଞ୍ଚଳରେ ରାଜ୍ୟ ସରକାର ୩ଟି ବୃହତ୍ କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ସେହି ହଷ୍ଟେଲଗୁଡ଼ିକ ଡେରାସ, କାଳିବେଟି ଏବଂ ଭୁଇନପୁରଠାରେ ନିର୍ମାଣ କରାଯିବ।

ଏହି କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଶିଳ୍ପ ସଂସ୍ଥାଗୁଡ଼ିକର ବରିଷ୍ଠ ବ୍ୟକ୍ତି, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧ ଆର୍‌ଟିଓଙ୍କଠୁ ମିଳିଲାଣି ୧୯ କୋଟିର ସମ୍ପତ୍ତି

## ଭୁବନେଶ୍ୱର, ବୌଦ୍ଧ, ଗଞ୍ଜାମର ୧୦ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ

ବୌଦ୍ଧ, (ଅଜିତ କୁମାର ବାରିକ)/ ଭୁବନେଶ୍ୱର,୧୫।୨ (ସତ୍ୟଜିତ୍ ରାଉତ)

ବଡ଼ ଶପିଂ ମଲ୍‌ରେ କମର୍ସିଆଲ୍ ଆଉଟଲେଟ୍ ଓ ଏକାଧିକ ଆପାର୍ଟମେଣ୍ଟରେ ଦାମୀ ଫ୍ଲାଟ୍। ଏପରିକି ରାଜ୍ୟ ବାହାରେ ଫ୍ଲାଟ୍ କିଣିବାକୁ ଦେଇଛନ୍ତି କୋଟି କୋଟି ଟଙ୍କା। କେବଳ ଏତିକି ନୁହେଁ, ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜମା ରାଶି ସହ ୧୯ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। ଗୁରୁବାର ଭିଜିଲାନ୍ସ ଜାଲରେ ଫସିବା ପରେ ବୌଦ୍ଧ ଜିଲା ଆର୍‌ଟିଓ ବସନ୍ତ କୁମାର ମହାପାତ୍ରଙ୍କ ଏଭଳି ଅମାପ ସମ୍ପତ୍ତିର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ବସନ୍ତଙ୍କ ଘର, ସରକାରୀ କାର୍ଯ୍ୟାଳୟ ସମେତ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବୌଦ୍ଧ ଓ ଗଞ୍ଜାମ ଜିଲାର ୧୦ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇ ଏସବୁ ସମ୍ପତ୍ତି ଠାବ ହୋଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ବସନ୍ତଙ୍କ ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ପୈତୃକ ଘର, ବୌଦ୍ଧ ରଜନପଲ୍ଲୀ ଜଗନ୍ନାଥବିହାରରେ ଥିବା ଭଡାଘର, ବ୍ରହ୍ମପୁର କମାପାଲିସ୍ଥିତ ସମ୍ପର୍କୀୟଙ୍କ ଘର, ବୌଦ୍ଧ ଆର୍‌ଟିଓ ଅଫିସ୍‌ସ୍ଥିତ ଚାମ୍ବର, ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ୱେଷ୍ଟ୍ ଏଣ୍ଡ୍ ଆପାର୍ଟମେଣ୍ଟସ୍ଥିତ ଏକ ଫ୍ଲାଟ୍ ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଯାଞ୍ଚରେ ଭିଜିଲାନ୍ସ ଟିମ୍‌ଗୁଡ଼ିକରେ ଦୁଇଜଣ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୬ ଇନ୍ସପେକ୍ଟରଙ୍କ ସହ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ପାହାଲସ୍ଥିତ ଉତ୍କଳ ସିଗ୍ନେଚରର ତୃତୀୟ ମହଲାରେ ୩ ହଜାର ବର୍ଗଫୁଟ ବିଶିଷ୍ଟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଫ୍ଲାଟ୍ (ନଂ.୩୦୭), ଭୁବନେଶ୍ୱର କଳ୍ପନା ଛକସ୍ଥିତ ଉତ୍କଳ କନିକା ଗାଲେରିଆରେ ଏଗ୍ରିମେଣ୍ଟ ଅନୁଯାୟୀ ୨ କୋଟି ଟଙ୍କାର ଦୁଇଟି କମର୍ସିଆଲ୍ ଶପିଂ କମ୍ପ୍ଲେକ୍ସ (ନଂ.୪,୫), କଳ୍ପନାଛକ ଉତ୍କଳ ରୟାଲ ରେସିଡେନ୍ସିର ୮ମ ମହଲାରେ ଏକ ୩ ବିଏଚ୍‌କେ ଫ୍ଲାଟ୍ (ନଂ,ବି/୮୩) ଠାବ ହୋଇଛି। ସେହିପରି ବସନ୍ତ ଭୁବନେଶ୍ୱର କଳାରାହାଙ୍ଗସ୍ଥିତ ଜେଡ୍-୧ ଇଷ୍ଟେଟ୍ ଆଇକନିକ୍ ଟାୱାରର ବ୍ଲକ୍-୪ରେ ଥିବା ୫ ବିଏଚ୍‌କେ ଫ୍ଲାଟ୍ (ନଂ.୨୫୦୪) କିଣିବାକୁ ଅଗ୍ରିମ ୧.୩୫ କୋଟି ଏବଂ ବେଙ୍ଗାଲୁରୁ ସିଟିସ୍ଥିତ ଓଜୋନ୍ ଏଲିଗାଣ୍ଟ ଆପାର୍ଟମେଣ୍ଟରେ ଫ୍ଲାଟ୍ (ନଂ.ଏଫ୍-୧୦୦୨) କିଣିବାକୁ ୮୮ ଲକ୍ଷ ଟଙ୍କା ଦେଇଥିବା ଭିଜିଲାନ୍ସ ଟିମ୍ ପ୍ରମାଣ ପାଇଛି। ତେବେ ଏସବୁର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ୩ କୋଟି ୯୦ ଲକ୍ଷ ୫୯ ହଜାର ଟଙ୍କାର ବ୍ୟାଙ୍କ, ଜୀବନବୀମା ଜମା, ବଣ୍ଡ ଦ୍ୱାରା ନିବେଶ ଓ ମ୍ୟୁଚୁଆଲ୍ ଫଣ୍ଡ ଠାବ ହୋଇଛି। ଏଥିସହ ବସନ୍ତଙ୍କ ଘରୁ ନଗଦ ୧ ଲକ୍ଷ ୧୬ ହଜାର ୭୦୦ ଟଙ୍କା, ୫୯୦ ଗ୍ରାମ ସୁନା ଅଳଙ୍କାର ଓ ୩୧୮ ଗ୍ରାମ୍ ରୁପା ଅଳଙ୍କାର, ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨ ବାଇକ ଏବଂ ଘରୋଇ ଆସବାବପତ୍ର ମିଳିଛି। ଭିଜିଲାନ୍ସ ପକ୍ଷରୁ ବସନ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି। ତେବେ ଠାବ ହୋଇଥିବା ବସନ୍ତଙ୍କ ସମ୍ପତ୍ତିର ପରିମାଣ ୧୯ କୋଟିରୁ ଊର୍ଦ୍ଧ୍ୱ ହେବ। ଚଢ଼ାଉ ଓ ଯାଞ୍ଚ ସରିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


ବସନ୍ତ କୁମାର ମହାପାତ୍ର

ବସନ୍ତ ୧୯୯୧ ମସିହା ସେପ୍ଟେମ୍ବର ୯ରେ ମେକାନିକାଲ୍ ଇଞ୍ଜିନିୟର ଭାବେ ରାଜ୍ୟ ସରକାରଙ୍କ ପରିବହନ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ସେ ୨୦୧୪ରେ ଜୁନିୟର ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ବାଲେଶ୍ୱର, କୋରାପୁଟ, ବରଗଡ ଏବଂ ଗଜପତି ଜିଲାରେ କାର୍ଯ୍ୟ କରିଥିଲେ। ତେବେ ୨୦୨୧ ଏପ୍ରିଲ ୮ରେ ସେ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇ ଭୁବନେଶ୍ୱର ଆର୍‌ଟିଓ-୨ରେ କାର୍ଯ୍ୟ କରିଥିଲେ। ୨୦୨୨ ମେ' ୧ରୁ ବୌଦ୍ଧ ଆର୍‌ଟିଓ ଭାବେ କାର୍ଯ୍ୟ କରୁଛନ୍ତି।

# ଶିଳ୍ପ କ୍ଷେତ୍ରରେ ଅନ୍ୟ ରାଜ୍ୟଠୁ ଆଗରେ ଓଡ଼ିଶା: ବିଜେଡି

■ ୭ ବର୍ଷରେ ୧୧.୬୩ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଛି

ଭୁବନେଶ୍ୱର,୧୫।୨(ଅନିଲ ଦାସ)

ଶିଳ୍ପାୟନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଥିବାରୁ ଓଡ଼ିଶାରେ ଗତ ୭ ବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ, ଗ୍ରୀନ୍ ହାଇଡ୍ରୋଜେନ, ଅକ୍ଷୟ ଶକ୍ତି, ଇଭି ଯାନ, ପ୍ଲାଷ୍ଟିକ ଓ କେମିକାଲ, ପର୍ଯ୍ୟଟନ ତଥା ମେଟାଲ ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ୧୧.୬୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏଥିଯୋଗୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜାତୀୟ ମୁଖପାତ୍ର ସଂତୃପ୍ତ ମିଶ୍ର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଆର୍‌ବିଆଇ ରିପୋର୍ଟ ଅନୁଯାୟୀ, ପୁଞ୍ଜି ନିବେଶ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିବା ବେଳେ ସିଏମ୍‌ଆଇ ଓ ସିଆଇଆଇ ରିପୋର୍ଟରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଗତ ୭ ବର୍ଷ ଭିତରେ ରପ୍ତାନି ପରିମାଣ ପାଖାପାଖି ଦୁଇ ଗୁଣ ହୋଇପାରିଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ସିମେଣ୍ଟ ଉତ୍ପାଦନ ୨୨ ଗୁଣା ବୃଦ୍ଧି ହେବା ସହ ଷ୍ଟିଲ୍ ଉତ୍ପାଦନରେ ପ୍ରାୟ ୧୫ ଗୁଣା ବୃଦ୍ଧି ହୋଇପାରିଛି । ଟେକ୍ସଟାଇଲ, କେମିକାଲ, ପ୍ଲାଷ୍ଟିକ, ଗ୍ରୀନ୍ ହାଇଡ୍ରୋଜେନ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବହୁ ବଡ଼ ବଡ଼ ପୁଞ୍ଜିନିବେଶକାରୀ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ବନ୍ଦର ପରିଚାଳନା କ୍ଷମତା ୨୦ ମେଟ୍ରିକ ଟନ୍‌ରୁ ବୃଦ୍ଧି ପାଇ ୧୭୬ ମେଟ୍ରିକ ଟନ୍‌ରେ ପହଞ୍ଚି ପାରିଛି । ରାଜ୍ୟ ସରକାର ଯୁବଶକ୍ତିର ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ଫଳରେ ନୂତନ ପୁଞ୍ଜିନିବେଶକାରୀମାନେ ରାଜ୍ୟର 'ଦକ୍ଷତା ବିକାଶ ବିଭାଗ' ସହିତ ସମନ୍ୱୟ ରକ୍ଷା କରି 'ସ୍କିଲ୍‌ଡ ଇନ୍ ଓଡ଼ିଶା' ମାଧ୍ୟମରେ ଯୁବଶକ୍ତିକୁ ନିଯୁକ୍ତି ମିଳିପାରୁଛି । ଶାସନରେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଫଳରେ ରାଜସ୍ୱ ବଳକା ରାଜ୍ୟ ହେବା ସହ ଓଡ଼ିଶା ଆଜି ଆର୍ଥିକ ପରିଚାଳନାରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିପାରିଛି । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ସୁଶାସନ ଲାଗି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ନିବେଶକମାନେ ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଆକୃଷ୍ଟ ହେଉଛନ୍ତି। ବ୍ୟାପକ ଶିଳ୍ପାୟନ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଲାଗି ଓଡ଼ିଶା ଅର୍ଥନୀତିକୁ ଶିଳ୍ପ କ୍ଷେତ୍ରରୁ ୪୧.୩ ପ୍ରତିଶତ ରାଜସ୍ୱ ମିଳିପାରୁଛି, ଯାହାକି ଅନ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ଶିଳ୍ପ କ୍ଷେତ୍ରରୁ ୨୮.୫ ପ୍ରତିଶତ ରାଜସ୍ୱ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗେଇ ଚାଲିଛି ବୋଲି ସଂତୃପ୍ତ କହିଛନ୍ତି ।




# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନ ଗୁରୁତର

■ ମାଓବାଦୀ ବିଛାଇଥିଲେ ଲ୍ୟାଣ୍ଡମାଇନ୍
■ ବୌଦ୍ଧ ଜିଲା କନ୍ଧମାଳ ଥାନା ବଲମତୁମା ଜଙ୍ଗଲରେ ବିସ୍ଫୋରଣ
■ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ହେଲା ସିଟି ସ୍କାନ୍
■ ଆହତ ଯବାନଙ୍କୁ ବଲାଙ୍ଗୀରରୁ ଏୟାରଲିଫ୍ଟ କରାଗଲା

ବଲାଙ୍ଗୀର/ କନ୍ଧମାଳ/ବୌଦ୍ଧ,୧୫।୨ (ବୀରେନ୍ଦ୍ର କୁମାର ଝାଙ୍କର/ ଆଦିତେଶ୍ୱର ମିଶ୍ର/ ଅଜିତ୍ ବାରିକ)

ବୌଦ୍ଧ ଜିଲା କନ୍ଧମାଳ ଥାନା ବଲମତୁମା ଜଙ୍ଗଲରେ ଗୁରୁବାର ସକାଳେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ଏସ୍‌ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ଆହତ ଯବାନ ହେଲେ ରସରାଜ ଶିରୋମଣି ନାଏକ ଓ ଉତ୍କଳ ପଟେଲ। ସେମାନଙ୍କୁ ପ୍ରଥମେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ଅପରାହ୍ଣରେ ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡ଼ିଆରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଏମ୍‌ସ୍ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଏହି ବିସ୍ଫୋରଣରେ କେକେବିଏନ୍ ମାଓବାଦୀଙ୍କ ହାତ ଥିବା ପୋଲିସ ସନ୍ଦେହ କରୁଛି । ଘଟଣାସ୍ଥଳକୁ ଅଧିକ ସୁରକ୍ଷା ବାହିନୀ ପଠାଯାଇଛି ବୋଲି ଏଡିଜି ଅପରେଶନ ଏସ୍.ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

କନ୍ଧମାଳ-ବୌଦ୍ଧ ଜିଲାର ସୀମାନ୍ତବର୍ତ୍ତୀ ବଲମତୁମା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ନେଇ ସ୍ପଷ୍ଟ ସୂଚନା ମିଳିବା ପରେ ଏସ୍‌ଓଜି ଯବାନଙ୍କ ପକ୍ଷରୁ ସକାଳେ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ଉକ୍ତ ଜଙ୍ଗଲ ଭିତରେ ମାଓବାଦୀ ବିଛାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଏସ୍‌ଓଜି ଯବାନ ରସରାଜ ଓ ଉତ୍କଳ ଗୁରୁତର ହୋଇ ପଡିଥିଲେ । ଜଣେ ଯବାନଙ୍କ ମୁଣ୍ଡ ଓ ଅନ୍ୟ ଜଣକ ଗୋଡରେ ଗୁରୁତର ଆଘାତ ଲାଗିଛି। ଖବରପାଇ କନ୍ଧମାଳ ପୋଲିସ ଡାକ୍ତରୀ ଟିମ୍ ସହ ଜଙ୍ଗଲକୁ ଯାଇଥିଲେ। ସେଠାରୁ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରେ ଉଚ୍ଚତର ଚିକିତ୍ସା ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଣାଯାଇଥିଲା। ସେଠାରେ ଉଭୟଙ୍କ ସିଟି ସ୍କାନ୍ କରାଯିବା ସହ ଅନ୍ୟାନ୍ୟ ଚିକିତ୍ସା କରାଯାଇଥିବା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସ୍ ସ୍ଥାନାନ୍ତର କରାଯାଇଛି।


ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଜଣେ ଆହତ ଯବାନଙ୍କୁ ନିଆଯାଉଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ | Bhubaneswar, Friday, February 16/ 2024

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ



ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

**ପୁରୁଷ ପ୍ରୋ ଲିଗ୍ ହକି**

**ବ୍ଲେକ୍ ଗୋଭର୍ସଙ୍କ ଡବଲ୍**

ଭୁବନେଶ୍ୱର,୧୫।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ପ୍ରୋ ଲିଗ୍ ହକିରେ ଅଷ୍ଟ୍ରେଲିଆ ନିକଟରୁ ସଂଘର୍ଷପୂର୍ଣ୍ଣ ୬-୪ ଗୋଲରେ ପରାଜିତ ହୋଇଛି ଭାରତ। ଅଷ୍ଟ୍ରେଲିଆ ପକ୍ଷରୁ ବ୍ଲେକ ଗୋଭର୍ସ (୨ ଓ ୨) ମିନିଟରେ ଡବଲ୍ ଗୋଲ ଦେଇଥିବା ବେଳେ ଆରନ ଜେଲସ୍କି(୪୦), ଶାର୍ପ ଲାଚଲାନ(୫୨), ଆଣ୍ଡରସନ୍ ଜାକବ୍(୫୫) ଓ ୱେଲ୍ଟ ଜ୍ୟାକ୍(୫୮) ମିନିଟରେ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଭାରତ ପାଇଁ ହରମନ୍‌ପ୍ରୀତ୍ ସିଂ(୧୨ ଓ ୨୦) ମିନିଟରେ ଦୁଇଟି ଗୋଲ ଦେଇଥିବା ବେଳେ ସୁଖଜିତ ସିଂ(୧୮) ଓ ମନଦୀପ ସିଂ(୨୯) ମିନିଟରେ ସ୍କୋର କରିଥିଲେ। ଚଳିତ ଲିଗ୍‌ରେ ଭାରତର ଏହା ପ୍ରଥମ ପରାଜୟ।

ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ପ୍ରଥମ ଦୁଇ ମିନିଟରେ ବ୍ଲେକ୍ ଗୋଭର୍ସ ଦୁଇଟି ଗୋଲ ଦେଇ ଭାରତକୁ ଚାପରେ ରଖିଥିଲେ। ୧୨ ତମ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ହରମନ୍‌ପ୍ରୀତ ଏଥିରୁ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୩ ଗୋଲ ସ୍କୋର କରିବା ସହ ୪-୨ରେ ଆଗୁଆ ରହିଥିଲା।

ତେବେ ତୃତୀୟ କ୍ୱାର୍ଟରରେ ଜେଲୱାସ୍କି ଆରନ ଅଷ୍ଟ୍ରେଲିଆ ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତ ରକ୍ଷାତ୍ମକ ଖେଳିଥିବା ବେଳେ ଅଷ୍ଟ୍ରେଲିଆ ଆକ୍ରମଣ କରିଥିଲା। ଏହି କ୍ୱାର୍ଟରରେ ୩ ଗୋଲ ଦେବା ସହ ମ୍ୟାଚକୁ ୬-୪ରେ ଜିତି ନେଇଥିଲା ଅଷ୍ଟ୍ରେଲିଆ। ଶାର୍ପ ଲାଚଲାନ ୫୨ମିନିଟରେ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ ମଧ୍ୟ ଆଣ୍ଡରସନ୍ ଜାକବ ଅଷ୍ଟ୍ରେଲିଆ ପାଇଁ ପଞ୍ଚମ ଗୋଲ ଦେଇଥିଲେ। ୱେଲ୍ଟ ଜ୍ୟାକ ୫୮ ମିନିଟରେ ଗୋଲ ଦେବା ସହ ଅଷ୍ଟ୍ରେଲିଆ ୬-୪ରେ ଜିତି ନେଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ।



ସ୍ପେନ୍ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଗୋଞ୍ଜାଲେଜଙ୍କ ଡବଲ୍‌ରେ ସ୍ପେନ୍ ବିଜୟୀ

ଭୁବନେଶ୍ୱର,୧୫।୨ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ପ୍ରୋ ଲିଗ୍ ହକିରେ ଆୟର୍ଲାଣ୍ଡକୁ ୪-୨ ଗୋଲରେ ପରାସ୍ତ କରିଛି ସ୍ପେନ୍। ଏନରିକ୍ ଗୋଞ୍ଜାଲେଜ୍(୧୩ ଓ ୫୭ ମିନିଟ) ଡବଲ୍ ଗୋଲ କରିଥିବା ବେଳେ ମାର୍କ ମିରାଲେସ୍(୧୮) ଓ ମାର୍କ ରେନ୍(୪୧) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ପକ୍ଷରୁ ନେଲସନ୍ ମାଥ୍ୟୁ(୨୪) ଓ କୋଲ୍ ଲି(୫୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ପ୍ରଥମ କ୍ୱାର୍ଟରର ୧୩ ତମ ମିନିଟରେ ଗୋଞ୍ଜାଲେଜ୍ ଏକମାତ୍ର ଫିଲ୍ଡ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୮ ତମ ମିନିଟରେ ମିରାଲେସଙ୍କ ଗୋଲରେ ସ୍ପେନ୍ ୨-୦ରେ ଆଗୁଆ ହୋଇଥିଲା। ତେବେ ଏହାର ୬ ମିନିଟ ମଧ୍ୟରେ ନେଲସନ୍ ମାଥ୍ୟୁ ଆୟର୍ଲାଣ୍ଡ ପକ୍ଷରୁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ତୃତୀୟ କ୍ୱାର୍ଟରରେ ମାର୍କ ରେନ୍ ଏକ ଗୋଲ୍ ଦେଇ ସ୍ପେନ୍‌କୁ ୩-୧ରେ ଆଗୁଆ କରିଥିଲେ। ଚତୁର୍ଥ କ୍ୱାର୍ଟରର ୫୨ ତମ ମିନିଟରେ ଆୟର୍ଲାଣ୍ଡକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। କୋଲ୍ ଲି ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ୩-୨ ସ୍ଥିତିକୁ ଆଣିଥିଲେ। ୫୭ ତମ ମିନିଟରେ ଏନରିକ୍ ଗୋଞ୍ଜାଲେଜ୍ ଆଉ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୪-୨ରେ ବିଜୟୀ କରିଥିଲେ।

## ଭାରତୀୟ ଦଳରୁ ରିଲିଜ ହେଲେ ମୁକେଶ କୁମାର

ରାଜକୋଟ, ୧୫।୨ (ପି.ଟି.)

ଏଠାରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ପେସ୍ ବୋଲର ମୁକେଶ କୁମାରଙ୍କୁ ଭାରତୀୟ କ୍ରିକେଟ ଦଳରୁ ରିଲିଜ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ଏ ବିଷୟରେ ସୂଚନା ଦିଆଯାଇଛି। ଶୁକ୍ରବାର ସେ ବେଙ୍ଗଲ ତରଫରୁ ବିହାର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ ଖେଳିବା ଲାଗି ତାଙ୍କୁ ଅନୁମତି ଦିଆଯାଇଛି। ଏହି ଡାହାଣହାତୀ ଖେଳାଳି ବିଶାଖାପାଟଣାରେ ଦ୍ୱିତୀୟ ଟେଷ୍ଟ ଖେଳିଥିଲେ। ଫେବୃୟାରୀ ୨୩ରେ ରାଞ୍ଚିରେ ଖେଳାଯିବାକୁଥିବା ଚତୁର୍ଥ ଟେଷ୍ଟ ମ୍ୟାଚ ପାଇଁ ସେ କିନ୍ତୁ ଭାରତୀୟ ଦଳରେ ଯୋଗଦେବେ। ଗୁରୁବାର ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟରେ ମୁକେଶଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ବଦଳ ଖେଳାଳି ଭାବେ ଚୂଡ଼ାନ୍ତ ଏକାଦଶରେ ନିଆଯାଇଛି।



ବିଶାଖାପାଟଣାରେ ୩୦ ବର୍ଷୀୟ ମୁକେଶ କୁମାରଙ୍କ ପ୍ରଦର୍ଶନ ପ୍ରଭାବୀ ନ ଥିଲା। ପ୍ରଥମ ଇନିଂସରେ ସେ ତାଙ୍କ ୭ ଓଭର ବୋଲିଂରେ ୪୪ ରନ ଦେଇଥିଲେ ହେଁ ଗୋଟିଏ ହେଲେ ଉଇକେଟ ନେବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟ ଇନିଂସରେ ସେ ୫ ଓଭର ବୋଲିଂ କରି ୨୬ରନରେ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡର ୧୦ ନମ୍ବର ବ୍ୟାଟର ଶୋଏବ ବଶିରଙ୍କୁ ସେ ଆଉଟ କରିଥିଲେ। ବେଙ୍ଗଲ-ବିହାର ରଣଜୀ ମ୍ୟାଚ ଇଡେନ ଗାର୍ଡେନ୍ସଠାରେ ଖେଳାଯିବ।

## ଓଡ଼ିଶା ମିନି ଗଲ୍ଫ ଟିମ୍‌ରେ ସୋଆ'ର ୬ ଛାତ୍ରୀଛାତ୍ର



ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋରଞ୍ଜନ ନାୟକଙ୍କ ସହ ମନୋନୀତ ଖେଳାଳି।

**ନ୍ୟାଶନାଲ ମିନି ଗଲ୍ଫ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୫।୨ (ବିଜୟ ରଣା)

ନାଗପୁରରେ ମାର୍ଚ୍ଚ ୩ରୁ ୬ ପର୍ଯ୍ୟନ୍ତ ହେବାକୁଥିବା ନ୍ୟାଶନାଲ ମିନି ଗଲ୍ଫ ଚାମ୍ପିୟନଶିପ୍(ଉଭୟ ପୁରୁଷ ଓ ମହିଳା) ଲାଗି ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ଶିକ୍ଷା 'ଓ' ଅନୁସନ୍ଧାନ(ସୋଆ)ରୁ ୬ ଛାତ୍ରୀଛାତ୍ର ଓ ଜଣେ ଫାକଲ୍ଟି ମେମ୍ବର ମନୋନୀତ ହୋଇଛନ୍ତି। ମନୋନୀତ ଖେଳାଳିମାନେ ହେଲେ ପୁରୁଷ ଦଳରେ ଭିନିତ ଦାସ, ଆଦିତ୍ୟ ରାଜ ଦୋରା ଓ ବାଦଲ ସାମଲ ଏବଂ ମହିଳା ଦଳରେ ଆଦ୍ୟାଶା ମିଶ୍ର, ଅମ୍ରିତା ଦାସ ଓ ଲିପ୍‌ସା ମହାନ୍ତି। ଓଡ଼ିଶା ମିନି ଗଲ୍ଫ ଆସୋସିଏଶନ ସୂତ୍ରରୁ ଏହା ଜଣାଯାଇଛି। ମହିଳା ଦଳର ସଦସ୍ୟା ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସ୍ମୃତିରେଖା ପଟ୍ଟନାୟକ ରହିଛନ୍ତି। ଏହି ଉପଲକ୍ଷେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ମନୋନୀତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ।

## ଚାଇନା ନିକଟରୁ ହାରିଲା ଭାରତ

ଶାହ ଆଲମ,୧୫।୨(ପି.ଟି.)

ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ଦଳ। ଗୁରୁବାର ଚାଇନା ନିକଟରୁ ଦଳ ୨-୩ରେ ପରାଜିତ ହୋଇଥିଲେ ହେଁ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଚ୍ ଏସ୍ ପ୍ରଣୟ ଓ ଲକ୍ଷ୍ୟ ସେନ୍ ସିଙ୍ଗଲ୍ସ ମ୍ୟାଚ୍ ଜିତି ଭାରତକୁ ୨-୦ରେ ଆଗୁଆ କରିଥିଲେ। ତେବେ ପରବର୍ତ୍ତୀ ୨ ମ୍ୟାଚ୍ ଜିତି ଚାଇନା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଅନ୍ତିମ ମ୍ୟାଚରେ ଜାତୀୟ ଚାମ୍ପିୟନ ଚିରାଗ ସେନ ପରାଜିତ ହେବା ଫଳରେ ଭାରତ ୩-୨ରେ ପରାସ୍ତ ହୋଇଥିଲା। ପୂର୍ବରୁ ବୁଧବାର ହଂକଂକୁ ୪-୧ରେ ହରାଇଥିବା ଭାରତ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ରିଜୱାନ ୧୭ବର୍ଷ ବାସନ୍ଦ

ଦୁବାଇ, ୧୫।୨ (ପି.ଟି.): ୟୁନାଇଟେଡ କିଙ୍ଗଡମ୍ (ୟୁକେ) ଭିତ୍ତିକ କ୍ଲବ କ୍ରିକେଟର ରିଜୱାନ ଜାଭେଦ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଖେଳର ସମସ୍ତ ଫର୍ମାଟରୁ ୧୭ ବର୍ଷ ୬ମାସ ବାସନ୍ଦ ହୋଇଛନ୍ତି। ୨୦୨୧ ଆବୁଧାବି ଟି୧୦ ଲିଗ୍ ବେଳେ ସେ ମ୍ୟାଚ୍ ଫିକ୍ସ କରିବା ଲାଗି ବିଭିନ୍ନ ଉପାୟରେ ଉଦ୍ୟମ କରିଥିଲେ ବୋଲି ଆଇସିସି ଜେନେରାଲ ମ୍ୟାନେଜର ଇଣ୍ଟିଗ୍ରିଟି, ଆଲେକ୍ସ ମାର୍ଶାଲ ପ୍ରକାଶ କରିଛନ୍ତି। ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଦୁର୍ନୀତି କିମ୍ବା କ୍ରିକେଟର ଭାବମୂର୍ତ୍ତିରେ ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟ କରିବାକୁ ଦୁଃସାହସ କରିବେ ନାହିଁ ବୋଲି ସେ କହିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆବୁଧାବି ଟି୧୦ ଟୁର୍ନାମେଣ୍ଟ ୨୦୧୭ରୁ ଖେଳାଯାଇ ଆସୁଅଛି। ଗତବର୍ଷ ସେପ୍ଟେମ୍ବରରେ ଯେଉଁ ୮ଜଣ ଖେଳାଳି ଓ ଅଫିସିଆଲଙ୍କ ବିରୋଧରେ ଇସିବି ତରଫରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଥିଲା, ସେମାନଙ୍କ ମଧ୍ୟରେ ରିଜୱାନ ଅନ୍ୟତମ ଥିଲେ। ଏହି ତାଲିକାରେ ବାଂଲାଦେଶ ଅଲରାଉଣ୍ଡର ନାସିର ହୋସେନଙ୍କ ନାମ ମଧ୍ୟ ସ୍ଥାନ ପାଇଥିଲା। ବର୍ତ୍ତମାନ ସେ ଦୁଇବର୍ଷ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ରିଜୱାନଙ୍କ ବିରୋଧରେ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ସେପ୍ଟେମ୍ବର ୧୯ରୁ ଲାଗୁ ହେବ।

## ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ କର: ବଜରଙ୍ଗ

ରାଜକୋଟ,୧୫।୨(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରେ ବାସନ୍ଦାଦେଶ ଆଉ ଥରେ ଜାରି କରିବା ପାଇଁ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଅନୁରୋଧ କରିଛନ୍ତି ବଜରଙ୍ଗ ପୁନିଆ। ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ ଖେଳାଳିମାନଙ୍କୁ ଭୟଭୀତ କରିବା ସହ ନିର୍ଯାତନା ଦେଉଥିବା ନେଇ ବଜରଙ୍ଗ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଡବ୍ଲ୍ୟୁଏଫ୍‌ଆଇ ଉପରୁ ନିଲମ୍ବନ ଆଦେଶକୁ ହଟାଇ ଦେଇଥିଲା ୟୁଡବ୍ଲ୍ୟୁଡବ୍ଲ୍ୟୁ। ପୂର୍ବରୁ ବୁଧବାର ଉଭୟ ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ଏହାକୁ ବିରୋଧ କରିବା ସହ ଆଉଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଧମକ ଦେଇଥିଲେ। ୟୁଡବ୍ଲ୍ୟୁଡବ୍ଲ୍ୟୁର ଏହି ନିଷ୍ପତ୍ତି ଭାରତୀୟ ରେସ୍‌ଲରଙ୍କୁ ବିପଦରେ ପକାଇଛି ଓ ଡବ୍ଲ୍ୟୁଏଫ୍‌ଆଇ ଅଧିକାରୀଙ୍କ ପାଖରେ ନିର୍ଯାତନା ଦେବାର ସୁଯୋଗ ସୃଷ୍ଟି କରିଛି ବୋଲି 'ଏକ୍ସ'ରେ ଲେଖିଥିଲେ ବଜରଙ୍ଗ।

ରେସ୍‌ଲର ଭାବେ ଆମେ ଏହି ନିଷ୍ପତ୍ତିକୁ ବିରୋଧ କରୁଛୁ ଓ ୟୁଡବ୍ଲ୍ୟୁଡବ୍ଲ୍ୟୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆମେ ଅନୁରୋଧ କରୁଛୁ ବୋଲି ବଜରଙ୍ଗ କହିଛନ୍ତି। ଭାରତୀୟ କୁସ୍ତିରେ ସ୍ୱଚ୍ଛତା ଆଣିବା ପାଇଁ ୟୁଡବ୍ଲ୍ୟୁଡବ୍ଲ୍ୟୁ ବିଚାର କରିବ ବୋଲି ଆମେ ଆଶା କରୁଛୁ। ଏକ ପତ୍ର ଲେଖି ସେ ଏଭଳି ଅନୁରୋଧ କରିଥିବା ବେଳେ ଏହାର ନକଲ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ମଧ୍ୟ ପଠାଇଛନ୍ତି।



ବଜରଙ୍ଗ ପୁନିଆ

## ନ୍ୟୁଜିଲାଣ୍ଡ ସମ୍ମୁଖରେ ବିଜୟ ଲକ୍ଷ୍ୟ ୨୬୭



ଡେଭିଡ୍ ବେଡିଙ୍ଗହାମ୍

ହାମିଲଟନ, ୧୫।୨(ଏପି)

ଡେଭିଡ୍ ବେଡିଙ୍ଗହାମ୍‌ଙ୍କ ପ୍ରଥମ ଟେଷ୍ଟ ଶତକ ସହାୟତାରେ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୬୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୪୦ ରନ ସଂଗ୍ରହ କରିଛି। ଆଉ ୨ ଦିନ ଖେଳ ବାକି ରହିଥିବା ବେଳେ ନ୍ୟୁଜିଲାଣ୍ଡ ଆହୁରି ୨୨୬ ରନ ପଛରେ ରହିଛି। କନୱେ ୧୪ତମ ଓଭରରେ ଅଫ୍-ସ୍ପିନର ଡେନ୍ ପିଡିଟ୍‌ଙ୍କ ୫ମ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଟମ୍ ଲଥାମ ୨୧ରନ କରି ଅପରାଜିତ ରହିଛନ୍ତି। ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଟପ୍ ସ୍କୋରର ବେଡିଙ୍ଗହାମ୍ ତାଙ୍କ ପ୍ରଥମ ଟେଷ୍ଟ ଶତକ ହାସଲ କରିବା ସହ କ୍ୟାରିୟର ଶ୍ରେଷ୍ଠ ୧୧୦ ରନ ସଂଗ୍ରହ କରିଥିଲେ। କିଗାନ ପିଟରସନ (୪୩ରନ)ଙ୍କ ସହ ତାଙ୍କର ୯୮ ରନର ପାର୍ଟନରଶିପ୍ ଯୋଗୁ ନ୍ୟୁଜିଲାଣ୍ଡ ପାଇଁ ଦକ୍ଷିଣ ଆଫ୍ରିକା ଏକ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଥିଲା। ଦକ୍ଷିଣ ଆଫ୍ରିକା ଏହାର ଶେଷ ୬ ଉଇକେଟ ମାତ୍ର ୩୩ ରନରେ ହରାଇ ବସିଥିଲା। ଏହା ପଛରେ ନ୍ୟୁଜିଲାଣ୍ଡର ଡେଙ୍ଗା ବୋଲର ୱିଲ୍ ଓ'ରୁର୍କିଙ୍କ ବିଶେଷ ଭୂମିକା ରହିଥିଲା। ସେ ମାତ୍ର ୩୪ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟ ପଦାର୍ପଣରେ ଜଣେ ନ୍ୟୁଜିଲାଣ୍ଡ ବୋଲର ହିସାବରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସରେ ଗ୍ଲେନ ଫିଲିପ୍ସ ୨ଟି ଉଇକେଟ ସହ ଦୁଇ କ୍ୟାଚ ନେଇ ଦକ୍ଷିଣ ଆଫ୍ରିକା ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଓ'ରୁର୍କି ମ୍ୟାଚର ଦୁଇଟି ଇନିଂସରେ ମୋଟ ୯୩ ରନ ଦେଇ ୯ଉଇକେଟ ଅକ୍ତିଆର କରିଛନ୍ତି, ଯାହା ଜଣେ ନ୍ୟୁଜିଲାଣ୍ଡ ଖେଳାଳି ହିସାବରେ ଟେଷ୍ଟ ପଦାର୍ପଣରେ ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୨। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୧୧। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୩୫ (ବେଡିଙ୍ଗହାମ୍-୧୧୦, କିଗାନ ପିଟରସନ-୪୩, ନିଲ୍ ବ୍ରାଣ୍ଡ-୩୪ ; ୱିଲିୟମ ରୁର୍କି-୫/୩୪, ଗ୍ଲେନ ଫିଲିପ୍ସ-୨/୫୦)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୪୦/୧।

## ମହିଳା ପ୍ରୋ ଲିଗ୍ ହକି: ଅଷ୍ଟ୍ରେଲିଆର ବୃହତ୍ ବିଜୟ

ରାଉରକେଲା,୧୫।୨ (ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମହିଳା ହକି ପ୍ରୋ ଲିଗ୍‌ର ୧୩ତମ ମ୍ୟାଚ୍ ଗୁରୁବାର ଆମେରିକାକୁ ୪-୦ ଗୋଲରେ ହରାଇ ବୃହତ୍ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ଏନ୍‌ଆଇଟି ନିର୍ଦ୍ଦେଶକ କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଷ୍ଟ୍ରେଲିଆ ଦଳ ଖେଳ ଆରମ୍ଭରେ ୟୁଏସ୍‌ଏ ବିପକ୍ଷରେ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରର ସପ୍ତମ ମିନିଟ୍‌ରେ ଫରୱାର୍ଡ ଖେଳାଳି ଏଲିସି ଆରନଟ୍ ପ୍ରଥମ ଗୋଲ ମାରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ଅଷ୍ଟ୍ରେଲିଆ ଦଳ ଏହି ମ୍ୟାଚ୍‌ରେ ବାରମ୍ବାର ୟୁଏସ୍‌ଏ ଉପରେ ଚାପ ପକାଇ ଦ୍ୱିତୀୟ କାର୍ଟରର ୨୧ ମିନିଟ୍‌ରେ ପେନାଲ୍‌ଟି ସୁଯୋଗ ପାଇଥିବାବେଳେ ଫରୱାର୍ଡ ଖେଳାଳି ମାଡିସନ୍ ବ୍ରୁକ୍ସ ଦ୍ୱିତୀୟ ଗୋଲ ୟୁଏସ୍‌ଏ ବିପକ୍ଷରେ ଦେଇଥିଲେ। ସେହିପରି ଖେଳର ଦ୍ୱିତୀୟ କ୍ୱାର୍ଟରର ୩୦ ମିନିଟ୍‌ରେ ରେବେକା ଗ୍ରୀନର ତୃତୀୟ ଗୋଲ ଓ ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ କ୍ଲେରି କଲଉୟିଲ ୪ର୍ଥ ଗୋଲ ମାରି ଦଳକୁ ବିଜୟୀ କରାଇଥିଲେ। ଅଷ୍ଟ୍ରେଲିଆର ରେବେକା ଗ୍ରୀନରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।



ଅଷ୍ଟ୍ରେଲିଆ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ନେଦରଲାଣ୍ଡ୍ସ ଅପରାଜେୟ

ରାଉରକେଲା,୧୫।୨ (ଦିନେଶ ମିଶ୍ର)

ଗୁରୁବାର ମହିଳା ହକି ପ୍ରୋ ଲିଗ୍ ମ୍ୟାଚର ୧୪ତମ ମ୍ୟାଚ୍‌ରେ ଚାଇନାକୁ ୪-୨ ଗୋଲରେ ହରାଇ ଅପରାଜେୟ ଧାରା ବଜାୟ ରଖିଛି ନେଦରଲାଣ୍ଡ୍ସ। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଓ ଲାଜରୁସ ବାର୍ଲା ଅତିଥି ଭାବେ ଯୋଗ ଦେଇଥିଲେ। ନେଦରଲାଣ୍ଡ୍ସ ଦଳ ପ୍ରଥମରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ମ୍ୟାଚର ପ୍ରଥମ କ୍ୱାର୍ଟରର ୨ଟି ଗୋଲ ଦେଇଥିଲା। ପ୍ରଥମ ଗୋଲ ମ୍ୟାଚ୍‌ର ୮ ମିନିଟ୍‌ରେ ଜୋସଜେ ବର୍ଗ ଓ ୧୨ ମିନିଟ୍‌ରେ ଭାନ୍ ଡର ଏଲଷ୍ଟ ଫେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୫ ମିନିଟ୍‌ରେ ଚାଇନା ଦଳର ଅନହୁଇ ଇହୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ନେଦରଲାଣ୍ଡ୍ସର ୟିବି ଜାନ୍‌ସେନ୍ ମ୍ୟାଚର ତୃତୀୟ କ୍ୱାର୍ଟରର ୩୪ ମିନିଟ୍‌ରେ ପୁଣି ଗୋଟିଏ ଗୋଲ ମାରିଥିବାବେଳେ ୩୯ ମିନିଟ୍‌ରେ ଫେଲସି ଅଲବର୍ସ ଗୋଟିଏ ଗୋଲ ଦେଇ ଦଳକୁ ଆଗୁଆ ରଖିଥିଲେ। ମ୍ୟାଚ୍ ଶେଷ ହେବାକୁ ୧ ମିନିଟ ଥିବା ବେଳେ ବିଙ୍ଗ୍‌ଫେଙ୍ଗ ଗୁ ଗୋଟିଏ ଗୋଲ ମାରିଥିଲେ। ଲିସା ପୋଷ୍ଟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୧୧ଟି ମ୍ୟାଚ ଖେଳି ସମସ୍ତ ମ୍ୟାଚ୍ ଜିତି ଏକ ନମ୍ବର ସ୍ଥାନ ବଜାୟ ରଖିଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

DSPL - 656

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

" ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ "

Naveen Patnaik
Chief Minister, Odisha





## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପାରାଦୀପ ରେ ୩ ଟି ନୂତନ ପ୍ରକଳ୍ପ ର ଶିଳାନ୍ୟାସ

| JSW Utkal Steel Limited | ReNew E-Fuels Private Ltd | Silox India Private Limited |
|---|---|---|
| ୧୩.୨ MTPA ଇଣ୍ଟଗ୍ରେଟେଡ୍ ଷ୍ଟିଲ୍ କାରଖାନା ଏବଂ ୫୨ MTPA କାପ୍ଟିଭ୍ ଜେଟି | ୧.୧୯୫ MTPA ଗ୍ରୀନ ଆମୋନିଆ କାରଖାନା | ୨୫,୦୦୦ MTPA ଅତ୍ୟାଧୁନିକ ରାସାୟନିକ କାରଖାନା |
| ୬୫,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ | ୨୨,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ | ୫୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ |
| ୩୦,୦୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି | ୪,୦୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି | ୮୧୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି |

୧୬ ଫେବୃଆରୀ ୨୦୨୪

COME. JOIN THE JUGGERNAUT.

OIPR-14005/13/0049/2324

ScarecrowM&CSaatchi/2024/Feb

Email us at: info@investodisha.org
For any queries or inquiries give a missed call on: 01732351508
Please visit http://www.investodisha.gov.in/
Follow us on @investInOdisha /InvestOdisha

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ | Bhubaneswar, Friday, February 16/2024



**ସ୍ତ୍ରୀଙ୍କ ବିରୋଧରେ ଥାନାରେ ନୀତୀଶ ଭରଦ୍ୱାଜ**
ଅଭିନେତା ନୀତୀଶ ଭରଦ୍ୱାଜ ସ୍ତ୍ରୀ ସ୍ମିତାଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୦୪

୦୬ **ଏଲିଟ୍ କ୍ଲବରେ ଜାଡେଜା**
ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତୃତୀୟ ଭାରତୀୟ କ୍ରିକେଟର ଭାବେ ୩୦୦୦ ରନ୍ ଓ ୨୦୦ ଉଇକେଟ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି।



# ଉତ୍ତମ ଯୋଗାଯୋଗ ବିକାଶର ଆଧାର: ମୁଖ୍ୟମନ୍ତ୍ରୀ





**'ଆମ ବସ୍‌ଷ୍ଟାଣ୍ଡ' ଯୋଜନା**

- ୧୩ ଜିଲାରେ ୨୦ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପିତ
- ବସ୍‌ଷ୍ଟାଣ୍ଡଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କ ଅନୁରୋଧ

ଭୁବନେଶ୍ୱର,୧୫।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ୧୩ ଜିଲାରେ ୨୦ଟି ନବନିର୍ମିତ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହି ଜିଲାଗୁଡ଼ିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୋଗାଯୋଗ ହେଉଛି ବିକାଶର ଆଧାର। ଏହା ହେଉଛି ଅର୍ଥନୀତିର ମୁଖ୍ୟ ଶକ୍ତି। ଗାଁରୁ ସହର ସବୁଆଡ଼େ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ରହିଛି। ୫-ଟି ଉପକ୍ରମରେ ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନ ବ୍ୟବସ୍ଥାର ବିକାଶ କରାଯାଉଛି। ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ ସହ ଯୋଡ଼ାଯାଉଛି। ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି। ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢ଼ିବା ସହ ଚାଷୀମାନେ ଲାଭବାନ ହେବେ। ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ସେ କହିଛନ୍ତି। ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ଧୀରେ ଧୀରେ ବିକଶିତ ହେବ। ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ। ସାଧାରଣ ପରିବହନ ଭିତ୍ତିଭୂମିକୁ ମଜଭୁତ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସମସ୍ତଙ୍କୁ ସଚେତନ କରିବା ଆବଶ୍ୟକ। ନୂଆ ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଗ ନେଇ ତୃତୀୟ ମହଲା କନ୍‌ଫରେନ୍ସ ହଲ୍‌ରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ନୂଆପଡ଼ାଠାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ମୁନିଗୁଡ଼ାଠାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ହରଭଙ୍ଗାଠାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନୂଆ ବସ୍‌ଷ୍ଟାଣ୍ଡ ମାଧ୍ୟମରେ ଜନସାଧାରଣଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ପରିବହନ ସେବା କ୍ଷେତ୍ରରେ ମାଇଲଖୁଣ୍ଟ ବୋଲି କହିଛନ୍ତି।

କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଗୋଟିଏ ସହରର ପରିଚୟ ସୃଷ୍ଟି ପାଇଁ ବସ୍‌ଷ୍ଟାଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ଜନସାଧାରଣଙ୍କ ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଉପକ୍ରମରେ ନିଆଯାଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭୋଗରାଇଠାରେ ବିଧାୟକ ଅନନ୍ତ ଦାସ, ସିମିଳିଗୁଡ଼ାଠାରେ ବିଧାୟକ ରଘୁରାମ ପଡ଼ାଲ, ବୀରମହାରାଜପୁରଠାରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ କହିଛନ୍ତି ଯେ ନୂଆ ବସ୍‌ଷ୍ଟାଣ୍ଡ ଦ୍ୱାରା ସାଧାରଣ ଲୋକଙ୍କର ଗମନାଗମନ ବ୍ୟବସ୍ଥାରେ ଯେଉଁ ଅସୁବିଧା ଥିଲା ତାହା ଦୂର ହୋଇଛି। ଜନସାଧାରଣଙ୍କ ପାଇଁ ଏଭଳି ସୁବିଧାସୁଯୋଗ ଆଣି ଦେଇଥିବା ହେତୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ଗଜପତି ଜିଲା ନୂଆଗଡ଼ 'ଆମ ବସ୍‌ଷ୍ଟାଣ୍ଡ'ରୁ ସ୍ଥାନୀୟ ବାସିନ୍ଦା ଆର୍ମିଏଲ ଏକ୍କା ଏବଂ କେନ୍ଦୁଝର ଜିଲା ହରିଚନ୍ଦନପୁର ଯୁକ୍ତ୩ ଛାତ୍ରୀ ଲକି ସାହୁ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଆମ ପାଇଁ ଏଭଳି ବସ୍‌ଷ୍ଟାଣ୍ଡ କରିଛନ୍ତି, ଯାହା ବଡ଼ ବଡ଼ ସହରରେ ଦେଖିବାକୁ ମିଳିଥାଏ। ଏଥିପାଇଁ ଆମେ ବହୁତ ଖୁସି ଓ କୃତଜ୍ଞ। ଲକି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଜରିଆରେ ମୋ ଭଳି ଅନେକ ଛାତ୍ରୀଛାତ୍ରଙ୍କର ସ୍କୁଲ, କଲେଜ ଯିବାଆସିବା ସମସ୍ୟା ଦୂର ହୋଇଛି। ଗରିବ ଘରର ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ବହୁତ ବଡ଼ ଉପହାର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ଓଏସ୍‌ଆର୍‌ଟିସିର ସିଏମ୍‌ଡି ଦୀପ୍ତେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ପାଇଁ ୬, ୬୦୦ କୋଟିର ପ୍ରକଳ୍ପ



କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ (ବାମରୁ), ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ।

- ୨୮ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ କଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀ
- ସିଦ୍ଧମହାବୀର ରେଳ ଓଭରବ୍ରିଜ, ସାତପଡ଼ା-ଜହ୍ନିକୁଦା ବ୍ରିଜ୍ ନିର୍ମାଣ ହେବ
- ୨୫୦୦୦ କୋଟିରେ ୩ ଇକୋନୋମିକ କରିଡରର ପରିଯୋଜନା

ପୁରୀ,୧୫।୨(ଅଜିତ୍ ମହାନ୍ତି)

ଓଡ଼ିଶାକୁ ୬ହଜାର ୬ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି ମୋଦି ସରକାର। ଗୁରୁବାର ପୁରୀ ଶରଧାବାଲିଠାରେ ଆୟୋଜିତ ରାଷ୍ଟ୍ରୀୟ ରାଜମାର୍ଗ ପରିଯୋଜନା କାର୍ଯ୍ୟକ୍ରମ ଅନ୍ତର୍ଗତ ୨୮ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇ ଏହି ୬୬୦୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଓ ଭୂମିପୂଜନ କରିଛନ୍ତି। ଏହା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ସଂଯୋଗୀକରଣକୁ ସୁଦୃଢ଼ କରିବା ପାଇଁ ଲାଭଦାୟକ ହେବ ବୋଲି ଗଡ଼କାରୀ ତାଙ୍କ ଅଭିଭାଷଣରେ କହିଛନ୍ତି।

୧୮୬ କି.ମି. ପରିବ୍ୟାପ୍ତ ୨ଟି ପ୍ରକଳ୍ପ ସହ ୩୮୨୮ କୋଟି ଟଙ୍କାର ୨୪୩ କି.ମି. ପରିବ୍ୟାପ୍ତ ୨୬ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଦୀର୍ଘଦିନ ଧରି ଲୋକଙ୍କ ପ୍ରମୁଖ ଦାବି ରହିଥିବା ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ ସହ କୃଷ୍ଣପ୍ରସାଦ ବ୍ଲକ୍‌ର ଲକ୍ଷ ଲକ୍ଷ ଲୋକଙ୍କୁ ଯୋଡ଼ିବାକୁ ସାତପଡ଼ା-ଜହ୍ନିକୁଦା ବ୍ରିଜ ନିର୍ମାଣ କରାଯିବ ବୋଲି ଗଡ୍‌କରୀ ଏହି ଅବସରରେ ଘୋଷଣା କରିଛନ୍ତି। ଲୋକାର୍ପିତ ଦୁଇଟି ପ୍ରକଳ୍ପ ମଧ୍ୟରେ ୧୫୨୨ କୋଟିର ୭୪ କି.ମି. ପରିବ୍ୟାପ୍ତ ଏନ୍‌ଏଚ୍-୧୬ର ଚଣ୍ଡିଖୋଲରୁ ଭଦ୍ରକ ଯାଏ ୬ଲେନିଂ ରାସ୍ତା ଏବଂ ୧୧୦୨.୬୩ କୋଟିର ୧୧୧ କି.ମି. ପରିବ୍ୟାପ୍ତ ଏନଏଚ୍-୪୯ର ବାହାରଗୋଡା-ସିଙ୍ଘରା ଯାଏ ୪ ଲେନିଂ ରାସ୍ତା ରହିଛି। ସେହିପରି ୨୬ଟି ପ୍ରମୁଖ ଏନ୍‌ଏଚ୍ ପ୍ରକଳ୍ପ ପାଇଁ ଭୂମି ପୂଜା କରାଯାଇଛି। ଏନ୍‌ଏଚ୍-୧୬ରେ ଛତ୍ରପୁରରୁ ଗୋପାଳପୁର ବନ୍ଦର ଯାଏ ପ୍ରକଳ୍ପ କାମ, ଏନ୍‌ଏଚ୍-୫୭ରେ ନୟାଗଡ଼ ଟାଉନ ବାଇପାସ୍ ନିର୍ମାଣ କାମ, ଖୋର୍ଦ୍ଧା ଟାଉନ ଓ ବାଘମାରୀ ଟାଉନ୍ ବାଇପାସ୍ କାମ, ଏନ୍‌ଏଚ୍-୨୬ରେ ଜୟପୁର ଟାଉନ୍ ଓ ବୋରିଗୁମ୍ମା ଟାଉନ ଖଣ୍ଡର ବାଇପାସ୍ କାମ, ଏନ୍‌ଏଚ୍-୬୩ରେ କୋଟପାଡ଼ ଟାଉନ ବାଇପାସ୍ କାମ, ଏନ୍‌ଏଚ୍-୫୩ରେ ରିଆମାଳ ବାଇପାସ କାମ, ଏନ୍‌ଏଚ୍-୧୫୭ରେ କଳିଙ୍ଗ ଘାଟି ପ୍ରଶସ୍ତୀକରଣ, ଏନ୍‌ଏଚ୍-୨୨୦ରେ କରଞ୍ଜିଆରୁ ପାଟନା ଖଣ୍ଡର ପ୍ରଶସ୍ତୀକରଣ, ଏନ୍‌ଏଚ୍-୨୬ର କୋରାପୁଟ- ସୁନଜୀ ଖଣ୍ଡରେ ୪ଟି କଲଭର୍ଟ ତିଆରି କାମ ଭଳି ମେଗା ପ୍ରକଳ୍ପ ଗୁଡ଼ିକର ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏଥିସହିତ ୨୫୦୦୦ କୋଟିରେ ୩ଟି ଇକୋନୋମିକ କରିଡରର ମଧ୍ୟ ପରିଯୋଜନା କରାଯାଇଛି। ଆଗାମୀ ଦିନରେ ମାର୍ଚ୍ଚ ୨୪ରୁ ଭୁବନେଶ୍ୱରରେ ରିଙ୍ଗ ରୋଡ ନିର୍ମାଣ ଆରମ୍ଭ ହେବ। ୬୨୫୩ କୋଟିରେ ୧୧୧ କି.ମି. ପରିବ୍ୟାପ୍ତ ୬ ଲେନିଂ ରାସ୍ତା ନିର୍ମାଣ କରାଯିବ। ଫେଜ୍-୧ରେ ରାମେଶ୍ୱରରୁ ଗୋବିନ୍ଦପୁର ୪୦୨୬ କୋଟି ବ୍ୟୟରେ ୭୧ କି.ମି. ପରିବ୍ୟାପ୍ତ ୬ ଲେନ୍ ଏବଂ ଗୋବିନ୍ଦପୁରରୁ ଟାଙ୍ଗୀ ପ୍ରାୟ ୨୨୨୭ କୋଟିରେ ୪୦ କି.ମି. ୬ଲେନ ରାସ୍ତା ହେବ। ଫଳରେ ଭୁବନେଶ୍ୱର-ଖୋର୍ଦ୍ଧା-କଟକ ସଂଯୋଗୀକରଣ ସହ ଦେଢ଼ ଘଣ୍ଟା ସମୟ ବଞ୍ଚାଯାଇପାରିବ ବୋଲି ଗଡ୍‌କରୀ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ବରିଷ୍ଠ ନେତା ଶଙ୍କର ପରିଡ଼ା, ମଧୁସୂଦନ ସିଂହାରୀ, ନେତ୍ରୀ ପ୍ରଭାତୀ ପରିଡା, ଉପାସନା ମହାପାତ୍ର ଏବଂ ଯୁବନେତା ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘରେ ଇଡି ଚଢ଼ାଉ

**ଭଦ୍ରକ, ଭୁବନେଶ୍ୱରର ୧୦ ସ୍ଥାନରେ ଯାଞ୍ଚ**



ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସାନ ବଜାରସ୍ଥିତ ଘର।

ଭଦ୍ରକ/ଭୁବନେଶ୍ୱର, ୧୫।୨
(ସନାତନ ରାଉତ/ ସତ୍ୟଜିତ୍ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଘରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ ହୋଇଛି। ଭଦ୍ରକ ଜିଲାର ୬ଟି ଓ ଭୁବନେଶ୍ୱରର ୪ଟି ସ୍ଥାନକୁ ମିଶାଇ ରାଜ୍ୟର ମୋଟ ୧୦ଟି ସ୍ଥାନରେ କେନ୍ଦ୍ରୀୟ ସୁରକ୍ଷା ବଳ ସହଯୋଗରେ ଇଡି ଅଧିକାରୀମାନେ ଏକକାଳୀନ ଯାଞ୍ଚ କରିଛନ୍ତି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଦୁର୍ନୀତି ମାମଲାରେ ଇଡି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। କଲେଜ ନାଁରେ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ପୂର୍ବରୁ ଅଭିଯୋଗ ରହିଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଭଦ୍ରକ ସହର ନୂଆବଜାରସ୍ଥିତ ବିଧାୟକଙ୍କ ବାସଭବନ, ସାନ ବଜାରସ୍ଥିତ ଘର, ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଘର, ବରପଦା ଇଞ୍ଜିନିୟରିଂ କଲେଜ, ଟ୍ୟାକ୍ସ ଆଡ୍‌ଭୋକେଟ, କଲେଜ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ମନୋଜ ଗୋସ୍ୱାମୀଙ୍କ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନ ଏବଂ ଦୁର୍ନୀତି ଲିଙ୍କ୍‌ରେ ଥିବା 'କ୍ରିଷ୍ଣା ସ୍କାଏସ୍କ୍ରାପର୍ ଲିଃ' କମ୍ପାନୀ ନିର୍ଦ୍ଦେଶକଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଘର ଆଦି ରହିଛି। ଯାଞ୍ଚ ସମୟରେ ଇଡି ଅଧିକାରୀମାନେ ମାମଲା ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି।

ବରପଦା ଇଞ୍ଜିନିୟରିଂ କଲେଜ ପୂର୍ବରୁ ସରକାରୀ କଲେଜ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ଘରୋଇକରଣ କରାଯାଇ ସୋସାଇଟି ଜରିଆରେ ପରିଚାଳନା କରାଯାଉଥିଲା। ୨୦୦୮ରୁ କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱ ବିଧାୟକ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ତୁଲାଉଛନ୍ତି। ତେବେ କଲେଜ ନାଁରେ ଏକାଧିକ ଦାମୀ ଗାଡ଼ି କିଣାଯିବା ଏବଂ ଏକାଧିକ ପ୍ଲଟ୍ କିଣାଯାଇ ବହୁ ଟଙ୍କା ହଡ଼ପ ହୋଇଥିବା ନେଇ କଲେଜର କର୍ମଚାରୀମାନେ ବିଧାୟକ ଏବଂ ତାଙ୍କ ପୁଅଙ୍କ ବିରୋଧରେ ଅଭିଯୋଗ କରି ଆନ୍ଦୋଳନ କରିଆସୁଛନ୍ତି। ଏପରି କି କଲେଜର କେତେକ କର୍ମଚାରୀ ବକେୟା ଦରମା ନ ପାଇ ଦୀର୍ଘଦିନ ଧରି କଲେଜ ଗେଟ୍ ଆଗରେ ଆନ୍ଦୋଳନ କରିଥିଲେ। ଗତ ଡିସେମ୍ବର ୨୯ରେ ରାଜ୍ୟପାଳ ରଘୁବର ଦାସ ଦିନିକିଆ ଭଦ୍ରକ ଗସ୍ତରେ ଯାଇ ବରପଦା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସମୟରେ କଲେଜର କେତେକ କର୍ମଚାରୀ ରାଜ୍ୟପାଳଙ୍କୁ ଭେଟି ଏସଂକ୍ରାନ୍ତରେ ସ୍ମାରକପତ୍ର ଦେବା ସହ ଗୁହାରି ଜଣାଇଥିଲେ। ଏହାପରେ ଇଡି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ଭଦ୍ରକ କୋର୍ଟର କେତେଜଣ ଆଇନଜୀବୀ ଓ ସମର୍ଥକ ଚଢ଼ାଉର କାରଣ ସମ୍ପର୍କରେ ଜାଣିବାକୁ ନୂଆବଜାରସ୍ଥିତ ବିଧାୟକଙ୍କ ବାସଭବନ ମଧ୍ୟକୁ ଯିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ ଯିବା ପାଇଁ ଦିଆଯାଇ ନ ଥିଲା। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ରାଜନୈତିକ ଷଡ଼ଯନ୍ତ୍ର କରାଯାଇ ଏହି ଚଢ଼ାଉ କରାଯାଉଥିବା ଗଣମାଧ୍ୟମ ଜରିଆରେ କହିଛନ୍ତି। ଅପରପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଧାୟକଙ୍କ ଘରେ ଇଡି ଚଢ଼ାଉ କରାଯିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଆତଙ୍କବାଦୀଙ୍କଠାରୁ ଦେୟ ସଂଗ୍ରହ କରୁଛି ଏକ୍ସ

ୱାଶିଂଟନ,୧୫।୨

ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସର ମୁଖ୍ୟ ତଥା ବିଶ୍ୱର ଦ୍ୱିତୀୟ ଧନୀବ୍ୟକ୍ତି ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ଆତଙ୍କବାଦୀ ସଂଗଠନ ତଥା ଆମେରିକାରେ ନିଷିଦ୍ଧ ହୋଇଥିବା ଅନ୍ୟମାନଙ୍କଠାରୁ ଦେୟ ସଂଗ୍ରହ କରୁଛି। ଟେକ୍ ଟ୍ରାନ୍ସପାରେନ୍ସି ପ୍ରୋଜେକ୍ଟ (ଟିଟିପି) ପ୍ରକାଶ କରିଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଆତଙ୍କବାଦୀ ସଂଗଠନ ହେଜବୋଲ୍ଲାର ସଦସ୍ୟ ଓ ଅନ୍ୟମାନଙ୍କ ଆକାଉଣ୍ଟକୁ ଏକ୍ସ ବ୍ଲୁ ଚେକ୍ ମାର୍କ ଦେଇଛି। ଏକ୍ସ'ର ୟୁଜରମାନେ ମାସିକ ୮ ଡଲାର ପୈଠ କଲେ ସେମାନଙ୍କୁ ବ୍ଲୁ ଟିକ୍ ମିଳିଥାଏ। ଏହା ସେମାନଙ୍କ ପୋଷ୍ଟଗୁଡ଼ିକ ଭଲ ପ୍ରମୋଶନ କରାଇଥାଏ। ଉକ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଏକ୍ସ କେତେକ ଟିକ୍‌କୁ ହଟାଇଦେବା ସହ ଏହାର ସୁରକ୍ଷା ବ୍ୟବସ୍ଥ ମଜଭୁତ ବୋଲି ଦାବି କରିଛି।

୨୦୨୨ରେ ମସ୍କ ଟୁଇଟରକୁ କିଣିବା ପରେ ଏହାକୁ ବ୍ୟବସାୟିକ କରିବା ପାଇଁ ବ୍ଲୁ ଟିକ୍ ମାର୍କର ବ୍ୟବସ୍ଥା କରିବା ସହ ଅନେକ ବିବାଦୀୟ କରିଥିଲେ। ଏଭଳି ବ୍ୟବସ୍ଥା ଯୋଗୁ ଭୁଲ୍ ପ୍ରଚାର ଅଧିକ ବଢ଼ିବା ସହ ଛଦ୍ମନାମଧାରୀମାନଙ୍କ ଦ୍ୱାରା ପ୍ଲାଟ୍‌ଫର୍ମର ଦୁରୁପଯୋଗ ହେବ ବୋଲି ସମାଲୋଚକମାନେ କହିଥିଲେ। ବ୍ଲୁ ବ୍ୟାଜ ପାଇଥିବା ଅଧିକାଂଶ ୟୁଜର ସାମ୍ବାଦିକ, ରାଜନେତା ଓ ସେଲିବ୍ରିଟି। ଏହା ବ୍ୟତୀତ କଟକଣା ବା ଦଣ୍ଡର ସମ୍ମୁଖୀନ ହୋଇଥିବା ବ୍ୟକ୍ତି, ସମାଲୋଚିତ ହୋଇଥିବା କମ୍ପାନୀକୁ ମଧ୍ୟ ବ୍ଲୁ ବ୍ୟାଜ୍ ମିଳିଛି। ଫଳରେ ଭୁଲ୍ ବ୍ୟକ୍ତିଙ୍କୁ ଏକ୍ସରେ ସ୍ଥାନ ମିଳିବା ସହ ଆମେରିକାର କଟକଣା ଆଇନର ଉଲ୍ଲଂଘନ ହେଉଛି। ଟିଟିପି ରିପୋର୍ଟ ଅନୁଯାୟୁ ହୁଟି ଆତଙ୍କବାଦୀ ସଂଗଠନ ଚଳାଉଥିବା ଅନସାର ଆଲ୍ଲାଙ୍କର ସୋସିଆଲ ମିଡିଆରେ ଏକ୍ସ'ରେ ଆକାଉଣ୍ଟ ରହିଛି। ସେ ବ୍ଲୁ ଚେକ୍ ମାର୍କ ପାଇଁ ଦେୟ ପୈଠ କରୁଥିଲେ। ଉକ୍ତ ଆକାଉଣ୍ଟର ୨୩ ହଜାରରୁ ଅଧିକ ଫଲୋର ରହିଥିବାବେଳେ ଏବେ ବ୍ଲୁ ଟିକ୍ ମାର୍କକୁ ହଟାଇ ଦିଆଯାଇଛି। ଲୋହିତ ସାଗରରେ ଅନ୍ତର୍ଜାତୀୟ ଜାହାଜଗୁଡ଼ିକୁ ଆକ୍ରମଣ କରୁଥିବା ହୁଟି ବିରୋଧରେ ଆମେରିକା ଏବଂ ବ୍ରିଟେନ୍ କଟକଣା ଲଗାଇଛନ୍ତି। ସେହିପରି ହେଜବୋଲ୍ଲାର ମହାସଚିବ ହାସନ ନସ୍ରଲ୍ଲାଙ୍କ ନାଁ ଏବଂ ପ୍ରୋଫାଇଲ୍ ଥିବା ଏକ୍ସ ଆକାଉଣ୍ଟକୁ ବ୍ଲୁ ଟିକ୍ ମିଳିଥିଲା। ତାଙ୍କର ପରିଚୟ ଯାଞ୍ଚ ହୋଇଥିବା ଏଥିରୁ ସୂଚନା ମିଳୁଛି। ତେବେ ନସ୍ରଲ୍ଲା ଯେ ସରକାରୀ ପରିଚୟପତ୍ର ଦାଖଲ କରିଥିବ ଏହା ଜଣାପଡୁନାହିଁ।





ଧରିତ୍ରୀ
DHARITRI





## ସଂକ୍ଷେପରେ

### ଜମି କେନ୍ଦ୍ରକରି ଆକ୍ରମଣ ଘଟଣା, ଜଣେ କୋର୍ଟ ଚାଲାଣ

ଖଡ଼ିଆଳ,୧୫।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବିରିଘାଟ ପଞ୍ଚାୟତ କୁଶମାଲ ଗ୍ରାମରେ ଜମି ବିବାଦକୁ ନେଇ ଆକ୍ରମଣ ଘଟଣାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଇନ୍ଦ୍ର ମାଝିଙ୍କ ଅଭିଯୋଗ ଅନୁଯାୟୀ ଗତ ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ଜମି ନେଇ ଡିମାରକେସନ ଚାଲିଥିବା ବେଳେ ଗ୍ରାମର ସୁବାଷ ମହାନନ୍ଦ, ଜିତେନ୍ଦ୍ର ମହାନନ୍ଦ, କରନ ମହାନନ୍ଦ, ନିଲାମ୍ବର ମହାନନ୍ଦ ମାଡ ମାରିଥିବା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରି ସୁବାଷ ମହାନନ୍ଦ (୩୭)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଏହି ଘଟଣାକୁ ନେଇ ଗତ ୧୧ ତାରିଖରେ ମାଝି ପରିବାରର ୪ଜଣ ସଦସ୍ୟଙ୍କୁ କୋର୍ଟ ଚାଲାଣ ହୋଇଥିବା ବେଳେ ପାଲଟା ଅଭିଯୋଗରେ ମହାନନ୍ଦ ପରିବାର ଜଣେ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରିଥିବା ଏସଆଇ ରାଜେଶ ଅଗସ୍ତି ପ୍ରକାଶ କରିଛନ୍ତି।

### ୧୦୪ ଅଖଣ୍ଡ ପ୍ରହର ନାମଯଜ୍ଞ

କୋକସରା,୧୫।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡା ଖେଳ ପଡ଼ିଆରେ ଗତ ତାରିଖରୁ ୧୦୪ ପ୍ରହର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରୀ ଶ୍ରୀ ଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ନାମଯଜ୍ଞରେ ଦୈନିକ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ପୂଜା କମିଟି ପକ୍ଷରୁ ପ୍ରତିଦିନ ଜଣେ ଲେଖାଏଁ ପୂଜାକର୍ତ୍ତାଙ୍କୁ ଅଖଣ୍ଡ ନାମଯଜ୍ଞରେ ପୂଜାକର୍ତ୍ତା ଭାବେ ପୂଜା କାର୍ଯ୍ୟ କରୁଥିବା ବେଳେ ବୁଧବାର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଓ ରିତା ଅଗ୍ରୱାଲ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞ କମିଟି ପକ୍ଷରୁ ଅନ୍ନଭୋଗ, ପାନୀୟ ଜଳ, ବିଶ୍ରାମ ନେବା ପାଇଁ ଟେଣ୍ଟର ବ୍ୟବସ୍ଥା କରାଯାଇଛି। ବ୍ଲକର ୨୨ ପଞ୍ଚାୟତର ବିଭିନ୍ନ ଗାଁରୁ ଶହ ଶହ ସ୍ୱେଚ୍ଛାସେବୀ ଦିନରାତି ସେବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ପାଣି ପଞ୍ଚାୟତ, କୃଷକ ମିଳିତର ଦାବିପତ୍ର

ଖଡ଼ିଆଳ,୧୫।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ତିଖାଲି ନିମ୍ନ ଇନ୍ଦ୍ର ମୁଖ୍ୟ ଯନ୍ତ୍ରୀଙ୍କୁ ବରଗାଁ ପାଣିପଞ୍ଚାୟତ ଏବଂ କୃଷକ ମିଳିତ ରୂପେ ଦାବିପତ୍ର ପ୍ରଦାନ କରିଛନ୍ତି। କେନାଲ ମରାମତି କରିବା ସହ ଚଳିତ ଖରିଫରେ ଜଳ ସେଚନ ସୁବିଧା ପ୍ରଦାନ କରାଯିବା ନେଇ ଜଳସେଚନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏହା ପୁରଣ ପାଇଁ ବିଭାଗ ପକ୍ଷରୁ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ କରିଛନ୍ତି। କେନାଲ ମରାମତି କାର୍ଯ୍ୟ ହେବା ନେଇ କୌଣସି ବିଜ୍ଞପ୍ତି ଜାରି ହୋଇ ନ ଥିବା ବେଳେ କେନାଲ ନିର୍ମାଣ କାର୍ଯ୍ୟ ବଙ୍ଗୋମୁଣ୍ଡା ଅଞ୍ଚଳରେ ହେଉଥିବା ଅଭିଯୋଗ କରିଥିଲେ। ଖରିଫରେ ଜଳ ସେଚନ ସୁବିଧା ପ୍ରଦାନରୁ ମଧ୍ୟ ବଞ୍ଚିତ ରଖିବା ଚକ୍ରାନ୍ତ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ଏକ ଦାବିପତ୍ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସଞ୍ଜୀବଜ୍ଞାନ ଭାତ୍ରାଙ୍କୁ ପ୍ରଦାନ କରିଛନ୍ତି। ଆବଶ୍ୟକ ପଦକ୍ଷେପ ନ ନେଲେ ଆସନ୍ତା ଦିନରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମତବ୍ୟକ୍ତ କରିଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୫।୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡିଜିଲା ଗୋଲାମୁଣ୍ଡା ବ୍ଲକ ଖାଲିଅପାଲି ଗ୍ରାମପଞ୍ଚାୟତରେ ଗୁରୁବାର ସରପଞ୍ଚ ଜିମୁତ ହରପାଲଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ଅକ୍ଷୟମିତା କାର୍ତ୍ତିକ ମୁଖ୍ୟ ଅତିଥି ଭାବେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ଅବଗତ କରାଇଥିଲେ। ମିଶନ ଶକ୍ତି ମହିଳାମାନେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଷ୍ଟଲ ଲଗାଯାଇଥିଲା। ଖାଲିଆପାଲି ଗାଁର ସମସ୍ତ ସ୍କୁଲ ଛାତ୍ରୀଛାତ୍ର ଏବଂ ସମସ୍ତ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ କୁବେର ନାଏକ ପରିଚାଳନା କରିଥିଲେ। ପିଇଓ ରାଜମନ ଶବର ନାଏବ, ସରପଞ୍ଚ ଲକ୍ଷ୍ମୀ ପ୍ରିୟା ଚଲାନ, ସମିତି ସଭ୍ୟା ରୋହିତ ଜଗତ ଏବଂ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆଶା ସାଗରର ହେବ ପୁନରୁଦ୍ଧାର

- ଆଉ ମଉଳିବନି 'ଆଶା ସାଗର'ର ଆଶା
- ଚତୁଃପାର୍ଶ୍ୱ ହେବ ସୌନ୍ଦର୍ଯ୍ୟକରଣ

ଭବାନୀପାଟଣା,୧୫।୨(ଉତ୍ତମ କୁମାର ଦାଶ)


ଭବାନୀପାଟଣା ସହରରେ ଥିବା ଆଶା ସାଗର।

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଥିବା ଆଶା ସାଗର ଗତ ଦୁଇ ଦଶନ୍ଧି ଧରି ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ରାଜ୍ୟ ସରକାରଙ୍କ ଦୃଷ୍ଟି ପଡିବା ପରେ ଆଶା ସାଗର ପୁନଃ ଜୀବନ ପାଇବାକୁ ଯାଉଛି। ଭବାନୀପାଟଣା ସହରବାସୀଙ୍କ ପାଇଁ ଲାଇଫ୍ ଲାଇନ୍ 'ଆଶା ସାଗର'ର ହେବାକୁ ଯାଉଛି ପୁନରୁଦ୍ଧାର। ସାଗରର ପ୍ରାୟ ୬୦ ଏକରରେ ଜଳପୂର୍ଣ୍ଣ ହୋଇ ରହିବ। ଚତୁଃପାର୍ଶ୍ୱ ହେବ ସୌନ୍ଦର୍ଯ୍ୟକରଣ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ନଭେମ୍ବରରେ ୨୧ରେ 'ଆଶା ସାଗର ପୁନରୁଦ୍ଧାର ପ୍ରକଳ୍ପ'ର ପ୍ରଶାସନିକ ଅନୁମୋଦନ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୦୨୩ ମେ ୨୦ରେ ଭବାନୀପାଟଣା ସହରସ୍ଥିତ ଆଶା ସାଗର ଗସ୍ତ କରି ତାର ପୁନରୁଦ୍ଧାର ଓ ନବୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଆଜି କାର୍ଯ୍ୟକ୍ଷମ ହେବାକୁ ଯାଉଛି। କଳାହାଣ୍ଡିର ଐତିହ୍ୟ ସମ୍ପର୍ଣ୍ଣ ଆଶା ସାଗର ପୁନରୁଦ୍ଧାର କାର୍ଯ୍ୟରେ ମୋଟ ୬ କୋଟି ୬୮ଲକ୍ଷ ୬୧ହଜାର ଟଙ୍କା ବ୍ୟୟ ଅଟକଳକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ସହରାଞ୍ଚଳ ଜଳାଶୟ ନବୀକରଣ କାର୍ଯ୍ୟକ୍ରମ ତଥା 'ଆମ ପୋଖରୀ' ଯୋଜନା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଆଶା ସାଗରର ନବୀକରଣ ପାଇଁ ଆସିଥିବା ଅର୍ଥ ବିନିମୟରେ ପ୍ରାଥମିକ ପର୍ଯ୍ୟାୟରେ ଜଳ ନିଷ୍କାସନ, ଘାସ ଦଳ ସଫା କରିବା, ପଙ୍କଉଦ୍ଧାର, ବନ୍ଧ ସୁଦୃଢ଼ୀକରଣ, ଗାବିଆନ ପ୍ରାଚୀର, ପ୍ରାକୃତିକ ସମାଧାନ ଜଳାଶୟରେ ଆର୍ଦ୍ରଭୂମି ପ୍ରସ୍ତୁତ ପରେ ଲେକ ମଡେଲ ନିର୍ମାଣ ପଦ୍ଧତି ପ୍ରତି ଗୁରୁତ୍ୱ ଦିଆଯିବ। ପରବର୍ତ୍ତୀ ସମୟରେ ଆଶା ସାଗରର ସୌନ୍ଦର୍ଯ୍ୟକରଣ ସମସ୍ତ ଦିଗ ଉପରେ ଧ୍ୟାନ ଦିଆଯିବ ବୋଲି ପୋର ପରିଷଦ ପକ୍ଷରୁ ସୂଚନ ମିଳିଛି। ତେବେ ଏହି ସମସ୍ତ କାର୍ଯ୍ୟ ଅଗ୍ରଗତି ପାଇଁ ମିଶନ ଶକ୍ତି ସହଯୋଗ କରିବେ। ଭବାନୀପାଟଣା ପୌରପାଳିକା ଅଧୀନରେ ମୋଟ ୨୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଶା ସାଗର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ବିଶେଷଜ୍ଞ ଟିମ୍ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱରରୁ ଦୁଇଟି ପର୍ଯ୍ୟାୟରେ ବୈଷୟିକ ଟିମ୍ ସର୍ଭେ ପରେ ଆଶା ସାଗର ପୁନରୁଦ୍ଧାର ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା। ସାଗରର ଜଳ ଧାରଣ କ୍ଷମତା ବୃଦ୍ଧି କରାଯିବା, ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ, ପାର୍କ ନିର୍ମାଣ, ମର୍ଣ୍ଣିଂ ୱାକ ଟ୍ରାକ୍ ଭଳି ଅନେକ ଯୋଜନା କରାଯିବାକୁ ପରିକଳ୍ପନା କରାଯାଇଛି। ପ୍ରକାଶ ଥାଉକି, ଐତିହାସିକ ଓ ଗବେଷକଙ୍କ ଅନୁଯାୟୀ ୧୮୫୭ ପରଠାରୁ ୧୮୭୩ ମଧ୍ୟରେ ଦୁଇଦୁଇ ଥର ଆଶା ସାଗର ନିର୍ମାଣର କାର୍ଯ୍ୟ ସୁଚାରରୂପେ ସମ୍ପନ୍ନ କରାଯାଇଥିଲା। ସିପାହୀ ବିଦ୍ରୋହ ବେଳେ କଳାହାଣ୍ଡିର ତତ୍କାଳୀନ ମହାରାଜା ଉଦିତ ପ୍ରତାପ ଦେଓ ଲୋକଙ୍କ ସାମୁହିକ ସୁବିଧା ପାଇଁ 'ଆଶା ସାଗର' ଖନନ କରିଥିଲେ। ଏକର ଏକର ଚାଷ ଜମି ରେ ଜଳ ସେଚନ ଓ ପାନୀୟ ଜଳର ସୁବିଧା ଯୋଗାଇବା ଆଶା ସାଗରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମହାରାଜା ତାଙ୍କ ପତ୍ନୀ ଆଶାକୁମାରୀ ଦେବୀଙ୍କ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଆଶା ସାଗର ନାମରେ ଏହାର ନାମକରଣ କରିଥିଲେ। ଐତିହାସିକ ଗୁରୁତ୍ୱ ବହନ କରିଥିବା ଆଶା ସାଗର ପୁଣି ଜୀବନ ଫେରି ପାଇବ ତାହାକୁ ନେଇ ସମସ୍ତେ ଉତ୍ସାହିତ। ଏହାର ଠିକ୍ କାର୍ଯ୍ୟକାରିତାକୁ ନେଇ ସହରବାସୀଙ୍କ ମଧ୍ୟରେ ଏବେ ଆଶା ସାଗର ଆଶା ସଞ୍ଚାର କରିଛି।

# ମହାତ୍ମା ଗାନ୍ଧୀ କର୍କଟ ଚିକିତ୍ସାଳୟ ଓ ଗବେଷଣାକୁ ମିଳିଲା ମୁଖ୍ୟମନ୍ତ୍ରୀ ପୁରସ୍କାର


ପୁରସ୍କାର ସହ ପ୍ରତିଷ୍ଠାନର ସିଇଓ ଓ ଅନ୍ୟମାନେ।

ଭବାନୀପାଟଣା,୧୫।୨(ଉତ୍ତମ କୁମାର ଦାଶ)

ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ଉତ୍କର୍ଷତା ପାଇଁ ମହାତ୍ମା ଗାନ୍ଧୀ କର୍କଟ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନକୁ ମିଳିଲା ମୁଖ୍ୟମନ୍ତ୍ରୀ ପୁରସ୍କାର। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ କରି କର୍କଟ ହସ୍ପିଟାଲ ବର୍ଗରେ ପ୍ରତିଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଡାକ୍ତର ମୁରଲୀକ୍ରିଷ୍ଣା ଭୋନାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଭୁବନେଶ୍ୱରରେ ଲୋକସଭା ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ କର୍କଟ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ବିଶାଖାପାଟଣାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାତ୍ମା ଗାନ୍ଧୀ କର୍କଟ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନକୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ କର୍କଟ ହସ୍ପିଟାଲ ବର୍ଗରେ ଏହି ପୁରସ୍କାର ପ୍ରଦାନ କରିବା ପରେ ଏହାକୁ ନେଇ ଆଗାମୀ ଦିନରେ ଆହୁରୀ ଅଧିକ ସେବା ଯୋଗାଇ ଦିଆଯିବାକୁ ପ୍ରତିଷ୍ଠାନ ସମସ୍ତ କର୍ମକର୍ତ୍ତା ସଙ୍କଳ୍ପବଦ୍ଧ ବୋଲି କହିଛନ୍ତି। ମୁଖ୍ୟତଃ ରାଜ୍ୟ ସରକାରଙ୍କ ବିଏସକେୱାଇ ଯୋଜନା ଅଧୀନ କ୍ୟାନସର ହସ୍ପିଟାଲ ବର୍ଗରେ ଶ୍ରେଷ୍ଠ କର୍କଟ ଡାକ୍ତରଖାନା ଭାବେ ସ୍ୱୀକୃତି ଦେଇଥିବା ଏହି ପୁରସ୍କାର କର୍କଟ ରୋଗୀଙ୍କ ପାଇଁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧତାକୁ ହୋଇ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏହି ସଫଳତା ଏବଂ ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତା ପ୍ରତି ଅତୁଟ ସମର୍ପଣକୁ ପାଳନ କରିବାରେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନ ସିଇଓ ମାନିମାଥୁ, ରିଜନାଲ ମ୍ୟାନେଜର ଏ.ପ୍ରତାପ କୁମାର, ଡାକ୍ତର କେ.ସି.ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅତ୍ୟାଧୁନିକ ମଡେଲ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ


ଉଦ୍‌ଘାଟନ ସମୟରେ ଉପସ୍ଥିତ ଜନସାଧାରଣ ଓ ଅତିଥି ବୃନ୍ଦ।

ନୂଆପଡ଼ା,୧୫।୨(ମକାରୁ ବେମାଲ)

ନୂଆପଡା ସଦର ମହକୁମାସ୍ଥିତ ନୂତନ ଭାବେ ନିର୍ମାଣାଧୀନ ଅତ୍ୟାଧୁନିକ ମଡେଲ ସରକାରୀ ବସଷ୍ଟାଣ୍ଡ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷି ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାଷି ମାଧ୍ୟମରେ ଯୋଡି ହୋଇଥିଲେ। ଏହି ଅବସରରେ ବସଷ୍ଟାଣ୍ଡଠାରେ ସଭା କରାଯାଇଥିଲା। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀଇ ସାହୁ, ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି, ଉମା ଠାକୁର, ଆମ ଓଡିଶା ନବୀନ ଓଡିଶା ଜିଲା ସଂଯୋଜକ ରାମଲାଲ ହଂସ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହ ଓ ଜିଲାପାଳ ହେମକାନ୍ତ ସାଏ, ଅତିରିକ୍ତ ଜିଲାପାଳ ଭିମସେନ ଶବର, ନୂଆପଡା ଏନଏସି ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ, ଖରିଆର ରୋଡ ଏନଏସି ନିର୍ବାହୀ ଅଧିକାରୀ କମଳାସନ ରଥ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ମନ୍ତ୍ରୀ ଢୋଲକିଆ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଖଡିଆଳ, ବୋଡେନ, ସିନାପାଲି, କୋମନା ଠାରେ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ନିର୍ମାଣ ଓ ଖୁବଶିଘ୍ର ଲକ୍ଷ୍ମୀ ବସ ଚାଳିବ ବୋଲି କହିଥିଲେ।

ପ୍ରକାଶଥାଉ କି ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ୯ କୋଟି ୭୨ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ଏହି ବସଷ୍ଟାଣ୍ଡରେ ଏକା ସାଙ୍ଗରେ ୮ଟି ବସ ରହି ପାରିବ। ଏକ ହଜାର ବର୍ଗଫୁଟର ଆଶ୍ରୟ ସ୍ଥଳ, ଟିକେଟ କାଉଣ୍ଟର, ଅଫିସ ଗୃହ, ଉଭୟ ମହିଳା ଓ ପୁରୁଷ ପାଇଁ ଡର୍ମିଟୋରି, ୪ଟି ୱାସରୁମ୍, ୫ଟି ଦୋକାନ, ବସ ମରାମତି ପାଇଁ ୨ଟି, ବସ ଚାଳକ ଆଶ୍ରୟ ସ୍ଥଳ ୨ଟି, ମାର୍କେଟ କମ୍ପ୍ଲେକ୍ସ ପାଇଁ ୧୯ଟି କ୍ୟାବିନ, ଘରୋଇ ବସ ରହିବା ପାଇଁ ସ୍ଥାନ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ବସଷ୍ଟାଣ୍ଡ ଚାରି ପାର୍ଶ୍ୱରେ ସିସିଟିଭି କ୍ୟାମେରା, ୨ ଚକିଆ ଓ ୪ ଚକିଆ ରହିବା ବ୍ୟବସ୍ଥା, ୨୪ ଘଣ୍ଟା ବିଦ୍ୟୁତ୍ ସେବା ପାଇଁ ଜେନେରେଟର ବ୍ୟବସ୍ଥା କରାଯାଇଛି।

# ଖାଉଟି ଅଦାଲତ ଦ୍ୱାରା ଠିପିବନ୍ଦ ବିଦେଶୀ ମଦ ଦୋକାନ ଦଣ୍ଡିତ

ନୂଆପଡ଼ା,୧୫।୨(ମକାରୁ ବେମାଲ)

ନୂଆପଡା ଖାଉଟି ଅଦାଲତ ଦ୍ୱାରା ସଦର ମହକୁମା ୱାର୍ଡ ନଂ. ୮ରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ ଦଣ୍ଡିତ ହୋଇଛି। ଧାର୍ଯ୍ୟ ମୂଲ୍ୟଠାରୁ ୨୦ ଟଙ୍କା ଅଧିକ ନେଉଥିବା ଅଭିଯୋଗରେ ଦଣ୍ଡିତ କରିଛନ୍ତି। ସୂଚନା ମୁତାବକ ଗତ ନଭେମ୍ବର ୫ରେ ସଦର ବ୍ଲକ ମାଲିଭଟା ଗାଁର ଅରବିନ୍ଦ ସାହୁ ତାଙ୍କର ୨ ସାଙ୍ଗ ପରବିନ ଠାକୁର ଓ ସଜନ ଶର୍ମା ମଦ ଦୋକାନକୁ ମଦ କିଣିବାକୁ ଯାଇଥିଲେ। ସେଠାରେ ୩ଜଣ ରକଫୋଡ ହ୍ୱିସ୍କି ଓ ବିୟର କିଣିଥିଲେ। ଦୋକାନୀ ୪୫୦ ଟଙ୍କା ନେଇଥିଲେ। ଯାହାର ଲିଖିତ ମୂଲ୍ୟଠାରୁ ୨୦ ଟଙ୍କା ଅଧିକ ନେଇଥିଲେ। ଅରବିନ୍ଦ ବାକି ଟଙ୍କା ଦୋକାନୀଙ୍କୁ ଫେରାଇବା ପାଇଁ କହିବାରୁ ମନା କରି ଦେଇଥିଲେ। ମଦ ବିଲ ମାଗିବାରୁ ମଧ୍ୟ ମନା କରି ଦେଇ ବିଲ ଦେଇ ନ ଥିଲେ। ଏହି ସବୁ କଥା ଅରବିନ୍ଦଙ୍କ ସାଙ୍ଗ ମୋବାଇଲ ଫୋନରେ ରେକର୍ଡ କରିଥିଲେ। ପରେ ସେହି ୩ଜଣ ଖାଉଟି ଅଦାଳତର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ କ୍ଷିତିଶ ଅଶୋକ ବୋଧନକର, ପ୍ରକାଶ କୁମାର ସ୍ୱାଇଁ ଓ ଗୋପାଲ କୁମାର ସାମନ୍ତ ମାମଲା ଲଢିଥିଲେ। ମାମଲାର ଶୁଣାଣୀ କରି ଖାଉଟି ଆଦାଲତ ଅଧ୍ୟକ୍ଷ ପିସି ମିଶ୍ର ଓ ସଦସ୍ୟ ଏସ ସେନାପତି ବିଦେଶି ମଦ ଦୋକାନ ମାଲିକ ସନ୍ତୋଷ ଗୁପ୍ତା ଓ ମଦ କୋକାନ ମ୍ୟାନେଜରଙ୍କୁ ଭର୍ତ୍ସନା କରିବା ସହ ଅଭିଯୋଗକାରୀଙ୍କଠାରୁ ଗତ ନଭେମ୍ବର ୫ରେ ଅଧିକା ନେଇଥିବା ୨୦ ଟଙ୍କାର ୧୨% ସୁଧହାରରେ ଫେରାଇବାକୁ ନିର୍ଦ୍ଦେଶ ଦେବା ସହ ୧ ଲକ୍ଷ ୨୦ ହଜାର ଟଙ୍କା ଅଭିଯୋଗକାରୀଙ୍କୁ ଓ ବିଲ ନ ଦେବା ସ୍ଥଳେ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଟଙ୍କା ରାଜ୍ୟ ଖାଉଟି ୱେଲଫେୟାର ଫଣ୍ଡରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ, ଚଢାଦରରେ ବିକ୍ରୟ କରୁଥିବା ଅଭିଯୋଗରେ ଏହା ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ଦଣ୍ଡିତ ହୋଇଥିଲେ।

# ବ୍ଲକ ଆଦିବାସୀ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ


ବ୍ଲକ ଆଦିବାସୀ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

କର୍ଲାମୁଣ୍ଡା,୧୫।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରୁଗୁଡିପଡାଠାରେ ବ୍ଲକ ଆଦିବାସୀ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତ ସ୍ଥାପନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, ବିଡ଼ିଓ ମଣ୍ଟୁ ଖମାରୀ, ତହସିଲଦାର ଅରୁଣ ବର୍ଗେ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ବ୍ଲକ ଆଦିବାସୀ ସଂଘ ସମ୍ପାଦକ ଗୋବିନ୍ଦ ଭୋଇ, ଏମ୍. ରାମପୁର ବ୍ଲକ ଆଦିବାସୀ ସଂଘ ସଭାପତି ଧୋବା ପନ୍ଦର, ମିର୍ଦ୍ଧା ସମାଜ ଜିଲା ସଭାପତି ସ୍ୱୟଂମ୍ବର ମିର୍ଦ୍ଧା, ଗଣ୍ଡୟନା ସମାଜ ବ୍ଲକ ସଭାପତି ପରଧିଆ ଧରୁଆ ଓ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ। ଆଦିବାସୀ ଭବନ ନିର୍ମାଣ ପାଇଁ ସରକାର ଅନୁଦାନ ଯୋଗେଇ ଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କନ୍ଧ ସମାଜ ବ୍ଲକ ସଭାପତି ନନ୍ଦି କିଶୋର ଭୋଇ ସଂଯୋଜନା କରିଥିଲେ। ସୁମନ୍ତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୈତନ୍ୟ ଭୋଇ, ସ୍ୱାଗତ ଭୋଇ, ସୁବାଷ ଭୋଇ, କର୍ଣ୍ଣ ଭୋଇ, କେଦାରନାଥ ଭୋଇ, ବିରଞ୍ଚି ମାଝି, ଜଗନ୍ନାଥ ଭୋଇ, ଦୟା ଭୋଇ, ନିଳମାଧବ ଭୋଇ, ମହେନ୍ଦ୍ର ପ୍ରଧାନୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ମାଲ ପରିବହନ ଗାଡ଼ିରେ ଚାଲିଥିଲା ଯାତ୍ରୀ ପରିବହନ

**ପିକ୍‌ଅପ୍ ଭ୍ୟାନ୍ ଓଲଟିବା ଘଟଣା**

- ଗାଡି ଜବତ, ଚାଳକଙ୍କ ଲାଇସେନ୍ସ ବାତିଲ

ଭବାନୀପାଟଣା,୧୫।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଡୋକ୍ରିପଡାଠାରେ ୬୦ରୁ ଉର୍ଦ୍ଧ୍ୱ କୃଷି ଶ୍ରମିକଙ୍କୁ ନେଇ ଆସୁଥିବା ପିକଅପ୍ ଭ୍ୟାନ୍ ଓଲଟି ପଡିବାରୁ ବର୍ତ୍ତମାନ ସୁଦ୍ଧା ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଶ୍ରମିକ ଏବେ ଡାକ୍ତରଖାନାରେ ଅବସ୍ଥାରେ ଚିକିତ୍ସାଧୀନ ରହିଛନ୍ତି। ଦୁର୍ଘଟଣା ପରେ ଦଶପୁର ଫାଣ୍ଡି ପୋଲିସ ଗାଡି ଜବତ କରି ଫାଣ୍ଡିକୁ ନେଇଛି। ସେହିପରି ଡ୍ରାଇଭରଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଏହି ଗାଡିରେ ଦୀର୍ଘ ଦିନ ହେବ ଶ୍ରମିକ ନେବା ଆଣିବା ପାଇଁ କାମ କରାଯାଉଥିଲା। ଗାଡି ମାଲ ପରିବହନ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଏହା ଯାତ୍ରୀ ପରିବହନ କାମରେ ଲାଗୁଥିଲା। ତେଣୁ ଏହି ଘଟଣାରେ ପିକଅପ୍ ମାଲିକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ କହିଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତ ରାୟ ପ୍ରକାଶ କରିଛନ୍ତି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ପଲମ,୧୫।୨(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପଲମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପ୍ର ବରଗୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ତପିମଣି ଜାନୀ, ସିଆରସିସି ଦୁର୍ଗାମାଧବ କୁମାର, ପଲମ ସରପଞ୍ଚ ହେମକିଶୋର ନାଗ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କମିଟି ସଭାପତି ଯଶୋବନ୍ତି ସାହୁ, ଉପସଭାପତି ଉମାଶଙ୍କର ମିଶ୍ର, ପଲମ ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ରାଜେଶ କୁମାର ଭୋଇ, ଜମିଦାତା ନଟବର ସାହୁ, ବ୍ଲକ୍ ବିଆରସିସି ଗୋବର୍ଦ୍ଧନ ମାଝି, ଏବିଇଓ ସୂର୍ଯ୍ୟଦେବ ବାଗ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାକ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ନର୍ଲା ବିଇଓ ଜାନୀଙ୍କୁ ପଲମ କ୍ଲଷ୍ଟର ଶିକ୍ଷକମାନେ ମିଳିତ ଭାବେ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଫ୍ଲୋରାଇଡ୍‌ଯୁକ୍ତ ପାଣି ପିଉଛନ୍ତି ଗ୍ରାମବାସୀ

ନୂଆପଡ଼ା,୧୫।୨(ମକାରୁ ବେମାଲ)



**ବସୁଧା ଯୋଜନା ଫେଲ**

ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଓଭର ଟାଙ୍କି ନିର୍ମାଣ ହେବା ୪ବର୍ଷ ବିତିଯାଇଥିଲେ ମଧ୍ୟ ବିଶୁଦ୍ଧ ପାନୀୟ ଜଳ ମଲୁ ନ ଥିବା ଅଭିଯୋଗ କରିଛନ୍ତି। ଜୁନାନୀ ଓ ହରିପୁର ମିଶି ୨ ୱାର୍ଡ ରହିଥିବା ବେଳେ ୨ ଶହ ୩୦ରୁ ଉର୍ଦ୍ଧ୍ୱ ପରିବାର ରହିଛନ୍ତି। ଦୁଇ ୱାର୍ଡକୁ ୭ ଟି ନଳକୂଅ ରହିଥିବା ବେଳେ ସବୁ ନଳକୂଅରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ସରକାରଙ୍କ ପକ୍ଷରୁ ସବୁ ନଳକୂଅ ପାଣି ପରୀକ୍ଷା କରି ଫ୍ଲୋରାଇଡ ଯୁକ୍ତ ପାଣି ରହିଛି। ଏହି ପାଣି ବ୍ୟବହାର ଯୋଗ୍ୟ ନୁହେଁ ବୋଲି ନିଷିଧ କରିଛନ୍ତି। ହେଲେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନ ହେବାରୁ ଲୋକେ ବାଧ ହୋଇ ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି। ଏ ନେଇ ଗ୍ରାମବାସୀ ଜିଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରି ନିରାଶ ହୋଇ ଶେଷରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରିବା ସହ ମୌଖିକ ଭାବେ ମଧ୍ୟ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮-୧୯ରେ ଜୁନାନୀ ଗାଁରେ ବସୁଧା ଯୋଜନାରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିରେ ଜୁନାନୀ ଓ ହରିପୁର ଗାଁ କୁ ପିଇବା ପାଣି ଯୋଗାଇ ଦେବାର କଥା। ହେଲେ ଜୁନାନୀରେ ୨ ଶହ ପରିବାର ରହିଥିବା ବେଳେ ହରିପୁର ଗାଁରେ ୩୦ରୁ ଉର୍ଦ୍ଧ୍ୱ ପରିବାର ରହିଛନ୍ତି। କିନ୍ତୁ ଆଜକୁ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାଣି ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଓ ସ୍ଥାନୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା କହିଛନ୍ତି। ପାଣି ବୁନ୍ଦାଏ ପାଇଁ ତହଳ ବିକଳ ହେଉଥିବା ଗ୍ରାମବାସୀ ବର୍ତ୍ତମାନ ସରକାର ବାରଣ କରିଥିବା ଫ୍ଲୋରାଇଡ ଯୁକ୍ତ ନଳକୂଅ ପାଣି ବ୍ୟବହାର କରୁଛନ୍ତି। ଫଳରେ ଗ୍ରାମବାସୀ ବିଭିନ୍ନ ରୋଗରେ ପୀଡିତ ହୋଇ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

**ସଂକ୍ଷେପରେ**

# ବୀରମହାରାଜପୁର ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟିତ




ଅମରପାଲି,୧୫।୨(ପୀତାମ୍ବର ସାହୁ)

ରାଜ୍ୟ ସଡକ ପରିବହନ ନିଗମର ଆମ ବସଷ୍ଟାଣ୍ଡ ଯୋଜନା ଅଧୀନରେ ବୀରମହାରାଜପୁରଠାରେ ନବନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଉପସ୍ଥିତ ରହି ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭି.କେ. ପାଣ୍ଡିଆନ ଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଥିଲେ । ଓଡିଶା ରାଜ୍ୟ ପୋଲିସ ହାଉସିଂ ବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଉକ୍ତ ବସଷ୍ଟାଣ୍ଡ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବିଶେଷ ସହାୟକ ହୋଇ ପାରିବ। ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅନ୍ୟା ଦାସ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ଲଲାଟେନ୍ଦୁ ସି ,ଆରଟିଓ ଅକ୍ଷୟ କୁମାର ଜେନା ଓ ଏସଆରଟିସି ଜିଲା ପରିଚାଳକ ମାନସୀ ଲକ୍ଷ୍ମୀ, ବି ଡି ଓ ରଘୁନାଥ ପାଣିଗ୍ରାହୀ, ତହସିଲଦାର ଅମୃତଲାଲ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ସ୍ୱୟମ୍ଭୁ ନାଥ ଖଣ୍ଡଗିରି, କିଶୋର ହୋତାଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଞ୍ଚଳର ସାଧାରଣ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ବସ୍-ଅଟୋ ଧକ୍କା: ଦୁଇ ଗୁରୁତର

ବାଉଁଶୁଣୀ,୧୫।୨(ଦେବାଶିଷ ନେପାକ)

ଗୁରୁବାର ରାତି ୮ଟା୨୦ ମିନିଟ ସମୟରେ ବୌଦ୍ଧ ଜିଲା ବାଉଁଶୁଣୀ ନିକଟରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ତୀର୍ଥଯାତ୍ରୀ ନେଇ ଯାଉଥିବା ରାଜ୍ୟ ପରିବହନ ନିଗମର ଏକ ବସ ସହ ଯାତ୍ରୀବାହୀ ଅଟୋର ଧକ୍କା ହେବା ଫଳରେ ଦୁଇ ଜଣ ଅଟୋ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଉଁଶୁଣୀ ଥାନା ସଦେଇପୁର ଗ୍ରାମର ୪ ଜଣ ଯାତ୍ରୀ ଗୋଟିଏ ଅଟୋ ଯୋଗେ ଯାଉଥିଲେ। ତେବେ ଅଟୋଟି ଆଗରେ ଯାଉଥିବା ବସକୁ ପଛରୁ ଧକ୍କା ଦେଇଥିଲା । ଫଳରେ ଅଟୋରେ ବସିଥିବା ସଦେଇପୁର ଗ୍ରାମର ଲୋଚନ ଦନାୟକ ଓ ଅଟୋ ଡ୍ରାଇଭର ବୀରମହାରାଜପୁରର ସଞ୍ଜୀବ ସାହୁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅସହାୟ ୨ ଭାଇଙ୍କୁ ଦଇବ ସାହା

ସୋନପୁର,୧୫।୨(ମୃତ୍ୟୁଞ୍ଜୟ ଶତପଥୀ)

ଅସହାୟ, ଅନାଥ ଶିଶୁଙ୍କ ସହାୟତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଅସହାୟ ଦୁଇ ଭାଇ ହେମନ୍ତ ଖେତି(୧୩) ଓ ସୁମନ୍ତ ଖେତି(୧୧)ଙ୍କ ପାଇଁ ଏହି ସବୁ ଯୋଜନା ଅପହଞ୍ଚ ହୋଇଛି। ହେମନ୍ତ ଓ ସୁମନ୍ତ ଏବେ ଭାଗ୍ୟକୁ ଆଦରି ଅତ୍ୟନ୍ତ ଦୟନୀୟ ଭାବେ ଦିନ କାଟୁଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା କେନ୍ଝିରିଆପାଲି ଗ୍ରାମରେ ହେମନ୍ତ ଓ ସୁମନ୍ତଙ୍କ ଘର। ସେମାନଙ୍କ ମା' ସନ୍ତୋଷିନୀ ୩ ବର୍ଷ ପୂର୍ବରୁ କେଉଁଆଡେ ଚାଲି ଯାଇଛନ୍ତି। ବାପା ଶମ୍ଭୁ ଖେତିଙ୍କ ୨ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ଜେଜେମା ଦୁଇ ଭାଇଙ୍କ ଆଶ୍ରା ଥିଲେ। ନିକଟରେ ଜେଜେମା ସେମାନଙ୍କୁ ଛାଡି ଆରପାରିକୁ ଚାଲିଗଲେ। ଏବେ ୨ ଭାଇଙ୍କୁ ଦଇବ ସାହା। ଉଲୁଣ୍ଡା ବ୍ଲକ କଳାପଥର ଗ୍ରାମର ପିଉସୀ ରୁକ୍ମଣୀ ମହାକୁଡଙ୍କ ଘରେ ଗତ କିଛି ଦିନ ହେବ


ଦୁଇ ଭାଇ ହେମନ୍ତ ଓ ସୁମନ୍ତ।

ଦୁଇଭାଇ ରହୁଛନ୍ତି। ପ୍ରକାଶ ଯେ, ସୋନପୁର ବ୍ଲକ ବିଶେଶ୍ୱରପାଲିସ୍ଥିତ ଭୀମଭୋଇ ଶିଶୁ ସଦନରେ ରହି ହେମନ୍ତ ଅଷ୍ଟମ ଶ୍ରେଣୀରେ ଓ ସୁମନ୍ତ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲେ। ଜେଜେମାଙ୍କ ଶୁଦ୍ଧିକ୍ରିୟା ପାଇଁ ସେମାନେ

**ପୃଷ୍ଠପୋଷକତା କାର୍ଯ୍ୟକ୍ରମରେ ସାମିଲ ପାଇଁ ଦାବି**

ଘରକୁ ଆସିଥିଲେ। ଏହାପର ଠାରୁ ପିଉସୀଙ୍କ ଘର କଳାପଥର ଗ୍ରାମରେ ରହୁଛନ୍ତି। ବିଧବା ପିଉସୀ ରୁକ୍ମଣୀ ଦୁଇ ଭାଇଙ୍କୁ କିଭଳି ଖାଇବାକୁ ଦେବେ ଓ ପାଠ ପଢାଇବେ ସେଇ ଚିନ୍ତାରେ ଅଛନ୍ତି। ସରକାରଙ୍କ ପୃଷ୍ଠପୋଷକତା କାର୍ଯ୍ୟକ୍ରମରେ ଦୁଇ ଭାଇଙ୍କୁ ସାମିଲ କରି ସହାୟତା ପ୍ରଦାନ କରିବାକୁ କଳାପଥର ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚର୍ତୁଭୁଜ ଦାଶଙ୍କୁ ଯୋଗାଯୋଗ କରିବାରୁ ଅନାଥ ଶିଶୁଙ୍କୁ ସହାୟତା ପ୍ରଦାନ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ଜିଲା କାର୍ଯ୍ୟାଳୟକୁ ଆସି ଯୋଗାଯୋଗ କଲେ ଆମେ କାଉନସେଲିଂ କରିବା ସହ ନିୟମ ଅନୁଯାୟୀ ଶିଶୁଙ୍କ ପାଠପଢା ଓ ଅନ୍ୟ ବ୍ୟବସ୍ଥା କରାଇବୁ ବୋଲି କହିଥିଲେ।

# ସ୍ମାର୍ଟ ଲାଇବ୍ରେରୀକୁ ୮୨ଖଣ୍ଡ ପୁସ୍ତକ ପ୍ରଦାନ


ସ୍ମାର୍ଟ ଲାଇବ୍ରେରିରେ ଅତିଥିଙ୍କ ଗହଣରେ ପୁସ୍ତକ ଦାନ ।

ବିନିକା,୧୫।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାଠାରେ ଖୋଲିଥିବା ସ୍ମାର୍ଟ ଲାଇବ୍ରେରୀକୁ ସରସ୍ୱତୀ ପୂଜା ଦିନ ବଲାଙ୍ଗୀର ଭୀମଭୋଇ ହସ୍ପିଟାଲର ସିନିୟର ଫାର୍ମାସିଷ୍ଟ ଆଶୁତୋଷ ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀ ସଲିମ ସୁବୁଦ୍ଧି ୫୪ ଖଣ୍ଡ ପୁସ୍ତକ ଦାନ କରିଛନ୍ତି। ସେହିପରି ବିନିକା ନିବାସୀ ଦେବେନ୍ଦ୍ର ପୃଷ୍ଟି ୨୮ଖଣ୍ଡ ବହି ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ,ବିନିକା ମହିଳା କଲେଜ ଅଧ୍ୟାପିକା ବୈଜୟନ୍ତୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, କାଉନସିଲର ବୈରାଗୀ ପ୍ରଧାନ, ଛାତ୍ରୀ ସାଇକିରଣ ସୁବୁଦ୍ଧି ଯୋଗଦେଇ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ପୁସ୍ତକ ଗ୍ରହଣ କରିଥିଲେ। ଏହି ଲାଇବ୍ରେରୀ ଏଠାକୁ ଅଧ୍ୟୟନ ପାଇଁ ଆସୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ୍ୟାରିୟର ଗଠନରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଶିଶୁ ପ୍ରତିଭା ମହୋତ୍ସବ ମହକ

ଅମରପାଲି,୧୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରରେ ଦଧିବାମନ ଯୁବକ ସଂଘ ଆନୁକୂଲ୍ୟରେ ଶିଶୁ ପ୍ରତିଭା ମହୋତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବହଳପଦର ସେବା ସମବାୟ ସମିତିର ସଂପାଦକ ପ୍ରଫୁଲ୍ଲ ଦନ୍ତା, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ସୁଧାଂଶୁ ଶେଖର ପ୍ରଧାନ, ସମ୍ପାଦକ ବାବୁଲାଲ ପ୍ରଧାନ, ଯୁବକ ସଂଘ ଉପଦେଷ୍ଟା ସୁରେଶ ମହାକୁର, ଶିକ୍ଷକ ପ୍ରଦୀପ ଜଗଦଲା, ଶଙ୍କର୍ଷଣ ଭୋଇ, ସ୍ୱେଚ୍ଛାସେବୀ ଚନ୍ଦ୍ର ଶେଖର ସାହୁ, ସୁରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଲୁହା ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ନୃତ୍ୟ ଗୀତ ,ଖେଳ କୁଦ ଆଦିରେ ରୁଚି ରଖି ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ପରାମର୍ଶ ଦେଇଥିଲେ। ସଭା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ଓ ଏକକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ପୂର୍ବତନ ଜିଲା ପରିଷଦ


ବଡ଼ମାଳ ୟୁପି ସ୍କୁଲର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ।

**ନୃତ୍ୟ ପରିବେଷଣ କଲେ ଶତାଧିକ ନୃତ୍ୟ ଶିଳ୍ପୀ**

ଅଧ୍ୟକ୍ଷ ଆନନ୍ଦ ବାରିକ, ଜିଲା ବିଜେଡି ଉପସଭାପତି କିଶୋର ହୋତା ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ନୃତ୍ୟ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଯୁଧିଷ୍ଠିର ପ୍ରଧାନ, ଶଙ୍କର୍ଷଣ ଭୋଇ ଓ ପ୍ରଦୀପ ଜଗଦଲା ବିଚାରକ ଭାବେ ଯୋଗଦେଇ ଥିଲେ। କୁଞ୍ଜାପାଲିସ୍ଥିତ ବଡଦେଓ ନୃତ୍ୟ ଦଳ ପ୍ରଥମ, ଅମରପାଲି ଭୀମଭୋଇ କଳା ପରିଷଦ ଦ୍ୱିତୀୟ ଓ ବଡ଼ମାଳ ୟୁପି ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ଶହ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ ଶହ ଓ ତୃତୀୟ ସ୍ଥାନ କରିଥିବା ଦଳକୁ ଏକ ହଜାର ଟଙ୍କାର ଅର୍ଥ ରାଶି ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହା ସହିତ ଅଂଶ ଗ୍ରହଣ କରିଥିବା ସମସ୍ତ ନୃତ୍ୟ ଶିଳ୍ପୀ ଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ସମରେଶ ପ୍ରଧାନ,ବିନୋଦ ସାହୁ, ସୌମ୍ୟ ରଞ୍ଜନ ମହାକୁର, ଚନ୍ଦ୍ରଭାନୁ ମହାକୁର,ମିତ୍ରଭାନୁ ମହାକୁର,ପ୍ରମୋଦ ଜଗଦଳା ପ୍ରମୁଖ ସହଯୋଗ କରିଥିଲେ।

# ହରଭଙ୍ଗା ବସଷ୍ଟାଣ୍ଡ ଉଦ୍‌ଘାଟିତ

ବୌଦ୍ଧ,୧୫।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୁରୁଣାକଟକଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ହରଭଙ୍ଗା ବସଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା, ବୌଦ୍ଧ ଜିଲାପାଳ ଜେ.ସୋନାଲ, ପର୍ଯ୍ୟବେକ୍ଷକ ଚିତ୍ତ କର୍ଣ୍ଣ ଯୋଗଦାନ କରିଥିଲେ। ଲୋକାର୍ପଣ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ମିଶନଶକ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ, ରାଜ୍ୟ ପୋଲିସ ହାଉସିଂ ଓ ନିରାପତ୍ତା କର୍ପୋରେଶନ ଭୁବନେଶ୍ୱର ଦ୍ୱାରା ୬ କୋଟି ୮୯ଲକ୍ଷ ୧୭ହଜାର ଟଙ୍କା ବ୍ୟୟରେ ହରଭଙ୍ଗା ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି ।

# ସୃଜନର ଅନନ୍ୟ ପରିପ୍ରକାଶ ହେଉଛି କବିତା


କବିତା ଆସରରେ ମଞ୍ଚାସୀନ ଅତିଥି ଆଲୋଚକ ଓ କବି।

ସୋନପୁର,୧୫।୨(ମୃତ୍ୟୁଞ୍ଜୟ ଶତପଥୀ)

କବିତା କବି ମନର ଭାବ ପରିପ୍ରକାଶ କରେ। ତେଣୁ ସୃଜନର ଅନନ୍ୟ ପରିପ୍ରକାଶ ହେଉଛି କବିତା ବୋଲି ବହୁଭାଷୀ କବିତା ଆସରରେ ଅତିଥି ଆଲୋଚକ ଓ କବି ମାନେ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲାର ଷଷ୍ଠ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ-୨୦୨୪ ଅବସରରେ ଗୁରୁବାର ସନ୍ଧ୍ୟାରେ ରୟାଲ ପଡିଆରେ ବହୁଭାଷୀ କବିତା ଆସର: ଶବ୍ଦ ପ୍ରହର ଆୟୋଜିତ ହୋଇଥିଲା। ଏଥିରେ ବୀରମହାରାଜପୁର କଲେଜର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରକାଶ ସେଠ୍ ଅତିଥି ଆଲୋଚକ ଭାବେ

**ବହୁଭାଷୀ କବିତା ଆସରଃ ଶବ୍ଦ ପ୍ରହର**

ଯୋଗଦାନ କରି କବିତାର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଡ. ପୁରୁଷୋତ୍ତମ ମିଶ୍ରଙ୍କ ସଭାପତିତ୍ୱରେ ଏହି ଆସର ଅନୁଷ୍ଠିତ ହୋଇଥିଲା। କବି ରଞ୍ଜିତା ପଣ୍ଡା, ଦେବଯାନୀ ମେସୁଆ, ଅଦ୍ୱୈତ ପଣ୍ଡା ଓ ଲକ୍ଷ୍ମୀ ନାରାୟଣ ସାହୁ ଆସରକୁ ସଂଯୋଜନା କରିଥିଲେ। ଇଙ୍କ୍‌ଫେଷ୍ଟର ସଭ୍ୟ ଦୁର୍ଯୋଧନ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

**ସରକାରୀ ଯୋଜନାରୁ ବଞ୍ଚିତ ନେଇ ପ୍ରତିବାଦ**

# ପଞ୍ଚାୟତ ଅଫିସ୍‌ରେ ତାଲା

ବୌଦ୍ଧ,୧୫।୨( ଅଜିତ କୁମାର ବାରିକ)

ସରକାର ଗରିବ, ଅସହାୟ, ଭିନ୍ନକ୍ଷମଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମାତ୍ର ହରଭଙ୍ଗା ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବହୁଳ ଆଡେଣିଗଡ ପଞ୍ଚାୟତରେ ବହୁ ଗରିବ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ କେତେଜଣ ଯୋଗ୍ୟ ହିତାଧିକାରୀ ତାଲା ପକାଇଥିବା ଜଣାପଡିଛି । ସଚଳ


ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯାଇଛି ।

ଦୀପ, ସୁଲୋଚନା ନାୟକ, ଉର୍ବଶୀ ବଘାର, ଅଭୟ କୁମାର ବେହେରାଙ୍କ ଅଭିଯୋଗ ଅନୁସାରେ ଅନ୍ତୋଦୟ, ପ୍ରଧାନମନ୍ତ୍ରୀ ଆବାସ ଭଳି ବିଭିନ୍ନ ସରକାରୀ ଯୋଜନାରୁ ସେମାନଙ୍କୁ ବଞ୍ଚିତ କରାଯାଇଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହାର ପ୍ରତିବାଦରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଚଳ କରିବା ପାଇଁ ଏଭଳି ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପଞ୍ଚୟତ ପିଇଓ ଦିଲୀପ ମଲ୍ଲିକଙ୍କୁ ପଚାରିବାରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଛି । ମାତ୍ର ଏ ସମ୍ପର୍କରେ କେହି ଜଣାଇ ନାହାନ୍ତି ବୋଲି କହିଥିଲେ ।

# ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ



ସଂଗ୍ରାମପୁରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ।

ଅମରପାଲି,୧୫।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତ ପଡ଼ିଆରେ ନୂତନ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଳକା କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ଏବିଡିଓ ପୁରୁଷୋତ୍ତମ ଧାରୁଆ,ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କ୍ଷତିଗ୍ରସ୍ତ ପ୍ରାଣୀପାଳକଙ୍କ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

ବୌଦ୍ଧ,୧୫।୨(ଅଜିତ କୁମାର ବାରିକ)

୪ ଦଫା ଦାବି ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡାକରାରେ ବୌଦ୍ଧ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଗତମାସ ୧୮ତାରିଖ ଠାରୁ ସମୂହ ଛୁଟିରେ ଅଛନ୍ତି। ଜିଲାରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଥିବାରୁ ଜିଲାର ୩ ବ୍ଲକରେ ଥିବା ୭ଟି ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇଯାଇଛି । ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁର ଆଦି ପ୍ରାଣୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ନେଇ ପ୍ରାଣୀପାଳକଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଗୁରୁବାର ଦିନ ଦୁଗ୍ଧ ସମବାୟ ସମିତି ସମୂହର ସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ହିତାଧିକାରୀ ଓ ପ୍ରାଣୀପାଳକମାନେ ନିଜର ଗାଈ, ବାଛୁରୀ, ଛେଳି ଆଦି ଧରି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହାପରେ ଦୁଗ୍ଧ ଚାଷୀ, ପ୍ରାଣୀ ପାଳକ ଓ ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ଜିଲପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଅପରପକ୍ଷରେ ସରକାରଙ୍କ ସହିତ ପ୍ରାଣୀ ଚିକିତ୍ସା ସେବା ସଂଘର ଆଲୋଚନା ବିଫଳ ହେବା ପରେ ପ୍ରାଣୀ ଚିକିତ୍ସକମାନଙ୍କ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ଆସନ୍ତା ୨୦ ତାରିଖରୁ ଆମରଣ ଅନଶନରେ ବସିବେ ବୋଲି ସଂଘ ଚେତାବନୀ ଦେଇଛି ।



ପ୍ରାଣୀପାଳକ, ଦୁଗ୍ଧ ଚାଷୀ, ମହିଳା ଶୋଭାଯାତ୍ରାରେ ଯାଉଛନ୍ତି।

# ସୁନାବେଡ଼ା ପିଓ୍ୱାଇସି ସେମିରେ

ସୋନପୁର,୧୫।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୫ ତମ ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ପୁଲ୍-ବିର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସୁନାବେଡା ପି.ଓ୍ୱାଇ.ସି ୨-୧ଗୋଲରେ କଟକ ରୋଭର୍ସ ଆଥଲେଟିକ୍ କ୍ଲବକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ସୁନାବେଡାର ଗିଟୁ ଓରାମଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ମ୍ୟାଚ୍‌କୁ ରେଫେରି ସଲିଳ ବେହେରା ପରିଚାଳନା କରିଥିବା ବେଳେ ଦିଲୀପ କୁମାର ରାଉଳ, ପ୍ରଶାନ୍ତ ବେହେରା ଓ ଜିତେନ୍ଦ୍ରିୟ ଥନାପତି ସହଯୋଗ କରିଥିଲେ। ଭୁକୁଲୁ ବକ୍ସି ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଓ ପ୍ରାକ୍ତନ ନଗରପାଳ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ**

କଇରୁ ସ୍ୱାଇଁ ସମ୍ମାନିତ ଭାବେ ଯୋଗଦାନ କରିଥିଲେ। ପ୍ଲାବନ ମହାପାତ୍ର, ଜିଲା କ୍ରୀଡା ସଂଘ ଉପଦେଷ୍ଟା ଶରତ ଚନ୍ଦ୍ର ମହାନ୍ତି, କୃଷ୍ଣ ବାଗ, ଦ୍ୱାରିକା ସାହୁ, ସତ୍ୟ ନାରାୟଣ ରାଓ, ଦିଲୀପ ପାତ୍ର, ସନ୍ତୋଷ ପୂଜାହାରୀ, ଜିଲା କନଷ୍ଟେବଳ ଓ ହାବିଲଦାର ସଂଘର ସମ୍ପାଦକ ରଞ୍ଜିତ ପଧାନ ଏବଂ ବଳରାମ ପଟ୍ଟନାୟକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ପ୍ରଭୁ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ଗୁରୁବାର ପୁଲ ବିର ଦ୍ୱିତୀୟ ମ୍ୟାଚ୍ ସୁବର୍ଣ୍ଣପୁର ରାମଧୂନ କ୍ଲବ ଓ ବିହାର ବକ୍ସରର ମା' କାମାକ୍ଷା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଫେରାର ୧୬ ଅଭିଯୁକ୍ତ କୋର୍ଟଚାଲାଣ

**କୁଆଁରମୁଣ୍ଡା,୧୫।୨(ମହେନ୍ଦ୍ରକୁମାରସାହୁ):** ବିଭିନ୍ନ ଅପରାଧିକ ଘଟଣାରେ ଫେରାର ଥିବା କୁଆଁରମୁଣ୍ଡା ଫାଣ୍ଡିର ୯ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଣ୍ଟି କୁଜୁର୍, ଶୁଭମ୍ ବେହେରା, କିଶୋର ବଡାଇକ, ମୋରିସ ଲାକ୍ରା, ସନିକ କୁଯୁର, ମୁନୁ ସାହୁ, ମଙ୍ଗଳ ମିଞ୍ଜ, ମୋହନ ବଡାଇକ, ରମେଶ ସାହୁ। ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଅଚାନକ ଚଢ଼ାଉ କରି ସେମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ସେହିପରି ବୀରମିତ୍ରପୁର ଥାନାରେ ମଧ୍ୟ ଆଉ ୭ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।

### ଶୋଭନ ସୁନ୍ଦରଗଡ଼ ନଗରମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି

**ସୁନ୍ଦରଗଡ଼,୧୫।୨(ଜୟ ନାରାୟଣ ମେଣ୍ଡୁଲି):** ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସୁନ୍ଦରଗଡ଼ ଭାଜପା ତା'ର ବିଭିନ୍ନ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛି। ଗୁରୁବାର ନଗରମଣ୍ଡଳର ଯୁବମୋର୍ଚ୍ଚା ସଭାପତି ଭାବେ ଶୋଭନ ମିଶ୍ରଙ୍କ ନାମ ଘୋଷଣା କରାଯାଇଛି। ତାଙ୍କ ସହ ମହିଳା



ମୋର୍ଚ୍ଚାର ଦୀପାଞ୍ଜଳି ନନ୍ଦ, କିଷାନ ମୋର୍ଚ୍ଚାର ଭବାନୀ ପ୍ରକୋଷ୍ଠ, ଏସ୍‌ସି ମୋର୍ଚ୍ଚା ସଭାପତି ଭାବେ ପ୍ରଦୀପ ମହାନନ୍ଦିଆ, ଏସ୍‌ଟି ମୋର୍ଚ୍ଚାର ଲଳିତ ବିପ୍ର, ଓବିସି ମୋର୍ଚ୍ଚାର ରଞ୍ଜିତ ସାହୁ ଏବଂ ସଂଖ୍ୟାଲଘୁ ମୋର୍ଚ୍ଚାର ବିପିନ ବାର୍ଲା ସଭାପତି ଭାବେ ମନୋନୀତ ହୋଇଥିଲେ।

# ନୂଆଗାଁରେ ଅଟକିବ ତପସ୍ୱିନୀ ଏକ୍ସପ୍ରେସ୍

**ନୂଆଗାଁ,୧୫।୨(ବିଜୟ ତ୍ରିପାଠୀ)**

ନୂଆଗାଁ ରେଳଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ୍ ରହିବାନେଇ ରାସ୍ତା ପରିଷ୍କାର ହୋଇଛି। ଏନେଇ ନୂଆଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଧାୟକ ଶଙ୍କର ଓରାମଙ୍କ ଏଭଳି ପଦକ୍ଷେପକୁ ନୂଆଗାଁ ବ୍ଲକ ଭାଜପା ଯୁବନେତା ଅରୁଣ ପାଣିଗ୍ରାହୀ, ଇଦ୍ରୀସ କୁଲା ପ୍ରମୁଖ ଧନ୍ୟବାଦ ଦେବା ସହ ରେଳମନ୍ତ୍ରୀ ଓ କେନ୍ଦ୍ରସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। କରୋନା ସମୟରେ ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ୍ ରହଣୀକୁ ରେଳକର୍ତ୍ତୃପକ୍ଷ ବାତିଲ କରିଦେଇଥିଲେ। କରୋନା ପ୍ରଭାବ କମିବା ପରେ ଉକ୍ତ ଷ୍ଟେଶନରେ ଟ୍ରେନ ପୂର୍ବ ପରି ଆଉ ରହିଲା ନାହିଁ। ରେଳ କର୍ତ୍ତୃପକ୍ଷ ନୂଆଗାଁ ରେଳଷ୍ଟେଶନରେ ଯାତ୍ରୀ ହେଉ ନ ଥିବା ଦର୍ଶାଇ ତପସ୍ୱିନୀ ଏକ୍ସପ୍ରେସ୍‌ର ରହଣିକୁ ସମ୍ପୂର୍ଣ୍ଣ ବାତିଲ କରିଦେଇଥିଲେ। ଫଳରେ ନୂଆଗାଁ ତଥା ଆଖ ପାଖ ଅଞ୍ଚଳର ଲୋକେ ପ୍ରଭାବିତ ହେଲେ। କୌଣସି ଯାଗାକୁ ଯିବାକୁ ହେଲେ ଝାରଖଣ୍ଡର ଓଡଗାଁ ନଚେତ୍ ରାଉରକେଲା ଷ୍ଟେଶନ ଯାଇ ଟ୍ରେନ ଧରିବାକୁ ପଡୁଥିଲା। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଭାଜପା ଯୁବନେତା ତଥା ବ୍ଲକ ଉପାଧ୍ୟକ୍ଷ ଇଦ୍ରୀଶ କୁଲାଙ୍କ ନେତୃତ୍ୱରେ ଶତାଧିକ ଲୋକ ଏକଜୁଟ ହୋଇ ୨୦୨୨ ସେପ୍ଟେମ୍ବର ୨୦ରେ ନୂଆଗାଁ ଷ୍ଟେଶନରେ ରେଳରୋକ କରିଥିଲେ। ଚକ୍ରଧରପୁର ରେଳଡିଭିଜନର ଡିଆର୍‌ଏମ ବିଜୟ କୁମାର ସାହୁ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦଳନକାରୀଙ୍କ ସହ କଥା ହୋଇଥିଲେ। ଅକ୍ଟୋବର ସୁଦ୍ଧା ଏକ୍ସପ୍ରେସ୍ ନୂଆଗାଁରେ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ସଫଳ ହୋଇପାରିଲା ନାହିଁ। ବୀରମିତ୍ରପୁର ବିଧାୟକ ଓରାମଙ୍କୁ ରେଳରୋକ ପାଇଁ ହସ୍ତକ୍ଷେପ କରିବାକୁ କହିଥିଲେ। ଏ ନେଇ ବିଧାୟକ ଓରାମ ଦିଲ୍ଲୀ ଯାଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ନୂଆଗାଁ ଏବଂ ବିଶ୍ରା ଷ୍ଟେଶନରେ କେତେକ ଟ୍ରେନ ରହଣି ଉପରେ ଆଲୋଚନା କରି ଏକ ଚିଠି ପ୍ରଦାନ କରିଥିଲେ। ଶେଷରେ କେନ୍ଦ୍ରରେଳମନ୍ତ୍ରୀ ବିଧାୟକ ଓରାମଙ୍କ ଚିଠିକୁ ଅନୁମୋଦନ କରିଛନ୍ତି।

## ଜନଜାତି ସାଂସ୍କୃତିକ ଆଭୂଷଣ, ବାଦ୍ୟଯନ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**କୁଆଁରମୁଣ୍ଡା,୧୫।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଗୁରୁବାର କୁଆଁରମୁଣ୍ଡା ଭାଟି ପଡ଼ିଆରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଜନଜାତି ସାଂସ୍କୃତିକ କାର୍ଯ୍ୟକ୍ରମ, ଆଭୂଷଣ,ବାଦ୍ୟଯନ୍ତ୍ର ଓ କ୍ରୀଡ଼ା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରମମନ୍ତ୍ରୀ ସାରଦା ନାୟକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ବିକାଶ ଓ ସାଧାରଣ ଜନତାଙ୍କ ପାଇଁ ପ୍ରଣୀତ ବିଭିନ୍ନ ଯୋଜନ ବିଷୟରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ। ବୀରମିତ୍ରପୁରରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ଏସ୍‌ଡିସି ଅଧ୍ୟକ୍ଷା ବିନୟ ଟପ୍ପୋ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସେହିପରି ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ,ପୂର୍ବତନ ବିଧାୟକ ନିହାର ସୁରିନ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଏମ୍ମା ଏକ୍କା, ମାକ୍ଲୁ ଏକ୍କା, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେର୍‌କେଟା,ସୋମନାଥ ରାହା, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନଜାତି ସମ୍ପ୍ରଦାୟର ଗୋଷ୍ଠୀଙ୍କୁ ମାଦଳ,ଢୋଲ ଓ ବିଭିନ୍ନ ସାଂସ୍କୃତିକ ଅଭୂଷଣ ଇତ୍ୟାଦି ସହ ବିଭିନ୍ନ ଖେଳ ଟିମ୍‌କୁ ହକି,ଫୁଟ୍‌ବଲ, କ୍ରିକେଟ୍ ସାମଗ୍ରୀ ଅତିଥିମାନେ ବଣ୍ଟନ କରିଥିଲେ।

## ଦିନକରେ ୨ ସଡ଼କ ଦୁର୍ଘଟଣା

**ଅତାବିରା,୧୫।୨(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଛକ ଏବଂ ଅତାବିରା ହାଇସ୍କୁଲ ନିକଟ ଦମଦମା ନିକଟରେ ଗୁରୁବାର ପୃଥକ୍ ୨ଟି ସଡ଼କ ଦୁର୍ଘଟଣା ଘଟିଛି। ରେଙ୍ଗାଲିକ୍ୟାମ୍ପ ଛକରେ ହୋଇଥିବା ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଭାଲୁପାଲି ଗ୍ରାମର ପଦ୍ମାଳୟା ଭୋଇ(୩୮), ସୁବଳ ଭୋଇ(୩୭), ଲିପ୍‌ସା ଭୋଇ(୨୨), ଅତାବିରାର ବିଳାସିନୀ ପ୍ରଧାନ(୪୪)। ସେମାନେ ରାସ୍ତାରେ ଏକ କପଡ଼ା ଦୋକାନକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅତାବିରା ହାଇସ୍କୁଲ ପାଖ ଦମଦମା ନାଳ ବ୍ରିଜ ନିକଟରେ ଘଟିଥିବା ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିଜେପୁର ବ୍ଲକ ଟି.ଗଣ୍ଡପାଲି ଗ୍ରାମର ଅଚ୍ୟୁତ ସାହୁ(୪୪) ଏବଂ ସ୍ତ୍ରୀ ବାଲେଶ୍ୱରୀ(୪୨)।

## ଭାରତ ବନ୍ଦ ପାଇଁ ବାଇକ୍ ଶୋଭାଯାତ୍ରା



ରାଉରକେଲାରେ ବାଇକ୍ ରାଲି କରାଯାଉଛି।

**ରାଉରକେଲା,୧୫।୨(ସଙ୍ଗୀତା ଜେନା)**

କେନ୍ଦ୍ରର ମୋଦି ସରକାରଙ୍କ କୁଶାସନ, ଶ୍ରମିକ, କୃଷକ ଓ ଜନବିରୋଧୀ ନୀତି ବିରୋଧରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍, ସ୍ୱାଧୀନ କର୍ମଚାରୀ ଫେଡେରେଶନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୨୧ ଦଫା ଦାବିରେ ଶୁକ୍ରବାର ଦେଶବ୍ୟାପୀ ୧୨ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟାରେ ମିଳିତ ଟ୍ରେଡ୍ ୟୁନିୟନ୍ ଆଇଏନଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ, ଏଆଇଟିୟୁସିଏସ, ଏଲପିଏଫ୍, ସିୟର, ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ରାଉରକେଲାରେ ଧର୍ମଘଟ ଓ ହରତାଳରେ ସଫଳ କରିବାକୁ ବିଶ୍ରା ଛକରୁ ଏକ ବାଇକ୍ ରାଲି ବାହାରିଥିଲା। ଏହି ରାଲି ସହରର ମୁଖ୍ୟ ମାର୍ଗ ଦେଇ ପାନପୋଷ ଛକ ପର୍ଯ୍ୟନ୍ତ ଯାଇଥିଲା। ଶୁକ୍ରବାର ବନ୍ଦରେ ସମସ୍ତ ଜରୁରୀକାଳୀନ ସେବାକୁ ଛାଡ଼ି ଜିଲାର ପରିବହନ, ବ୍ୟବସାୟିକ ପ୍ରତିଷ୍ଠାନ, ଅଫିସ, ଶିକ୍ଷାନୁଷ୍ଠାନ, କୃଷିକ୍ଷେତ୍ର, ନିର୍ମାଣ କ୍ଷେତ୍ରକୁ ଏହି ହରତାଳରେ ସାମିଲ କରାଯାଇଛି। ଉକ୍ତ ବାଇକ୍ ରାଲିରେ ନିହାର ଦାସ, ବୀରକିଶୋର ଶେଖର ଦେଓ, ପ୍ରମୋଦ ଦାସ, ଦିଲୀପ ଜେନା, ବିମାନ ମାଇତି, ବସନ୍ତ ନାୟକ, ସୁରେନ୍ଦ୍ର ଦାଶଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ମନ୍ଦିରର ଉନ୍ନତୀକରଣ ପାଇଁ ଶିଳାନ୍ୟାସ



**ରାଜଗାଙ୍ଗପୁର,୧୫।୨(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ବିଧାୟକ ଡା. ସିଏସ ରାଜନ ଏକ୍କା ଗୁରୁବାର ତୋଫାନି ଗସ୍ତ କରି ସହରରେ ଥିବା କଣ୍ଡୁପଡା ସପ୍ତେଶ୍ୱର ମନ୍ଦିର, ବଗିଚାପଡା ଗଣେଶ ମନ୍ଦିର, କୁମାରକେଲା ଜଗନ୍ନାଥ ମନ୍ଦିର, ଶାନ୍ତିନଗର ଶିବ ମନ୍ଦିର, ମିଶନହତା ହନୁମାନ ମନ୍ଦିର, ଭାଟାପଡା ଗାୟତ୍ରୀ ମନ୍ଦିର, ଆଇଟି କଲୋନୀ ରାଧାକୃଷ୍ଣ ମନ୍ଦିର, ରାଠୋର କଲୋନି କାଳୀ ମନ୍ଦିର, ଲିପଲୋଇ ଜଗନ୍ନାଥ ମନ୍ଦିର ତଥା କୁଣ୍ଡୁପଡା ଗ୍ରାମ ଦେବୀଙ୍କ ମନ୍ଦିର, ଲିପଲୋଇ ଗ୍ରାମଦେବୀଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକଙ୍କ ସହ ରାଜଗାଙ୍ଗପୁର ଟାଉନ କଂଗ୍ରେସ କମିଟି ସଭାପତି ଦିପୁ ବିନୋଦଙ୍କ ସହ ବହୁ କଂଗ୍ରେସ ପଦାଧିକାରୀ ଓ କର୍ମୀବୃନ୍ଦ ରହିଥିଲେ।

## ସମରଡିହି ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ଼,୧୫।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ବ୍ଲକ ସମରଡିହି ରାଧାକୃଷ୍ଣ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜାତୀୟ ଫୁଟ୍‌ବଲ ରେଫରି ଦୁର୍ଗାମାଧବ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗୋପବନ୍ଧୁ କ୍ଲବ ଗଇଯୋର ଏବଂ ଲଖନପୁର ମହେଶ ଓ ମନୀଷ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଗୋଲ ଶୂନ୍ୟ ହେବାରୁ ପେନାଲଟି ସୁଟ ଆଉଟରେ ଲଖନପୁର ଦଳ ୪-୩ଗୋଲରେ ଚାମ୍ପିୟନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସୁନ୍ଦଗଗଡ଼ ସମେତ ସମ୍ବଲପୁର ଓ ଝାରସୁଗୁଡା ଜିଲାର ୧୬ଟି ଦଳ ଭାଗ ନେଇଥିଲେ। ଚାମ୍ପିୟନ ଲଖନପୁର ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରି ଲକ୍ଷଣ ସେଠ, ନିତ୍ୟାନନ୍ଦ ମେହେର, ବିବେକ ନାଏକ, ଗୋପାଳ ଡେହକୀ ପରିଚାଳନା କରିଥିଲେ। ରାଧାକୃଷ୍ଣ କ୍ଲବ ସଭାପତି ବିଶିକେଶନ ନାଏକ, ସମ୍ପାଦକ ପ୍ରକାଶ ପଟେଲ, ଆଲୋକ ମାଝି, ପ୍ରମୋଦ କୁଲୁ, ବିଶାଳ ହାସଦା, ସତ୍ୟଜୀତ ହାସଦା, ଭବାନୀ ଭୋଇ,ଶୁଭମ କୁଲୁ,ଗୋକୁଲ କୁଲୁ,ସୁମନ୍ତ କୁଲୁ,ମଣ୍ଟୁ ନାଏକ,ପୂର୍ଣ୍ଣ ଚନ୍ଦ୍ର ଭୋଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ପେରିଫେରାଲ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**ଟେନ୍‌ସା,୧୫।୨(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା ଟେନସାରେ ଥିବା ସେଲ୍ ଅଧୀନସ୍ଥ ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱ ବୋଧ ବିଭାଗ ତଥା ସିଏସ୍‌ଆର ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପେରିଫେରାଲ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଟେନ୍‌ସା ଇସ୍ପାତ ଷ୍ଟାଡିୟମ ଓ ବରସୁଆଁ ଖେଳ ପଡିଆଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବଣାଇଁ ଉପଖଣ୍ଡରୁ ୩୨ଟି ଦଳ ଏଥିରେ ଭାଗ ନେଇଥିଲେ। ୧୬ଟି ଦଳ ବରସୁଆଁରେ ଏବଂ ୧୬ଟି ଦଳ ଟେନ୍‌ସାରେ ଖେଳୁଛନ୍ତି। ଉଭୟ ଜାଗାରୁ ବିଜେତା ଦଳକୁ ନେଇ ଶୁକ୍ରବାର ଫାଇନାଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଝାଡ଼ଖଣ୍ଡ ରାଞ୍ଚି ରିଜନର ଡିଜିଏମଏସ ମେକାନିକାଲ ରବୀନ୍ଦ୍ର ଗୁପ୍ତା, ସମ୍ମାନନିତ ଅତିଥିଭାବେ ଟେନ୍‌ସା ସରପଞ୍ଚ ଅନିତା ପୂର୍ତ୍ତି,ବରସୁଆଁ ଲୌହଖଣିର ମହାପ୍ରବନ୍ଧକ ତିଳକ ପଟ୍ଟନାୟକ, ପିସି ବରୁଆ, ସିଭିଲି ବିଭାର ମୁଖ୍ୟ ବି. ଦତ୍ତ, ସମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଟର୍ଣ୍ଣାମେଣ୍ଟ ୨ ଦିନ ଧରି ଅନୁଷ୍ଠିତ ହେବ।

## ନିଜ ଗଳା ନିଜେ କାଟିଲେ ଯୁବକ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଭଟଲି ଛକରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ଯୁବକ ନିଜ ଗଳାକୁ ଏକ ବ୍ଲେଡ ଦ୍ୱାରା ନିଜେ କାଟି ରକ୍ତାକ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତାଙ୍କ ନାମ ଜଣାପଡ଼ି ନ ଥିବାବେଳେ ସେ ଭଟଲି ଥାନା ମେଘାପାଲି ଗ୍ରାମର ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ କେଉଁ ପରିସ୍ଥିତିରେ ସେ ନିଜ ଗଳା କାଟିଲେ ତାହା ଜଣାପଡ଼ିନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ଭେଡ଼େନ ରାସ୍ତାର ସାହୁଟିକ୍ରାରେ ଗତ ନଭେମ୍ବର ମାସରେ ଘଟିଥିବା ହତ୍ୟା ଘଟଣାକୁ ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି। ଏହି ମାମଲାରେ ପୋଲିସ ନିର୍ଦ୍ଦୋଷ ଦଳିତ ବର୍ଗର ଲୋକଙ୍କୁ ଗିରଫ କରିଛି। ଏଭଳି ଅଭିଯୋଗ କରି ଗୁରୁବାର ଲିବେରାଲ ଡେମୋକ୍ରାଟିକ୍ ଆସୋସିଏଶନ (ଏଲଡ଼ିଏ) ନେତୃତ୍ୱରେ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ତଥା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ସେମାନେ ଧାରଣାରେ ବସି ଗିରଫ ହୋଇଥବା ନିର୍ଦ୍ଦୋଷଙ୍କୁ ତୁରନ୍ତ ଖଲାସ୍ କରିବା, ଗିରଫ ନିର୍ଦ୍ଦୋଷଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ, ହତ୍ୟା ମାମଲାରେ ସମ୍ପୃକ୍ତ ପ୍ରକୃତ ଅପରାଧୀମାନଙ୍କୁ ଗିରଫ ଏବଂ ନିର୍ଦ୍ଦୋଷଙ୍କୁ ଗିରଫ କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସହିତ ଆଲୋଚନା ପରେ ସେମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ, ୨୦୨୩ ନଭେମ୍ବର ୨୧ତାରିଖରେ ସାହୁଟିକ୍ରାରେ ଲୁଟ୍‌ପାଟ୍ ଅଭିଯୋଗରେ ୨ଜଣ ଦଳିତ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିଥିଲେ। ଏହି ମାମଲାରେ ପୋଲିସ ଅନେକ ଲୋକଙ୍କୁ ଗିରଫ କରିଛି। ତେବେ ସେମାନଙ୍କ ମଧ୍ୟରେ ଦଳିତ ବର୍ଗର ନିର୍ଦ୍ଦୋଷ ଲୋକଙ୍କୁ ମଧ୍ୟ ପୋଲିସ ଗିରଫ କରିଥିବା ଯୋଗୁ ଏବେ ସେମାନଙ୍କ ପରିବାର ପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଥିବା ଅଭିଯୋଗ କରିଛି। ଦଳିତ ବର୍ଗଙ୍କ ପ୍ରତି ପୋଲିସର ଏଭଳି ଜୁଲମକୁ ବରଦାସ୍ତ କରାଯିବନାହିଁ ଏବଂ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଆଇନର ଆଶ୍ରୟ ନିଆଯିବା ସହିତ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏଲଡ଼ିଏର ଫାଉଣ୍ଡର ଲବ ସୁନା କହିଛନ୍ତି।

## ଲଖନପୁର ବ୍ଲକ ବିଭାଜନ ଦାବି ତେଜିଲା

**ବ୍ରଜରାଜନଗର,୧୫।୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବିଭାଜନ ଓ ବ୍ଲକରେ ସବ୍‌ଡ଼ିଭିଜନ ସ୍ଥାପନା ଦାବି ଜୋର ଧରିଛି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂଙ୍କ ନେତୃତ୍ୱରେ ଲଖନପୁରର ବହୁ ସଂଖ୍ୟକ ସଚେତନ ନାଗରିକ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନକାରୀ ଦର୍ଶାଇଥିଲେ, ବ୍ଲକର ଉପାନ୍ତ ଅଞ୍ଚଳ ୧୯ଖଣ୍ଡ ମୌଜାର ଜନସାଧାରଣ ବିକାଶଠାରୁ ବହୁ ଦୂରରେ। ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ଆଦି କ୍ଷେତ୍ରରେ ଅବହେଳିତ ହୋଇରହିଛନ୍ତି। ଦୀର୍ଘଦିନରୁ ବ୍ଲକ ବିଭାଜନ ଓ ସବ୍‌ଡିଭିଜନ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦେବା ଅତି ନିନ୍ଦନୀୟ।



ବିଡିଓଙ୍କୁ ଦାବିପତ୍ର ଦେବା ଅବସରରେ ଆନ୍ଦୋଳନକାରୀ।

ଆନ୍ଦୋଳନରେ ସାମିଲ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ ବେହେରାଗୁଡ଼ା ଛକଠାରୁ ପଦଯାତ୍ରାରେ ବାହାରି ଲଖନପୁର ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶୀଘ୍ର ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସାଧାରଣ ସମ୍ପାଦକ ସିଂ ପ୍ରତିକ୍ରିୟା ରଖିଥିଲେ।

## ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି ତେଜିଲା

**ସୁନ୍ଦରଗଡ଼,୧୫।୨(ଜୟ ନାରାୟଣ ମେଣ୍ଡୁଲି)**

ଗାଙ୍ଗପୁର ବିଦ୍ରୋହର ଜନନାୟକ ବୀର ମାଦ୍ରି କାଲୋଙ୍କ ଜୟନ୍ତୀ ସୁବଳୟାସ୍ଥିତ ମାଦ୍ରି କାଲୋ ଭବନଠାରେ ଗୁରୁବାର ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜ ତରଫରୁ ପାଳିତ ହୋଇଯାଇଛି। ଏହି ଜୟନ୍ତୀରେ କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ କାଲୋ, ମାଦ୍ରି କାଲୋ ମେମୋରିଆଲ କମିଟିର ସାଧାରଣ ସମ୍ପାଦକ ଚନ୍ଦ୍ରଭାନୁ ଜୁରା, ମିତେଶ ଭିତ୍ରିଆ, ଆଶିଷ ନାଏକ, ନବୀନ ଭିତ୍ରିଆ, ଆକାଶ ଭିତ୍ରିଆ, ଭବାନୀ ଜୁରା, ରଜନୀ ବେହେରା ପ୍ରମୁଖ ଉପସ୍ଥିତ ରହି ତାଙ୍କ ବଳିଦାନ ଏବଂ ସଂଗ୍ରାମର ଗାଥା ସମ୍ପର୍କରେ ଆଲୋଚନାକରି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଯଥାଶୀଘ୍ର ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ କରିବା ପାଇଁ ଦାବି କରିଥିଲେ। ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ବହୁଦିନରୁ ଭୂୟାଁ ସମାଜ ସହ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲେ ସୁଦ୍ଧା ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ଭୂୟାଁ ସମାଜ ତରଫରୁ କ୍ଷୋଭ ପ୍ରକାଶ ପାଇଥିବା କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ ସଭାରେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା

**ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ):** ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଗୁରୁବାର ଝୁଝୁମୁରା ବ୍ଲକ କନଫରେନ୍ସ ହଲରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝୁଝୁମୁରା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ, ସଦର ବନାଞ୍ଚଳର ଅତିରିକ୍ତ ବନାଞ୍ଚଳ ଅଧିକାରୀ ପ୍ରଦୀପ ପାଢ଼ୀ, ପଡିଆବାହାଲ ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ମାଝି, ଧମା ବନାଞ୍ଚଳ ଅଧିକାରୀ ସନ୍ତୋଷ ଭୋଇ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସଦର କ୍ଷେତ୍ରୀୟ ପରିଚାଳନା ସଂସ୍ଥାର କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉମାକାନ୍ତ ପୋଢ ଅତିଥି ପରିଚୟ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ହେଉଥିବା କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଏଥିରେ ସଦର, ଧମା ଓ ପଡିଆବାହାଲ ବନାଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସଦର ବନାଞ୍ଚଳର କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ।

### ବୀରମହାରାଜପୁର ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ




**ଅମରପାଲି,୧୫।୨(ପୀତାମ୍ବର ସାହୁ):** ରାଜ୍ୟ ସଡକ ପରିବହନ ନିଗମର ଆମ ବସଷ୍ଟାଣ୍ଡ ଯୋଜନା ଅଧୀନରେ ବୀରମହାରାଜପୁରଠାରେ ନବନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଉପସ୍ଥିତ ରହି ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭି.କେ. ପାଣ୍ଡିଆନ ଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଥିଲେ । ଓଡିଶା ରାଜ୍ୟ ପୋଲିସ ହାଉସିଂ ବୋର୍ଡର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଉକ୍ତ ବସଷ୍ଟାଣ୍ଡ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବିଶେଷ ସହାୟକ ହୋଇ ପାରିବ। ଉଦ୍‌ଘାଟନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ଅନ୍ୟା ଦାସ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ଲଲାଟେନ୍ଦୁ ସି ,ଆରଟିଓ ଅକ୍ଷୟ କୁମାର ଜେନା ଓ ଏସଆରଟିସି ଜିଲା ପରିଚାଳକ ମାନସୀ ଲକ୍ଷ୍ମୀ, ବି ଡି ଓ ରଘୁନାଥ ପାଣିଗ୍ରାହୀ, ତହସିଲଦାର ଅମୃତଲାଲ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ସ୍ୱୟମ୍ଭୁ ନାଥ ଖଣ୍ଡଗିରି, କିଶୋର ହୋତାଙ୍କ ସମେତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଞ୍ଚଳର ସାଧାରଣ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

### ସୃଜନର ଅନନ୍ୟ ପରିପ୍ରକାଶ ହେଉଛି କବିତା

**ସୋନପୁର,୧୫।୨(ମୃତ୍ୟୁଞ୍ଜୟ ଶତପଥୀ):** କବିତା କବି ମନର ଭାବ ପରିପ୍ରକାଶ କରେ। ତେଣୁ ସୃଜନର ଅନନ୍ୟ ପରିପ୍ରକାଶ ହେଉଛି କବିତା ବୋଲି ବହୁଭାଷୀ କବିତା ଆସରରେ ଅତିଥି ଆଲୋଚକ ଓ କବି ମାନେ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲାର ଷଷ୍ଠ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କଫେଷ୍ଟ-୨୦୨୪ ଅବସରରେ ଗୁରୁବାର ସନ୍ଧ୍ୟାରେ ରୟାଲ ପଡିଆରେ ବହୁଭାଷୀ କବିତା ଆସର: ଶବ୍ଦ ପ୍ରହର ଆୟୋଜିତ ହୋଇଥିଲା। ଏଥିରେ ବୀରମହାରାଜପୁର କଲେଜର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରକାଶ ସେଠ୍ ଅତିଥି ଆଲୋଚକ ଭାବେ ଯୋଗଦାନ କରି କବିତାର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଡ. ପୁରୁଷୋତ୍ତମ ମିଶ୍ରଙ୍କ ସଭାପତିତ୍ୱରେ ଏହି ଆସର ଅନୁଷ୍ଠିତ ହୋଇଥିଲା। କବି ରଞ୍ଜିତା ପଣ୍ଡା, ଦେବଯାନୀ ମେସୁଆ, ଅଦ୍ୱୈତ ପଣ୍ଡା ଓ ଲକ୍ଷ୍ମୀ ନାରାୟଣ ସାହୁ ଆସରକୁ ସଂଯୋଜନା କରିଥିଲେ। ଇଙ୍କଫେଷ୍ଟର ସଭ୍ୟ ଦୁର୍ଯ୍ୟୋଧନ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।



ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଜିଲା କୃଷକ ସଂଘର୍ଷ ସଂଘର ଶୋଭାଯାତ୍ରା, ଆର୍‌ଆଇ କାର୍ଯ୍ୟାଳୟ ଘେରାଉ

**ଦାବି ପୂରଣରେ ବିଳମ୍ବର ପ୍ରତିବାଦ**

**ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)**

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହିନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଳି ବାସଚ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଦାବି ପୂରଣରେ ବିଳମ୍ବତା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗୁରୁବାର ତିଲେଇବଣି ବ୍ଲକ ସଦର ମହକୁମାସ୍ଥିତ ତିଲେଇବଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବାହ୍ନରେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ତିଲେଇବଣି ଓଭର ବ୍ରିଜ ଛକରେ ଏକତ୍ରିତ ହେବାପରେ ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଉ କରିଥିଲେ। ଏଥିସହ ତିଲେଇବଣି ରାଜସ୍ୱ ସର୍କଲ ଅଧିନସ୍ଥ ସମସ୍ତ ଗ୍ରାମରେ ଆଗାମୀ ୩ଦିନ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୯ରେ କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଲିଖିତ ଚେତାବନୀ ଦେଇଥିଲେ। ଏହି ଶୋଭାଯାତ୍ରା ଓ ଘେରାଉରେ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା, ସୁରେନ୍ଦ୍ର କୁମାର ସାହୁ, ଅସିତ କୁମାର ପ୍ରଧାନ, ଟେନିସ ଗୁଡିଆ ଓ କିଶୋରଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ଓ କୃଷକ ନେତା ସାମିଲ ଥିଲେ। ଜିଲା କୃଷକ ସଂଘର୍ଷ ସଂଘ ଅଭିଯୋଗ ଅନୁଯାୟୀ, ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବି ନେଇ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଜିଲାର ରାଜସ୍ୱ ନିରୀକ୍ଷକମାନେ ଆବେଦନକାରୀଙ୍କ ଦରଖାସ୍ତ ଆଧାରରେ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସଂଘର୍ଷ ସଂଘ ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ ଶିବିର

**ଦେବଗଡ,୧୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲାରେ ୨୦୨୪ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ କରିବାକୁ ଜିଲା ସ୍ତରୀୟ ପ୍ରଶିକ୍ଷକ ଅଧିକାରୀଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ଜିଲାପାଳ ପରକ୍ଷୀତ ସାହୁ ମଞ୍ଚାସୀନ ରହି ସ୍ୱଚ୍ଛତା ଓ ସଫଳତାର ସହିତ ଆଗାମୀ ନିର୍ବାଚନକୁ ପରିଚାଳନା କରିବାକୁ ଉପସ୍ଥିତ ଜିଲା ସ୍ତରୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର,ପୁଲିଙ୍ଗ ଅଫିସରଙ୍କୁ ଜିଲା ସ୍ତରୀୟ ପ୍ରଶିକ୍ଷକ ଅଧିକାରୀମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ପ୍ରିୟଦର୍ଶୀନୀ ମିର୍ଦ୍ଧା, ବାରକୋଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ ଓ ରିଆମାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ଦେବଗଡ ତହସିଲଦାର ଲକ୍ଷ୍ମଣ ଅମାତ, ବାରକୋଟ ତହସିଲଦାର ତାପସ ଭୋଇ, ରିଆମାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବାରକୋଟ ତହସିଲ ଅତିରିକ୍ତ ତହସିଲଦାର ବବୃବାହାନ ସାହୁ, ଡେପୁଟୀ କଲେକ୍ଟର (ଇଲେକ୍ସନ) ଏଜଲିନ ବାରା, ଡେପୁଟୀ କଲେକ୍ଟର ଅଞ୍ଜନୀ କୁଜୁର, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହନ୍ତ, ରାଜୀବ ଲୋଚନ ନାୟକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟାରାଣୀ ମାଝି ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବହୁ ଜିଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ



**ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ କଂସର ପଞ୍ଚାୟତରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥିଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି କଂଗ୍ରେସ ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜକୁମାର ନାୟକ, ମଦନ ରଣ, କାହ୍ନୁ ସିଂ,ସୁଦର୍ଶନ ବେହେରା,ସତ୍ୟମ ସାହୁ, ସୁଜିତ କୁଲା, ଲାଜରୁସ ଡୁଙ୍ଗଡୁଙ୍ଗ ଓ ବିଜୁ ଏକ୍କାଙ୍କ ସମେତ କଂସର ପଞ୍ଚାୟତର ବହୁ ଯୁବକ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଂଗଠନକୁ ଅଧିକ ସୁଦୃଢ କରିବ ବୋଲି ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଦ୍ୱିଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ବାବା ୱାରିୟର କ୍ରିକେଟ କ୍ଲବ ଚାମ୍ପିୟନ**

**ଦେବଗଡ଼,୧୫।୨(ଶଶାଙ୍କ ଶେଖର ଝାଙ୍କର)**



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ରିଆମାଳ ବ୍ଲକ ଉରୁଣିଆ ପଞ୍ଚାୟତ ହାଡସଂହାର ଖେଳ ପଡିଆଠାରେ ବାବା ୱାରିୟର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଦ୍ୱି ଦିବସୀୟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଘବରର ତ୍ରିନାଥ କ୍ରିକେଟ କ୍ଲବକୁ ପରାସ୍ତ କରି ଆୟୋଜକ ବାବା ୱାରିୟର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାରଭାବେ ଉଦୟ ସାହୁ ଓ ଗୋକୁଳ ଲୁହୁରା ପରିଚାଳନା କରିଥିଲେ। ଭାଷ୍ୟକାରଭାବେ ରମେଶ କୁମାର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ବାବା ୱାରିୟର କ୍ରିକେଟ କ୍ଲବର ସଭାପତି ଟୁକୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନୀତ ଅତିଥିଭାବେ ଉରୁଣିଆ ସରପଞ୍ଚ ରଶ୍ମିତା ପ୍ରଧାନ ଯୋଗଦେଇ ଚାମ୍ପିୟନ ବାବା ୱାରିୟର କ୍ରିକେଟ କ୍ଲବ ଓ ରନର୍ସ ଅପ୍ ବାଘବର ତ୍ରିନାଥ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଦିଲ୍ଲୀପ ପ୍ରଧାନ, ବିକାଶ ସାହୁ, ରାକେଶ ସାହୁ, ଲୁଟୁ ନାୟକ, ଭୋଲେଶ୍ୱର ଉଦାବର, ଜିତେନ୍ଦ୍ରୀୟ ପ୍ରଧାନ,ଚିକୁନ ନାୟକ ଓ ଦୀପକ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ସଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବସ୍-ଅଟୋ ଧକ୍କା: ୨ ଗୁରୁତର

**ବାଉଁଶୁଣୀ,୧୫।୨(ଦେବାଶିଷ ନେପାକ)**

ଗୁରୁବାର ରାତି ୮ଟା୨୦ ମିନିଟ ସମୟରେ ବୌଦ୍ଧ ଜିଲା ବାଉଁଶୁଣୀ ନିକଟରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ତୀର୍ଥଯାତ୍ରୀ ନେଇ ଯାଉଥିବା ରାଜ୍ୟ ପରିବହନ ନିଗମର ଏକ ବସ ସହ ଯାତ୍ରୀବାହୀ ଅଟୋର ଧକ୍କା ହେବା ଫଳରେ ଦୁଇ ଜଣ ଅଟୋ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଉଁଶୁଣୀ ଥାନା ସଦେଇପୁର ଗ୍ରାମର ୪ ଜଣ ଯାତ୍ରୀ ଗୋଟିଏ ଅଟୋ ଯୋଗେ ଯାଉଥିଲେ। ତେବେ ଅଟୋଟି ଆଗରେ ଯାଉଥିବା ବସକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ସଦେଇପୁର ଗ୍ରାମର ଲୋଚନ ଦନାୟକ ଓ ଅଟୋ ଡ୍ରାଇଭର ବୀରମହାରାଜପୁରର ସଞ୍ଜୀବ ସାହୁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୨ ବାଘଛାଲ ଜବତ, ବେପାରୀ ଗିରଫ

**ଭୁବନେଶ୍ୱର,୧୫।୨(ସୂର୍ଯ୍ୟକାନ୍ତ ବେହେରା)**

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସମ୍ବଲପୁର କୁଚିଣ୍ଡା-ବଣେଇଗଡ ରାସ୍ତାରେ ଚଢ଼ାଉକରି ୨ଟି କଲରାପତରିଆ ବାଘଛାଲ ଜବତ କରିବା ସହ ସମ୍ପୃକ୍ତ ଜଣେ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦେବଗଡ ଲୈମୁରା ଥାନା ଅଞ୍ଚଳର ସଂକୀର୍ତ୍ତନ ମୁଣ୍ଡା। ସେ ବାଘ ଛାଲ ଧରି ଛିଡା ହୋଇଥିବାବେଳେ ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଧରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ବାଘଛାଲ ମିଳିଥିଲା। ତେବେ ବାଘଛାଲ ସଂକ୍ରାନ୍ତରେ ସେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଏସ୍‌ଟିଏଫ ଏକ ମାମଲା (ନଂ.୮/୨୦୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜବତ ବାଘ ଛାଲର ଯାଞ୍ଚ ପାଇଁ ଡେରାଡୁନ୍‌କୁ ପଠାଯିବ। ସେହିପରି ଅଭିଯୁକ୍ତ ଜଣକ ବାଘଛାଲ କେଉଁଠି ଆଣିଲେ,କାହାକୁ ବିକ୍ରି କରିଥାନ୍ତେ ତାହାର ତଥ୍ୟ ଜାଣିବା ପାଇଁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଥିବା ସୂଚନା ଦେଇଛି।

# ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ଭାଜପାର ଜନସମ୍ପର୍କ ଅଭିଯାନ

**ସମ୍ବଲପୁର,୧୫।୨(ଭବାନୀ ଶଙ୍କର ଭୋଇ)**

ଭାଜପା ପକ୍ଷରୁ ଜନସମ୍ପର୍କ ଅଭିଯାନ ଜରିଆରେ ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଗୁରୁବାର ଭାଜପା ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହୁମା, ଧମା, ଡକ୍ରା ଓ ଦେଓଗାଁ ଗ୍ରାମପଞ୍ଚାୟତ ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇଥିଲେ। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳାଗ୍ୟାସ, ମାଗଣାରେ ରାଶନ ଚାଉଳ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍, କିଷାନନିଧି ଯୋଜନାରେ କୃଷକମାନଙ୍କ ପାଇଁ ବାର୍ଷିକ ୬୦୦୦ ଟଙ୍କା ପ୍ରଦାନ କରାଯାଉଥିବା କହିଥିଲେ। ଏଥିରେ ରେଢାଖୋଲ ଏନ୍‌ଏସି ଚେୟାରମ୍ୟାନ ଶିବରାମ ସାହୁ, ଜିଲାପରିଷଦ ସଦସ୍ୟ ଶରତ ପ୍ରଧାନ, ୱାର୍ଡ କାଉନସିଲର ରାମ ଚନ୍ଦ୍ର ପ୍ରଧାନ ଓ ହରି ମହାନନ୍ଦ, ଅମୂଲ୍ୟ ରତନ ନାୟକ, ଭାଗୀରଥି ସାହୁ, ରିଙ୍କୁ ସେଠ୍, ପୁରୁଷୋତ୍ତମ ବାଗ, ବିଜୟ ଚୌଧୁରୀ, ଅଜିତ ସେଠ୍, ଜୟରାମ ବାରିକ ଉପସ୍ଥିତ ଥିଲେ ।



ରେଢାଖୋଲରେ ଭାଜପାର ଜନସମ୍ପର୍କ ଅଭିଯାନ।

**ସରକାରୀ ଯୋଜନାରୁ ବଞ୍ଚିତ ନେଇ ପ୍ରତିବାଦ**

# ପଞ୍ଚାୟତ ଅଫିସ୍‌ରେ ତାଲା

**ବୌଦ୍ଧ,୧୫।୨( ଅଜିତ କୁମାର ବାରିକ)**




ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯାଇଛି।

ସରକାର ଗରିବ, ଅସହାୟ, ଭିନ୍ନକ୍ଷମଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ମାତ୍ର ହରଭଙ୍ଗା ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବହୁଳ ଆଡେଣିଗଡ ପଞ୍ଚାୟତରେ ବହୁ ଗରିବ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ କେତେଜଣ ଯୋଗ୍ୟ ହିତାଧିକାରୀ ତାଲା ପକାଇଥିବା ଜଣାପଡିଛି । ସଚଳ ଦୀପ, ସୁଲୋଚନା ନାୟକ, ଉର୍ବଶୀ ବଘାର, ଅଭୟ କୁମାର ବେହେରାଙ୍କ ଅଭିଯୋଗ ଅନୁସାରେ ଅନ୍ତୋଦୟ, ପ୍ରଧାନମନ୍ତ୍ରୀ ଆବାସ ଭଳି ବିଭିନ୍ନ ସରକାରୀ ଯୋଜନାରୁ ସେମାନଙ୍କୁ ବଞ୍ଚିତ କରାଯାଇଛି । ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହାର ପ୍ରତିବାଦରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଅଚଳ କରିବା ପାଇଁ ଏଭଳି ନିଷ୍ପତି ନେଇଥିବା ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ପଞ୍ଚାୟତ ପିଇଓ ଦିଲୀପ ମଲ୍ଲିକଙ୍କୁ ପଚାରିବାରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିଛି । ମାତ୍ର ଏ ସମ୍ପର୍କରେ କେହି ଜଣାଇ ନାହାନ୍ତି ବୋଲି କହିଥିଲେ ।

# ବାଳିକା ଫୁଟ୍‌ବଲ ଖେଳାଳିଙ୍କ ଆଚରଣ ନେଇ ଆଲୋଡନ

**ଦେବଗଡ,୧୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡର ବାଳିକା ଫୁଟବଲ ଖେଳାଳିମାନେ ବୁଧବାର ବୌଦ୍ଧ ଜିଲା କଣ୍ଟାମାଳରେ ଏକ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଖେଳି ଚାମ୍ପିୟନ ହୋଇଥିଲେ। ମାତ୍ର ଖେଳ ଶେଷ ହେବାର କିଛି ସମୟ ପରେ ଏକାଧିକ ଖେଳାଳି ହଠାତ ଅସୁସ୍ଥ ହୋଇପଡିଥିଲେ। ଏହି କ୍ରମରେ ସେମାନେ ଗୁରୁବାର ଦେବଗଡରେ ପହଞ୍ଚିବାପରେ ଜଣକ ପରେ ଜଣେ ମୋଟ ୫ ଜଣ ଖେଳାଳି ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରିବାସହ ଜୋରରେ ଚିତ୍କାର କରିବା ଓ ବାରମ୍ବାର ଅଚେତ ହୋଇପଡୁଥିବା ଦେଖିବାକୁ ମିଳିଥିଲା। ଫଳରେ ଏହା ଗୁଣିଗାରେଡି ଜନିତ ହୋଇଥିବା ସନ୍ଦେହ କରି ସେମାନଙ୍କ ପୌରାଞ୍ଚଳ ଭାଲିଆବୁରୀ ସ୍ଥିତ ଏକ ନିର୍ଦ୍ଦିଷ୍ଟ ସଂମ୍ପ୍ରଦାୟର ପ୍ରାର୍ଥନା ଗୃହକୁ ନିଆଯାଇଥିଲା। ଏହା ସତ୍ତ୍ୱେ ସେମାନେ ସୁସ୍ଥ ନ ହେବାରୁ ପତ୍ରାପାଲି ସାହି ସ୍ଥିତ ଅନ୍ୟ ଏକ ପ୍ରାର୍ଥନା ଗୃହକୁ ନିଆଯାଇଥିଲା। ତେବେ ଦୀର୍ଘ ସମୟ ପରେ ସେମାନଙ୍କର ଚେତା ଫେରିବା ସହ ଅବସ୍ଥା ସ୍ୱାଭାବିକ ହୋଇଥିବା ଜଣାପଡିଛି। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ, ସୁବାସ ଚନ୍ଦ୍ର ଭୋଇଙ୍କ ସମେତ ବହୁ କ୍ରୀଡାପ୍ରେମୀ ଖେଳାଳିଙ୍କୁ ଦେଖି ବ୍ୟଥିତ ହୋଇପଡିଥିଲେ। ତେବେ ଏହି ଘଟଣା ଗୁଣିଗାରେଡି ବୋଲି ସେମାନଙ୍କ ଅଭିଭାବକମାନେ ସନ୍ଦେହ କରୁଥିଲେ ହେଁ ଅସୁସ୍ଥତା ଯୋଗୁ ଏଭଳି ଘଟଣା ଘଟିଥାଏ ବୋଲି ମଧ୍ୟ ବିଭିନ୍ନ ମହଲରେ ଆଲୋଚନା ହେଉଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୨୫ ଗିରଫ

ଟିଟିଲାଗଡ,(ଶରତ ମିଶ୍ର): ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ ଥାନା ପୋଲିସର ସ୍ୱତନ୍ତ୍ର ଟିମ କୁମୁଡ଼ା ଗ୍ରାମ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ଖେଳା ଯାଉଥିବା ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା। ଥାନାଧିକାରୀ ଅବନି ସାହୁଙ୍କ ନେତୃତ୍ୱରେ ଚଢ଼ାଉ ପରେ ୨୫ ଜଣଙ୍କୁ ଧରିଥିଲା ପୋଲିସ। ସେମାନଙ୍କଠାରୁ ୧ ଲକ୍ଷ ୭୮ ହଜାର ୬୪୧ ଟଙ୍କା, ୫ ପ୍ୟାକେଟ ତାସ ପୁଡିଆ, ୨୧ଟି ମୋବାଇଲ, ୯ଟି ବାଇକ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ଅଙ୍କିତା କୁମାର ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଉତ୍ତମ ଶିଶୁ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଟିଟିଲାଗଡ,୧୫।୨(ଶରତ ମିଶ୍ର)

ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରାରମ୍ଭରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ପିଲାଙ୍କ ମା'ମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ତମ ଶିଶୁ ଗଠନରେ ମା' ମାନଙ୍କ ଭୂମିକା ବିଷୟରେ କହିଥିଲେ। ଆଚାର୍ଯ୍ୟା କାଞ୍ଚନଲତା ବାରିକଙ୍କ ସଂଯୋଜନାରେ ରଞ୍ଜିତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଦସ୍ୟା ଝୁମିରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଲୋଇସିଂହା,୧୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ସଦାନନ୍ଦ ସାହୁ ଯୋଗଦେଇଥିଲେ। ସଭାରେ ଶିଶୁ ଶିକ୍ଷାରେ ଅଭିଭାବକ ବିଶେଷ କରି ମା'ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଘରେ ଖେଳକୁଦ ମାଧ୍ୟମରେ ଶିଶୁଙ୍କୁ ଆମୋଦ ଶିକ୍ଷା ପ୍ରଦାନ କରିବାକୁ ଅତିଥି ପରାମର୍ଶ ଦେଇଥିଲେ । ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଦସ୍ୟା ସୌଦାମିନୀ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## କଂଗ୍ରେସର କର୍ମୀ ସମ୍ମିଳନୀ

ପାଟଣାଗଡ,୧୫।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ୧୫ ନଂ ଜିଲା ପରିଷଦ ଜୋନ ଅନ୍ତର୍ଗତ ଯୋଗିମୁଣ୍ଡାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପତିତପାବନ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପିସିସି ସଭ୍ୟ ଅନୀଲ ମେହେର, ଯୁବ କଂଗ୍ରେସ ସଭାପତି ଚନ୍ଦନ ସାହୁ, ଜିଲା ସହସଂଯୋଜକ ବିଦ୍ୟା ମେହେର, ଚାଷୀ ନେତା ସାଧୁଚରଣ ମେହେର,ବରିଷ୍ଠ ନେତା ରମେଶ ମେହେର ଉପସ୍ଥିତ ଥିଲେ। ପିସିସି ସଭ୍ୟ ମେହେର କହିଥିଲେ ଗତ ୨୫ ବର୍ଷ ଧରି ବିଜେଡି ସରକାର ଅଞ୍ଚଳର ବିକାଶ ନାଁରେ ବିଭିନ୍ନ ଲୋକାଭିମୁଖୀ ଯୋଜନାମାନ କରି ଦୁର୍ନୀତିକୁ ପ୍ରଶୟ ଦେଇଛନ୍ତି। ଏହ ଅବସରରେ ସାଲେପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ଭୋଇଙ୍କ ସହ ମରୁଆଁ, ବନେଇମୁଣ୍ଡ, ପଣ୍ଡାମୁଣ୍ଡ, ଯୋଗିମୁଣ୍ଡା, କେଡବେଡା, ଧାତୁକ, ବାଲିପଟା ଓ ଶୋଲବନ୍ଧର ବହୁ ଭାଜପା ଓ ବିଜେଡି କର୍ମୀ ଦଳ ଛାଡି କଂଗ୍ରେସରେ ଯୋଗଦାନ କରିଥିଲେ।

## ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରଦର୍ଶନୀ

ଖପ୍ରାଖୋଲ,୧୫।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ଖେଳ ପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଓ ସରକାରୀ ଯୋଜନାର ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶକୁନ୍ତଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ରାଜ୍ୟସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ କହିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ପବିତ୍ର ପଟେଲ, ଏମବିକେ ଲୋଭାବତୀ ଧରୁଆ, ପିଇଓ ଖିରାଧର ବରିହା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଆରଏସ ସଦାନନ ମାଝି, ଯୋଗାଣ ସହାୟକ ପ୍ରତାପ ବେହେରା, ବଂଶୀଧର ବେହେରା, ୱାର୍ଡସଭ୍ୟ, ଏସ୍‌ଏଚ୍‌ଜି ମହିଳା, ଜନସାଧାରଣ ଉପସ୍ଥିତ ଥିଲେ।

# ସ୍କୁଲ ସମ୍ମୁଖ ରାସ୍ତାରେ ଭାସୁଛି ଡ୍ରେନ୍ ପାଣି

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

- ସଫେଇ ହେଉନାହିଁ ଡ୍ରେନ୍
- ଡ୍ରେନ୍ ଉପରେ ମନଇଚ୍ଛା ପକାଉଛନ୍ତି ସ୍ଲାବ୍

ସ୍ଥାନୀୟ ସୁଦ୍‌ପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଛୁଟୁଛି ଡ୍ରେନ୍ ପାଣି। ସଫେଇ ହେଉ ନ ଥିବାରୁ ଡ୍ରେନ୍‌ପାଣି ଉଛୁଳି ରାସ୍ତା ଉପରେ ଯାଉଛି। ଫଳରେ ଏଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଅତ୍ୟନ୍ତ ବ୍ୟସ୍ତବହୁଳ ଏହି ରାସ୍ତାରେ ଯାଉଥିବା ଗାଡିମୋଟର ଡ୍ରେନ୍ ପାଣିକୁ ଛିଟିକାଉଛି। ଏଥିଯୋଗୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ସ୍କୁଲ ଛାତ୍ରୀଛାତ୍ର। ସେମାନେ ସ୍କୁଲ ଯିବା ଓ ବାହାରିଲା ବେଳେ ଡ୍ରେନ୍ ପାଣି ମାଡି କରି ଯାଉଛନ୍ତି। ଏପରିକି ଏଠାରେ ଥିବା ଦୋକାନ ବଜାରକୁ ଗଲାବେଳେ ଲୋକେ ଏଇ ଆବର୍ଜନା ପାଣି ମାଡି ଯିବା ଆସିବା କରୁଛନ୍ତି। ଦୀର୍ଘଦିନ ହେଲା ଡ୍ରେନ୍ ସଫେଇ ହେଉନଥିବାରୁ ଦୁର୍ଗନ୍ଧ ବାହାରୁଛି। ସ୍କୁଲ ସମ୍ମୁଖ ରାସ୍ତା କଡରେ ଡ୍ରେନ୍ ଉପରେ ଦୋକାନୀମାନେ ମନଇଚ୍ଛା ସ୍ଲାବ୍ ପକାଇଛନ୍ତି। ଏହାସହିତ ଏହି ଡ୍ରେନ ଆଗକୁ ଯାଇ ବଡ ଡ୍ରେନ୍‌ରେ ସଂଯୋଗ ହୋଇ ନ ଥିବାରୁ ପାଣି ବି ନିଷ୍କାସନ ହୋଇପାରୁନାହିଁ। ଦୀର୍ଘଦିନ ହେଲା ଏଇ ସମସ୍ୟା ଲାଗି ରହିଥିଲେ ମଧ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ଏକ ଘରୋଇ ହସ୍ପିଟାଲ ଏବଂ ଅନେକ ଗୁଡିଏ ପାଥୋ କ୍ଲିନିକ୍ ଏହି ଡ୍ରେନ୍ ନିକଟରେ ରହିଥିବାରୁ ଏଠାକାର ନିୟମିତ ସଫେଇ କରାଯିବା କଥା। ଏହା ହେଉ ନ ଥିବାରୁ ଏଠାରୁ ସଂକ୍ରମଣ ବ୍ୟାପିବା ଭୟ ଲାଗି ରହିଛି। ସବୁଠୁ ବଡକଥା ହେଲା ସୁଦପଡାରେ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁଙ୍କ ଘର ରହିଛି। ଏହାସତ୍ତ୍ୱେ ଡ୍ରେନ ସମସ୍ୟାର ସମାଧାନ କରା ଯାଉ ନ ଥିବାରୁ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ମ୍ୟୁନିସିପାଲିଟି ଡ୍ରେନ୍ ସଫେଇ କରି ଉଚିତ୍ ପଦକ୍ଷେପ ଗ୍ରହଣ କରୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ସୁଦପଡା ପ୍ରାଥମିକ ସ୍କୁଲ ସମ୍ମୁଖ ଡ୍ରେନ୍ ପୋତି ହୋଇଯାଇଥିବାରୁ ମୁଖ୍ୟରାସ୍ତା ଉପରେ ପାଣି ଭାସୁଛି।

## ଶିଶୁ ସୁରକ୍ଷା ସଚେତନତା ଶିବିର



ବଲାଙ୍ଗୀର ସଦର ବ୍ଲକରେ ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ପ୍ରାଙ୍ଗଣରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକ ସାହୁ ଯୋଗ ଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ବିଡିଓ ଶରତ କୁମାର୍ ସେଠୀ, ସିଡିପିଓ ସୁବାସିନୀ ଦାସ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ସାମାଜିକ କର୍ମୀ ଅରୁଣ କୁମାର୍ ଖୁଆସ୍ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ସିଂ ପୋଷ୍ୟସନ୍ତାନ ଗ୍ରହଣ, କିଶୋର ନ୍ୟାୟ ଆଇନ, ଶିଶୁଗୃହ ଉପରେ ଆଲୋକପାତ କରି ପୃଷ୍ଠପୋଷକତା ସହାୟତା ରାଶି ଉପରେ ସଚେତନ କରିଥଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲା ପରାମର୍ଶଦାତା ମିଶନ୍ ବାତ୍ସଲ୍ୟ ମାର୍ଗଦର୍ଶିକାରେ ଥିବା ଜିପିଡିପି ବାର୍ଷିକ ଯୋଜନାରେ ୫ ପ୍ରତିଶତ ଅନୁଦାନ ବିପଦଶଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କ ଯତ୍ନନିମନ୍ତେ ଖର୍ଚ୍ଚକରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ବ୍ଲକ କର୍ମଚାରୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ପରିଶେଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜଲା ପରାମର୍ଶଦାତା ପ୍ରମୋଦ ବରର୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ନଗରସ୍ତରୀୟ ଯୁବ ଦଳିତ ସମାବେଶ



ବିଜେଡି ଯୁବ ଦଳିତ ସମାବେଶରେ ଯୋଗଦେଇଥିବା ଅତିଥି ଓ ସଦସ୍ୟ।

ବଲାଙ୍ଗୀର,୧୫।୨(ବୀରେନ୍ଦ୍ର କୁମାର ଝାଙ୍କର)

**ବିଜେଡିରେ ଯୋଗଦେଲେ ଶତାଧିକ ଯୁବକ**

ବଲାଙ୍ଗୀର ବିଜେଡି ପକ୍ଷରୁ ସ୍ଥାନୀୟ କଲେଜଛକସ୍ଥିତ କଲ୍ୟାଣ ମଣ୍ଡପରେ ବୁଧବାର ନଗରସ୍ତରୀୟ ଏକ ଯୁବ ଦଳିତ ସମାବେଶ ଅନୁଷ୍ଠିତ ହୋଇଥିଲା। ଯୁବ ଦଳିତ ସଙ୍ଗଠକ ଆକାଶ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ବିଜେଡି ନଗର ସଭାପତି ତଥା କାଉନସିଲର ଶମ୍ଭୁ ନାଗ, କାଉନସିଲର କିଶୋର କୁମ୍ଭାର, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଜିଲା ଦଳିତ ସମାଜ ଆବାହକ ବିଜୟ ବାରିକ ଓ ସମାଜସେବୀ ପାଣ୍ଡବ କୁମ୍ଭାର ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଶତାଧିକ ଦଳିତ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ଯୋଗ ଦେଇଥିବା ଯୁବକ ମାନଙ୍କୁ କଳିକେଶ ସ୍ୱାଗତ କରିବା ସଙ୍ଗେ ଏମାନଙ୍କ ଯୋଗଦାନ ଦଳକୁ ମଜବୁତ କରିବ ବୋଲି କହିଥିଲେ। ବିଜେଡି ସବୁବେଳେ ଦଳିତ ମାନଙ୍କ ପାଇଁ କାମ କରି ଆସୁଛି ବୋଲି ସେ କହିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଥିବା ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଦଳିତ ସମାଜର ଏକ ଆମ୍ବେଦକର ଭବନ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ବ୍ୟକ୍ତିଗତ ଭାବେ ଦଳିତ ସମାଜ ସହିତ ସେ ଯୋଡି ହୋଇରହିଥିବା ଓ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଆସିଥିବା କହିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଈଶ୍ୱର ନନ୍ଦ, ସ୍ୱାଧୀନ ନନ୍ଦ, ନବୀନ ବାଗ, ରାଜା ନାଗ ଓ ଜିତେନ ଦୀପ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଦେଓଗାଁ,୧୪।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ସମୀକ୍ଷା ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ପୁଷ୍ପାଞ୍ଜଳି ମେହେର ଯୋଗଦେଇ ପିଲାଙ୍କୁ ଉଚିତ ଶିକ୍ଷା ପ୍ରଦାନରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା କମିଟି ସମ୍ପାଦକ କାମେଶ୍ୱର ମେହେର, ପୂର୍ବତନ ସଭାପତି ଅମୂଲ୍ୟ ମେହେର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଲୋକନାଥ ସେଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ଲିଙ୍ଗରାଜ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଦେଓଗାଁ,୧୪।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ପଞ୍ଚାୟତ ଦେଓଗାଁ ଓ ସିକୁଆଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ପଞ୍ଚାୟତରେ ସରପଞ୍ଚ ନୀନା ଛତ୍ରିଆଙ୍କ ସଭାପତିତ୍ୱ, ପିଇଓ ଅରୁଣ କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ସମିତି ସଭ୍ୟା ମୀନା କୁମରୀ ସା, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ବଡବାହାଲ ସରପଞ୍ଚ ଜ୍ୟୋସ୍ନାମୟୀ ରଣା ମଞ୍ଚାସୀନ ଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ଓଡ଼ଶା ଜୀବିକା ମିଶନ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଏଫଇଏସ ଆଦି ବିଭିନ୍ନ ବିଭାଗର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ସିକୁଆଁ ପଞ୍ଚାୟତରେ ସରପଞ୍ଚ ରାଜ କିଶୋର ଭୋଇଙ୍କ ସଭାପତିତ୍ୱ ତଥା ନୋଡାଲ ଅଧିକାରୀ ବୀରେନ୍ଦ୍ର କୁମାର ଛତ୍ରିଆଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ ।

# ପରିବେଶ ସୁରକ୍ଷା ପାଇଁ ସଚେତନ ହୁଅ



ହରିଶଙ୍କରରେ ବନ ଅଧିକାରୀ, ଅଧାପିକାଙ୍କ ସହ କେଭି ମହାବିଦ୍ୟାଳୟ ଛାତ୍ରୀଛାତ୍ର।

ଖପ୍ରାଖୋଲ, ୧୫।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ପରିବେଶ ସୁରକ୍ଷା, ଜୈବ ବିବିଧତା ଉପରେ ସଚେତନତା ପାଇଁ କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟ ଇତିହାସ ବିଭାଗ ଛାତ୍ରୀଛାତ୍ର ଗୁରୁବାର କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନେ ଗନ୍ଧମାର୍ଦ୍ଦନ ପାହାଡ ଓ ଔଷଧୀୟ ପାର୍କ ବୁଲି ଦେଖିଥିଲେ। ବିଭିନ୍ନ ବୃକ୍ଷ, ଔଷଧୀୟ ଗୁଳ୍ମଲତା ସମ୍ପର୍କରେ ବନବିଭାଗ ଅଧିକାରୀ, ପାରମ୍ପରିକ ବୈଦ୍ୟମାନଙ୍କଠାରୁ ସେମାନେ ପଚାରି ବୁଝିଥିଲେ। ପରିବେଶ ସୁରକ୍ଷା ପାଇଁ ସଚେତନ ହେବାକୁ ଛାତ୍ରୀଛାତ୍ରଙ୍କୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ହରିଶଙ୍କର ଉପବନାଞ୍ଚଳ ଅଧିକାରୀ ସୁନୀଲ କୁମାର ମିଶ୍ର, ବନପାଳ ରଞ୍ଜିତ କୁମ୍ଭାର, ଦୀପାଞ୍ଜଳି ପ୍ରଧାନ, କେଭି ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ସବିତା ମହାପାତ୍ର, ଅଧାପକ ରୋହିତ କିଶୋର କୁମ୍ଭାର, ପଲ୍ଲୀଶ୍ରୀ ଯୋଶୀ, ସୂର୍ଯ୍ୟକାନ୍ତ ସାହୁ ଯୋଗ ଦେଇଥିଲେ। ପାରମ୍ପରିକ ବୈଦ୍ୟ ଯୋଗେଶ୍ୱର ଧରୁଆ ଓ ଡ଼ ସଞ୍ଜୟ କୁମାର ମିଶ୍ର ବିଷୟ ବିଶେଷଜ୍ଞଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୪୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିଜେଡିର ପରିବାର ସମ୍ପର୍କ ଅଭିଯାନ



ଜାମୁଟିଆରେ ଘରେ ଘରେ ଶଙ୍ଖ ଅଭିଯାନରେ ବିଜେଡି ନେତା ଓ କର୍ମୀ।

ଲୋଇସିଂହା,୧୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଜାମୁଟିଆ ଗ୍ରାମରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ତଥା ପରିବାର ସମ୍ପର୍କ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ଅଂଶୁମାନ ଗୁରୁ, କୈଳାସ ବରିହା, ଅଙ୍ଗଦ ବିଶ୍ୱାଳ, ସ୍ୱପଦ ଭୂଏ ଘର ଘର ବୁଲି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଦଳୀୟ ଚିହ୍ନ ଶଙ୍ଖ ଷ୍ଟିକର ବଣ୍ଟନ କରିଥିଲେ ।

# ଷ୍ଟାଣ୍ଡପୋଷ୍ଟରୁ ବାହାରୁନି ପାଣି, ଲୋକେ ହଟହଟା

ଲୋଇସିଂହା,୧୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗାଁ ପଧାନ ପଡାବାସୀ ପାଇପ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ପଞ୍ଚାୟତ ପରିସର ଓଭରହେଡ ଟାଙ୍କିରୁ ବସ୍ତିକୁ ଜଳଯୋଗାଣ ହେଉଛି । ହେଲେ ବସ୍ତିର ପଧାନ ପଡାରେ ଥିବା ଷ୍ଟାଣ୍ଡ ପୋଷ୍ଟଗୁଡିକରେ ଦୀର୍ଘଦିନ ହେଲା ପାଣି ବାହାରୁନାହିଁ । ଫଳରେ ପଡାର ୭୦ ପରିବାର ପାଣି ପାଇଁ ହଟହଟା ହେଉଛନ୍ତି। ମହିଳାମାନେ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରୁଛନ୍ତି। ଉପରୋକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା ଭୂଷଣ ପଧାନ, ଅମର ପଧାମ, ନକୁଳ ପଧାନ ପ୍ରମୁଖ ପଡାବାସୀ ଅଭିଯୋଗ କରିଛନ୍ତି। ଜଳଯୋଗାଣ ଦିଗରେ ତତ୍କାଳ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପିଇଓ ପ୍ରେମାନନ୍ଦ ମହାଲିଙ୍ଗ କହିଛନ୍ତି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ପାଣି ପାଇଁ ଗରା, ବାଲ୍‌ଟି ରଖି ପ୍ରତିବାଦ କରୁଛନ୍ତି ପଡାବାସୀ।

# କେନ୍ଦୁପତ୍ର ତୋଳାଳି, କର୍ମଚାରୀ ସଂଘ ସମାବେଶ

ଖପ୍ରାଖୋଲ,୧୫।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନକେରା ପତ୍ରଫଡ଼ିଠାରେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଏକ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଂଘ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ସମ୍ମାନୀତ ଅତିଥିଭାବେ ଆଲୋକ ପାଣିଗ୍ରାହୀ ଯୋଗଦେଇଥିଲେ। ଗତ ୧୧ତାରିଖ ରେଢ଼ାଖୋଲ ଚାରମାଳଠାରେ ହୋଇଥିବା ସମାବେଶରେ ମୁଖ୍ୟମନ୍ତ୍ରୀ ତୋଳାଳି ଓ କର୍ମଚାରୀମାନଙ୍କ ସୁବିଧା ପାଇଁ ୨୦୦ କୋଟିର ପ୍ୟାକେଜ ଘୋଷଣା କରିଥିବାରୁ ସଂଘ ତରଫରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଜିଏସ୍‌ଟି ଛାଡ଼ ପାଇଁ ରାଜ୍ୟ ସମ୍ପାଦକ ପରିଛା ଦାବି କରିଥିଲେ। ଆଗାମୀ ନିର୍ବାଚନରେ ସେ ପାଟଣାଗଡ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିବାରୁ ଉପସ୍ଥିତ ଲୋକଙ୍କ ସେ ସହଯୋଗ କାମନା କରିଥିଲେ। ସମାବେଶରେ ଅନ୍ୟ ମାନଙ୍କ ମଧ୍ୟରେ ମକାରୁ ପଣ୍ଡା, ଦେବରାଜ ପୁଟେଲ, ଜଗଦୀଶ ବନଛୋର, ବାଳକୃଷ୍ଣ ପାଣିଗ୍ରାହୀ, ସୁରେଶ କଠାର, ପରମେଶ୍ୱର ସୁନା ଯୋଗଦେଇଥିଲେ। ଲଳିତ ପଧାନ ସଭା ପରିଚାଳନା କରିଥିଲେ।



# ସମଲେଶ୍ୱରୀ କ୍ରିକେଟ୍: ମହୁଲପଡ଼ା ଚାମ୍ପିୟନ

ସଇଁତଲା,୧୫।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଧରବଗଡ଼ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଦ୍ୱାଦଶତମ ଜୟ ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଧରବଗଡ଼ ଓ ମହୁଲପଡ଼ା ମଧ୍ୟରେ ହୋଇଥିଲା। ଟସ୍ ଜିଣି ମହୁଲପଡ଼ା ଦଳ ନିର୍ଦ୍ଧାରିତ ଓଭରରେ ୧୧୮ରନ କରିଥିଲା। ଜବାବରେ ଧରବଗଡ଼ ଦଳ ୧୧୪ରନ କରି ଅଲଆଉଟ ହୋଇ ୪ରନରେ ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରେମରାଜ ପାଣ୍ଡେ, ସତ୍ୟନାରାୟଣ ପଣ୍ଡା, ସମିତି ସଭ୍ୟ ରାକେଶ ନାଏକ, ସମାଜସେବୀ ଗୋକୁଳା ନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ଚାମ୍ପିୟନ ଟ୍ରଫ ସହ ଅର୍ଥରାଶି, ଉପବିଜେତା ଦଳକୁ ନଗଦ ଅର୍ଥ ସହ ରନର ଅପ ଟ୍ରଫି, ମହୁଲପଡ଼ା ଦଳର ସନମତଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଧରବଗଡ଼ ଟିମର ଭିକା ନାଗଙ୍କୁ ବେଷ୍ଟ ସିକ୍ସରଭାବେ ସମ୍ମାନୀତ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଶୁଭ ଛତ୍ରିଆ, ଉପସଭାପତି ମନୁ ସିଂ ବାବୁଙ୍କ ସହ ସଦସ୍ୟମାନେ ଉପସ୍ଥିତ ଥିଲେ ।



ବିଜୟୀ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଦିନକରେ ୨ ସଡ଼କ ଦୁର୍ଘଟଣା

**ଅତାବିରା,୧୫।୨(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଛକ ଏବଂ ଅତାବିରା ହାଇସ୍କୁଲ ନିକଟ ଦମଦମା ନିକଟରେ ଗୁରୁବାର ପୃଥକ୍ ୨ଟି ସଡ଼କ ଦୁର୍ଘଟଣା ଘଟିଛି।ରେଙ୍ଗାଲିକ୍ୟାମ୍ପ ଛକରେ ହୋଇଥିବା ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଭାଲୁପାଲି ଗ୍ରାମର ପଦ୍ମାଳୟା ଭୋଇ(୩୮), ସୁବଳ ଭୋଇ(୩୭), ଲିପ୍‌ସା ଭୋଇ(୨୨), ଅତାବିରାର ବିଳାସିନୀ ପ୍ରଧାନ(୪୪)। ସେମାନେ ରାସ୍ତାରେ ଏକ କପଡ଼ା ଦୋକାନକୁ ଯାଉଥିବାବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅତାବିରା ହାଇସ୍କୁଲ ପାଖ ଦମଦମା ନାଳ ବ୍ରିଜ ନିକଟରେ ଘଟିଥିବା ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବିଜେପୁର ବ୍ଲକ ଟି.ଗଣ୍ଡପାଲି ଗ୍ରାମର ଅଚ୍ୟୁତ ସାହୁ(୪୪) ଏବଂ ସ୍ତ୍ରୀ ବାଲେଶ୍ୱରୀ(୪୨)। ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହି ଦମ୍ପତି ଏକ ବାଇକ୍ ଯୋଗେ ବୁର୍ଲା ଡାକ୍ତରଖାନାରୁ ଘରକୁ ଫେରୁଥିବାବେଳେ ଏକ କାର୍ ଧକ୍କା ଦେଇଥିଲା।

### ଗୋଣ୍ଡ ସମାଜର ବାର୍ଷିକ ବୈଠକ

**ପାଇକମାଳ,୧୫।୨(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ନୀଳାଥରଠାରେ ପୁରେନା ସର୍କଲ ସଭାପତି ଶୁକଦେବ ମାଝୀଙ୍କ ସଭାପତିତ୍ୱରେ ସମସ୍ତ ସର୍କଲର ମେମ୍ବର, ଯୁବ କମିଟି, ମହିଳା କମିଟି ଏବଂ ସମାଜର ବରିଷ୍ଠ ବ୍ୟକ୍ତି, ମହିଳାପୁରୁଷ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଗୋଣ୍ଡ ସମାଜର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତବର୍ଷ ଆୟ ବ୍ୟୟ ଉପରେ ଆଲୋଚନା ସହ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ଦୁର୍ଯ୍ୟୋଧନ ପୁଟା ସଭା ପରିଚାଳନା କରିଥିଲେ। ଭୋଜରାମ ଧରୁଆ, ଶୁକଲାଲ ଦାଉ, ଗୋବର୍ଦ୍ଧନ ପୁଟା, ଜୟଲାଲ ମରେଇ, ଟେଙ୍ଗନୁ ଧରୁଆ, ପ୍ରଭୁନନ୍ଦ ଧରୁଆ, ଗୌରେସନ ଦଉ, ଉଦଳ ଭୁଏ, ରୁକ୍ମଣ ଧରୁଆ, ସୁବ୍ରତ ସିଂ ଦିୱାନ, ମୋତିଲାଲ ଧରୁଆ, ବିରାଲାଲ ଧରୁଆ, କୈବଲ୍ୟ ପୁଟା, ଆନନ୍ଦ ପୁଟା, ଘାଁସିରାମ ଭୁଏ, ମହିଳା ପ୍ରକୋଷ୍ଠର ମଥୁରା ଦାଉ, ସାବିତ୍ରୀ ଧରୁଆ, ସୂର୍ଯ୍ୟ ଧରୁଆ, ସୁରତି ଧରୁଆ, ରାଜକୁମାରୀ ଭୁଏ, ଝୁନିଆ ପୁଟା, ଯମୁନା ଦାଉ, ସରସ୍ୱତୀ ଧରୁଆ, ନୂଆଦେଇ ଦାଉ ନିଜ ନିଜ ମତାମତ ଦେଇଥିଲେ। ସମାଜର ଯୁବ ସଭାପତି ଭାବେ ବିଜୟ କୁମାର ଭୁଏ,ଉପ ସଭାପତି ତୁଲେଶ୍ୱର ନେତାମଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

### ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ରେଙ୍ଗାଲିରେ ସମଲେଶ୍ୱରୀ ଟ୍ରେନ୍ ରହଣି

**ସମ୍ବଲପୁର,୧୫।୨(ପ୍ରମୋଦ ବହିଦାର):** ସମ୍ବଲପୁର ରେଳ ମଣ୍ଡଳ ଅଧୀନ ରେଙ୍ଗାଲି ରେଳ ଷ୍ଟେଶନରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ହାୱଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍ ରହଣି କରିବ। ଏହାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି।



ଗୁରୁବାର ବରଗଡ଼ ଏସ୍‌ପିଙ୍କ ଅଫିସ ଆଗରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

**ସାହୁଟିକ୍ରା ହତ୍ୟା ମାମଲାରେ ନିର୍ଦ୍ଦୋଷଙ୍କୁ ଗିରଫ ଅଭିଯୋଗ**

ବରଗଡ଼-ଭେଡ଼େନ ରାସ୍ତାର ସାହୁଟିକ୍ରାରେ ଗତ ନଭେମ୍ବର ମାସରେ ଘଟିଥିବା ହତ୍ୟା ଘଟଣାକୁ ନେଇ ପୁଣି ଆନ୍ଦୋଳନ ତେଜି ଉଠିଛି। ଏହି ମାମଲାରେ ପୋଲିସ ନିର୍ଦ୍ଦୋଷ ଦଳିତ ବର୍ଗର ଲୋକଙ୍କୁ ଗିରଫ କରିଛି। ଏଭଳି ଅଭିଯୋଗ କରି ଗୁରୁବାର ଲିବେରାଲ ଡେମୋକ୍ରାଟିକ୍ ଆସୋସିଏଶନ (ଏଲଡ଼ିଏ) ନେତୃତ୍ୱରେ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ତଥା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ସେମାନେ ଧାରଣାରେ ବସି ଗିରଫ ହୋଇଥବା ନିର୍ଦ୍ଦୋଷଙ୍କୁ ତୁରନ୍ତ ଖଲାସ୍ କରିବା, ଗିରଫ ନିର୍ଦ୍ଦୋଷଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ, ହତ୍ୟା ମାମଲାରେ ସମ୍ପୃକ୍ତ ପ୍ରକୃତ ଅପରାଧୀମାନଙ୍କୁ ଗିରଫ ଏବଂ ନିର୍ଦ୍ଦୋଷଙ୍କୁ ଗିରଫ କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସହିତ ଆଲୋଚନା ପରେ ସେମାନେ ଧାରଣାରୁ ଉଠିଥିଲେ।

ପ୍ରକାଶ ଯେ, ୨୦୨୩ ନଭେମ୍ବର ୨୧ତାରିଖରେ ସାହୁଟିକ୍ରାରେ ଲୁଟ୍‌ପାଟ୍ ଅଭିଯୋଗରେ ୨ଜଣ ଦଳିତ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ହତ୍ୟା କରିଥିଲେ। ଏହି ମାମଲାରେ ପୋଲିସ ଅନେକ ଲୋକଙ୍କୁ ଗିରଫ କରିଛି। ତେବେ ସେମାନଙ୍କ ମଧ୍ୟରେ ଦଳିତ ବର୍ଗର ନିର୍ଦ୍ଦୋଷ ଲୋକଙ୍କୁ ମଧ୍ୟ ପୋଲିସ ଗିରଫ କରିଥିବା ଯୋଗୁ ଏବେ ସେମାନଙ୍କ ପରିବାର ପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଥିବା ଅଭିଯୋଗ କରିଛି। ଦଳିତ ବର୍ଗଙ୍କ ପ୍ରତି ପୋଲିସର ଏଭଳି ଜୁଲମକୁ ବରଦାସ୍ତ କରାଯିବନାହିଁ ଏବଂ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଆଇନର ଆଶ୍ରୟ ନିଆଯିବା ସହିତ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏଲଡ଼ିଏର ଫାଉଣ୍ଡର ଲବ ସୁନା କହିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ଭୀମ୍ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ବହୁ ମହିଳାପୁରୁଷ ଏଥିରେ ସାମିଲ ହୋଇଥିଲେ।

## ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ ।

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରାକୁ ବରଗଡ଼ ଜିଲା କଂଗ୍ରେସ ସମର୍ଥନ ଜଣାଇଛି । ଗୁରୁବାର ସନ୍ଧ୍ୟାରେ ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂ କହିଥିଲେ, ଚାଷୀଙ୍କୁ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ମିଳିବା କଥା। ମାତ୍ର ତାହା ଦେବାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଫେଲ୍ ମାରିଛନ୍ତି। ଚାଷୀମାନେ ଏଥିପାଇଁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ ସୁଦ୍ଧା ରାଜ୍ୟ, କେନ୍ଦ୍ର ସରକାରଙ୍କ ନିଦ ଭାଙ୍ଗିନାହିଁ । ଅନ୍ୟପଟେ ଉଭୟ ସରକାର ପୁଞ୍ଜିପତିଙ୍କ ବିକାଶ ପାଇଁ କାମ କରୁଛନ୍ତି ଏବଂ ଚାଷୀମାନେ ନିଜର ହକ୍ ଦାବି କଲେ ସେମାନଙ୍କ ଉପରେ ଜୁଲୁମ କରାଯାଉଛି। କିନ୍ତୁ କଂଗ୍ରେସ ଚାଷୀଙ୍କ ସହିତ ଆଗରୁ ଥିଲା, ବର୍ତ୍ତମାନ ରହିଛି ଏବଂ ଭବିଷ୍ୟତରେ ମଧ୍ୟ ରହିବ। କିନ୍ତୁ ବିଜେଡି ଏବଂ ଭାଜପା ସରକାର ଉଭୟେ ଚାଷୀ, ଯୁବ ବିରୋଧୀ ସରକାର। ଉଭୟେ ମିଳିତ ଭାବେ ନିର୍ବାଚନ ଲଢୁଛନ୍ତି। ସଦ୍ୟ ରାଜ୍ୟସଭା ପ୍ରାର୍ଥୀ ଚୟନରେ ତାହା ସ୍ପଷ୍ଟ ହୋଇଯାଇଛି ବୋଲି ସେ କହିଥିଲେ। ତେବେ କଂଗ୍ରେସ ଶାସନକୁ ଆସିଲେ ଚାଷୀ, ଯୁବକ, ଶ୍ରମିକ ସମସ୍ତଙ୍କ ବିକାଶ ପାଇଁ କାମ କରିବ ବୋଲି ସିଂ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ, ବରିଷ୍ଠ ନେତା ଯୁଗଳ ପ୍ରସାଦ ସିଂ, ବ୍ରହ୍ମାନନ୍ଦ ମହାକୁଡ଼, ନିପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### କବି ସନ୍ତୋଷ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ଜୁହାର ଦାଦା ସମ୍ବଲପୁର ଭାବେ ପରିଚିତ ବରଗଡ଼ ଜିଲା ଅତାବିରା ଅଞ୍ଚଳର କବି ସନ୍ତୋଷ ପ୍ରଧାନଙ୍କ ପରଲୋକରେ ବିଭିନ୍ନ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ଏହି କ୍ରମରେ ବରଗଡ଼ ଅମ୍ବାପାଲିରେ ଆକାଶବାଣୀ ଶ୍ରୋତା ସଂଘ, ଗୋପପୁର ଯାତ୍ରା କମିଟି ଏବଂ କୋଶଲି ସାହିତ୍ୟ ସଂସ୍କୃତି କଳା ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୟାନିଧି ପ୍ରଧାନ, ଜଗନ୍ନାଥ ସାହୁ, ସୁରେନ୍ଦ୍ର ମହାପାତ୍ର, ସୁରେଶ ମହାପାତ୍ର, ସରୋଜ ରଥ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**



ପ୍ରସ୍ତୁତି ବୈଠକରେ ସମିତିର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

ବରଗଡ଼ ବିଜୁ ପଟ୍ଟନାୟକ ହଲରେ ଗୁରୁବାର ସ୍ୱର୍ଗତ ଭଗବାନ ମିଶ୍ରଙ୍କ ୮୮ତମ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଗବାନ ମିଶ୍ର ସ୍ମୃତି କମିଟି ପକ୍ଷରୁ ଆସନ୍ତା ୧୮ତାରଖରେ ଜୟନ୍ତୀ ସମାରୋହ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବହୁମୁଖୀ ପ୍ରତିଭା ସମ୍ପନ୍ନ ଶିକ୍ଷକଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହିତ ସମିତି ଦ୍ୱାରା ଅନୁଷ୍ଠିତ ହିନ୍ଦୀ ପ୍ରତିଯୋଗିତାର ୩୬ଜଣ କୃତୀ ପ୍ରତିଯୋଗୀ ଏବଂ ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ସମିତିର ଅଧ୍ୟକ୍ଷ ଅମରେନ୍ଦ୍ର ନାରାୟଣ ଯାଦବ, ସଭାପତି ସର୍ଦ୍ଦାର ପ୍ରୀତମ ସିଂ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଉପସଭାପତି କମଳ ଯୋଶୀ, ଅରବିନ୍ଦ ଗୁପ୍ତା, ମୀନାକ୍ଷୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମନୋରମା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ପାପା କେହଡେ ହେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୨୮ତମ ପୂଣ୍ୟତିଥି ଅବସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସପରିବାର ଯୋଗଦାନ କରିଥିଲେ। ଗୁନ୍ନମ ରାମଚନ୍ଦ୍ର ରାଓ ମେମୋରିଆଲ ଲେକଚର୍ ପାଇଁ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଗୀତିକା ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ମା' ବାପାଙ୍କ ଗୁରୁତ୍ୱକୁ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ। ସେହିପରି ମ୍ୟାନେଜିଂ ଡାଇରେକ୍ଟର ଏବଂ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ମଧ୍ୟ ମା' ବାପାଙ୍କ ଅବଦାନକୁ କେବେ ଭୁଲିବା ଉଚିତ୍ ନୁହେଁ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଇନଷ୍ଟିଚ୍ୟୁଶନ୍ସ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ନର୍ସିଂ କଲେଜର ଦିପାଞ୍ଜଳି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ. ଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନିଜ ଗଳା ନିଜେ କାଟିଲେ ଯୁବକ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଭଟଲି ଛକରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ଯୁବକ ନିଜ ଗଳାକୁ ଏକ ବ୍ଲେଡ ଦ୍ୱାରା ନିଜେ କାଟି ରକ୍ତାକ୍ତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତାଙ୍କ ନାମ ଜଣାପଡ଼ି ନ ଥିବାବେଳେ ସେ ଭଟଲି ଥାନା ମେଘାପାଲି ଗ୍ରାମର ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ କେଉଁ ପରିସ୍ଥିତିରେ ସେ ନିଜ ଗଳା କାଟିଲେ ତାହା ଜଣାପଡ଼ିନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ସିଡ୍‌ନୀ ଥଣ୍ଡର୍ସକୁ ହରାଇଲା ଇଲେଭେନ୍ ଷ୍ଟାର



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିବୃନ୍ଦ ।

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

**ବିକାଶରେ କ୍ରିକେଟ ପ୍ରତିଯୋଗିତା**

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ଅଷ୍ଟମ ଯଦୁମଣି ଶେଖର ବଚ୍ଛା ସ୍ମାରକୀ ଆନ୍ତଃ ଛାତ୍ରାବାସ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଇଲେଭେନ ଷ୍ଟାର ଏବଂ ସିଡ୍‌ନୀ ଥଣ୍ଡର୍ସ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଥିଲା। ଡିଲେଶ୍ୱର ଦାଶ ମ୍ୟାନ୍ ଅଫ୍ ଦି ସିରିଜ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ମନୋନୀତ ହୋଇଥିଲେ। ସେହିପରି ରାଜେଶ ଖଣ୍ଡା ଶ୍ରେଷ୍ଠ ବୋଲର, ମାନସ ହାତୀ ଶ୍ରେଷ୍ଠ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଚାମ୍ପିୟନ, ରନର୍ସ ଅପ୍ ଦଳ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିକାଶ ଲ ସ୍କୁଲର ଅଧ୍ୟକ୍ଷ ଡ. ବିକ୍ରମ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣା, ବିକାଶ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର, ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡ. କ୍ଷୀରୋଦ ପ୍ରଧାନ ଉପସ୍ଥିତ ଥିଲେ।



ଭଟଲି ଶ୍ୟାମବାବାଙ୍କ ମନ୍ଦିରରୁ ସାଇକେଲ ଯାତ୍ରା ଆରମ୍ଭ କରାଯାଉଛି।

### ଜୟପୁର ଖାଟୁଧାମକୁ ସାଇକେଲ ଯାତ୍ରା

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ଶ୍ୟାମ ମନ୍ଦିରରୁ ଜୟପୁର ଖାଟୁଧାମକୁ ଗୁରୁବାର ୨ଜଣ ଶ୍ରଦ୍ଧାଳୁ ସାଇକେଲ ଯାତ୍ରାରେ ବାହାରିଛନ୍ତି। ସେମାନେ ହେଲେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୦ ଶିବାନନ୍ଦ ନଗର ନିବାସୀ ଦିନେଶ ଶର୍ମା ଏବଂ ଦିଲୀପ ଅଗ୍ରୱାଲ। ପୂର୍ବାହ୍ନ ୧୦ଟାରେ ଭଟଲି ଶ୍ୟାମବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେମାନେ ଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୧୯୦୦ କି.ମି ଏହି ଯାତ୍ରା ଏକ ମାସ ଲାଗିବ ବୋଲି ସେମାନେ କହିଛନ୍ତି। ଏହି ଯାତ୍ରାରେ ଓଡ଼ିଶା, ଛତିଶଗଡ଼, ଉତ୍ତରପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟର ବିଭିନ୍ନ ତୀର୍ଥସ୍ଥଳୀ, ଧାର୍ମିକ ପୀଠ ଦର୍ଶନ କରିବାର ଲକ୍ଷ୍ୟ ରହିଛି। ଶ୍ୟାମବାବାଙ୍କ ମନ୍ଦିରରେ ଅନେକ ଶୁଭେଚ୍ଛୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ

**ବରଗଡ଼,୧୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଗୁଟିଦାସ୍ଥିତ ପୁରୁଷୋତ୍ତମ ହାଇସ୍କୁଲରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଗୋଷ୍ଠୀ ଶିକ୍ଷାଧିକାରୀ ଭାବନା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂ, ମୋହନ ଚରଣ ମହାନ୍ତ, ସିଆରସିସି ନିରଞ୍ଜନ ପଟେଲ, ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ସାହୁ, ଡ. ଜୟନ୍ତ କୁମାର ସାହୁ, ଗୋଷ୍ଠୀ ବିଜ୍ଞାନ ମଞ୍ଚର ଶିକ୍ଷକ ସଞ୍ଜୟ ଖମାରୀ, ମନୋହର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବ୍ଲକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଆୟୋଜନ କରାଯାଇଥିଲା। ସେହିପରି ସେମିନାରରେ ୨୧ଜଣ ଶିଶୁ ବୈଜ୍ଞାନିକ ଏବଂ କୁଇଜ ପ୍ରତିଯୋଗିତାରେ ୨୬ଜଣ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ବାଞ୍ଜିପାଲି ମହାନଦୀ ହାଇସ୍କୁଲର ଗିରିଧାରୀ ଭୈଷା ପ୍ରଥମ, ଦ୍ୱାରିସ୍ଥିତ ଦ୍ୱାରିକାଧିଶ ହାଇସ୍କୁଲର ମାନସ ନାଏକ ଦ୍ୱିତୀୟ ଏବଂ ଭୁକ୍ତା ଜନତା ହାଇସ୍କୁଲର ରୋଶନ ପ୍ରଧାନ ତୃତୀୟ ହୋଇଥିଲେ। ସେମିନାର ବରିଷ୍ଠ ବିଭାଗରେ ଉତ୍ତମ ସରକାରୀ ହାଇସ୍କୁଲର ରକ୍ଷାବତୀ ଦୁଆନ, ଭୁକ୍ତା ଜନତା ହାଇସ୍କୁଲର ଗୋମତୀ ଗଡ଼ତୀୟା, ମହାନଦୀ ହାଇସ୍କୁଲର ଗିରିଧାରୀ ଭୈଷା, କନିଷ୍ଠ ବିଭାଗରେ ଉତ୍ତମ ହାଇସ୍କୁଲର ରାଣୀ ମାଝି, ସାଉନ୍ତାମାଲ ଉଚ୍ଚ ପ୍ରାଥମିକ ସ୍କୁଲର ଇତିଶ୍ରୀ ଭୋଇ, ବାଞ୍ଜିପାଲି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ସ୍ୱରୂପ ପ୍ରଧାନ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିଲେ। କୁଇଜ ବରିଷ୍ଠ ବିଭାଗରେ ଗୁଟିଦା ପୁରୁଷୋତ୍ତମ ହାଇସ୍କୁଲର ସାଇରାଜ ପାଣ୍ଡେ ପ୍ରଥମ, ଦ୍ୱାରିକାଧୀଶ ହାଇସ୍କୁଲ ମାନସ ନାଏକ ଦ୍ୱିତୀୟ, ଭୁକ୍ତା ଜନତା ହାଇସ୍କୁଲର ରୋଶନ ପ୍ରଧାନ ଓ ଉତ୍ତମ ହାଇସ୍କୁଲର ରକ୍ଷାବତୀ ଦୁଆନ ଯୁଗ୍ମ ତୃତୀୟ ହୋଇଥିଲେ। କନିଷ୍ଠ ବିଭାଗରେ ବାଞ୍ଜିପାଲି ଉଚ୍ଚ ପ୍ରାଥମିକ ସ୍କୁଲର ଚନ୍ଦନ ବାଗ, କଣ୍ଡପଲା ପଞ୍ଚାୟତ ସରକାରୀ ହାଇସ୍କୁଲର ଓମ୍ ନାୟକ, କପାଶିରା ସରକାରୀ ହାଇସ୍କୁଲର ଦିବ୍ୟା ନାଏକ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିଆରସିସି ମହେନ୍ଦ୍ର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସିଆରସିସି କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରବୃନ୍ଦ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ବନ୍ଧମୁଣ୍ଡା,୧୫।୨(ସୁବ୍ରତ ଦେ)

ସରସ୍ୱତୀ ପୂଜା ଅବସରରେ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ବଙ୍ଗଭାରତୀଠାରେ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ କୋଲକାତାରୁ ଆସିଥିବା କବି ଆଲୋକ ଘୋଷାଲ ମୁଖ୍ୟ ଅତିଥିଭାବେ, ଈପ୍ସା ଘୋଷାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛୋଟ ପିଲାଙ୍କ ପାଇଁ ଚିତ୍ରାଙ୍କନ, ମହିଳାଙ୍କ ପାଇଁ ମ୍ୟୁଜିକାଲ ବଲ୍, ଯୁବକଙ୍କ ପାଇଁ ହିଟ୍ ଦା ବଲ୍ ଖେଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଉଜ୍ୱଲ ଭଟ୍ଟାଚାର୍ଯ୍ୟ, ସୁଜିତ ବାନାର୍ଜୀ, ଏଚ୍.ସି. ମାନ୍ନା, ଧୀରନ୍ ଦାସ, ଝନ୍ଟୁ ଦେବ, ମାମିନୀ ମଣ୍ଡଳ, ତୁମ୍ପା ଚୌଧରୀ ଓ ସଞ୍ଜୟ ଚୌଧରୀ ସହଯୋଗ କରିଥିଲେ।

# ସରୁନି ସାଇନ୍ସ ପାର୍କ, ପ୍ଲାନେଟୋରିୟମ କାର୍ଯ୍ୟ

ରାଉରକେଲା,୧୫।୨(ଦିନେଶ ମିଶ୍ର)

ରାଉରକେଲା ସହର ସ୍ମାର୍ଟସିଟିର ମାନ୍ୟତା ପାଇବା ପରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ସହରର କେଉଁଠି ଷ୍ଟାଚ୍ୟୁ ନିର୍ମାଣ କରାଯାଉଛି ତ ଆଉ କେଉଁଠି ପାର୍କ। ଏସବୁ ଭିତରେ ସହରରେ ଏଭଳି କିଛି ଉନ୍ନତିମୂଳକ ପ୍ରକଳ୍ପ ରହିଛି ଯାହା ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। କଳିଙ୍ଗ ବିହାର ସ୍ଥିତ ବିଏସ୍ଏନ୍ଏଲ ଛକ ନିକଟରେ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ୍‌ରେ ଏଭଳି ଦେଖିବାକୁ ମିଳିଛି।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ କଳିଙ୍ଗ ବିହାର ବିଏସ୍ଏନ୍ଏଲ ଛକ ନିକଟରେ ଏକ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୯ ନିର୍ବାଚନ ପୂର୍ବରୁ ଶିଳାନ୍ୟାସ କରିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପକ୍ଷରୁ ୭.୯ ଏକର ଜମିରେ ଏହି ପ୍ରକଳ୍ପ ୨୦୨୧ରୁ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ୪.୯ ଏକର ଜମିରେ ସାଢେ ୮ କୋଟି ଟଙ୍କା


ରାଉରକେଲାରେ ନିର୍ମାଣାଧୀନ ସାଇନ୍ସ ପାର୍କ।

ବ୍ୟୟରେ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହିପରି ୧୯,୭୦ କୋଟି ଟଙ୍କା ବ୍ୟୟରେ ଅବଶିଷ୍ଟ ଜମିରେ ଏକ ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସାଇନ୍ସ ପାର୍କ ପରିସରରେ ନିୟୁଟନଙ୍କ ମାଧ୍ୟାକର୍ଷଣ ବଳ, ଅଣୁପରମାଣୁର ମିଶ୍ରଣ ସହ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଓ ବୈଜ୍ଞାନିକମାନଙ୍କ ଆବିଷ୍କାରକୁ ସୂଚିତ କରାଯିବା କଥା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ସେହିପରି ପାର୍କ ଭିତରେ ବହୁ କାମ ବାକି ରହିଛି। ପାର୍କ ପରିସରରେ ପ୍ଲାନେଟୋରିୟମ ପାଇଁ ୨୦୨୧ ଏପ୍ରିଲ ୨୯ରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ଜୁଲାଇ ୨୮ରେ ଶେଷହେବାର ସମୟ ସୀମା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଉକ୍ତ ସମସ୍ତ କାର୍ଯ୍ୟ ଆରମ୍ଭ ହେବାର ପ୍ରାୟ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ପାର୍କର ଏକାଧିକ କାମ ଶେଷ ହୋଇନାହିଁ। ଏ ନେଇ ସ୍ଥାନୀୟ ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସାଇନ୍ସ

**ଧାର୍ଯ୍ୟ ସମୟର ୧୭ ମାସ ବିତିଲାଣି**

ପାର୍କ ଭିତରେ ବୋଟିଂ ପ୍ରକଳ୍ପ ଶେଷ ହୋଇଥିବାବେଳେ ଏହାର ପ୍ରବେଶ ପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ପାର୍କ ଭିତରେ ଥିବା ପ୍ରାଣୀ ଉଦ୍ୟାନରେ କେତେକ ଜୀବଜନ୍ତୁଙ୍କ ମୂର୍ତ୍ତି ତିଆରି ହୋଇଛି। ସେମାନଙ୍କ ଜୀବନ ଶୈଳୀ ଉପରେ କୌଣସି ଟିପ୍ପଣୀ ପ୍ରଦାନ କରାଯାଇନାହିଁ। ସେହିପରି ପ୍ଲାନେଟୋରିୟମ୍ କାର୍ଯ୍ୟରେ ମଧ୍ୟ ଅବହେଳା ଦେଖିବାକୁ ମିଳିଛି। ଉକ୍ତ ପ୍ଲାନେଟୋରିୟମ୍ ପରିସରରେ ପାଥ୍ ୱେ ସାଙ୍ଗକୁ କୋଠା କାମ ନିର୍ମାଣ ଶେଷ ହୋଇପାରିନାହିଁ। ଏ ନେଇ ରାଉରକେଲା ଏଡିଏମ୍ ତଥା ଆର୍ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରି କାର୍ଯ୍ୟ ବିଳମ୍ବର କାରଣ ବୁଝିବି। ପ୍ରକୃତ କାରଣ ଜାଣିବା ପରେ ଯଥାଶୀଘ୍ର କାର୍ଯ୍ୟ ସାରିବା ପାଇଁ ପଦକ୍ଷେପ ନେବି ବୋଲି କୁଲକର୍ଣ୍ଣୀ କହିଥିଲେ।

# ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ରାଉରକେଲା,୧୫।୨(ସଙ୍ଗୀତା ଜେନା)

ସଙ୍ଗୀତ ଶିଳ୍ପୀ ସମାଜର ୩୧ତମ ବାର୍ଷିକ ଉତ୍ସବ ସେକ୍ଟର-୨୦ ଡି ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ସୋମନାଥ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ କଳାକାର ଯୋଗ ଦେଇଥିଲେ। ସକାଳ ଅଧିବେଶନରେ ସରସ୍ୱତୀଙ୍କ ପୂଜା ଓ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ଦିବ୍ୟାଂଶୁ ମଣ୍ଡଳ ମୁଖ୍ୟ ଅତିଥି, ରାଉରକେଲା ଇସ୍ପାତ କାରଖାନା ପ୍ରକଳ୍ପ ବିଭାଗର ଜିଏମ୍ ଡ. ଗିରିଜା ଶଙ୍କର ଦାସ, ରାଉରକେଲା ଚାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ସୁନୀଲ କୟାଲ ପ୍ରମୁଖ ଆମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଅଜୟ ଭୋଇ ଓ ଟ୍ରଷ୍ଟି ରମେଶ ସେଠୀ ସ୍ୱାଗତ ଏବଂ ପଣ୍ଡିତ ଅଜୟ ପାଣି ଶ୍ଳୋକ ପାଠ କରିଥିଲେ। ସଭାପତି ଶରତ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁ ବୀଣାପାଣି ରଥଙ୍କ ନିର୍ଦ୍ଦେଶନାରେ ଭଞ୍ଜ କଳାକେନ୍ଦ୍ରର ଶିଳ୍ପୀମାନେ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ସଙ୍ଗୀତ ଓ ଆଧ୍ୟାତ୍ମିକତା ପରସ୍ପର ପରିପୂରକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବରିଷ୍ଠ ତବଲା ବାଦକ ରଞ୍ଜନ କୁମାର ସାହୁ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ପୁଷ୍ପ ରଞ୍ଜନ ମଙ୍ଗରାଜଙ୍କୁ ବାଗ୍‌ଦେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଆର୍ଟ ଅଫ୍ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ରଶ୍ମିରଞ୍ଜନ ଦାସ ମଞ୍ଚ ପରିଚାଳନା ଓ ସାଧାରଣ ସମ୍ପାଦକ ପ୍ରଫୁଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନବୋଧ ମିଶ୍ର, ପଦ୍ମନାଭ ନାୟକ, ଜଗନ୍ନାଥ ଦାସ, ନରେନ୍ଦ୍ର ନାୟକ, ପଞ୍ଚାନନ ମଲ୍ଲିକ, ରଜତ ପଣ୍ଡା, ସୁରଜ ସରାଫ, ଦିଲୀପ ପତି, ଦିଲୀପ ମଙ୍ଗଳ, ଦିବ୍ୟାଂଶୁ ମଙ୍ଗଳ, ଶ୍ରୀତମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପାଇଁ ଆରଜିଏଚ୍ ପୁରସ୍କୃତ

ରାଉରକେଲା,୧୫।୨(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)କୁ ବର୍ଷ ୨୦୨୧-୨୨ ଓ ୨୦୨୨-୨୩ ପାଇଁ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ କନଭେନଶନ ସେଣ୍ଟରରେ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପୁରସ୍କାର ବିତରଣ ସମାରୋହରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ୨୦୨୧-୨୨ରେ ଆରଜିଏଚ୍‌ର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପଣ୍ଡିତ ସାହୁ ଓ ହସ୍ପିଟାଲ ମ୍ୟାନେଜର ସୋନାଲିନ କର, ନର୍ସିଂ ଅଫିସର ଲଳିତା ଖାଲଖୋ ଓ ୨୦୨୩-୨୪ ପାଇଁ କନସଲଟାଣ୍ଟ (ଓଜି) ଡାକ୍ତର ସତ୍ୟଜିତ ପଣ୍ଡା, ଆରବିଏସ୍‌କେ ମ୍ୟାନେଜର ଡାକ୍ତର ସସ୍ମିତା ଚୌଧୁରୀ ଓ ନର୍ସିଂ ଅଫିସର ସବିତାରାଣୀ ବେହେରା ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଆରଜିଏଚ୍ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ବର୍ଗର ଉତ୍ତମ ଗୁଣବତ୍ତା ସେବା ପ୍ରଦାନରେ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଥିବା ଯୋଗୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।


ପୁରସ୍କୃତ ହୋଇଥିବା ଆର୍‌ଜିଏଚ୍ କର୍ମଚାରୀ।


ଆର୍‌ଏମ୍‌ସି ଅଫିସରେ ଏଡିଏମ୍‌ଙ୍କୁ କଂଗ୍ରେସ ପ୍ରତିନିଧି ଦଳ ଭେଟୁଛନ୍ତି।

# ଏଡିଏମ୍‌ଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

ରାଉରକେଲା,୧୫।୨(ସଙ୍ଗୀତା ଜେନା)

**ସହର ସମସ୍ୟା ପ୍ରସଙ୍ଗରେ ଆଲୋଚନା**

ରାଉରକେଲା ବିଶ୍ରା ଛକରୁ ବନ୍ଧମୁଣ୍ଡା ଥାନା ପର୍ଯ୍ୟନ୍ତ ପ୍ରାୟ ୪ କି.ମି ଯାଏ ବିପର୍ଯ୍ୟସ୍ତ ରାସ୍ତା ନିର୍ମାଣ, ସହରର ବିଭିନ୍ନ ସ୍ଥାନରେ ସ୍ୱେରେଜ ବ୍ୟବସ୍ଥା, ସେକ୍ଟରର ଜରାଜୀର୍ଣ୍ଣ ରୋଡ୍ ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୁରୁବାର ପୂର୍ବାହ୍ନରେ ରାଉରକେଲା କଂଗ୍ରେସର ଏକ ପ୍ରତିନିଧି ଦଳ ଏଡିଏମ୍ ତଥା ଆର୍ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଭେଟି ଆଲୋଚନା କରିଛି। ଏହି ଦଳରେ ନବନିଯୁକ୍ତି ଡିସିସି ସଭାପତି ରବି ରାୟଙ୍କ ନେତୃତ୍ୱରେ ପୂର୍ବତନ ଡିସିସି ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ଇଂ. ଆର୍. ପି. ସିଂହ, ଓରିୟମ ସିଂହ, ସଲାଉଦ୍ଦିନ ଖାନ୍, ଗଣେଶ ପ୍ରଧାନ, ଗଜେନ୍ଦ୍ର ତନ୍ତୀ, ପ୍ରଭାତି ମିଶ୍ରଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ସଭାପତି ରାୟ କହିଲେ, ତରବରିଆ ଭାବେ ସହରରେ ସ୍ୱେରେଜ କାମ କରାଯାଇଥିବାରୁ ଅନେକ ସ୍ଥାନରେ ସ୍ୱେରେଜ ଟାଙ୍କିରୁ ଆବର୍ଜନା ପାଣି ରାସ୍ତାରେ ଭାସୁଛି। ସେହିପରି ବନ୍ଧମୁଣ୍ଡା-ରାଉରକେଲା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ହଜାର ହଜାର ଯାନବାହନ ଏହି ରାସ୍ତାରେ ଯାଆସ କରୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ ବୋଲି ରାୟ ଅଭିଯୋଗ କରିଥିଲେ। ଏଡିଏମ୍ କୁଲକର୍ଣ୍ଣୀ ପ୍ରତ୍ୟେକ ୱାର୍ଡ ପରିଦର୍ଶନ କରିବା ପରେ ଉପଯୁକ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୀତା ସିଂହ, ପ୍ରଶାନ୍ତ ନାୟକ, ପ୍ରଫୁଲ ପରିଜା, ନଚିକେତା ମହାପାତ୍ର, ରାଣୀ ସିଂହ, ଦିଲୀପ ଜେନାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ତାରବାଡ଼ ଭାଙ୍ଗିଲେ ଦୁର୍ବୃତ୍ତ, ଥାନାରେ ଅଭିଯୋଗ

ବଡ଼ଗାଁ, ୧୫।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଧୁମାଗଡ଼ା ଗ୍ରାମରେ କାଜୁ ବଗିଚା କରିଥିବା ଜଣେ ବ୍ୟକ୍ତିଙ୍କ ତାରବାଡ଼ଗୁଡିକୁ ଦୁର୍ବୃତ୍ତମାନେ ଭାଙ୍ଗି ଫିଙ୍ଗି ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବରୁଣ ବରିହା ୨ ବର୍ଷ ପୂର୍ବେ ଏକ କାଜୁ ବଗିଚା କରିଛନ୍ତି। ବଗିଚାରେ ଦିଆଯାଇଥିବା ତାରବାଡ଼କୁ କେହି ଦୁର୍ବୃତ୍ତ ବାରମ୍ବାର ଭାଙ୍ଗି ଦେଉଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏଏସ୍ଆଇ ଉମାକାନ୍ତ ନାଏକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଏଥିସହ ଅଞ୍ଚଳରେ କାଜୁ ବଗିଚା କରିଥିବା ରଞ୍ଜିତା ବରିହା ଓ ଅମିୟ ପ୍ରଧାନଙ୍କ ବଗିଚାକୁ ମଧ ଯାଇ ବୁଲାବୁଲି କରି ଦେଖିଛନ୍ତି ଏଏସ୍ଆଇ ନାଏକ।

# ଯୁବବର୍ଗ ଲୁକ୍କାୟିତ ପ୍ରତିଭା ପ୍ରସ୍ଫୁଟିତ କରିବା ଆବଶ୍ୟକ


କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୧୫।୨(ବିପ୍ଳବ ରଞ୍ଜନ ଦାଶ)

**ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ରାଉରକେଲା ସେକ୍ଟର-୨୦ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ସମ୍ପନ୍ନ ହୋଇଛି। କଲେଜ ଅଧକ୍ଷା ସୁଶ୍ରୀ ମୁଲତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ପ୍ରଦୀପ କୁମାର ଗିରି ସଂଯୋଜନା କରିଥିଲେ। ପୂର୍ବତନ ଏଡିଏମ୍ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁ ଓଡିଶା, ନବୀନ ଓଡିଶା ଏବଂ ଯୁବ ଓଡିଶା ପକ୍ଷରୁ କଲେଜ ସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତେକ ଛାତ୍ରୀଛାତ୍ର ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ଉଚିତ ବୋଲି କହିଥିଲେ। ମ୍ୟୁନିସିପାଲ କଲେଜ ଅଧ୍ୟକ୍ଷ ଡାକ୍ତର ସନାତନ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜ ଭିତରେ ଥିବା ସୁଗମଶୀଳତାର ବିକାଶ ପାଇଁ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ଉପଦେଶ ଦେଇଥିଲେ। ସତ୍ୟାନନ୍ଦ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ନେଇ ଡାକ୍ତର ଏପିଜେ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି କଲେଜର ପୂର୍ବତନ ଅବସରପ୍ରାପ୍ତ ଅଧକ୍ଷ ବ୍ରଜେଶ ଚନ୍ଦ୍ର ପାଠକ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ସହ ମାତୃଭାଷା ପ୍ରତି ସମସ୍ତଙ୍କ ଅନୁରାଗ ରହିବା ଉଚିତ ବୋଲି କହିଥିଲେ। ନୋଡାଲ ଅଫିସର ଅଧାପକ ସୁଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏସ୍‌ଡିଏସ୍‌ର ନିର୍ଦ୍ଦେଶକ ବିକାଶ ପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ଅଧାପକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାତ୍କାର ମାମଲାରେ ୪ ଗିରଫ

ରାଉରକେଲା,୧୫।୨(ସଙ୍ଗୀତା ଜେନା): ବିଶ୍ରା ଥାନା ଅନ୍ତର୍ଗତ ମଣ୍ଡପ ଗ୍ରାମରେ ପ୍ରେମିକାଙ୍କୁ ଭେଟିବାକୁ ଡାକି ସାମୂହିକ ବଳାତ୍କାର ମାମଲାରେ ଗୁରୁବାର ୨ ନାବାଳକଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାଲାଶଙ୍କର(୨୦), ବିନିଥ(୧୯) ଓ ଅନ୍ୟ ୨ନାବାଳକ। ଏ ନେଇ ପୋଲିସ ଏକ ମାମଲା (ନଂ.୩୯/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଅଭିଯୁକ୍ତ ପ୍ରେମିକଙ୍କ ଡାକରାରେ ପ୍ରେମିକା ଜଣଙ୍କ ମଣ୍ଡପ ଗ୍ରାମ ଜଙ୍ଗଲକୁ ଯାଇଥିଲେ। ସେଠାରେ ତାଙ୍କୁ ପ୍ରେମିକଙ୍କ ସମେତ ୪ଜଣ ବଳାତ୍କାର କରିଥବା ଅଭିଯୋଗ ହୋଇଥିଲା।

# ଉନ୍ନତମାନର ନବନିର୍ମିତ ୱେ ବ୍ରିଜ୍ ଉଦ୍‌ଘାଟିତ

ରାଉରକେଲା,୧୫।୨(ବିପ୍ଳବ ରଞ୍ଜନ ଦାଶ)

ଆରଏସପିର ହଟ୍ ଷ୍ଟ୍ରିପ ମଲ-୧ ସ୍ଲାବ ୟାର୍ଡ ନିକଟରେ ନବନିର୍ମିତ ଏକ ଉନ୍ନତ ମାନର ଡିଜିଲାଇଜଡ ଏସ୍ଏସ୍‌ଡି ଇନ-ମୋସେନରେ ୱେ ବ୍ରିଜକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍ ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଛନ୍ତି। ବ୍ରିଜ ଉଦ୍‌ଘାଟନୀ ସମାରୋହରେ ବିଦ୍ୟୁତ ଓ ଶକ୍ତି ବିଭାଗ ସିଜିଏମ ଇନଚାର୍ଜ ବି ଏସ୍. କାର୍ଥା, ସିଜିଏମ ମେକାନିକାଲ ଆର. ଏନ. ରାଜେନ୍ଦ୍ରନ, ସେବା ବିଭାଗ ସିଜିଏମ୍ ଏମ୍.ଏନ.ଭି.ଏସ. ପ୍ରଭାକର, ପିପିସି ବିଭାଗ ସିଜଏମ ସୁଶ୍ରୀ ସୁନୀତା ସିଂ, ଶକ୍ତି ବିତରଣ ବିଭାଗ ସିଜିଏମ ଡି. କେ. ଭଞ୍ଜଙ୍କ ସହିତ ବହୁ ବିଭାଗ


ନୂତନ ୱେ ବ୍ରିଜ୍‌କୁ ଉଦ୍‌ଘାଟନ କରାଯାଉଛି।

ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏସଏମଏସ-୧ ଓ ଏସଏମଏସ-୨ ଉତ୍ପାଦନ ୟୁନିଟ ସାମଗ୍ରୀ ଟ୍ରେନ ମାଧ୍ୟମରେ ଗତିଶୀଳ ଭାବେ ବିତରଣ ସମୟରେ ନିରଙ୍କୁଶ ଓଜନ ମାପ ପାଇଁ ୱେ ବ୍ରିଜ ୧୯୯୫ରେ ସ୍ଥାପିତ ହୋଇଥିଲା। ଯାହା ସଠିକ ଓଜନ ଓ ବର୍ଦ୍ଧିତ ତଥ୍ୟ ଅନ୍ତର୍ଭୁକ୍ତୀକରଣ ପାଇଁ ଏସ୍ଏପି ସହିତ ନିରବଛିନ୍ନ ଏକୀକରଣ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲା। ଡିଜିଟାଲ ଯୁଗରେ ଓଜନ ମାନଦଣ୍ଡକୁ ଅଧିକରୁ ଅଧିକ ଉନ୍ନତତର କରିବା ଲାଗି ୱେ ବ୍ରିଜକୁ ବ୍ୟାପକ ରୂପାନ୍ତରଣ କରାଯାଇଛି। ଫଳରେ ବାସ୍ତବ ସମୟ ତଥ୍ୟ ପରିଚାଳନା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଅଟେ। ୪୯.୭୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଏଏମଆର ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ନବୀକୃତ ୱେ ବ୍ରିଜ କେବଳ ଆଇନଗତ ଆବଶ୍ୟକତାକୁ ସୁନିଶ୍ଚିତ କରିବା ସହ ଓଜନ ସଠିକତା, ୱେ ବ୍ରିଜ ନିର୍ଭର ଯୋଗ୍ୟତା ଏବଂ ତଥ୍ୟ ଅଖଣ୍ଡତା ଉପରେ ସାମଗ୍ରିକ ଉନ୍ନତି ଆଣିଛି।

# ଚତୁର୍ଦ୍ଦଶ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍ ଆରମ୍ଭ

ରାଉରକେଲା,୧୫।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ୧୪ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ୍-୨୦୨୪ ଇସ୍ପାତ ଖେଳ ପଡିଆରେ ଆରମ୍ଭ ହୋଇଛି। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତର ହୋତା ବୋଲିଂ ଏବଂ ସୂର୍ଯ୍ୟବଂଶୀ ବ୍ୟାଟିଂ କରି ଉଦ୍‌ଘାଟନୀ ମ୍ୟାଚ୍ ଆରମ୍ଭ କରିଥିଲେ। ଚାମ୍ପିୟନଶିପ୍‌ରେ ମୋଟ ୧୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ଆସନ୍ତା ୨୨ତାରିଖରେ ଖେଳାଯିବ। ଆର୍‌ଏମ୍‌ଏଚ୍‌ପି ଓ ଏସ୍‌ଏମ୍‌ଏସ୍-୧ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଆର୍‌ଏମ୍‌ଏଚ୍‌ପି ୬ ଉଇକେଟରେ ବିଜୟୀ ହୋଇଥିଲା।


ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# କ୍ରିକେଟ: ବୀରମିତ୍ରପୁର, ଜିମ୍‌ଖାନା ବିଜୟୀ

ରାଉରକେଲା,୧୫।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ଜିଏସ୍ଏ କ୍ଲବ ପକ୍ଷରୁ ଚାଲିଥିବା ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଆଶୁ ଇଲେଭେନ ଓ ରାଉରକେଲା ଜିମ୍‌ଖାନା ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଶିଷ ମିତ୍ରା ମାତ୍ର ୪୫ ବଲ ଖେଳି ସର୍ବାଧିକ ୬୬ ରନ ସଂଗ୍ରହ କରିଥିଲେ। ଜବାବରେ ଆଶୁ ଇଲେଭେନ ଦଳ ନିର୍ଦ୍ଧାରିତ ୨୦


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରି ପରାଜିତ ହୋଇଥିଲା। ଜିମ୍‌ଖାନା ଦଳ ପକ୍ଷରୁ ଆଲୋକ ପ୍ରଧାନ ୪ ଓଭର ବୋଲିଂ କରି ୨୮ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

ଦ୍ୱିତୀୟ ମ୍ୟାଚ୍ ବାସନ୍ତୀ କଲୋନୀ ୱାଇସିସି 'ଏ' ଓ ବୀରମିତ୍ରପୁର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ଗୋପ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ। ଜବାବରେ ବୀରମିତ୍ରପୁର ଦଳ ମାତ୍ର ୧୧ ଓଭରରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲା। ବୀରମିତ୍ରପୁର ଦଳ ପକ୍ଷରୁ ସବା ସର୍ବାଧିକ ୧୭ ରନ ସଂଗ୍ରହ କରିଥିବାବେଳେ ସାଜିତ ଇକ୍‌ବାଲ ୪ ଓଭର ବୋଲିଂ କରି ୧୫ ରନ ଦେଇ ସର୍ବାଧିକ ୫ ଉଇକେଟ ନେଇଥିଲେ। ଆଜିର ଏହି ମ୍ୟାଚରେ ଖୋସଲା ହୋଣ୍ଡାର ନିର୍ଦ୍ଦେଶିକା ତଥା ସମାଜସେବୀ ପଦ୍ମିନୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ଆଶିଷ ପରିଜା ଓ ସାଜିତ ଇକବାଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ମାନସ ମହାନ୍ତି, ଜିତ ଭଟ୍ଟାଚାର୍ଯ୍ୟ, ଶୁସିଲ ଓଝା ଓ ସିଦ୍ଧାର୍ଥ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ବୀରମିତ୍ରପୁର ଓ ଜିମ୍‌ଖାନା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ବୋଇ ଜଣାପଡିଛି।

# ଉଦ୍ୟାନ କୃଷିର ସ୍ଥିତି ଉପରେ ସମୀକ୍ଷା

- କୃଷକ ଓଡ଼ିଶା ସଶକ୍ତୀକରଣ ଉପଦେଷ୍ଟାଙ୍କ ସମ୍ବଲପୁର ଗସ୍ତ
- ବଜାର ପ୍ରାଙ୍ଗଣ ନିର୍ମାଣ ନେଇ ପ୍ରତିଶ୍ରୁତି

**ସମ୍ବଲପୁର, ୧୫।୨ (ଭବାନୀ ଶଙ୍କର ଭୋଇ)**

କୃଷକ ଓଡ଼ିଶା ସଶକ୍ତୀକରଣ ଉପଦେଷ୍ଟା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଗୁରୁବାର ସମ୍ବଲପୁର ଗସ୍ତରେ ଆସି ଉଦ୍ୟାନ କୃଷିର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଏହାସହ ପ୍ରତ୍ୟକ୍ଷ ଭାବେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀର କର୍ମକର୍ତ୍ତାଙ୍କୁ ଭେଟି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ସେ ଅଞ୍ଚଳର ପନିପରିବା ଓ ମତ୍ସ୍ୟ ଚାଷୀଙ୍କୁ ଭେଟି ସେମାନଙ୍କ ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ। ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀରେ ୧ହଜାର ଚାଷୀ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା


କୃଷକ ଓଡ଼ିଶା ସଶକ୍ତୀକରଣ ଉପଦେଷ୍ଟାଙ୍କ ସହ ଅଧିକାରୀମାନେ।

ଜାଣି ସେ ଖୁସି ପ୍ରକଟ କରିଥିଲେ। ଅଞ୍ଚଳର ଯୁବ ଚାଷୀମାନଙ୍କୁ କମ୍ପାନୀରେ ସଂଶ୍ଲିଷ୍ଟ କରି ଆଧୁନିକ ପ୍ରଣାଳୀରେ ଚାଷ ପ୍ରତି ଉତ୍ସାହିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଯୋଜନାଗୁଡିକ କିଭଳି ଭାବେ ଚାଷୀମାନଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୃଷି ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କୃଷକ ଉତ୍ପାଦକ କମ୍ପାନୀର ସଦସ୍ୟ ଚାଷୀମାନେ ସେମାନଙ୍କ ଉତ୍ପାଦିତ ପନିପରିବା ଓ ଫସଲ ବିକ୍ରି ପାଇଁ ଏକ ଅତ୍ୟାଧୁନିକ ବଜାର ପ୍ରାଙ୍ଗଣର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। ଏହାପରେ ସେ କୃଷି ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍ ଶୀଘ୍ର ବଜାର ପ୍ରାଙ୍ଗଣ ନିର୍ମାଣ ଦିଗରେ ପଦକ୍ଷେପ ନେବା ନେଇ ପ୍ରତିଶ୍ରୁତି ଦେଇଥିଲେ। କୃଷକ ଓଡ଼ିଶା ସଶକ୍ତୀକରଣ ଉପଦେଷ୍ଟାଙ୍କ ଏହି ଗସ୍ତ ସମୟରେ କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ, ସଦସ୍ୟ ଚାଷୀ ଶ୍ୟାମଲାଲ ସାହୁ, ଅଜିତ ପଧାନ, ସୁରଜ ପଧାନ, ଶଙ୍ଖଜିନୀ ପଧାନ, କନ୍ଦର୍ପ ସାହୁଙ୍କ ସମେତ ଜିଲା କୃଷି ଅଧିକାରୀ ଉମାକାନ୍ତ ମିଶ୍ର, ସହକାରୀ କୃଷି ଅଧିକାରୀ ଟଙ୍କଧର ନାଗ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଠୀ, ମାନସ ରଞ୍ଜନ ଭୋଇଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

**ରେଙ୍ଗାଲି, ୧୫।୨ (ଦେବବ୍ରତ ପଣ୍ଡା):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗାଠାରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କତରବଗା ସରପଞ୍ଚ ନୀଳାମ୍ବର ରୋହିଦାସ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତିସଭ୍ୟ ଅକୁର କାଲୋ, ଇଓ ଶଙ୍କର ସେଠ, ଜିଆର୍‌ଏସ୍ ସୁବାସ ବେହେରା, ନାରୀନେତ୍ରୀ ମୋନିକା ବେହେରା, ଇଂ ଗାନ୍ଧୀ ବେହେରା, ଶୁଶୀଲ କିଷାନ, ଗୋବର୍ଦ୍ଧନ ସାହୁ, ଡୋଲାମଣି ଖମାରୀ, ବିନୋଦ ସିଂଦେଓ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ବହୁ ବିଜେଡି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାଷା, ସାହିତ୍ୟ ପ୍ରତିଯୋଗିତା

**ସମ୍ବଲପୁର, ୧୫।୨ (ବି.ଶଙ୍କର):** ସମ୍ବଲପୁର ଜିଲା ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତିନିଦିନ ବ୍ୟାପୀ ଚାଲିଥିବା ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାର୍ବତୀଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଗୋବିନ୍ଦ ମହାରଣା, ଧାମାସ୍ଥିତ ମା' ଖାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ. ସିଦ୍ଧାର୍ଥ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ବୀର ସୁରେନ୍ଦ୍ର ସାଏ ଯୁକ୍ତ ଦୁଇ ବିଜ୍ଞାନ ଅନୁଷ୍ଠାନର ଡ. ସ୍ୱୟଂ ପ୍ରକାଶ ପଣ୍ଡା ଅତିଥି ଥିଲେ। ଉଦ୍‌ଯାପନୀ ଦିବସରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଡ. ଶ୍ୟାମ ସୁନ୍ଦର ଧର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଓଡ଼ିଆ ଭାଷାର ବିକାଶ, ପ୍ରୟୋଗ ଉପରେ ମତ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ଗଳ୍ପ, କବିତା, ଭାଷା ଜ୍ଞାନ, ସାଧାରଣ ଜ୍ଞାନ, ହସ୍ତାକ୍ଷର, ଫଟୋଗ୍ରାଫି, ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସତ୍ୟନାରାୟଣ ଠାକୁର ସଂଯୋଜନା କରିଥିବାବେଳେ ଅଧ୍ୟକ୍ଷ ଗଣ୍ଡା ରାମ ଘଡିଏଲ ସଭାପତିତ୍ୱ କରିଥିଲେ।

### ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**ସମ୍ବଲପୁର, ୧୫।୨ (ବି.ଶଙ୍କର):** ସମ୍ବଲପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଅତିଥି ଭାବେ ଯୋଗଦେଇଥିଲେ। ୫ଟି ପର୍ଯ୍ୟାୟରେ ଦୁଇ ଶିକ୍ଷାନୁଷ୍ଠାନର ସମୁଦାୟ ୪୮୬ ଜଣ ଛାତ୍ରୀ ଶିବିରରେ ତାଲିମ ଗ୍ରହଣ କରିଥିଲେ। ରାଜ୍ୟ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଓ ସୁଷମା ସଙ୍ଗୀତା ତିର୍କୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଶଶୀ ଭୂଷଣ ପ୍ରଧାନ ଓ ବବିତା ନାୟକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ଧ୍ୟାରାଣୀ ଭୋଇ ଓ ବିଜୟ ଲକ୍ଷ୍ମୀ ବରିହା ଶିବିର ପରିଚାଳନା କରିଥିଲେ।

# ଝୁଣ୍ଟୁମୁରାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

**ସମ୍ବଲପୁର, ୧୫।୨ (ଭବାନୀ ଶଙ୍କର ଭୋଇ)** ଝୁଣ୍ଟୁମୁରାଠାରେ ନବନିର୍ମିତ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଲୋକାର୍ପଣ କରିଛନ୍ତି। ୫-ଟି ଯୋଜନାରେ ନିର୍ମାଣ ହୋଇଥିବା ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀ, ଡ୍ରାଇଭର ତଥା କର୍ମଚାରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ଏହାର ପରିଚାଳନା ଦାୟିତ୍ୱରେ ମିଶନ ଶକ୍ତି ମହିଳାମାନଙ୍କ ସହଭାଗିତା ରହିବ ବୋଲି ବିଡିଓ ବିଜୟ ସଏ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଝୁଣ୍ଟୁମୁରା ବ୍ଲକ ଅଧ୍ୟକ୍ଷା ମମତା ନାୟକ, ତହସିଲଦାର ସ୍ୱାଧୀନ କୁମାର ବେହେରା, ଝୁଣ୍ଟୁମୁରା ସରପଞ୍ଚ ବାସନ୍ତି ପ୍ରଧାନ, ସମ୍ବଲପୁର ଜିଲାପାଳ ସୁନିଲ ଅକ୍ଷୟ ଅଗ୍ରୱାଲ, ବିଡିଓ ସଏ ଉପସ୍ଥିତ ଥିଲେ।

# 'ସମ୍ବଲପୁର ଶ୍ରୀ' କ୍ଲାସିକ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ସମ୍ବଲପୁର, ୧୫।୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଆମେଚର ବଡିବିଲ୍ଡିଂ ସଂଘ ପକ୍ଷରୁ ଶାନ୍ତିନଗର କଲ୍ୟାଣ ମଣ୍ଡପଠାରେ ବୁଧବାର 'ସମ୍ବଲପୁର ଶ୍ରୀ' କ୍ଲାସିକ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ହସନ ଖାନ୍ ବିଜେତା ହୋଇଥିବା ବେଳେ ଶେଖ୍ ହାଇଦର ଦ୍ୱିତୀୟ, ଜୟଦେବ ପୂଜାହାରୀ ତୃତୀୟ, ମାନୁ ଯାଦବ ଚତୁର୍ଥ ଓ ରୋଶନ ସାହୁ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀମାନେ ୧୭ ଓ ୧୮ ତାରିଖରେ ବ୍ରହ୍ମପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସଂଘ ସମ୍ପାଦକ ଶିଶିର ବହିଦାର ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ସୋମନାଥ ପଟ୍ଟନାୟକ ସହଯୋଗ କରିଥିଲେ। ବରିଷ୍ଠ ଖବରଦାତା ଶିବଶଙ୍କର ନନ୍ଦ ମୁଖ୍ୟଅତିଥି, ରାଜସ୍ୱ ସେବା ଅଧିକାରୀ ଗଣେଶ ଦଳେଇ, ପ୍ରିୟରଞ୍ଜନ ବାବୁ, ସୁଧୀର ରଞ୍ଜନ ବହିଦାର ଓ ସୁଧୀର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ରେଙ୍ଗାଲିରେ ସମଲେଶ୍ୱରୀ ଟ୍ରେନ୍‌ର ରହଣି

**ସମ୍ବଲପୁର, ୧୫।୨ (ପ୍ରମୋଦ ବହିଦାର):** ସମ୍ବଲପୁର ରେଳ ମଣ୍ଡଳ ଅଧୀନ ରେଙ୍ଗାଲି ରେଳ ଷ୍ଟେଶନରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ହାୱଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍ ରହଣି କରିବ। ଏହାକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ଏ ସମ୍ପର୍କରେ ସେ ରେଙ୍ଗାଲି ବିଧାୟକଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି। ରେଙ୍ଗାଲି ବିଧାୟକ ନାଉରୀ ନାୟକ ୨୦୨୩ ଜୁଲାଇ ୩୧ରେ ଏ ନେଇ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ପତ୍ରଲେଖି ନିବେଦନ କରିଥିଲେ। ବିଧାୟକ ନାୟକ କହିଛନ୍ତି, ପଶ୍ଚିମ ଓଡ଼ିଶାରୁ ସିଧାସଳଖ କୋଲକାତାକୁ ଯୋଗାଯୋଗ କରୁଥିବା ସମଲେଶ୍ୱରୀ ଟ୍ରେନ୍ ରହଣି ଫଳରେ ଓଡ଼ିଶାର ଅନ୍ୟତମ ଶିଳ୍ପ କରିଡର ଭାବେ ପରିଚିତ ରେଙ୍ଗାଲିରେ ବ୍ୟବସାୟ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ତାଙ୍କ ଅନୁରୋଧ ରକ୍ଷା କରିଥିବାରୁ ରେଙ୍ଗାଲି ନିର୍ବାଚନମଣ୍ଡଳୀବାସୀଙ୍କ ପକ୍ଷରୁ ବିଧାୟକ ନାୟକ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶିକ୍ଷକଙ୍କ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୫।୨ (ପ୍ରମୋଦ ବହିଦାର)**

ସମ୍ବଲପୁର ଚର୍ଚ୍ଚ ଛକସ୍ଥିତ ସମାଜଘର ଭବନରେ ବୟସ୍କ ଶିକ୍ଷା ସାକ୍ଷରତା ଅଭିଯାନ ନେଇ ଶିକ୍ଷକଙ୍କ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ନ୍ୟୁ ଇଣ୍ଡିଆ ମିଶନ ଅନ୍ତର୍ଗତ ସାକ୍ଷରତା ଅଭିଯାନ ପରିପ୍ରେକ୍ଷୀରେ ଗିରାଇଡର୍ସ ଲାଇଫ ସଂସ୍ଥା ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ସହିତ ଝାରସୁଗୁଡ଼ା ଜିଲାର ପ୍ରାୟ ୬୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ତାଲିମପ୍ରାପ୍ତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ୬୦ଟି ବିଭିନ୍ନ କେନ୍ଦ୍ରରେ ନିଯୁକ୍ତି ଦିଆଯିବ। ସେମାନେ ଗ୍ରାମାଞ୍ଚଳରେ ନିରକ୍ଷର ମହିଳା ଓ ପୁରୁଷଙ୍କୁ ଚିହ୍ନଟ କରି ସାକ୍ଷର କରିବା ଦାୟିତ୍ୱ ତୁଲାଇବେ। କାର୍ଯ୍ୟକ୍ରମକୁ ତାଲିମଦାତା ଭାବେ ଏଞ୍ଜେଲ ସଂସ୍ଥାର କଳ୍ପନା ବାଗ ଓ ଆଶିଷ ଜନ କୁମାର ପରିଚାଳନା କରିଥିଲେ।

# ବହୁଜନ ସମାଜ ପାର୍ଟିର ନିର୍ବାଚନୀ ରଣନୀତି ପ୍ରସ୍ତୁତି


ବହୁଜନ ସମାଜ ପାର୍ଟିର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ।

**ସମ୍ବଲପୁର, ୧୫।୨ (ଭବାନୀ ଶଙ୍କର ଭୋଇ)**

ଆଗକୁ ସାଧାରଣ ନିର୍ବାଚନ। ଏଥିପାଇଁ ବହୁଜନ ସମାଜ ପାର୍ଟି ତା'ର ରଣନୀତି ପ୍ରସ୍ତୁତି ଆରମ୍ଭ କରିଛି। ସମ୍ବଲପୁର ସାମ୍ବାଦିକ ଭବନଠାରେ ଗୁରୁବାର ପାର୍ଟି ପକ୍ଷରୁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜିଲା ସଭାପତି ଆଇନଜୀବୀ ଦିଲିପ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲାରେ ବହୁ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତି ସାଙ୍ଗକୁ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ବର୍ଗର ଲୋକେ ବସବାସ କରୁଛନ୍ତି। ସେହି ଦୃଷ୍ଟିରୁ ବହୁଜନ ସମାଜ ପାର୍ଟି ଜିଲାରେ ଆଖିଦୃଶିଆ ଜନମତ ସଂଗ୍ରହ କରିବାରେ କାହିଁକି ବିଫଳ ହୋଇଛି ତାକୁ ନେଇ ସମୀକ୍ଷା କରାଯାଇଥିଲା। କିଭଳି ଅବହେଳିତ ବର୍ଗଙ୍କ ସମର୍ଥନ ହାସଲ କରାଯାଇ ପାରିବ ଓ ନିର୍ବାଚନରେ ଦଳ ବିଜୟଲାଭ କରିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବହୁଜନ ସମାଜ ପାର୍ଟି ସମ୍ବଲପୁର ସେକ୍ଟର -୨ ପ୍ରଭାରୀ ପ୍ରମୋଦ ଲୁହୁରା, ସମ୍ବଲପୁର ଲୋକ ସଭା ପ୍ରଭାରୀ ନବୀନ ନାଏକ, ଜିଲା କୋଷାଧ୍ୟକ୍ଷ କଳ୍ପନା ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ପି ଜିଲା ଉପସଭାପତି ବିଭୁଦତ୍ତ କୋଶଳ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ରଞ୍ଜିତଙ୍କ ସମେତ ରେଙ୍ଗାଲି, ସମ୍ବଲପୁର, ରେଢ଼ାଖୋଲ, କୁଚିଣ୍ଡା ବିଧାନସଭାର ବହୁଜନ ସମାଜ ପାର୍ଟିର ବରିଷ୍ଠ ନେତା ତଥା ପଦାଧିକାରୀ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ନାକଟିଦେଉଳ, ୧୫।୨ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ନାକଟିଦେଉଳ ଗ୍ରା.ପ. କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକ ପ୍ରଶାସନ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରୀୟ ନୋଡ଼ାଲ ଅଫିସର ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି ସଭାପତିତ୍ୱ କରିଥିଲେ। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁ ମୁଖ୍ୟଅତିଥି, ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖବକ୍ତା ଓ ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଜିଲା ପରିଷଦ ସଦସ୍ୟା ଟିକେଶ୍ୱରୀ ମେହେର, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ସରାପାଲି ସରପଞ୍ଚ ଶିବାନୀ ବାରିକ, ବ୍ଲକ କୃଷି


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅଧିକାରୀ ମଧୁମିତା ମୁର୍ମୁ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ପଦ୍ମାବତୀ ହାସଂଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିବା ସହ ହିତାଧିକାରୀ ଏହାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ସଚେତନତା ପାଇଁ ତଣ୍ଡାବିରା ପାଲା ଦଳ, ନାକଟିଦେଉଳର ନାମସଂକୀର୍ତ୍ତନ, ସରାପାଲି ଅରାସାହିର କୃଷ୍ଣଗୁରୁ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନାକଟିଦେଉଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଚିତ୍ରା ସେଠ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ଦେଇଥିଲେ। ଶିବିରରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଏସ୍‌ଏସ୍‌ଜି ସଦସ୍ୟା, ସିଆର୍‌ପି, ଏମ୍‌ବିକେ ଓ ଜନସାଧାରଣ ଯୋଗଦେଇଥିଲେ।

# ଗୋଛରା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୫।୨ (ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ପଞ୍ଚାୟତରେ ଗୁରୁବାର ଆମ ଓଡିଶା ନବୀନ ଓଡିଶା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବିଡିଓ ନିରଞ୍ଜନ ସା, ସରପଞ୍ଚ ଥାନେଶ୍ୱର ନାଏକ, ସମିତିସଭ୍ୟା ଭାନୁମତୀ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସଚେତନତାଧର୍ମୀ ପାଲା ପରିବେଷଣ କରାଯାଇଥିଲା। ପରେ କୁଚିଣ୍ଡା ପଞ୍ଚାୟତ ସମିତିର ସଫଳ ଯୋଜନା ଊିଷୟରେ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ନାଏକ ନୂତନ ହିତାଧିକାରୀଙ୍କୁ ଭତ୍ତା, ଖେଳାଳି ମାନଙ୍କୁ ପୋଷାକ ଓ ରାଶନକାର୍ଡ ହିତାଧିକାରୀଙ୍କୁ ଝୋଟ ବ୍ୟାଗ ବଣ୍ଟନ କରିଥିଲେ। ବିପିଏମ୍ ଟିପେନ୍‌ସନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ପିଇଓ ଯଶୋବନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

# ପୁଲଓ୍ୱାମା ବୋମା ବିସ୍ଫୋରଣରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୫।୨ (ପ୍ରମୋଦ ବହିଦାର)**

ଧନକଉଡ଼ା ବ୍ଲକ ଚିପିଲିମାଠାରେ ପୁଲଓ୍ୱାମା ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିବା ୩୪ ଜଣ ଶହୀଦ ଯବାନଙ୍କୁ ବିଶ୍ୱ ହିନ୍ଦୁ ରାଷ୍ଟ୍ରୀୟ ସଂଘ ଚିପିଲିମା ଶାଖା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଚିପିଲିମା ଏଟିଏମ୍ ଛକରେ ଅନୁଷ୍ଠାନର ସଭାପତି ଆଦର୍ଶ ବୁଢ଼ାଙ୍କ ସଂଯୋଜନା ଓ ବରିଷ୍ଠ ନାଗରିକ ଚିତ୍ତରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା ପୂର୍ବକ ଅମର ଆତ୍ମାଙ୍କ ସଦ୍‌ଗତି କାମନା କରାଯାଇଥିଲା। ପ୍ରଦୀପ କୁମାର ନାୟକ, ରାଧାକାନ୍ତ ନାୟକ, ସୁକାନ୍ତ ନାୟକ, ମନୋଜ ମଣ୍ଡଳ, ବିଶ୍ୱ ନାୟକ, ହରେଶ ଚନ୍ଦ୍ର ଦଳେଇ, ଅମନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସୁନା, ଶାନ୍ତ ଭୋଇ, ଜଗା ତାଙ୍ଗୁଆ, ସୋନୀ ଜାଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଆର୍ଟ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**କୁଚିଣ୍ଡା, ୧୫।୨ (ବିରଞ୍ଚି ଦର୍ଶୀ)**

କୁଚିଣ୍ଡା ଟାଉନ ହଲଠାରେ ବୁଧବାର ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏ ଥିରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ସମ୍ବଲପୁରୀ ଗବେଷକ ମୋହନ ସାହୁ, ଅଭୟ ଆର୍ଟ ଏକାଡେମୀ ଅଧ୍ୟକ୍ଷା ପଙ୍କଜିନୀ ସାହୁ, ନିର୍ଦ୍ଦେଶକ ତଥା ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ରିଙ୍କୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କଳା ହେଉଛି ପଶ୍ଚିମ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ଏବଂ କଳା ମଣିଷକୁ ଶୀର୍ଷକୁ ନେଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ଅତିଥି ଓ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରକାଶଥାଉକି, ଓଡ଼ିଶୀ ନୃତ୍ୟଶିଳ୍ପୀ ରିଙ୍କୁ ସାହୁଙ୍କ ପିତା ଅଭୟ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ କୁଚିଣ୍ଡାରେ ଅଭୟ ଆର୍ଟ ଏକାଡେମୀ ସ୍ଥାପନ କରାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସମ୍ବଲପୁର ମହୋତ୍ସବ ଉଦ୍‌ଯାପିତ

## ୭ଦିନ ଧରି ଚାଲିଥିଲା

**ସମ୍ବଲପୁର, ୧୫।୨ (ବି.ଶଙ୍କର)**

ସମ୍ବଲପୁର ମହୋତ୍ସବ- ୨୦୨୪ ବୁଧବାର ରାତିରେ ଅଇଁଠାପାଲି ବିର୍ସା ମଇଦାନ (ପିଏଚ୍‌ଡି ପଡିଆ)ଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ସଂଯୋଜକ ସପନ ମିଶ୍ରଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ରଙ୍ଗବତୀ ଗାୟିକା ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବୟନଶିଳ୍ପ ବିଭାଗର ଉପଦେଷ୍ଟା ସୌଭାଗ୍ୟ ନାୟକ, ବିଜେଡି ଯୁବନେତା ସିଦ୍ଧାର୍ଥ ସାହା, ଅଭିନେତ୍ରୀ ଚନ୍ଦନା ସିଂ, ନୃତ୍ୟଶିଳ୍ପୀ ରୁକ୍‌ସାନା ବାନୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ମହୋତ୍ସବର ସଫଳତା ବିଷୟରେ ଆଲୋକପାତ କରିଥିଲେ। ୭ଦିନ ଧରି ଚାଲିଥିବା ମହୋତ୍ସବରେ



ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋକନୃତ୍ୟ, ଲୋକଗୀତ, ଲୋକବାଦ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଝୋଟି, ରଙ୍ଗୋଲି, ମନହରି ହାଟ, ମୀନା ବଜାର ଓ ସମ୍ବଲପୁରୀ ଖାଦ୍ୟମେଳା ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉତ୍ସବରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଆରତୀଙ୍କୁ ଲୋକଶ୍ରୀ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଏଥିସହ ଶିକ୍ଷାବିତ ପ୍ରଫେସର ଅଶୋକ କୁମାର ଶତପଥୀ, ମଞ୍ଚ ବିଶ୍ୱକର୍ମା ସରୋଜ ମେହେର ଓ ଭରତ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ଦୁର୍ଗା ଦାଶ, ନାଟ୍ୟକାର ରାମାଶିଷ ତ୍ରିପାଠୀ, ପାର୍ବତୀ ସେଠ, ଦୁର୍ଗା ଦାଶ, ସଦାନନ୍ଦ ପଣ୍ଡା, ରୋଜି ମିଶ୍ର, ଜୟଶ୍ରୀ ମିଶ୍ର, ସୁଜାତା ଗୁରୁ, ଦେବାଶିଷ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷରେ ଆତସବାଜି ପରେ ପାରମ୍ପରିକ ମଡୁଆଝରା ଅନୁଷ୍ଠିତ ହୋଇଥିଲା।

# ୧୬,୫୧୮ କୋଟିର ଇଲେକ୍ଟୋରାଲ ବଣ୍ଡ ବିକ୍ରି

## ଭାଜପାକୁ ମିଳିଥିଲା ୬,୫୦୦ କୋଟିରୁ ଅଧିକ ଚାନ୍ଦା


SBI
भारतीय स्टेट बैंक STATE BANK OF INDIA
इलेक्टोरल बॉण्ड / ELECTORAL BOND
For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government vide Gazette Notification No. 20 dated the 2nd January, 2018.
On payment of the said amount, the liability of the Bank hereunder shall stand fully extinguished.
SAMPLE
Authorized Signatory

**ନୂଆଦିଲ୍ଲୀ,୧୫।୨(ପି.ଟି.)**

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ରାଜନୈତିକ ଦଳଗୁଡ଼ିକୁ ଏହାର ବିକ୍ରିରୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ମିଳିଛି। ଏଥିରୁ ଏକ ସିଂହଭାଗ ଶାସକ ଦଳ ଭାଜପାକୁ ମିଳିଥିଲା। ସୁପ୍ରିମକୋର୍ଟ ଉକ୍ତ ଯୋଜନାକୁ ରଦ୍ଦ କରିଦେବା ଭାଜପା ପାଇଁ ବଡ଼ ଝଟକା। ନିର୍ବାଚନ କମିଶନ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପାଖରେ ଥିବା ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ସବୁ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ୧୨,୦୦୦ କୋଟି ଟଙ୍କାରୁ ଅଧିକ ପାଇଥିବାବେଳେ ସେଥିରୁ ଶାସକ ଭାଜପାର ଭାଗ ଥିଲା ୫୫ ପ୍ରତିଶତ ବା ୬,୫୬୫ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ ତଥ୍ୟ ଅନୁଯାୟୀ ୨୦୧୮ ମାର୍ଚ୍ଚରୁ ଗତ ଜାନୁଆରୀ ସୁଦ୍ଧା ରାଜନୈତିକ ଦଳଗୁଡ଼ିକୁ ସମୁଦାୟ ୧୬,୫୧୮.୧୧ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଛି। ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡ଼ିକ ମୋଟ ଚାନ୍ଦାର ୯୦ ପ୍ରତିଶତରୁ ଅଧିକ ଉକ୍ତ ବଣ୍ଡରୁ ପାଇଛନ୍ତି। ତେବେ ମୋଟାମୋଟି ଦେଖିଲେ ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦା ମୋଟ ଆୟର ଅଧାରୁ ଅଧିକ।

ଉପା ସରକାରର ଶେଷ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସବୁଠୁ ଧନୀ ଦଳ ଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଚାନ୍ଦା ସଂଗ୍ରହରେ ଭାଜପା କଂଗ୍ରେସକୁ ଟପିଥିଲା। ସେହିବର୍ଷ ଭାଜପା ୬୭୩.୮ କୋଟି ଆୟ କରିଥିବାବେଳେ କଂଗ୍ରେସର ଆୟ ଥିଲା ୫୯୮ କୋଟି ଟଙ୍କା। ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନର ପ୍ରଥମ ଆର୍ଥିକ ବର୍ଷ ୨୦୧୮-୧୯ରେ ଭାଜପାର ଆୟ ୧,୦୨୭ କୋଟିରୁ ବଢ଼ି ୨,୪୧୦ କୋଟି ଟଙ୍କା ହୋଇଥିବାବେଳେ କଂଗ୍ରେସର ଆୟ ମଧ୍ୟ ୧୯୯ କୋଟିରୁ ବଢ଼ି ୯୧୮ କୋଟି ଟଙ୍କା ହୋଇଥିଲା। ୨୦୨୨-୨୩ ବର୍ଷରେ ଭାଜପାର ମୋଟ ଆୟ ୨,୩୬୦ କୋଟି ହୋଇଥିବାବେଳେ ସେଥିରୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଆୟ ପାଖାପାଖି ୧,୩୦୦ କୋଟି ଟଙ୍କା ରହିଛି। ଅନ୍ୟପକ୍ଷରେ ସେହିବର୍ଷ କଂଗ୍ରେସର ମୋଟ ଆୟ ୪୫୨ କୋଟି ଟଙ୍କାକୁ ହ୍ରାସ ପାଇଥିବାବେଳେ ସେଥିରୁ ଇଲେକ୍ଟୋରାଲ ବଣ୍ଡରୁ ଆୟ ୧୭୧ କୋଟି ଟଙ୍କା ରହିଥିଲା। ଏହା ପୂର୍ବବର୍ଷ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ୧,୦୩୩ କୋଟି ଏବଂ କଂଗ୍ରେସ ୨୩୬ କୋଟି ଟଙ୍କା ପାଇଥିଲା। ଅନ୍ୟ ଦଳ ମଧ୍ୟରୁ ଟିଏମ୍‌ସି ବଣ୍ଡରୁ ଗତବର୍ଷ ୩୨୫ କୋଟି ପାଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ୫୨୯ କୋଟି, ଡିଏମ୍‌କେ ୧୮୫ କୋଟି, ବିଜେଡି ୧୫୨ କୋଟି ଏବଂ ଟିଡିପି ୩୪ କୋଟି ଟଙ୍କା ପାଇଥିଲା। ଅନ୍ୟପକ୍ଷରେ ବଣ୍ଡରୁ ସମାଜବାଦୀ ପାର୍ଟି ଏବଂ ଶିରୋମଣି ଅକାଳୀ ଦଳ ଆଦୌ ଚାନ୍ଦା ପାଇ ନ ଥିଲେ। ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ପାଖାପାଖି ଅଧା ପାଣ୍ଠି କର୍ପୋରେଟ୍‌ଗୁଡ଼ିକୁ ମିଳୁଥିବାବେଳେ ଅନ୍ୟାନ୍ୟ ସୂତ୍ରରୁ ଅବଶିଷ୍ଟ ଆୟ ହେଉଥିଲା।

### ଇଲେକ୍ଟୋରାଲ ବଣ୍ଡ୍ କ'ଣ

ରାଜନୈତିକ ଦଳଗୁଡ଼ିକର ଚାନ୍ଦା ସଂଗ୍ରହ ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ଆର୍ଥିକ ସାଧନ। ଏଥିରେ କ୍ରେତା ଏବଂ ପ୍ରାପକଙ୍କ ନାଁ ରହୁ ନ ଥିବାରୁ ଏହା ଏକ ବିଅରିଂ ସାଧନ ଭାବେ କାର୍ଯ୍ୟ କରିଥାଏ ଏବଂ ଦାତାଙ୍କୁ ଗୋପନ ରଖିଥାଏ। ୨୦୧୭-୧୮ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ପ୍ରଥମେ ଇଲେକ୍ଟୋରାଲ ବଣ୍ଡ୍ ଘୋଷଣା କରିଥିଲେ। ଭାରତର ନାଗରିକ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏହା ଜରିଆରେ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇପାରିବେ। ଜଣେ କ୍ରେତା କେତେ ବଣ୍ଡ୍ କିଣିବେ, ତାହାର କୌଣସି ସୀମା ଧାର୍ଯ୍ୟ ହୋଇ ନ ଥିଲା। ୧ ହଜାରରୁ ଆରମ୍ଭ କରି ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ ଉପଲବ୍ଧ ରହିଥିବାବେଳେ ୧ କୋଟି ମୂଲ୍ୟର ବଣ୍ଡ୍ ସର୍ବାଧିକ ବିକ୍ରି ହୋଇଥାଏ। କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ନିର୍ଦ୍ଦିଷ୍ଟ ଶାଖା ଜରିଆରେ ଏହି ବଣ୍ଡ୍ ବିକ୍ରି ହୋଇଥାଏ। ୧୫ ଦିନ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଏହାକୁ ନ ମୁକୁଳାଇଲେ, ତାହା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିକୁ ଚାଲିଯାଇଥାଏ।

### ଇଲେକ୍ଟୋରାଲ ବଣ୍ଡ୍ ମାମଲାର ଘଟଣାକ୍ରମ

ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ବୈଧତା ସମ୍ପର୍କିତ ମାମଲାର ଘଟଣାକ୍ରମ ନିମ୍ନରେ ଦିଆଗଲା।

- **୨୦୧୭:** ଅର୍ଥ ବିଲ୍‌ରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଅଣାଯାଇଥିଲା।
- **୨୦୧୭ ସେପ୍ଟେମ୍ବର ୧୪:** ଉକ୍ତ ଯୋଜନାକୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ନାମକ ଏନ୍‌ଜିଓ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।
- **୨୦୧୭ ଅକ୍ଟୋବର ୩:** ଏନ୍‌ଜିଓର ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଥିଲେ।
- **୨୦୧୮ ଜାନୁଆରୀ ୨:** ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ।
- **୨୦୨୨ ନଭେମ୍ବର ୭:** ଯୋଜନାରେ ସଂଶୋଧନ କରାଯାଇ ଇଲେକ୍ଟୋରାଲ ବଣ୍ଡ ବିକ୍ରି ସମୟକୁ ବର୍ଷକରେ ୭୦ ଦିନରୁ ୮୫ ଦିନକୁ ବଢ଼ାଯାଇଥିଲା।
- **୨୦୨୩ ଅକ୍ଟୋବର ୧୬:** ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ମାମଲାକୁ ୫ ଜଣିଆ ସାମ୍ବିଧାନିକ ପୀଠକୁ ପଠାଇଥିଲେ।
- **୨୦୨୩ ଅକ୍ଟୋବର ୩୧:** ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଜନସ୍ୱାର୍ଥ ମାମଲାର ଶୁଣାଣି ଆରମ୍ଭ କରିଥିଲେ।
- **୨୦୨୩ ନଭେମ୍ବର ୨:** ସର୍ବୋଚ୍ଚ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ।
- **୨୦୨୪ ଫେବୃଆରୀ ୧୫:** ମତବ୍ୟକ୍ତ ଓ ତଥ୍ୟ ଜାଣିବା ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କଲେ।

## ଗଣତନ୍ତ୍ର ପାଇଁ ବରଦାନ: ପୂର୍ବତନ ସିଇସି



ଏସ୍.ୱାଇ. କୁରେଶୀ ଏନ୍. ଗୋପାଳସ୍ୱାମୀ

ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ରାୟ ଗଣତନ୍ତ୍ର ପାଇଁ ଏକ ବଡ଼ ବରଦାନ ବୋଲି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏସ୍.ୱାଇ. କୁରେଶୀ କହିଛନ୍ତି। ଏହା ଗଣତନ୍ତ୍ର ଉପରେ ଲୋକମାନଙ୍କ ଆସ୍ଥାକୁ ପୁନଃସ୍ଥାପିତ କରିବ ବୋଲି ସେ ମତ ଦେଇଛନ୍ତି। ଗତ ୫-୭ ବର୍ଷ ମଧ୍ୟରେ ସୁପ୍ରିମକୋର୍ଟଙ୍କର ଏହା ସବୁଠୁ ଐତିହାସିକ ରାୟ ବୋଲି ସେ କହିଛନ୍ତି। ବହୁ ବର୍ଷ ହେଲା ଗଣତନ୍ତ୍ରକୁ ନେଇ ଆମେ ସମସ୍ତେ ଚିନ୍ତାରେ ଥିଲୁ। ଯେଉଁମାନେ ଗଣତନ୍ତ୍ରକୁ ଭଲପାଆନ୍ତି, ସେମାନେ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବସ୍ଥାକୁ ବିରୋଧ କରୁଥିଲେ। କୁରେଶୀ ୨୦୧୦ ଜୁନ୍‌ରୁ ୨୦୧୨ ଜୁନ୍ ପର୍ଯ୍ୟନ୍ତ ସିଇସି ରହିଥିଲେ। ସେ ବହୁ ସମୟରେ ଏହା ଉପରେ ଲେଖିବା ସହ ଗଣମାଧ୍ୟମରେ ଅସନ୍ତୋଷ ପ୍ରକାଶ କରୁଥିଲେ ବୋଲି କହିଛନ୍ତି।

ସେହିପରି ଇଲେକ୍ଟୋରାଲ ଚାନ୍ଦା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ହେଲେ ଆହୁରି ବହୁ ବାଟ ଯିବାକୁ ଅଛି ବୋଲି ଅନ୍ୟତମ ପୂର୍ବତନ ସିଇସି ଏନ୍. ଗୋପାଳସ୍ୱାମୀ କହିଛନ୍ତି। କାରଣ ଗୋଟିଏ ବ୍ୟବସ୍ଥା ଗଲେ ଅନ୍ୟଟି ଆସିବ। ଏହାକୁ କ୍ୟାଶ୍‌ରେ ବଦଳାଯିବ ଏବଂ ପୂର୍ବାପେକ୍ଷା ଅଧିକ ପ୍ରଚଳିତ ହେବ ବୋଲି ସେ କହିଛନ୍ତି। ୨୦୦୬ ଜୁନ୍‌ରୁ ୨୦୦୯ ଏପ୍ରିଲ ପର୍ଯ୍ୟନ୍ତ ଗୋପାଳସ୍ୱାମୀ ସିଇସି ରହିଥିଲେ।

## ଅଜିତ ଗୋଷ୍ଠୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ହେବନି

### ଆବେଦନ ଖାରଜ କଲେ ବାଚସ୍ପତି


ଅଜିତ ପାୱାର

**ମୁମ୍ବାଇ,୧୫।୨:** ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ ଶରଦ ପାୱାର ଗୋଷ୍ଠୀ ପକ୍ଷରୁ କରାଯାଇଥିବା ଆବେଦନକୁ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ଗୁରୁବାର ଖାରଜ କରିଦେଇଛନ୍ତି। ଅଜିତ୍‌ଙ୍କ ନେତୃତ୍ୱରେ ଉକ୍ତ ବିଧାୟକମାନେ ଗତବର୍ଷ ଜୁନ୍‌ରେ ଅଲଗା ହୋଇଯାଇ ଭାଜପା-ଶିବସେନା ସରକାରରେ ସାମିଲ ହୋଇଥିଲେ। ଏହା ଦଳର ଇଚ୍ଛା ବୋଲି ଦର୍ଶାଇ ସେମାନେ ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ତେଣୁ ସେମାନଙ୍କ ସଦସ୍ୟତାକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ନରୱେକର କହିଛନ୍ତି। ଗତ ସପ୍ତାହରେ ନିର୍ବାଚନ କମିଶନ ମଧ୍ୟ ଅଜିତ ପାୱାର ଗୋଷ୍ଠୀକୁ ଅସଲି ଏନ୍‌ସିପି ଭାବେ ସ୍ୱୀକୃତି ଦେବା ସହ ଦଳୀୟ ଚିହ୍ନ ପ୍ରଦାନ କରିଥିଲେ। ପରେ ଶରଦ ପାୱାରଙ୍କ ଗୋଷ୍ଠୀକୁ 'ନ୍ୟାଶନାଲ କଂଗ୍ରେସ ପାର୍ଟି ଶରଦଚନ୍ଦ୍ର ପାୱାର' ଭାବେ ନାମିତ କରାଯାଇଥିଲା।

## ଏକାକୀ ଲଢ଼ିବ ଏନ୍‌ସି: ଫାରୁକ ଅବଦୁଲା



**ଶ୍ରୀନଗର, ୧୫।୨**

ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଇଣ୍ଡିଆ ମେଣ୍ଟକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ଜମ୍ମୁ କାଶ୍ମୀରରେ ଏକାକୀ ଲଢ଼ିବା ନେଇ ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି)ର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲା ଘୋଷଣା କରିଛନ୍ତି। ସେହିପରି ଜମ୍ମୁ କଶ୍ମୀରରେ ଲୋକ ସଭା ସହ ବିଧାନସଭା ନିର୍ବାଚନକୁ ମିଳିତ ଭାବେ କରିବାକୁ ସେ ଦାବି କରିଛନ୍ତି। ତେବେ ଫାରୁଖଙ୍କ ବୟାନକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି ତାଙ୍କ ପୁଅ ତଥା ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମର ଅବଦୁଲା। ଏବେ ମଧ୍ୟ ଏନ୍‌ସି ଇଣ୍ଡିଆ ମେଣ୍ଟରେ ରହିଥିବା ସେ କହିଛନ୍ତି। କଂଗ୍ରେସ ସହ ଆସନ ବୁଝାମଣା ନେଇ ବିଳମ୍ବ ହୋଇଥିବା ସ୍ୱୀକାର କରିବା ସହ ଏନେଇ ଏବେ ମଧ୍ୟ ଆଲୋଚନା ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ଜମ୍ମୁ କଶ୍ମୀର ଓ ଲଦାଖର ୬ ଆସନ ମଧ୍ୟରୁ ଇଣ୍ଡିଆ ମେଣ୍ଟରେ ୩ଟି ଆସନରେ ଲଢ଼ିବା ନେଇ ଦାବି କରି ଆସୁଛି ଏନ୍‌ସି। ସୂଚନାଯୋଗ୍ୟ, ପୂର୍ବରୁ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଓ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇ ଇଣ୍ଡିଆ ମେଣ୍ଟକୁ ଝଟ୍‌କା ଦେଇଥିଲେ।


ପଞ୍ଜାବର ରାଜପୁରାଠାରେ ଚାଷୀମାନେ ରେଳ ଧାରଣା ଉପରେ ବସି ରହିଛନ୍ତି।

## ପଞ୍ଜାବରେ ଚାଷୀଙ୍କ ରେଳରୋକୋ

**ଲୁଧିଆନା,୧୫।୨(ପି.ଟି.)**

କୃଷକମାନଙ୍କ ଦିଲ୍ଲୀ ଚଲୋ ଆନ୍ଦୋଳନବେଳେ ହରିୟାଣା ପୋଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ପଞ୍ଜାବର ଚାଷୀମାନେ ଗୁରୁବାର ବିଭିନ୍ନ ସ୍ଥାନରେ ରେଳଧାରଣାରେ ବସିରହିବାରୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଅମୃତସର ରୁଟ୍‌ରେ ଚଳାଚଳ କରୁଥିବା କେତେକ ଟ୍ରେନ୍‌କୁ ଅନ୍ୟ ରୁଟ୍‌ରେ ଚଳାଯାଇଛି। ଦିଲ୍ଲୀରୁ ଆସୁଥିବା ଶତାବ୍ଦୀ ଏବଂ ଶାନ୍-ଇ-ପଞ୍ଜାବ ଏକ୍ସପ୍ରେସ୍ ଟ୍ରେନ୍ ଲୁଧିଆନାଠାରେ ଅଟକି ରହିଥିଲା। ଚାଷୀମାନେ କେତେକ ଟୋଲ୍ ପ୍ଲାଜାରେ ଧାରଣା ଦେବାରୁ ଟୋଲ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ଭାରତୀୟ କିଷାନ ୟୁନିଅନ (ଏକତା ଉଗ୍ରହନ) ଏବଂ ବିକେୟୁ ଡାକୁନ୍ଦା ପକ୍ଷରୁ ପଞ୍ଜାବର ବିଭିନ୍ନ ସ୍ଥାନରେ ୪ ଘଣ୍ଟା ରେଳରୋକୋ ଡାକରା ଦିଆଯାଇଥିଲା। ମଧ୍ୟାହ୍ନ ୧୨ଟାରୁ ଚାଷୀମାନେ ରେଳଧାରଣାରେ ବସିରହିଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଟୋଲ୍ ପ୍ଲାଜାରେ ଧାରଣା ପାଇଁ ଡାକରା ଦିଆଯାଇଥିଲା।

## ଅର୍ଥନୀତିରେ ୪ର୍ଥ ସ୍ଥାନକୁ ଖସିଲା ଜାପାନ

### ମାନ୍ଦାବସ୍ଥାକୁ ଦାୟୀ କଲେ ବିଶେଷଜ୍ଞ

**ଟୋକିଓ, ୧୫।୨**



ଗୁରୁବାର ବିଶ୍ୱ ଅର୍ଥ ବ୍ୟବସ୍ଥା ସମ୍ବନ୍ଧିତ ଏକ ବଡ଼ ପରିବର୍ତ୍ତନ ଦେଖାଦେଇଛି। ବିଶ୍ୱର ତୃତୀୟ ବଡ଼ ଅର୍ଥ ବ୍ୟବସ୍ଥାରୁ ଖସି ଚତୁର୍ଥ ସ୍ଥାନରେ ପହଞ୍ଚିଛି ଜାପାନ। ସେହିପରି ଜାପାନକୁ ପଛରେ ପକାଇ ଜର୍ମାନୀ ଏହି ସ୍ଥାନ ଦଖଲ କରିଛି। ଗତ କିଛି ଦିନ ହେବ ଜାପାନରେ ଅର୍ଥନୈତିକ ମାନ୍ଦାବସ୍ଥା ଲାଗି ରହିବା ହେତୁ ଏପରି ଘଟିଥିବା ବିଭିନ୍ନ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ସେହିପରି ଗତ କିଛିବର୍ଷ ଧରି ଦେଶରେ ଜନ୍ମହାର ବହୁତ କମ ଥିବା ହେତୁ ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ବୟସ୍କଙ୍କ ସଂଖ୍ୟାଠାରୁ ଢେର କମ ରହୁଛି। ଏହା ମଧ୍ୟ ଦେଶରେ ଲାଗି ରହିଥିବା ମାନ୍ଦାବସ୍ଥାର ଅନ୍ୟ ଏକ କାରଣ ହୋଇଥିବା ବିଶେଷଜ୍ଞ ମତ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ଗତ ୨ଟି କ୍ୱାର୍ଟରରେ ଜାପାନରେ ଜିଡିପି ହ୍ରାସ ପାଇଥିଲା। ଗତ ଅକ୍ଟୋବର-ଡିସେମ୍ବର ତ୍ରୈମାସିକ କ୍ୱାର୍ଟରରେ ଏହାର ଜିଡିପି ହ୍ରାସ ପାଇ ୩.୩ ପ୍ରତିଶତରେ ପହଞ୍ଚିଥିଲା, ଯାହା ପୂର୍ବ କ୍ୱାର୍ଟର ଠାରୁ ୦.୪ ପ୍ରତିଶତ କମ ଥିଲା। ସେହିପରି ଗତ ୨ ବର୍ଷ ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଜାପାନର ମୁଦ୍ରା ୟେନ୍‌ର ମୂଲ୍ୟ ହ୍ରାସ ପାଇବାରେ ଲାଗିଥିଲା। ଦେଶରେ ଆର୍ଥିକ ମାନ୍ଦାବସ୍ଥା ପାଇଁ ଏହା ମଧ୍ୟ ଅନ୍ୟ ଏକ କାରଣ ବୋଲି ଦର୍ଶାଇଛନ୍ତି ବିଶେଷଜ୍ଞ। ୨୦୨୨ରୁ ୨୦୨୩ ମଧ୍ୟରେ ଡଲାର ତୁଳନାରେ ୟେନ୍‌ର ମୂଲ୍ୟ ୧୮ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା। ନକାରାତ୍ମକ ସୁଧ ହାରକୁ ବଜାୟ ରଖିବାକୁ ବ୍ୟାଙ୍କ ଅଫ ଜାପାନର ନିଷ୍ପତ୍ତି ଯୋଗୁଁ ୟେନ୍‌ର ମୂଲ୍ୟ ହ୍ରାସ ପାଇଥିବା କହିଛନ୍ତି ଆର୍ଥିକ ବିଶେଷଜ୍ଞ। ସୂଚନାଯୋଗ୍ୟ, ୨୦୧୦ ମସିହାରେ ଜାପାନକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହୋଇଥିଲା ଚାଇନା।

**ଫୁର୍‌ସତ**

# ରେକର୍ଡ ଭାଙ୍ଗିଲା ଭାଲେଣ୍ଟାଇନ୍ ୱିକ୍

**ନୂଆଦିଲ୍ଲୀ**




୭ ଫେବୃଆରୀରୁ ଆରମ୍ଭ ହେଉଥିବା ଭାଲେଣ୍ଟାଇନ ସପ୍ତାହକୁ ନେଇ ଦେଶର ଯୁବପିଢ଼ିଙ୍କ ମନରେ ଅନେକ ଉତ୍କଣ୍ଠା ଲାଗି ରହିଥାଏ। ଏହି ଭାଲେଣ୍ଟାଇନ ୱିକ୍‌ରେ ପରସ୍ପରକୁ ଉପହାର ଦେବାକୁ ପସନ୍ଦ କରିଥାନ୍ତି ପ୍ରେମୀଯୁଗଳ। ତେବେ ଚଳିତବର୍ଷ ଭାଲେଣ୍ଟାଇନ୍ ସପ୍ତାହରେ ପ୍ରେମୀଯୁଗଳ ପରସ୍ପରକୁ ନିଜର ପ୍ରେମ ପ୍ରକାଶ କରିବାର କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରିନାହାନ୍ତି। ଏହି କାରଣରୁ ଚଳିତବର୍ଷ ଭାଲେଣ୍ଟାଇନ୍ ସପ୍ତାହରେ ବିଭିନ୍ନ ଉପହାର ସମେତ ରେକର୍ଡ ସଂଖ୍ୟକ ଗୋଲାପ ଫୁଲ ଏବଂ ଚକୋଲେଟ୍ ବିକ୍ରି ହୋଇପାରିଛି। ପ୍ରେମୀଯୁଗଳ ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଏନେଇ ରେକର୍ଡ ସଂଖ୍ୟକ ଅର୍ଡର ଗ୍ରହଣ କରିଥିଲେ। ଭାଲେଣ୍ଟାଇନ୍ ସପ୍ତାହରେ, ପ୍ରତି ମିନିଟରେ ୩୫୦ଟି ଗୋଲାପ ଫୁଲ ସହ ୪୦୬ଟି ଚକୋଲେଟ୍ କିଣାଯାଉଥିବା ବିଭିନ୍ନ ଇ-କମର୍ସ ପ୍ଲାଟଫର୍ମ ନିକଟରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୯ ଫେବୃଆରୀରେ ଚକୋଲେଟ୍ ଡେ ଅବସରରେ ପ୍ରତି ମିନିଟରେ ହାରାହାରି ୪୦୬ଟି ଚକୋଲେଟ୍ ଅର୍ଡର ମିଳିଥିଲା। ଏନେଇ ଖାଦ୍ୟ ବିତରଣ ପ୍ଲାଟଫର୍ମ ଜୋମାଟୋ ଦ୍ୱାରା ସୂଚନା ଦିଆଯାଇଛି। ସେହିପରି ଭାଲେଣ୍ଟାଇନ ୱିକରେ ପ୍ରତି ମିନିଟରେ ହାରାହାରି ୩୫୦ ଗୋଲାପର ଅର୍ଡର ଆସୁଥିବା ସୂଚନା ଦେଇଛି ଗିଫ୍ଟ ପ୍ଲାଟଫର୍ମ ଏଫ୍‌ଏନ୍‌ପି ଇ-ରିଟେଲ। କେବଳ ଏତିକି ନୁହେଁ, ଭାଲେଣ୍ଟାଇନ ୱିକ ଉପଲକ୍ଷେ ଚଳିତବର୍ଷ ପ୍ରତି ମିନିଟରେ ଅନଲାଇନ୍ କେକ୍ ଅର୍ଡର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଥିବା କହିଛନ୍ତି ଖାଦ୍ୟ ବିତରଣ ପ୍ଲାଟଫର୍ମ ସ୍ୱିଗିର ସିଇଓ ରୋହିତ କପୁର। ଚଳିତବର୍ଷ ଭାଲେଣ୍ଟେଇନ ୱିକରେ ସର୍ବାଧିକ କେକ୍ ଅର୍ଡର ହୋଇଥିବା ସେ ସୂଚନା ଦେଇଛନ୍ତି।

## ଶକ୍ତିମାନ୍ ଭୂମିକାରେ ନଜର ଆସିବେ ରଣବୀର


ରଣବୀର ସିଂ

**ମୁମ୍ବାଇ:** ନବେ ଦଶକର ସୁପରହିଟ୍ ଶୋ 'ଶକ୍ତିମାନ୍' ଖୁବ୍‌ଶୀଘ୍ର ବଡ଼ ପରଦାରେ ଦେଖିବାକୁ ମିଳିବ। ମୁକେଶ ଖାନ୍ନାଙ୍କ ଦ୍ୱାରା ଅଭିନୀତ ଏହି ଶୋ' ଏକଦା ଭାରତୀୟ ଦର୍ଶକଙ୍କ ମଧ୍ୟରେ ରାଜୁତି କରିଥିଲା। ତେଣୁ ଏହି ସୁପରହିଟ୍ ଶୋ'କୁ ବଡ଼ ପରଦାକୁ ଆଣିବା ପାଇଁ ଦୀର୍ଘ ସମୟ ଧରି ଆଲୋଚନା ହୋଇଆସୁଛି। ତେବେ 'ଶକ୍ତିମାନ୍' ଭୂମିକାରେ କିଏ ଅଭିନୟ କରିବେ ସେନେଇ ପ୍ରଶ୍ନ ଲାଗି ରହିଥିଲା। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଏହି ଭୂମିକାରେ ବଲିଉଡ ଷ୍ଟାର ରଣବୀର ସିଂ ଅଭିନୟ କରିବେ। ରିପୋର୍ଟ ଅନୁଯାୟୀ 'ଶକ୍ତିମାନ୍' ଟିଭି ଶୋ' ଉପରେ ଆଧାର କରି ଏକ ଫିଲ୍ମ ନିର୍ମାଣ କରାଯିବ, ଯାହା ମୁଖ୍ୟତଃ ତିନି ଭାଗରେ ପ୍ରସ୍ତୁତ ହେବ। ଏହି ଚଳଚ୍ଚିତ୍ରରେ ରଣବୀର ସିଂ ମୁଖ୍ୟ ଭୂମିକାରେ ନଜର ଆସିବେ। ଏଥିରେ ରଣବୀର ମୁକେଶ ଖାନ୍ନାଙ୍କ ପରି ସୁପର ହିରୋ 'ଶକ୍ତିମାନ୍' ଭୂମିକାରେ ଅଭିନୟ କରିବେ। ଏହି ଚଳଚ୍ଚିତ୍ରର ଶୁଟିଂ ଆସନ୍ତା ବର୍ଷ ଆରମ୍ଭ ହେବା ନେଇ ସୂଚନା ମିଳୁଛି। ରଣବୀର ସିଂଙ୍କୁ ଶେଷ ଥର ପାଇଁ 'ରକି ଔର ରାନୀ କି ପ୍ରେମ କାହାନି'ରେ ଦେଖିବାକୁ ମିଳିଥିଲା। ତେବେ ରଣବୀରଙ୍କ ଆଗାମୀ ଚଳଚ୍ଚିତ୍ର ମଧ୍ୟରେ ଫରହାନ୍ ଅଖତରଙ୍କ 'ଡନ୍ -୩' ଏବଂ ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ସିଙ୍ଘମ୍' ରହିଛି। ତେବେ 'ଡନ୍-୩'ର ଶୁଟିଂ ସରିବା ପରେ ରଣବୀର ଶକ୍ତିମାନ୍‌ର ଶୁଟିଂ ଆରମ୍ଭ କରିବା ନେଇ ସୂଚନା ମିଳିଛି। ସୂଚନାଯୋଗ୍ୟ, ୯୦ ଦଶକରେ ମୁକେଶ ଖାନ୍ନାଙ୍କ 'ଶକ୍ତିମାନ୍' ଶୋ'ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା। ୧୯୯୭ରୁ ୨୦୦୫ ପର୍ଯ୍ୟନ୍ତ ୪୫୦ ଏପିସୋଡ୍ ଧରି ଏହି ଶୋ' ଚାଲିଥିଲା।

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ଥୁଆମୂଳ ରାମପୁର,୧୫।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ମହୁଲପାଟଣା ଫାଣ୍ଡି ଅଧୀନ ଉପରଚବ୍ରି ଗ୍ରାମର ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତହେଦ ଜବତ ହୋଇଛି। ସେ ହେଲେ ୭୦ ବର୍ଷୀୟ ସୁନା ମାଝି। ଗତ ୯ ତାରିଖରୁ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ନ ପାଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସନ୍ଧାନ କରିଥିଲେ ମଧ୍ୟ ନଜରକୁ ଆସି ନ ଥିଲା। ଗାଁ ଲୋକେ ଜଙ୍ଗଲରେ ଖୋଜିବା ପରେ ୧୪ ତାରିଖରେ ନିକଟ ଦାମନ ଜଙ୍ଗଲରୁ ସୁନା ମାଝିଙ୍କ ମୃତଦେହ ଜବତ କରି ପୋଲିସକୁ ଖବର ଦେଇଥିଲେ। ମହୁଲପାଟଣା ପୋଲିସ ଫାଣ୍ଡି ଅଧିକାରୀ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଡାକ୍ତର ଖାନାପଠାଇବାକୁ ଚେଷ୍ଟା କରିଥିଲା। ମୃତଦେହ ଉଦ୍ଧାର ହୋଇ ୨୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ବ୍ୟବଚ୍ଛେଦ ପାଇଁ ଶବ ବାହକ ଗାଡି ବ୍ୟବସ୍ଥା ହୋଇପାରି ନ ଥିବାରୁ ମୃତଦେହ ପଡ଼ିରହିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

### ବିଶ୍ୱଶାନ୍ତି ମାନସ ଯଜ୍ଞ

ଲୋଇସିଂହା,୧୫।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡ଼ିଖାଲ ମାନସ ବିହାରରେ ଚାଲିଥିବା ୨୭ ତମ ବିଶ୍ୱ ଶାନ୍ତି ମାନସ ଯଜ୍ଞର ଗୁରୁବାର ଥିଲା ଷଷ୍ଠ ଦିବସ। ସାନ୍ଧ୍ୟ ସଭାରେ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ପଧାନ ସଭାପତିତ୍ୱ କରିଥିଲେ। ଏଥିରେ ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି, ସୁଶାନ୍ତ ବାରିକ, ବିମଳେନ୍ଦୁ ସାହୁ, ସାରଙ୍ଗଧର ଭୋଇ, ଶିକ୍ଷକ ଆମ୍ବୁଜ ହୋତା, ରାମପୁର ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ ରାଉତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବୁଢ଼ିପଦର ପ୍ରକଳ୍ପ ବିଦ୍ୟାଳୟ ଏବଂ ରାମପୁର ଆଶ୍ରମ ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା କାର୍ଯ୍ୟକୁ ଜ୍ୟୋତିପ୍ରକାଶ ସାହୁ ସଂଯୋଜନା କରିଥିଲେ।

### ଯୁବକଙ୍କ ବିଶୃଙ୍ଖଳା ନେଇ ଅଭିଯୋଗ କଲେ ଜନପ୍ରତିନିଧି

କୋକସରା,୧୫।୨(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମର ଜଣେ ଯୁବକ ଗତ ସୋମବାର ଡେଙ୍ଗାଗୁଡାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଆସି ବିଶୃଙ୍ଖଳା ସୃଷ୍ଟି କରିବା ସହ ଗାଳିଗୋଲଜ କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଗୁରୁବାର ମହିମା ପଞ୍ଚାୟତ ସରପଞ୍ଚ ଈଶରାମ କୋଲଥିଆଙ୍କ ନେତୃତ୍ୱରେ ନାଏବ ସରପଞ୍ଚ ସୁମତି ବାଗ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଡାଲିମ୍ବ ମୁଲକିଆ, ପୂର୍ବତନ ସମିତି ସଭ୍ୟ ଗୋବିନ୍ଦ ନାଏକ ପ୍ରମୁଖ ୱାର୍ଡ଼ ସଭ୍ୟାସଭ୍ୟମାନେ ବିଡ଼ିଓଙ୍କ ଅନୁପସ୍ଥିତରେ ଆକାଉଣ୍ଟାଣ୍ଟ ଅଶୋକ କୁମାର ସେଠୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରି ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହାସହ ଆମପାଣି ଥାନାରେ ମଧ୍ୟ ପଞ୍ଚାୟତ ଜନପ୍ରତିନିଧିମାନେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ପାଟିକା ସହାୟିକା ମଜଦୁର ସଂଘର ବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା,୧୫।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ୬ ଦଫା ଦାବି ନେଇ ପାଟିକା ସହାୟିକା ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଗ୍ରହଣ କରିଥିଲେ। ଜିଲା ସଭାନେତ୍ରୀ ତପସ୍ୱିନୀ ମହାରଣାଙ୍କ ନେତୃତ୍ୱରେ ଦାବି ପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦିକା ବିମଳା ରାଉତ, ସଂଯୋଜକ ସନ୍ୟାସ ପଧାନ, କୋଷାଧ୍ୟକ୍ଷ ମମତା ଗହୀର, ଭାରତୀୟ ମଜଦୁର ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ବିରଞ୍ଚି ନାରାୟଣ ପଣ୍ଡା, ଜିଲା କାର୍ଯ୍ୟକାରୀ ସଭାପତି ନବୀନ ଛତ୍ରିଆ, ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆରମ୍ଭରେ ସ୍ଥାନୀୟ ବାଲାଜୀ ମନ୍ଦିର ଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ପାଟିକା ଓ ସହାୟିକାମାନଙ୍କୁ ସର୍ବନିମ୍ନ ମଜୁରୀ, ଇପିଏଫ୍ ଓ ଇଏସ୍ଆଇସି ଲାଗୁ କରିବା ସହିତ ସାମାଜିକ ସୁରକ୍ଷା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ପରିବାରକୁ ୫ଲକ୍ଷ ସହାୟତା ରାଶି, ସମସ୍ତଙ୍କ ପାଇଁ ବୀମା ଓ ଅବସରକାଳୀନ ଭର୍ତ୍ତା ପ୍ରଦାନ ଆଦି ଦାବି କରାଯାଇଛି।



ଜିଲାପାଳଙ୍କ ଅଫିସ ଆଗରେ ପାଟିକା ସହାୟିକା ମଜଦୁର ସଂଘର ବିକ୍ଷୋଭ।

# ବାରିକ ସମାଜ ଭବନ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି।

ଦେଓଗାଁ ୧୪।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ବାରିକ ସମାଜର ନବନିର୍ମିତ ଭବନ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ବାରିକ ସମାଜ ସଭାପତି ରାଜ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ନବନର୍ମିତ ଭବନର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ନିଖିଳ ଉତ୍କଳ ବାରିକ ସମାଜର ହୀରାଲାଲ ବେହେରା, ଯୁବନେତା ସମରେନ୍ଦ୍ର ମିଶ୍ର, ସମାଜର ଜିଲା ସଭାପତି କଙ୍ଗାଲୁ ବାରିକ, ଉପସଭାପତି ନବୀନ ପଶାୟତ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, କୋଷାଧ୍ୟକ୍ଷ ନନ୍ଦ କିଶୋର ବାରିକ, ଜିଲା ସେଲୁନ ସଂଘ ସଭାପତି ଶିଶିର କୁମାର ବେହେରା, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତିର ଉନ୍ନତି ତଥା ମହିଳା ଶିକ୍ଷା ଉପରେ ଆଲୋଚନା କରିଥିଲେ । ସମାଜର କୌଳିକ ବୃତ୍ତିକୁ କେନ୍ଦ୍ର ସରକାର ବିଶ୍ୱକର୍ମା ଯୋଜନାରେ ସାମିଲ କରିଛନ୍ତି। ଅନୁରୂପଭାବେ ରାଜ୍ୟ ସରକାର କୌଳିକ ବୃତ୍ତିକୁ ଅଗ୍ରାଧିକାର ଭିତ୍ତିରେ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରିବା ପାଇଁ ଦାବି ଉଠିଥିଲା। ଏହି ଅବସରରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା କବି ତଥା ବିଶିଷ୍ଟ ଲେଖକ ବିନୋଦ ପ୍ରସାଦ ପଶାୟତଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତରେ ନିଖିଳ ଉତ୍କଳ ବାରିକ ସମିତି ସମ୍ବଲପୁରର ଉପସଭାପତି ହୀରାଲାଲ ବେହେରା ସମ୍ବର୍ଦ୍ଧନା ପତ୍ର ଗ୍ରହଣ କରିଥିଲେ। ବ୍ଲକ ବାରିକ ସମାଜର ସାଧାରଣ ସମ୍ପାଦକ ଦଶରଥ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଲାଞ୍ଜିଗଡ଼,୧୫।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବେନଗାଁ ପଞ୍ଚାୟତ ନିକଟସ୍ଥ ପଡିଆ଼ଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପୁରାଣା ମାଝିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ ପ୍ରମୁଖ ମଞ୍ଚାସୀନଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାଦେବ ସୁନାନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲମାନ ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ବେନଗାଁ ପଞ୍ଚାୟତ ସମସ୍ତ କର୍ମଚାରୀ, ଗାଁ ସାଥି, ଏମବିକେ, ସିଆରପିମାନେ ସହଯୋଗ କରିଥିବା ବେଳେ ପଞ୍ଚାୟତ ବିଭିନ୍ନ ଗାଁର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଥୁଆମୂଳ ରାମପୁର,୧୫।୨(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୁଲପାଟଣାଠାରେ ଆୟୋଜିତ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀଧର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମହୁଲପାଟଣା ପଞ୍ଚାୟତ ସରପଞ୍ଚ ରତନି ମାଝି ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ନାଏକ ଯୋଗଦେଇଥିଲେ। ସଭା ପରିଚାଳନା କରିଥିଲେ ଅଧ୍ୟାପକ ବଳଭଦ୍ର ହରିଜନ। ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଗତ ୩ ତାରିଖରୁ ଆରମ୍ଭ ହୋଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ଦିବସରେ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବଳ ଜାଗୃତି ହେବା ସହ ନିଜର ସୁରକ୍ଷା କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେଇ ପାରିବେ ବୋଲି ଉପସ୍ଥିତ ବକ୍ତାମାନେ ମତାମତ ପ୍ରକାଶ କରିଥିଲେ। ଏଥିରେ ପ୍ରଶିକ୍ଷଣ ଦେଉଥିଲେ ପ୍ରଶିକ୍ଷକ ଲିପିକା ପଟେଲ। ଶେଷ ଦିନରେ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଲାଠୋର,୧୫।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଜପଶିନୀ ସାହୁଙ୍କ ଆବାହକତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ୩ ନଂ ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ପବିତ୍ର ପଟେଲ, ବ୍ଲକ ସଭାପତି ରମେଶ ପ୍ରଧାନ, କରୁଆଝର ସମିତି ସଭ୍ୟ ସନ୍ତୋଷ ତାଣ୍ଡି, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ନୋଡାଲ ଅଫିସର ଗୋବର୍ଦ୍ଧନ ବାଗ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ସରକାର ଲୋକଙ୍କୁ ଯୋଗାଇ ଦେଉଥିବା ମମତା ଯୋଜନାଠାରୁ ଆରମ୍ଭ କରି ବିଏସ୍‌କେୱାଇ, କାଳିଆ ଯୋଜନା, ରାସନ କାର୍ଡ, ମିଶନ ଶକ୍ତି, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ ଇତ୍ୟାଦି ସରକାରୀ ଯୋଜନାର କିଭଳି ନିଜ କ୍ଷେତ୍ରରେ ଉପଯୋଗ କରି ପାରିବେ ବୁଝାଇ ଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଯୋଗାଣ ସହାୟକ ରୋହିତ ରଣା।

# ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

**ଭୋପାଳ:** ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶ ଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି। ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି । ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।



# ଟିଟିଲାଗଡ଼କୁ ହରାଇ ରାୟଗଡ଼ା ଚାମ୍ପିୟନ

## ଦଣ୍ଡପାଟ ଚାମ୍ପିୟନ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ବେହେରା,୧୫।୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆରେ ୨୮ତମ ଦଣ୍ଡପାଟ ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଟିଟିଲାଗଡ଼କୁ ହରାଇ ରାୟଗଡା ଦଣ୍ଡପାଟ ଚାମ୍ପିୟନ ଟ୍ରଫି ଅକ୍ତିଆର କରିଛି। ଫାଇନାଲ ମ୍ୟାଚ ଟିଟିଲାଗଡ଼ ରାଇଡର ଓ ହନୁମାନ ଏକାଦଶ ରାୟଗଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ରାୟଗଡ଼ା ୧୪.୩ ଓଭରରେ ୬ ଉଇକେଟ ବିନିମୟରେ ୨୦୨ ରନ କରି ବିଜୟ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ବିଶ୍ୱଜିତଙ୍କୁ ଘୋଷଣା କରଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର ଟିଟିଲାଗଡ଼ର ବାବୁ ରଣା ଓ ବେଷ୍ଟ ବ୍ୟାଟ୍ସମ୍ୟାନ ବେହେରା ଟିମର ଟେଣ୍ଟୁଙ୍କୁ ବିଜେତା ଘୋଷଣା କରାଯାଇଥିଲା। ବିଜେତା ଟିମକୁ ଟ୍ରଫି ସହ ୫୧ ହଜାର ଓ ରନର ଅପ୍ ଟିମକୁ ଟ୍ରଫି ସହ ୩୫ ହଜାର, ମ୍ୟାନ ଅଫ ଦି ସିରିଜକୁ ଟ୍ରଫି ସହ ୫୦୦ ଟଙ୍କା ଆୟୋଜକ ମା'ଦନ୍ତେଶ୍ୱରୀ କ୍ରିକେଟ ଟିମ ବେହେରା ଦ୍ୱାରା ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ମାନସ ବାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଧର୍ମଗଡ଼ ଜୋନ-୨ ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ଆମପାଣି ଜୋନ ଜିଲା ପରିଷଦ ହେମନ୍ତ ମାଝି, ଧର୍ମଗଡ଼ ଜୋନ ୧ ଜିଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଆମ ଓ ନବୀନ ଓଡିଶା କଳାହାଣ୍ଡି ଜିଲା ସଂଯୋଜକ ବଦ୍ରୀ ପଟ୍ଟନାୟକ, ବେହେରା ସରପଞ୍ଚ କୁମୁଦିନୀ ଗଇଁତା, ବେହେରା ସମିତି ସଭ୍ୟ କିଶୋର ନାଗ, ତେଣ୍ଡାପାଲି ସମିତି ସଭ୍ୟ ସଞ୍ଜୀବ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହ କରିଥିଲେ। ଅଜୟ ପଣ୍ଡା ଓ ବବଲୁ ଅଗ୍ରୱାଲ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ନିକୁଞ୍ଜ ସାହୁ, ତ୍ରିଲୋକ ସିଂହ, ସଚିକାନ୍ତ ଗଉଡ଼, ଭାସ୍ୟକାର୍ ଭାବେ କ୍ଷୀରସିନ୍ଧୁ ବାଗ, ଜୟନ୍ତ ବାରିକ ଦାୟିତ୍ୱ ତୁଲାଇ ଥିଲେ। ଆୟୋଜକ କମିଟି ସଭାପତି ଈଶ୍ୱର ଲାଲ ଅଗ୍ରୱାଲ, ସମ୍ପାଦକ ଭବେଶ ଗଇନ୍ତା, ଆୟୋଜକ ସଦସ୍ୟ ପ୍ରଶାନ୍ତ ତିୱାରୀ, ବିନ୍ଦୁସାର ବିଶି, ପିଚ କ୍ୟୁରେଟର ରଜନୀ କାନ୍ତ ନାଏକ, ଧନୁ ଗୋପାଲ, ତରେଶ ବିଶି, ବାଲ ବିଶି, ହିମାଂଶୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।




DSPL - 568

ଓଡ଼ିଶା ସରକାର

ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ନିଖୋଜ ବୃଦ୍ଧଙ୍କ ମୃତଦେହ

ଥୁଆମୂଳ ରାମପୁର,୧୫।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ମହୁଲପାଟଣା ଫାଣ୍ଡି ଅଧୀନ ଉପରଚବ୍ରି ଗ୍ରାମର ନିଖୋଜ ଥିବା ଜଣେ ବୃଦ୍ଧଙ୍କ ମୃତହେଦ ଜବତ ହୋଇଛି। ସେ ହେଲେ ୭୦ ବର୍ଷୀୟ ସୁନା ମାଝି। ଗତ ୯ ତାରିଖରୁ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ନ ପାଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସନ୍ଧାନ କରିଥିଲେ ମଧ୍ୟ ନଜରକୁ ଆସି ନ ଥିଲା। ଗାଁ ଲୋକେ ଜଙ୍ଗଲରେ ଖୋଜିବା ପରେ ୧୪ ତାରିଖରେ ନିକଟ ଦାମନ ଜଙ୍ଗଲରୁ ସୁନା ମାଝିଙ୍କ ମୃତଦେହ ଜବତ କରି ପୋଲିସକୁ ଖବର ଦେଇଥିଲେ। ମହୁଲପାଟଣା ପୋଲିସ ଫାଣ୍ଡି ଅଧିକାରୀ ପହଞ୍ଚି ବ୍ୟବଚ୍ଛେଦ ପାଇଁ ଡାକ୍ତର ଖାନାପଠାଇବାକୁ ଚେଷ୍ଟା କରିଥିଲା। ମୃତଦେହ ଉଦ୍ଧାର ହୋଇ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ବ୍ୟବଚ୍ଛେଦ ପାଇଁ ଶବ ବାହକ ଗାଡି ବ୍ୟବସ୍ଥା ହୋଇପାରି ନ ଥିବାରୁ ମୃତଦେହ ପଡ଼ିରହିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

### ଧନୁଯାତ୍ରା ପାଇଁ କଂସ ମହାରାଜଙ୍କ ବରଣ ଉତ୍ସବ

ବାଉଁଶୁଣୀ,୧୫।୨(ଦେବାଶିଷ ନେପାକ)

ବୁଧବାର ଅପରାହ୍ନରେ ସମୟରେ ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଅଁଳାପାଲି ଗ୍ରାମରେ ଧନୁଯାତ୍ରା ମହୋତ୍ସବ ପାଇଁ କଂସ ମହାରାଜଙ୍କ ବରଣ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ମାସ ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଅଁଳାପାଲିଠାରେ ହେବାକୁ ଥିବା ଧନୁଯାତ୍ରାରେ ଚଳିତବର୍ଷ କଂସ ଭୂମିକାରେ ସୁଶୀଲ କୁମାର ମେହେର ଅଭିନୟ କରିବେ। ଯାତ୍ରା କମିଟିର ସଭାପତି ରୋଶନ କୁମାର ମେହେର, ସମ୍ପାଦକ ଅଜିତ କୁମାର ସାହୁ, କର୍ମକର୍ତ୍ତା କିଶୋର ମେହେର, ଅସିତ କୁମାର ମେହେର, କୋଷାଧ୍ୟକ୍ଷ ଦଶରଥ ମେହେର, ଡମ୍ବରୁଧର ମେହେର ଓ ଅଁଳାପାଲି ଗ୍ରାମବାସୀଙ୍କ ଉପସ୍ଥିତିରେ କଂସ ମହାରାଜଙ୍କ ବରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

### ବିନିକାରେ ଖୋଲିଲା ଜନଔଷଧି କେନ୍ଦ୍ର

ବିନିକା,୧୫।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ରାଜାଜୀ ମାର୍ଗ କେଦାର ଛକ ପାଖରେ ବୁଧବାର ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଶିବାନୀ ପାତ୍ର ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବିକା ସୁବୁଦ୍ଧି, ଗୌତମ ସୁବୁଦ୍ଧିଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି କେନ୍ଦ୍ର ହେବା ଦ୍ୱାରା ଗରିବ, ମଧ୍ୟବିତ୍ତ ପରିବାରର ଲୋକେ ରିହାତି ମୂଲ୍ୟରେ ଔଷଧ କିଣି ବ୍ୟବହାର କରିପାରିବେ ବୋଲି ଆଶା କରାଯାଉଛି।

# ମାଟ୍ରିକ ପରୀକ୍ଷାରେ ଏଆଇ ସର୍ଭିଲାନ୍ସ

କଟକ,୧୫।୨ (କାର୍ତ୍ତିକ ସାହୁ)

**ଦେଶରେ ପ୍ରଥମ**

- ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍
- ଗୁରୁତ୍ୱପୂର୍ଣ୍ଣ ୧୫୦ ପରୀକ୍ଷା କେନ୍ଦ୍ର ନଜରରେ ରହିବ
- ନୋଡାଲ କେନ୍ଦ୍ରରେ ଲାଇଭ ସିସି କ୍ୟାମେରା

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସର୍ଭିଲାନ୍ସର ଉପଯୋଗ କରାଯାଉଛି। ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମଥର ପାଇଁ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୧୫୦ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ଏଆଇ ସର୍ଭିଲାନ୍ସ ଜରିଆରେ ନିୟନ୍ତ୍ରଣ କରାଯିବ। ଏଥିସହ ପ୍ରଶ୍ନପତ୍ର ଗଚ୍ଛିତ କରାଯାଉଥିବା ନୋଡାଲ କେନ୍ଦ୍ରରେ ୬୦୦ ଲାଇଭ୍ ସିସି କ୍ୟାମେରା ଲାଗିବ। ଏସବୁର ସିଧାସଳଖ ନିୟନ୍ତ୍ରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏତେସଂଖ୍ୟକ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜ୍ୟରେ ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୧ଟି ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ୍ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ପ୍ରବେଶ ଉପରେ ରୋକ୍ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ଏଆଇ ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରୀକ୍ଷା କେନ୍ଦ୍ରର ପରିଚାଳନା ବ୍ୟବସ୍ଥା ସହ ବୋର୍ଡର ମୁଖ୍ୟାଳୟ ସିଧା ସଂଯୋଗରେ ରହିବ। ଲାଇଭ କ୍ୟାମେରା ଲେନ୍ସରେ ନୋଡାଲ କେନ୍ଦ୍ରଗୁଡ଼ିକ ରହିବ। ଏହି ଦୁଇ ବ୍ୟବସ୍ଥାର ସଂଯୋଗୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟ କରିବା ପାଇଁ ୨୦ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ଆସନ୍ତା ୧୭ ତାରିଖରେ ବୋର୍ଡ ମୁଖ୍ୟାଳୟରେ ପରୀକ୍ଷାମୂଳକ ଭାବେ କରାଯିବ। ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ମାଟ୍ରିକ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ଶୃଙ୍ଖଳିତ କରାଯିବାକୁ ଉଦ୍ୟମ ହୋଇଥିବା ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି।

## ବାରିକ ସମାଜ ଭବନ ଉଦ୍‌ଘାଟିତ




ଉଦ୍‌ଘାଟନ ଅବସରରେ ସମ୍ବର୍ଦ୍ଧିତ କରାଯାଉଛି।

ଦେଓଗାଁ ୧୪।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ବାରିକ ସମାଜର ନବନିର୍ମିତ ଭବନ ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ବାରିକ ସମାଜ ସଭାପତି ରାଜ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ନବନର୍ମିତ ଭବନର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ନିଖିଳ ଉତ୍କଳ ବାରିକ ସମାଜର ହୀରାଲାଲ ବେହେରା, ଯୁବନେତା ସମରେନ୍ଦ୍ର ମିଶ୍ର, ସମାଜର ଜିଲା ସଭାପତି କଙ୍ଗାଲୁ ବାରିକ, ଉପସଭାପତି ନବୀନ ପଶାୟତ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, କୋଷାଧ୍ୟକ୍ଷ ନନ୍ଦ କିଶୋର ବାରିକ, ଜିଲା ସେଲୁନ ସଂଘ ସଭାପତି ଶିଶିର କୁମାର ବେହେରା, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ବୃତ୍ତିର ଉନ୍ନତି ତଥା ମହିଳା ଶିକ୍ଷା ଉପରେ ଆଲୋଚନା କରିଥିଲେ । ସମାଜର କୌଳିକ ବୃତ୍ତିକୁ କେନ୍ଦ୍ର ସରକାର ବିଶ୍ୱକର୍ମା ଯୋଜନାରେ ସାମିଲ କରିଛନ୍ତି। ଅନୁରୂପଭାବେ ରାଜ୍ୟ ସରକାର କୌଳିକ ବୃତ୍ତିକୁ ଅଗ୍ରାଧିକାର ଭିତ୍ତିରେ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରିବା ପାଇଁ ଦାବି ଉଠିଥିଲା। ଏହି ଅବସରରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା କବି ତଥା ବିଶିଷ୍ଟ ଲେଖକ ବିନୋଦ ପ୍ରସାଦ ପଶାୟତଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅନୁପସ୍ଥିତରେ ନିଖିଳ ଉତ୍କଳ ବାରିକ ସମିତି ସମ୍ବଲପୁରର ଉପସଭାପତି ହୀରାଲାଲ ବେହେରା ସମ୍ବର୍ଦ୍ଧନା ପତ୍ର ଗ୍ରହଣ କରିଥିଲେ। ବ୍ଲକ ବାରିକ ସମାଜର ସାଧାରଣ ସମ୍ପାଦକ ଦଶରଥ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୯ତମ ପାତାଳି ମହୋତ୍ସବର ୬ଷ୍ଠ ସନ୍ଧ୍ୟା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ଅମରପାଲି,୧୫।୨(ପୀତାମ୍ବର ସାହୁ)



ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ଚାଲିଥିବା ୧୯ତମ ପାତାଳି ମହୋତ୍ସବର ଗୁରୁବାର ଥିଲା ୬ଷ୍ଠ ସନ୍ଧ୍ୟା । ପାତଳୀ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ମୁଖ୍ୟଅତିଥି ଏବଂ ସୋନପୁର ଜିଲା ପରିଷଦ ସଭ୍ୟ ମଧସୂଦନ ଓତା, ପୂର୍ବତନ ତରଭା ବ୍ଲକ ଅଧ୍ୟକ୍ଷ ଶତୃଘ୍ନ ପୃଷ୍ଟି, ରାଜ୍ୟ ହାଉସିଂ ବୋର୍ଡ ସଦସ୍ୟ ରାଜ କୁମାର ମିଶ୍ର, ନବ ନିର୍ମାଣ କୃଷକ ସଂଗଠନ ରାଜ୍ୟ ମହିଳା ଉପ ସଭାନେତ୍ରୀ ସୋନାଲି ବିଶି ଓ ରାହୁଲ ଶୁକ୍ଳା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।

## ପାଠ୍ୟ ପୁସ୍ତକ ଅନ୍ତଃର୍ନିହିତ ଶକ୍ତି ବିକଶିତ କରେ



ମଞ୍ଚାସୀନ ଅତିଥି।

ଅମରପାଲି,୧୫।୨(ପୀତାମ୍ବର ସାହୁ)

**ବାଗବର ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ଛାତ୍ରୀଛାତ୍ର ଅଧ୍ୟୟନକୁ ଗୁରତ୍ୱ ଦେବା ଆବଶ୍ୟକ। ପାଠ୍ୟ ପୁସ୍ତକ ଅନ୍ତଃର୍ନିହିତ ଶକ୍ତିକୁ ବିକଶିତ କରିଥାଏ। ତେଣୁ ସମସ୍ତେ ଅଧିକରୁ ଅଧିକ ପାଠ୍ୟପୁସ୍ତକ ଅଧ୍ୟୟନ କରିବା ଉଚିତ୍। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ୟୁପି ସ୍କୁଲରେ ଗୁରୁବାର ଦିନ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭାକର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଢେଲେଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଡ.ଅନିରୁଦ୍ଧ କୁରକୁରିଆ ମୁଖ୍ୟବକ୍ତା ଏବଂ ସ୍ଥାନୀୟ ସରପଞ୍ଚ ନିରୁପମା ବଗର୍ତ୍ତି, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଅଞ୍ଜଳି ମିଶ୍ର,ସ୍କୁଲ ପରିଚାଳନା କମିଟିର ସଭାପତି ଅକ୍ଷୟ କୁମାର ଦାସ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ମଦନ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମିନାକ୍ଷୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁରେନ୍ଦ୍ର କୁମାର ଓତା ବିବରଣୀ ପାଠ କରିଥିବା ବେଳେ ଗୌରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲର ଅବସର ଗ୍ରହଣ କରିଥିବା ଶିକ୍ଷକ ଜମ୍ବେଶ୍ୱର ପଧାନ, ଶିବ ପ୍ରସାଦ ଖମାରୀ,ନାରାୟଣ ଭୋଇ, ବିରଞ୍ଚି ନାରାୟଣ ମିଶ୍ର ଓ ଜଗଦୀଶ ଚାନ୍ଦ ,ସୁବିଶା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ନେହା ସାହୁଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

DSPL - 568

ଓଡ଼ିଶା ସରକାର



ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା

ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ



**ଭୋପାଳ:** ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶ ଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି। ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି । ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

ଓଡ଼ିଶା ସରକାର



ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୬/୨୦୨୪ Bhubaneswar, Friday, February 16/ 2024

# ରୋହିତ, ଜାଡେଜାଙ୍କ ଶତକ


ଶତକ ହାସଲ ପରେ ରୋହିତ ଶର୍ମା।

**ରାଜକୋଟ,୧୫।୨(ପି.ଟି.)**

ଅଧିନାୟକ ରୋହିତ ଶର୍ମା ଓ ଲୋକାଲ ବୟ ରବୀନ୍ଦ୍ର ଜାଡେଜାଙ୍କ ଶତକ ଏବଂ ପଦାର୍ପଣକାରୀ ସର୍ଫରାଜ ଖାଁଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଦୃଢ ସ୍ଥିତିରେ ରହିଛି ଭାରତ। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୩୨୬ ରନ୍ ସଂଗ୍ରହ କରିଛି। ଭାରତ ପକ୍ଷରୁ ଏହି ମ୍ୟାଚରେ ୨ ଜଣ ଖେଳାଳି ପଦାର୍ପଣ କରିଥିଲେ। ଆହତ ଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ସର୍ଫରାଜ ଖାଁ ଓ ଶ୍ରୀକର ଭରତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ନିଜର ଟେଷ୍ଟ ପଦାର୍ପଣ କରିଥିଲେ।

**ଭାରତର ବ୍ୟାଟିଂ ବିପର୍ଯ୍ୟୟ:** ରାଜକୋଟରେ ଭାରତ ଟସ୍ ଜିତି ବ୍ୟାଟିଂ ନେଇଥିଲା। ତେବେ ଦୁଇ ଇନଫର୍ମ ବ୍ୟାଟର ତଥା ବିଶାଖାପାଟଣାରେ ଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲ(୧୦) ଓ ଖାତା ଖୋଲିବା ପୂର୍ବରୁ ଶୁବମନ

## ଦୃଢ଼ ସ୍ଥିତିରେ ଭାରତ

ଗିଲ ଆଉଟ ହୋଇଥିଲେ। ରଜତ ପଟିଦାର(୫) ମଧ୍ୟ ଶସ୍ତାରେ ଆଉଟ ହେବା କାରଣରୁ ଭାରତ ୩୩ ରନ୍‌ରେ ୩ ଉଇକେଟ ହରାଇଥିଲା। ମାର୍କ ଉଡ୍ ମାତ୍ର ୨ ଓଭର ମଧ୍ୟରେ ଜୟସ୍ୱାଲ ଓ ଗିଲ୍‌ଙ୍କ ଉଇକେଟ ହାସଲ କରିଥିବା ବେଳେ ପଟିଦାରଙ୍କ ଉଇକେଟ ନେଇଥିଲେ ଟମ୍ ହାର୍ଟଲେ।

**ରୋହିତ-ଜାଡେଜାଙ୍କ ଦ୍ୱିଶତକ:** ଭାରତ ୩୩ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲେ ମଧ୍ୟ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରିବା ସହ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ଦ୍ୱିଶତକୀୟ ଭାଗୀଦାରି କରିବା ସହ ୨୦୪ ରନ୍ ଯୋଡିଥିଲେ। ରୋହିତ ଶର୍ମା ନିଜ ଟେଷ୍ଟ କ୍ୟାରିୟରର ୧୧ତମ ଶତକ ହାସଲ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ଚତୁର୍ଥ ଟେଷ୍ଟ ଶତକ ହାସଲ କରିଥିଲେ। ରୋହିତ ଶର୍ମା ୧୯୬ ବଲ୍ ଖେଳି ୧୩୧ ରନ୍ ସ୍କୋର କରିଥିଲେ। ରୋହିତଙ୍କ ଇନିଂସରେ ୧୪ ଚୌକା ଓ ୩ ଛକା ସାମିଲ ଥିଲା। ପ୍ରଥମ ଦିନର ଖେଳ ଶେଷ ହେବା ଯାଏ ଅପରାଜିତ ରହିଥିବା ରବୀନ୍ଦ୍ର ଜାଡେଜା ୧୧୦ ରନ୍ କରି ଅପରାଜିତ ରହିଛନ୍ତି। ୨୧୨ ବଲ୍‌ର ଏହି ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଉଭୟ ଖେଳାଳି ୩୨୦ ବଲ୍‌ର ସମ୍ମୁଖୀନ ହୋଇ ୨୦୪ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ବିପକ୍ଷରେ ଭାରତର ଏହା ତୃତୀୟ ଦ୍ୱିଶତକ ପାର୍ଟନରଶିପ୍।

**ସର୍ଫରାଜଙ୍କ ୬୨:** ଦୀର୍ଘ ଦିନର ସଂଘର୍ଷ ପରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାଁ ସୁଯୋଗର ସଦ୍‌ବ୍ୟବହାର କରି ୬୨ ରନ୍‌ର ଇନିଂସ ଖେଳିଥିଲେ। ୬୬ ବଲର ଇନିଂସରେ ସର୍ଫରାଜ ୯ ଚୌକା ଓ ୧ ଛକା ମାରିଥିଲେ। ପଦାର୍ପଣରେ ଯୁଗ୍ମ ଭାବେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ। ରବୀନ୍ଦ୍ର ଜାଡେଜା ୯୯ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ଦ୍ରୁତ ସିଙ୍ଗିଲ ନେବାକୁ ଯାଇ ସର୍ଫରାଜଙ୍କୁ କଲ୍ କରିଥିଲେ। ଫଳରେ ମାର୍କ ଉଡ୍‌ଙ୍କ ଡାଇରେକ୍ଟ ଥ୍ରୋରେ ସର୍ଫରାଜ ରନ୍ ଆଉଟ ହୋଇଥିଲେ। ଆଉ ୫ ଓଭର ଖେଳ ବାକି ରହିଥିବା ବେଳେ କୁଲଦୀପ ଯାଦବ ନାଇଟ ୱାଚମ୍ୟାନ ଭାବରେ ଆସିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ରବୀନ୍ଦ୍ର ଜାଡେଜା ୧୧୦ ଓ କୁଲଦୀପ ଯାଦବ ୧ ରନ୍ କରି ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ ମାର୍କ ଉଡ୍ ୩ ଓ ଟମ୍ ହାର୍ଟଲେ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ୮୬ ଓଭରରେ ୩୨୬/୫ (ରୋହିତ ଶର୍ମା-୧୩୧, ରବୀନ୍ଦ୍ର ଜାଡେଜା-୧୧୦*, ସର୍ଫରାଜ ଖାଁ-୬୨, ମାର୍କ ଉଡ୍-୩/୬୯, ଟମ୍ ହାର୍ଟଲେ-୧/୮୧)।



## ଏଲିଟ୍ କ୍ଲବ୍‌ରେ ଜାଡେଜା

ଟେଷ୍ଟରେ ଏକ ନମ୍ବର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପୂର୍ବତନ ଭାରତୀୟ ଅଧିନାୟକ କପିଳ ଦେବଙ୍କ ସହ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ତୃତୀୟ ଭାରତୀୟ ଖେଳାଳି ଭାବରେ ଜାଡେଜା ୩୦୦୦ ରନ୍ ସ୍କୋର କରିବା ସହ ୨୦୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। କପିଳ ଦେବ ୫୨୪୮ ରନ୍ ସ୍କୋର କରିବା ସହ ୪୩୪ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ରବିଚନ୍ଦ୍ରନ ଅଶ୍ୱିନ ବ୍ୟାଟ ଜରିଆରେ ୩୨୭୧ ରନ୍ ସ୍କୋର କରିଥିବା ବେଳେ ବଲ୍ ଜରିଆରେ ୪୯୯ ଉଇକେଟ ନେଇଛନ୍ତି। ଦିନର ଅନ୍ତିମ ଓଭରରେ ଜେମ୍ସ ଆଣ୍ଡରସନ୍‌ଙ୍କୁ ଚୌକା ମାରିବା ସହ ଟେଷ୍ଟ କ୍ରିକେଟରେ ୩ ହଜାର ରନ୍ ପୂରଣ କରିଥିଲେ। ଜାଡେଜା ୩୦୦୩ ରନ୍ ସ୍କୋର କରିବା ସହ ୨୮୦ ଉଇକେଟ ଅକ୍ତିଆର କରିଛନ୍ତି।

## ଅଭୟ ଶର୍ମା ୟୁପି ୱାରିଅର୍ଜର ଫିଲ୍ଡିଂ କୋଚ୍

**ନୂଆଦିଲ୍ଲୀ, ୧୫।୨(ପି.ଟି.)**

ପୂର୍ବରୁ ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ସପୋର୍ଟ ଷ୍ଟାଫ୍ ଭାବେ କାର୍ଯ୍ୟ କରିଥିବା ଅଭୟ ଶର୍ମା ଫେବୃଆରୀ ୨୩ରୁ ଆରମ୍ଭ ହେବାକୁଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ୟୁପି ୱାରିଅର୍ଜ ଦଳରେ ଫିଲ୍ଡିଂ, ଉଇକେଟକିପିଂ କୋଚ୍ ଭାବେ ଯୋଗ ଦେଇଛନ୍ତି। ପୂର୍ବତନ ରେଲୱେ ଅଧିନାୟକ ଗତଥର ଘରୋଇ ସିଜନରେ ଦିଲ୍ଲୀ ରଣଜୀ ଟିମ୍‌ର କୋଚ୍ ରହିଥିଲେ। ଶର୍ମା ଆହୁରି ମଧ୍ୟ ଭାରତ ଏ' ଏବଂ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଇଂଲଣ୍ଡର ଜନ୍ ଲୁଇସ୍ ୟୁପି ୱାରିଅର୍ଜର ମୁଖ୍ୟ କୋଚ୍ ରହିଛନ୍ତି। ଅଭୟ ୟୁପି ୱାରିଅର୍ଜର ଟ୍ରେନିଂ କ୍ୟାମ୍ପରେ ଯୋଗ ଦେଇଥିବା ଡବ୍ଲ୍ୟୁପିଏଲ୍ ସୂତ୍ରରୁ ଜଣାଯାଇଛି। ୫୪ ବର୍ଷୀୟ ଏହି ପୂର୍ବତନ କ୍ରିକେଟର ୧୯୮୮ ଓ ୨୦୦୩ ମଧ୍ୟରେ ୮୯ ପ୍ରଥମଶ୍ରେଣୀ ଗେମ୍ ଖେଳିଛନ୍ତି। ଦଳ ବର୍ତ୍ତମାନ ବେଙ୍ଗାଲୁରୁରେ ଟ୍ରେନିଂ ନେଉଛି।

## ନାଗାଲ କ୍ୱାର୍ଟର ଫାଇନାଲରେ


ଟିଟର୍ନ ଶଟ୍ ଖେଳୁଛନ୍ତି ସୁମିତ ନାଗାଲ।

**ବେଙ୍ଗାଲୁରୁ, ୧୫।୨ (ପି.ଟି.)**

### ବେଙ୍ଗାଲୁରୁ ଓପନ ଟେନିସ

ଭାରତର ସୁମିତ ନାଗାଲ ଏଠାରେ ଚାଲିଥିବା ବେଙ୍ଗାଲୁରୁ ଓପନ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେ ହଂକଂର କୋଲ୍‌ମାନ ଓଙ୍ଗ୍‌ଙ୍କୁ ୬-୨, ୭-୫ରେ ହରାଇ ଦେଇଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକରେ ଷ୍ଟିଫାନୋ ନାପୋଲିଟାନୋ ୬-୪, ୪-୬, ୬-୪ରେ ଭୋସେକ୍ ପସ୍ପିଲଙ୍କୁ ହରାଇ ଦେଇଥିବା ବେଳେ ମୋଏଜ୍ ଇଚାରଗୁଇ ୬-୨, ୬-୨ରେ ଏନରିକୋ ଡହଲା ଭାଲେଙ୍କୁ ପରାସ୍ତ କରିଛନ୍ତି। ସେହିପରି ଆଡାମ ୱାଲଟନ ୬-୨, ୬-୨ରେ ଗୌଥିର ଅନକ୍ଲିନଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।

Hero
ଲକ୍ଷ୍ୟ ସହିତ ବୁଝାମଣା ନାହିଁ।
ଘରକୁ ଆଣନ୍ତୁ, ମାଇଲେଜ୍ ର ହିରୋ।
ନୂଆ HF-Deluxe

ସ୍ପେଶାଲ ଅଫର
ଏକ୍ସ-ଶୋରୁମ ମୂଲ୍ୟ
~~₹63,948~~
₹60,848* ରୁ ଆରମ୍ଭ
₹3,100/- ପର୍ଯ୍ୟନ୍ତ ସଞ୍ଚୟ
ନୂଆ ଫିଚର୍ସ
ଜବରଦସ୍ତ ମାଇଲେଜ୍ XSENS FI | କମ ମେଣ୍ଟେନାନ୍ସ ଖର୍ଚ୍ଚ | ଅଦ୍ଭୁତ ମଜଭୁତ କର୍ବ ୱେଟ୍ 112 କିଲୋ | ଜବରଦସ୍ତ ପାୱାର 5.9 kW | ଉତ୍ତମ ସୁରକ୍ଷା 130 mm ରିୟର ବ୍ରେକ୍ | USB ଚାର୍ଜର | 3 ଆକର୍ଷକ ଷ୍ଟ୍ରାଇପ୍ସ
ସୁଧ ହାର ₹6.99%^ | କମ ଡାଉନ ପେମେଣ୍ଟ ₹4999^ ର | ଆଧାର ଆଧାରିତ^ ଲୋନ୍ ଏବଂ କ୍ୟାଶ୍ EMI | Hero GoodLife ଅତିରିକ୍ତ ନଗଦ ରିହାତି ₹2000˜ ପର୍ଯ୍ୟନ୍ତ | INDIA'S FIRST 5 YEAR WARRANTY* | 6000 km OR 6 Months ସର୍ଭିସ୍ ଇଣ୍ଟରଭଲ୍ | କଲ୍ ଟୋଲ ଫ୍ରି 1800 266 0018
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **As per the cumulative dispatch number till March 2023. #Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer amount and combination of offer may vary for model/variant and states and it is applicable on select models only. ˜On successful redemption of Hero GoodLife Sales Voucher. Offer valid for eligible Hero GoodLife Members only. For more details, please visit your nearest authorised Hero outlet. ^^Terms and Conditions apply. *Ex-showroom price of HF Deluxe Drum Brake Kick Start in Bhubaneswar.
Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736. Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph-6372753989.
WT.5687.2024TAM

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ